

ଭାରତୀୟ ପରମ୍ପରାରେ
ମକର ପର୍ବ
▶ପୃଷ୍ଠା ୧୨ ଦେଖନ୍ତୁ...

ଆଜିର 'ସକାଳ' ସହ ବାର୍ଷିକ କ୍ୟାଲେଣ୍ଡର ଦେଖନ୍ତୁ


◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-199 ◆BHUBANESWAR ◆TUESDAY ◆14 JANUARY 2025 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୧୯୯ ◆ଭୁବନେଶ୍ୱର ◆ମଙ୍ଗଳବାର ◆୧୪ ଜାନୁଆରୀ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦


# ସେୟାର ବଜାରରେ କମ୍ପନ

■ ମୁମ୍ବଇ,୧୩।୧ (ଏଜେନ୍ସି): ଘରୋଇ ସେୟାର ବଜାର କ୍ରମାଗତ ଭାବେ ୪ ଦିନ ଧରି ତଳମୁହାଁ ହେବା ପରେ ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ସେନସେକ୍ସରେ ୧୦୪୮ ପଏଣ୍ଟ ଏବଂ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ନିଫ୍ଟି)ରେ ୩୪୫ ପଏଣ୍ଟ ହ୍ରାସ ଘଟିଛି। ସେୟାର ବଜାରରେ ଏଭଳି ହ୍ରାସ ଯୋଗୁଁ ନିବେଶକଙ୍କୁ ପ୍ରାୟ ୨୫ ଲକ୍ଷ କୋଟି ଟଙ୍କାର କ୍ଷତି ସହିବାକୁ ପଡିଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ବୃଦ୍ଧି, ବିଦେଶ ପୁଞ୍ଜିର ପ୍ରତ୍ୟାହାର ଓ ଘରୋଇ ଷ୍ଟକରେ ନକାରାତ୍ମକ ଟ୍ରେଣ୍ଡ ଯୋଗୁଁ ଏଭଳି ସ୍ଥିତି ଉପୁଜିଛି। *(ବିଶେଷ ବିବରଣୀ: ପୃଷ୍ଠା- ୯)*



**ଦିନକରେ ୧୦୪୮ ପଏଣ୍ଟ ଖସିଲା ସେନ୍‌ସେକ୍ସ**

**୪ ଦିନରେ ନିବେଶକଙ୍କ ୨୫ ଲକ୍ଷ କୋଟି କ୍ଷତି**

## ପୁଣି ଖସିଲା ଟଙ୍କା

**ଡଲାର୍ @ ୮୬.୬୨**

■ ନୂଆଦିଲ୍ଲୀ,୧୩।୧(ଏଜେନ୍ସି): କ୍ରମାଗତ ଭାବେ ଦୁର୍ବଳ ହେବାରେ ଲାଗିଛି ଭାରତୀୟ ମୁଦ୍ରା 'ଟଙ୍କା'। କାରଣ ଆମେରିକୀୟ ଡଲାରର ବିନିମୟ ମୂଲ୍ୟ ତୁଳନାରେ କ୍ରମାଗତ ଭାବେ ହ୍ରାସର ସମ୍ମୁଖୀନ ହେଉଛି ଘରୋଇ ମୁଦ୍ରା। ଏଥିଯୋଗୁ ଚାପଗ୍ରସ୍ତ ହେବାରେ ▶ପୃଷ୍ଠା-୭

# ୧୭ରୁ ରାଜ୍ୟରେ ପୁଣି ବଢ଼ିବ ଶୀତ

■ ଭୁବନେଶ୍ୱର,୧୩।୧(ସମିସ): ଆସନ୍ତା ୧୭ରୁ ରାଜ୍ୟରେ ପୁଣି ବଢିବ ଶୀତ। ଉପାନ୍ତରୁ ଉପକୂଳ ସବୁଠି କମିବ ତାପମାତ୍ରା। ୪ ଦିନ ପରେ ତାପମାତ୍ରା ୨ ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବାକୁ ଥିବାରୁ ଶୀତର ପ୍ରଭାବ ପୁଣି ବୃଦ୍ଧି ପାଇବ। ରାଜ୍ୟକୁ ପୁଣି ଉତ୍ତର ପଶ୍ଚିମ ଦିଗରୁ ଥଣ୍ଡା ଓ ଶୁଷ୍କ ପବନ ବହିବା ହେତୁ ତାପମାତ୍ରା କମିବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ବର୍ତ୍ତମାନ ଗୋଟିଏ ପଶ୍ଚିମା ଝଡ଼ ସକ୍ରିୟ ରହିଛି। ଏହାର ପ୍ରଭାବ କମିବା ପରେ ରାଜ୍ୟକୁ ଉତ୍ତର ପଶ୍ଚିମ ଦିଗରୁ ଥଣ୍ଡା ପବନ ପ୍ରବାହ ବଢିବ। ଫଳରେ ରାଜ୍ୟରେ ପୁଣି ଶୀତ ଲହରୀ ଅନୁଭୂତ ▶ପୃଷ୍ଠା-୭




For distribution, WhatsApp 'Hi Distributor' to 94376 94986


**କେନ୍ଦ୍ର-ରାଜ୍ୟ ବୁଝାମଣା**

# ଲାଗୁ ହେବ 'ଆୟୁଷ୍ମାନ'

- ଆୟୁଷ୍ମାନ ସହ ମିଶିଯିବ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା
- ଉପକୃତ ହେବେ ୭୦ ବର୍ଷରୁ ଊର୍ଦ୍ଧ୍ୱ ୨୩ ଲକ୍ଷ ବରିଷ୍ଠ ନାଗରିକ
- ୧.୦୩ କୋଟି ପରିବାରର ୩ କୋଟି ଲୋକ ପାଇବେ ସୁବିଧା
- ପ୍ରତି ପଞ୍ଚାୟତରେ ସ୍ଥାପନ ହେବ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର



■ ଭୁବନେଶ୍ୱର,୧୩।୧(ସମିସ): ଓଡିଶାରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା କାର୍ଯ୍ୟକାରୀ ହେବ। ଏଥିପାଇଁ ସୋମବାର ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଭାରତ ସରକାରଙ୍କ ନ୍ୟାସନାଲ୍ ହେଲଥ ଅଥରିଟି ଓ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ମଧ୍ୟରେ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ଚୁକ୍ତି ଅନୁସାରେ ପୂର୍ବରୁ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ପରିବର୍ତ୍ତିତ ରୂପ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (ଜିଜେଏୱାଇ)କୁ ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନାରେ ସଂଯୋଗ କରାଯାଇଛି। ଦୁଇ ଯୋଜନାର ସମ୍ମିଶ୍ରଣ ପରେ ରାଜ୍ୟର ୧.୦୩ କୋଟି ପରିବାର ଉପକୃତ ▶ପୃଷ୍ଠା-୭

## ମାଗଣା 'ବିଏସ୍‌କେୱାଇ' ବନାମ 'ଆୟୁଷ୍ମାନ' ବୀମା

ପୂର୍ବରୁ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଏସ୍‌କେୱାଇ ରୋଗୀମାନଙ୍କ ପାଇଁ ଥିଲା ସ୍ୱାସ୍ଥ୍ୟ ଆଶ୍ୱାସନା। ରୋଗୀଟି ବିଏସ୍‌କେୱାଇ କାଡର୍ ଧରି ସିଧାସଳଖ ବଡ଼ବଡ଼ ଡାକ୍ତରଖାନା ଓ ଘରୋଇ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ମାଗଣାରେ ଚିକିତ୍ସା ସୁବିଧା ପାଉଥିଲା। ତା' ପାଇଁ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ଭରଣା କରୁଥିଲେ; ମାତ୍ର ଆୟୁଷ୍ମାନ ଯୋଜନାରେ ସେ ସୁବିଧା ନାହିଁ। ଆୟୁଷ୍ମାନ ସମ୍ପୂର୍ଣ୍ଣ ରୂପେ ବୀମା କମ୍ପାନୀ ଦ୍ୱାରା ପରିଚାଳିତ ଏବଂ ଚିକିତ୍ସା ଖର୍ଚ୍ଚ ବୀମା କମ୍ପାନୀ ବହନ କରିବାର ସର୍ତ୍ତ ଯୋଗୁଁ ରୋଗୀ ଠିକ୍ ସମୟରେ ▶ପୃଷ୍ଠା-୭




## ତ୍ରିବେଣୀ ଘାଟରେ ସନ୍ଥ ମେଳି

# ମହକିଲା ମହାକୁମ୍ଭ



ପ୍ରୟାଗରାଜ,୧୩।୧(ଏଜେନ୍ସି): ପ୍ରୟାଗରାଜର ତ୍ରିବେଣୀ ସଙ୍ଗମରେ ପବିତ୍ର ପୌଷ ପୂର୍ଣ୍ଣିମାରେ ସୋମବାର ଆରମ୍ଭ ହୋଇଛି ମହାକୁମ୍ଭ। ବିଶ୍ୱଜଗତର ସର୍ବବୃହତ ମାନବୀୟ ସମାବେଶ ଭାବେ ମହାକୁମ୍ଭରେ ଯୋଗ ଦେବାକୁ ଦେଶ ବି ।ଦେଶରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା ବେଳେ ମହାକୁମ୍ଭର ପ୍ରଥମ ଦିବସରେ ଦେଢ କୋଟିରୁ ଅଧିକ ଶ୍ରଦ୍ଧାଳୁ ବୁଡ଼ ପକାଇଛନ୍ତି। ତ୍ରିବେଣୀ ସଙ୍ଗମର ବିଭିନ୍ନ ଘାଟରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିବା ସହିତ ସ୍ନାନ କରି ପାପ ମୋଚନ କରିଛନ୍ତି।

ମହାକୁମ୍ଭର ପ୍ରଥମ ଦିବସରେ ପ୍ରୟାଗରାଜ ସହରକୁ ଲକ୍ଷଲକ୍ଷ ସାଧୁ, ସନ୍ଥ ଏବଂ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥିଲା ବେଳେ ପ୍ରତ୍ୟୁଷରେ ଗଙ୍ଗା ତଟର ବିଭିନ୍ନ ଘାଟରେ ଭିଡ଼ ଜମିଥିଲା। କିନ୍ତୁ ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ସବୁ ଦିଗରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ସହିତ ଭିଡ଼ ନିୟନ୍ତ୍ରଣ ଏବଂ ଗଙ୍ଗା ନଦୀର ବିଭିନ୍ନ ଘାଟର ବୁଡ଼ ସ୍ଥଳରେ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇ ଶ୍ରଦ୍ଧାଳୁମାନଙ୍କୁ ସୁରୁଖୁରରେ ସେମାନଙ୍କ ପୂଜାର୍ଚ୍ଚନା କରିବାକୁ ଦିଆଯାଇଛି।

### ମହାସ୍ନାନ କଲେ ଦେଢ଼ କୋଟିରୁ ଅଧିକ ଶ୍ରଦ୍ଧାଳୁ

ପ୍ରଥମ ଦିବସରେ ପ୍ରତ୍ୟୁଷରେ ଶ୍ରଦ୍ଧାଳୁମାନଙ୍କ ଉପରେ ହେଲିକପ୍ଟରରୁ ପୁଷ୍ପ ବୃଷ୍ଟି କରାଯାଇଥିଲା। ଏହାପରେ ଲକ୍ଷ ଲକ୍ଷ ଭକ୍ତଙ୍କ ' ଓମ ନମଃ ଶିବାୟ' , 'ଜୟ ଶ୍ରୀରାମ' ଆଦି ଉଚ୍ଚାରଣରେ ସାରା ସହର ପ୍ରକମ୍ପିତ ହୋଇଥିଲା। ବିଭିନ୍ନ ସ୍ଥାନରେ ସୁରକ୍ଷାକର୍ମୀଙ୍କ ଦ୍ୱାରା କଡ଼ା ପହରା ସମେତ ବିଭିନ୍ନ ଘାଟରେ କମାଣ୍ଡୋମାନେ ମଧ ଲୋକଙ୍କ ଗତିବିଧି ଉପରେ ନଜର ରଖିଥିବା ଦେଖାଯାଇଥିଲା। ଏହାବ୍ୟତୀତ ଡ୍ରୋନ ଏବଂ ୱାଟର ଡ୍ରୋନ ଦ୍ୱାରା ମଧ ସ୍ଥିତି ଉପରେ ନଜର ରଖାଯାଇଥିଲା। ମହାକୁମ୍ଭର ଏହି ମହାମିଳନରେ ଦେଶବିଦେଶରୁ ଆସିଥିବା ଭକ୍ତମାନେ ଆଧ୍ୟାତ୍ମିକ ଚେତନାରେ ଏକାକାର ହୋଇଯିବା ଭଳି ପରିବେଶ ଦେଖାଯାଇଥିଲା।

୧୪୪ ବର୍ଷ ପରେ ମହାକୁମ୍ଭ ଆୟୋଜିତ ହୋଇଥିଲା ବେଳେ ଭକ୍ତ ଏବଂ ଶ୍ରଦ୍ଧାଳୁମାନଙ୍କ ପାଇଁ ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ଯେଭଳି ଆୟୋଜନ କରାଯାଇଛି ତାହାକୁ ଦେଖି ଅନେକ ଭକ୍ତ ବିଭୋର ହୋଇଯାଇଥିଲେ। ବିଶେଷ କରି ବିଭିନ୍ନ ଦେଶରୁ ଆସିଥିବା ପର୍ଯ୍ୟଟକ ଏବଂ ଶ୍ରଦ୍ଧାଳୁମାନେ ମହାକୁମ୍ଭ ଭଳି ବିଶ୍ୱର ସର୍ବବୃହତ ମହାମିଳନ କାର୍ଯ୍ୟକ୍ରମକୁ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ।

## ଲସ୍ ଏଞ୍ଜେଲସ୍ ନିଆଁ ଅଣାୟତ୍ତ

# ଜଳିଗଲାଣି ୧୩ ହଜାର କୋଠା

### ମୃତ୍ୟୁସଂଖ୍ୟା ୨୪କୁ ବୃଦ୍ଧି
### ନିଆଁ ଲିଭାଇବାକୁ ବିଦେଶୀ ଟିମ୍, ପହଞ୍ଚିଲା କାନାଡ଼ାର ସୁପର ସ୍କୁପର
### ପାଣିପାଗ ବିଭାଗ ଜାରିକଲା ସତର୍କତା
### ଆହୁରି ଗମ୍ଭୀର ହୋଇପାରେ ସ୍ଥିତି



ଲସ୍ ଏଞ୍ଜେଲସ୍,୧୩।୧(ଏଜେନ୍ସି): ପ୍ରାୟ ୭ ଦିନ ତଳେ କାଲିଫର୍ଣ୍ଣିଆ ଜଙ୍ଗଲରେ ଲାଗିଥିବା ନିଆଁ ଏବେ ବି ଅଣାୟତ୍ତ ରହିଛି। ବିଗତ ଏକ ସପ୍ତାହ ମଧ୍ୟରେ ଜଙ୍ଗଲ ନିଆଁକୁ ନେଇ କାଲିଫର୍ଣ୍ଣିଆ ପ୍ରଦେଶର ପ୍ରମୁଖ ସହର ଲସ୍ ଏଞ୍ଜେଲସ୍ ସମେତ ଅନ୍ୟ କେତେକ ସହରରେ ବିପର୍ଯ୍ୟୟ ସ୍ଥିତି ସୃଷ୍ଟି ହୋଇଛି। ଅଗ୍ନିକାଣ୍ଡ ଯୋଗୁ ବର୍ତ୍ତମାନ ସୁଦ୍ଧା ୨୪ ଜଣଙ୍କ ମୃତ୍ୟୁ ହୋଇସାରିଥିଲା ବେଳେ ପ୍ରାୟ ୧୩ ହଜାର କୋଠା ଜଳିପୋଡି ପାଉଁଶ ହୋଇଯାଇଛି। ସବୁ ଉଦ୍ୟମ ସତ୍ତ୍ୱେ ନିଆଁକୁ ଆୟତ୍ତ କରିବା ସମ୍ଭବ ହୋଇପାରି ନାହିଁ। ଏହି ସ୍ଥିତିରୁ ଲୋକେ ମୁକୁଳି ପାରି ନଥିଲା ବେଳେ ଏବେ ପାଣିପାଗ ବିଭାଗ ପକ୍ଷରୁ ଯେଉଁ ସୂଚନା ଜାରି କରାଯାଇଛି ତାହା ପୁଣି ଭୟ ବଢାଇଛି। ଗତ ମଙ୍ଗଳବାର ଠାରୁ ସାନ୍ତା ଆନା ପଟରୁ ବୋହୁଥିବା ପବନ ଯୋଗୁଁ ନିଆଁ ବିଭିନ୍ନ ଅଞ୍ଚଳକୁ ବ୍ୟାପୁଥିବା ବେଳେ ଆଗକୁ ଏହି ପବନର ବେଗ ଆହୁରି ଅଧିକ ହେବ ବୋଲି ନ୍ୟାସନାଲ ୱେଦର ସର୍ଭିସ ସେଣ୍ଟର ପକ୍ଷରୁ ସୂଚନା ଦିଆଯାଇଛି। ଆଗକୁ ଘଣ୍ଟା ପ୍ରତି ପ୍ରାୟ ୭୦ ମାଇଲ ବେଗରେ ପବନ ବୋହିପାରେ ବୋଲି ସତର୍କ କରାଇ ଦିଆଯାଇଛି। ଏଭଳି ସୂଚନାକୁ ନେଇ ବିଭିନ୍ନ ଅଞ୍ଚଳରେ ଲୋକଙ୍କ ମଧ୍ୟରେ ଛାନିଆ ପଶିଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୧ ଲକ୍ଷ ୫୩ ହଜାର ପରିବାରକୁ ଘର ଛାଡିବାକୁ କୁହାଯାଇଥିଲା ବେଳେ ଆଗାମୀ ଆଶଙ୍କିତ ସ୍ଥିତିକୁ ଦୃଷ୍ଟିରେ ରଖି ଆଉ ଏକ ଲକ୍ଷ ୬୬ ହଜାର ପରିବାରକୁ ଘର ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଇତିମଧ୍ୟରେ ନିଆଁକୁ ଆୟତ୍ତ କରିବାକୁ ବିଭିନ୍ନ ଦେଶର ଟିମ୍ କାଲିଫର୍ଣ୍ଣିଆରେ ପହଞ୍ଚିଛନ୍ତି। ଏହାବ୍ୟତୀତ କାନାଡାର ସୁପର ସ୍କୁପର ନିଆଁ ଲିଭା ବିମାନକୁ ମଧ ମୁତୟନ କରାଯାଇଛି। କିନ୍ତୁ ଏଭଳି ସ୍ଥିତିକୁ ନେଇ ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କାଲିଫର୍ଣ୍ଣିଆ ସରକାରଙ୍କ ଉପରେ ଦୋଷ ଲଦିବା ସହିତ ଅପାରଗ ବୋଲି ଦର୍ଶାଇଛନ୍ତି। ଯେଉଁ ସରକାର ନିଆଁ ଆୟତ୍ତ କରିବାକୁ ସକ୍ଷମ ନୁହନ୍ତି ଆଉ କ'ଣ କରିପାରିବେ ବୋଲି ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ଲସ୍ ଏଞ୍ଜେଲସ୍ ସହରର ପୁର୍ନଗଠନ ପାଇଁ କାଲିଫର୍ଣ୍ଣିଆ ଗଭର୍ନର ଗାଭିନ ନିଉସମ୍ ଘୋଷଣା କରିଛନ୍ତି। ଖୁବଶୀଘ୍ର ଏକ ମାର୍ମାଲ ପ୍ଲାନ କାର୍ଯ୍ୟକାରୀ କରାଯାଇ ଏଲଏ ୨.୦ ନିର୍ମାଣ କରାଯିବ ବୋଲି ସେ କହିଛନ୍ତି।

## ସମୁଦ୍ର ଭିତରେ ଜାହାଜରୁ ଉପଗ୍ରହ ପଠାଇଲା ଚୀନ୍



ବେଜିଂ,୧୩।୧(ଏଜେନ୍ସି): ମହାକାଶକୁ ଉପଗ୍ରହ ପ୍ରେରଣ କରିବା କ୍ଷେତ୍ରରେ ଚୀନ୍ ପୁଣି ଏକ ବିରଳ କୀର୍ତ୍ତି ସ୍ଥାପନ କରିଛି। ସମୁଦ୍ର ମଝିରୁ ଜାହାଜରୁ ରକେଟ୍ ଉତକ୍ଷେପଣ କରି ମହାକାଶକୁ ଉପଗ୍ରହ ପଠାଇଛି। ସୋମବାର ପୂର୍ବ ଚାଇନାର ସାନଡଙ୍ଗ ପ୍ରଦେଶସ୍ଥିତ ସାମୁଦ୍ରିକ ଉପକୂଳସ୍ଥିତ ତାଇୟୁଆନ ଉପଗ୍ରହ ଉତକ୍ଷେପଣ କେନ୍ଦ୍ରରୁ ସ୍ମାର୍ଟ ଡ୍ରାଗନ-୩ ବ୍ୟାବସାୟିକ ରକେଟ୍ ମାଧ୍ୟମରେ ଚୀନ ମହାକାଶକୁ ୧୦ଟି ' ସେଣ୍ଟିସ୍ପେଶ-୦୧' ଉପଗ୍ରହ ପଠାଇଛି। ଏହି ରକେଟର ଉଚ୍ଚତା ୩୧ ମିଟର ହୋଇଥିଲା ବେଳେ ଏହାର ଓଜନ ୧୪୦ ଟନ ରହିଛି। ଏହାକୁ ଚାଇନା ଏକାଡେମୀ ଅଫ୍ ଲଞ୍ଚ ଭେଇକିଲ ଟେକନୋଲୋଜି ସଂସ୍ଥା ଦ୍ୱାରା ପ୍ରସ୍ତୁତ କରାଯାଇଛି। ୨୦୨୫ରେ ଚୀନ୍‌ର ଏହା ପ୍ରଥମ ମହାକାଶ କାର୍ଯ୍ୟକ୍ରମ ହୋଇଥିଲା ବେଳେ ସମୁଦ୍ରରୁ ଉପଗ୍ରହ ପଠାଇବା ଦିଗରେ ମଧ ଏହି ଦେଶ ଏକ ନୂଆ ରେକର୍ଡ କରିଛି।

## 'ଜେଡ୍-ମୋଡ୍' ଟନେଲ ଲୋକାର୍ପିତ



ନୂଆଦିଲ୍ଲୀ,୧୩।୧(ଏଜେନ୍ସି): ଜମ୍ମୁ କଶ୍ମୀରର ଗନ୍ଦେରବଲ ଜିଲ୍ଲାରେ ନିର୍ମିତ ବହୁ ପ୍ରତିକ୍ଷୀତ 'ଜେଡ୍-ମୋଡ୍' ଟନେଲକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ଲୋକାର୍ପଣ କରିଛନ୍ତି। ୬.୪ କିମି ଦୀର୍ଘ ବିଶିଷ୍ଟ ହୋଇ ଟନେଲ କାର୍ଯ୍ୟକାରୀ ହେବା ପରେ କଶ୍ମୀର ସହ ଲଦାଖ ଯୋଡି ହେବା ସହିତ ସୋନାମାର୍ଗ ଏବଂ ଗୁଲମାର୍ଗ ମଧ୍ୟରେ ଯାତାୟତ ଅଧିକ ସୁଗମ ହେବ। ପ୍ରାୟ ୨୭୦୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ଏହି ଟନେଲ ସଂପୃକ୍ତ ଅଞ୍ଚଳର ବିକାଶ ପାଇଁ ପ୍ରମୁଖ ଭୂମିକା ନିଭାଇବା ସହିତ ପର୍ଯ୍ୟଟନ କ୍ଷେତ୍ରକୁ ମଧ ନୂଆମୋଡ଼ ଦେବ ବୋଲି ଏହାକୁ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ କହିଛନ୍ତି। ବିଶେଷକରି ଶୀତକାଳରେ ଏହି ଅଞ୍ଚଳରେ ପ୍ରବଳ ଥଣ୍ଡା ସହିତ ବରଫପାତ ଯୋଗୁ କଶ୍ମୀର ସହ ଲଦାଖର ଯୋଗାଯୋଗ ସମ୍ଭବ ହେଉ ନଥିଲା। ଶ୍ରୀନଗର-କାର୍ଗିଲ ସଡ଼କପଥରେ ବରଫ ପଡ଼ିବା ଯୋଗୁ ଏହା ବନ୍ଦ ରହୁଥିଲା। କିନ୍ତୁ ଏବେ ସେହି ସମସ୍ୟା ରହିବ ନାହିଁ। ଶୀତକାଳରେ ମଧ ଏହି ଟନେଲ ଦେଇ ଶ୍ରୀନଗରରୁ କାର୍ଗିଲ ଯାତାୟତ ସମ୍ଭବ ହେବ। ସମୁଦ୍ର ପତନ ଠାରୁ ପ୍ରାୟ ୮୬୫୨ ଫୁଟ୍ ଉପରେ ଜାତୀୟ ରାଜପଥ ଭିତ୍ତିଭୂମି ବିକାଶ ନିଗମ ଦ୍ୱାରା ନିର୍ମାଣ କରାଯାଇଥିବା ଏହି ଟନେଲ ଦ୍ୱାରା ଜମ୍ମୁ କଶ୍ମୀର ଏବଂ ଲଦାଖବାସୀ ଅନେକ ଭାବେ ଉପକୃତ ହେବେ । ସୋମବାର କେନ୍ଦ୍ରମନ୍ତ୍ରୀ ନୀତୀନ ଗଡ଼କରୀ, ଜମ୍ମୁ କଶ୍ମୀର ଉପ ରାଜ୍ୟପାଳ ମନୋଜ ସିହ୍ନା, ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ ଉପସ୍ଥିତିରେ ଏକ ବିଶେଷ କାର୍ଯ୍ୟକ୍ରମରେ ମୋଦୀ ଏହାକୁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିଛନ୍ତି।

# ବଢୁଛି ଭାରତ-ବାଂଲାଦେଶ ବିବାଦ

### ବାଂଲାଦେଶ ଉପ-ଉଚ୍ଚାୟୁକ୍ତଙ୍କୁ ଭାରତର ସମନ

ନୂଆଦିଲ୍ଲୀ,୧୩।୧(ଏଜେନ୍ସି): ବିଭିନ୍ନ ପ୍ରସଙ୍ଗକୁ ନେଇ ଭାରତ ଓ ବାଂଲାଦେଶ ମଧ୍ୟରେ ବିବାଦ ବଢିଥିଲା ବେଳେ ଏବେ ସୀମା ପ୍ରସଙ୍ଗରେ ପୁଣି ବିବାଦ ତେଜିଛି। ଭାରତ ଏବଂ ବାଂଲାଦେଶ ମଧ୍ୟରେ ପ୍ରାୟ ୪୧୫୬ କିମି ପରିବ୍ୟାପ୍ତ ସୀମା ରହିଛି। କିନ୍ତୁ ବାଂଲାଦେଶର ସାଂପ୍ରତିକ ସ୍ଥିତିକୁ ନେଇ ଅନୁପ୍ରବେଶ ରୋକିବା ପାଇଁ ଭାରତୀୟ ସୀମା ସୁରକ୍ଷା ବଳ (ବିଏସ୍ଏଫ୍) ସୀମାନ୍ତରେ ସୁରକ୍ଷା କଡାକଡି କରିଛି। ହେଲେ ସୀମାର କେତେକ ପଏଣ୍ଟରେ ଭାରତ ତାରବାଡ ଲାଗାଇବାକୁ ଉଦ୍ୟମ କରୁଛି ବୋଲି ଅଭିଯୋଗ କରି ବାଂଲାଦେଶ ସେନା ଭାରତ ବିରୋଧରେ ବିଷ ଓଗାଳିଥିଲା ବେଳେ ୟୁନୁସ୍ ସରକାରଙ୍କ ପକ୍ଷରୁ ଗତକାଲି ଭାରତୀୟ ରାଷ୍ଟ୍ରଦୂତଙ୍କୁ ସମନ କରାଯାଇଥିଲା। ବାଂଲାଦେଶ ବୈଦେଶିକ ମନ୍ତ୍ରଣାଳୟ ଭାରତୀୟ ହାଇ କମିଶନର ପ୍ରଣୟ ବର୍ମାଙ୍କୁ ଡକାଇ ବିଏସଏଫ ଦ୍ୱାରା ସୀମାରେ ତାର ବାଡକୁ ନେଇ ଆପତ୍ତି ଜଣାଇଥିଲା। ହେଲେ ସୋମବାର ଭାରତ ସରକାରଙ୍କ ପକ୍ଷରୁ ଏହି ବିଷୟକୁ ନେଇ କଡ଼ା ଜବାବ ଦିଆଯାଇଛି। ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ବାଂଲାଦେଶ ଡେପୁଟି ହାଇ କମିଶନର ନୁରାଲ ଇସଲାମଙ୍କୁ ସମନ କରାଯାଇ ତାଙ୍କୁ ସୀମା ସ୍ଥିତି ବିଷୟରେ ସ୍ପଷ୍ଟ କରାଯାଇଛି ।ସୁରକ୍ଷାକୁ ଦୃଷ୍ଟିରେ ରଖି ଭାରତ ପକ୍ଷରୁ ସୀମାରେ ଯାହା କରାଯାଉଛି ତାହା ଉଭୟ ଦେଶ ମଧ୍ୟରେ ରହିଥିବା ବୁଝାମଣା ଅନୁସାରେ କରାଯାଉଛି ବୋଲି ସ୍ପଷ୍ଟ କରାଯାଇଛି। ବିଏସଏଫ ନେଉ ଥିବା ପଦକ୍ଷେପ କୌଣସି ସ୍ଥିତିରେ ପ୍ରୋଟୋକଲ ଉଲ୍ଲଙ୍ଘନ କରିନାହିଁ ବୋଲି ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ବାଂଲାଦେଶକୁ ଅବଗତ କରାଯାଇଛି।

## 'ସ୍ଥିରତା ସତ୍ତ୍ୱେ ସମ୍ବେଦନଶୀଳ ରହିଛି ଏଲ୍ଏସି'

### ବାଂଲାଦେଶରେ ନିର୍ବାଚନ ପରେ ସେନା ସହ ଆଲୋଚନା ସମ୍ଭବ

ନୂଆଦିଲ୍ଲୀ,୧୩।୧(ଏଜେନ୍ସି): ଲଦାଖ ଅଞ୍ଚଳରେ ଭାରତ-ଚୀନ ସୀମା(ଏଲଏସି)କୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ବୁଝାମଣା ଏବଂ ବିବାଦୀୟ ପଏଣ୍ଟରୁ ସେନା ପ୍ରତ୍ୟାହାର ପରେ ସ୍ଥିତି ସ୍ୱାଭାବିକ ହୋଇପଡ଼ିବ ବୋଲି ଆଶା କରାଯାଇଥିଲା। କିନ୍ତୁ ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ସୋମବାର ଯେଭଳି ମନ୍ତବ୍ୟ ଦେଇଛନ୍ତି ତାହାକୁ ନେଇ ଏହି ପ୍ରସଙ୍ଗରେ ପୁଣି ସ ।ନ୍ଦେହ ସୃଷ୍ଟି କରିଛି। ସୀମାରେ ସ୍ଥିରତା ସତ୍ତ୍ୱେ ସ୍ଥିତି ସମ୍ବେଦନଶୀଳ ରହିଥିବା ସେ କହିଛନ୍ତି। ପୂର୍ବରୁ ବିଭିନ୍ନ ପଏଣ୍ଟରେ ଉଭୟ ପକ୍ଷର ସେନା ଯେଭଳି ପରସ୍ପରକୁ ଜଗି ରହିଥିଲେ ବର୍ତ୍ତମାନ ମଧ କିଛି ସ୍ଥାନରେ ସେଭଳି ସ୍ଥିତି ଜାରି ରହିଛି। ଭାରତ ଏବଂ ଚୀନ ମଧ୍ୟରେ ହୋଇଥିବା ବୁଝାମଣା ଅନୁସାରେ ପାଟ୍ରୋଲିଂ ଏବଂ ଗ୍ରେଜିଂ ବ୍ୟବସ୍ଥା ଜାରି ରହିଥିଲେ ହେଁ କିଛି ସ୍ଥାନରେ ସ୍ଥିତି ସମ୍ବେଦନଶୀଳ ରହିଥିବା ଜେନେରାଲ ଦ୍ୱିବେଦୀ କହିଛନ୍ତି। ତେବେ ଭାରତୀୟ ସେନା ପ୍ରତିଟି ସ୍ଥିତି ମୁକାବିଲା କରିବାକୁ ପ୍ରସ୍ତୁତ ରହିଥିବା ସେ କହିଛନ୍ତି। ପାଟ୍ରୋଲିଂ ଏବଂ ଗ୍ରେଜିଂ ସମୟରେ ଯଦି କିଛି ସମସ୍ୟା ଦେଖାଯାଏ ତେବେ କର୍ପସ୍ କମାଣ୍ଡର ଏହାକୁ ସେମାନଙ୍କ ସ୍ତରରେ ସମାଧାନ କରିବେ । ଏଥିପାଇଁ ସେମାନଙ୍କୁ ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଛି ବୋଲି ସେ କହିଛନ୍ତି। ସୀମା ସ୍ଥିତିକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ଚୀନ୍ ପ୍ରତିପକ୍ଷଙ୍କ ସହ ଆଲୋଚନା କରିଛନ୍ତି। ଆଗକୁ ସେନା ସ୍ତରରେ ମଧ ଆଲୋଚନା କରାଯାଇ ବାକି ସମସ୍ୟାର ସମାଧାନ କରାଯିବ ବୋଲି ଜେନେରାଲ ଦ୍ୱିବେଦୀ କିଛନ୍ତି।


ସେନା ଦିବସ ପାଳନ ପୂର୍ବରୁ ନୂଆଦିଲ୍ଲୀ ଠାରେ ସେନାର ବାର୍ଷିକ ସାମ୍ବାଦିକ ସମ୍ମିଳନୀରେ ଦେଶର ବିଭିନ୍ନ ସୀମାର ସ୍ଥିତିକୁ ନେଇ ଜେନେରାଲ ଦ୍ୱିବେଦୀ ସୂଚନା ଦେଥିଲା ବେଳେ ଜମ୍ମୁ କଶ୍ମୀର, ବାଂଲାଦେଶ , ମଣିପୁର ଏବଂ ମ୍ୟାଁମାର ସୀମା ସ୍ଥିତି ସମ୍ପର୍କରେ ମଧ କହିଛନ୍ତି। ଜମ୍ମୁ କଶ୍ମୀରରେ ବର୍ତ୍ତମାନ ଆତଙ୍କବାଦ ହ୍ରାସ ପାଇବା ସହିତ ଏଠାରେ ' ଟେରରିଜମ୍' ବଦଳରେ 'ଟୁରିଜିମ' ବଢିବାରେ ଲାଗିଛି। ଏଠାରେ ସକ୍ରିୟ ଥିବା ଆତଙ୍କବାଦୀଙ୍କ ମଧ୍ୟରୁ ୮୦ ପ୍ରତିଶତ ପାଇସ୍ତାନୀ ହୋଇଥିଲା ବେଳେ ୨୦୨୪ରେ ସେମାନଙ୍କୁ ମଧ୍ୟରୁ ୬୦ ପ୍ରତିଶତ ନିହତ ହୋଇଛନ୍ତି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଉତ୍ତରପୂର୍ବାଞ୍ଚଳ ରାଜ୍ୟ ମଣିପୁର ଏବଂ ନାଗାଲାଣ୍ଡ ଆଦି ରାଜ୍ୟର ସୀମା ସ୍ଥିତିକୁ ନେଇ ମଧ ସେ ଉଲ୍ଲେଖ କରିଛନ୍ତି। ବର୍ତ୍ତମାନ ମଣିପୁର ସ୍ଥିତିରେ ଅନେକ ପରିବର୍ତ୍ତନ ଆସିଥିଲା ବେଳେ ଏଠାରେ ଶାନ୍ତି ବଜାୟ ରଖିବାକୁ ସେନା ପକ୍ଷରୁ ଉଦ୍ୟମ ଜାରି ରହିଛି। ଅନ୍ୟପକ୍ଷରେ ଭାରତ-ବାଂଲାଦେଶ ସୀମା ସ୍ଥିତିକୁ ନେଇ ଜେନେରାଲ ଦ୍ୱିବେଦୀ କହିଛନ୍ତି ଯେ, ସେଠାରେ ନିର୍ବାଚନ ପରେ ନୂଆ ସରକାର ଗଠନ ପରେ ହିଁ ବାଂଲାଦେଶ ସେନା ସହିତ ଆଲୋଚନା କରାଯିବ ବୋଲି ସେ କହିଛନ୍ତି।

#### ଆଇଆଇଟି ପଢ଼ା ପୁଅକୁ ଭେଟିବାକୁ ଯାଇ ବାପା-ମା'

## ଦେଖିଲେ ଝୁଲନ୍ତା ମୃତଦେହ

କୋଲକାତା, ୧୩।୧ (ଏଜେନ୍ସି): ପଶ୍ଚିମବଙ୍ଗ ଆଇଆଇଟି ଖଡଗପୁର ଛାତ୍ରବାସରୁ ରବିବାର ବିଟେକ ଛାତ୍ର ସନ୍ ମଲ୍ଲିକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ଏହି ସମୟରେ ବାପାମାଆ ତାଙ୍କୁ ଦେଖା କରିବାକୁ ଖାଦ୍ୟ ନେଇ ଆସିଥିଲେ। ପୁଅର ଝୁଲନ୍ତା ମୃତଦେହ ଦେଖି ଉଭୟେ ଆବାକ ହୋଇଯାଇଥିଲେ। ସନ୍ ଇଲେକ୍‌ଟ୍ରିକାଲ ଇଞ୍ଜିନିୟରିଂର ତୃତୀୟ ବର୍ଷର ଛାତ୍ର। ସେ ବହୁତ ଭଲ ପାଠ ପଢୁଥିଲେ। କ୍ୟାମ୍ପସ ଟପ୍ପର ମଧ ଥିଲେ। ପାଠ ସହ ଅନ୍ୟାନ୍ୟ କାର୍ଯ୍ୟକଳାପରେ ମଧ ସକ୍ରିୟ ଥିଲେ। ସେ ଆଇଆଇଟିର ବଙ୍ଗାଳୀ ଡ୍ରାମା ସୋସାଇଟିର ସଦସ୍ୟ ମଧ ଥିଲେ। କିଛି ଦିନ ତଳେ ଏକ ପ୍ରକଳ୍ପ ପାଇଁ ଅଧ୍ୟାପକମାନେ ତାଙ୍କୁ ସମ୍ମାନିତ କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ମାମଲାର ତଦନ୍ତ ଜାରି ରହିଛି। ଦିନକ ତଳେ ସନ୍ ବାପାମାଆଙ୍କ ସହ କଥା ହୋଇଥିଲେ। ପରେ ଉଭୟେ ରବିବାର ସକାଳେ ପୁଅକୁ ଦେଖା କରିବାକୁ ଆସିଥିଲେ।

# ଟ୍ରମ୍ପଙ୍କ ଅଖଣ୍ଡ ଆମେରିକା ଯୋଜନା



ୱାଶିଂଟନ, ୧୩।୧ (ଏଜେନ୍ସି): ଆମେରିକାର ନବ ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୨୦ ତାରିଖରେ ଶପଥ ନେବାକୁ ଯାଉଛନ୍ତି। ଏହା ପୂର୍ବରୁ ଟ୍ରମ୍ପ ଚାପର ରାଜନୀତି ଆରମ୍ଭ କରିଦେଇଛନ୍ତି। ନିଜ ସହଯୋଗୀ ତଥା ବ୍ୟବସାୟୀ ଏଲନ ମସ୍କଙ୍କ ସହ ମିଶି ଟ୍ରମ୍ପ ଗୋଟିଏ ପରେ ଗୋଟିଏ ଦେଶକୁ ଧମକ ଦେଇ ଚାଲିଛନ୍ତି। କାହାକୁ ଟାରିଫ ବଢ଼ାଇବା ଧମକ ଦେଇ ନିୟନ୍ତ୍ରଣରେ ରଖିବାକୁ ଚାହୁଁଛନ୍ତି ତ ଆଉ କୌଣସି ଦେଶର ଭୂଖଣ୍ଡକୁ ଆମେରିକାରେ ମିଶାଇବାର ସ୍ୱପ୍ନ ଦେଖୁଛନ୍ତି। ଆଉ କେଉଁଠି ପ୍ରଧାନମନ୍ତ୍ରୀଙ୍କୁ ଇସ୍ତଫା ଦେବାକୁ କୁହାଯାଉଛି। ଏ ସବୁକୁ ଦେଖି ନିର୍ବାଚନ ପ୍ରଚାର ସମୟରେ ଟ୍ରମ୍ପ ଦେଇଥିବା ସ୍ଲୋଗାନ ମେକ୍ ଆମେରିକା ଗ୍ରେଟ୍ ଏଗେନ (ଏମଏଜିଏ) କଥା ମନେ ପଡ଼ିଯାଉଛି। ଏହି ସ୍ୱପ୍ନ ସାକାର କରିବା ପାଇଁ ଟ୍ରମ୍ପ ଅଖଣ୍ଡ ଆମେରିକାର ପରିକଳ୍ପନା କରିଛନ୍ତି। ଦେଶର ସୀମା ବଢ଼ାଇ ସେ ଏହି ସ୍ୱପ୍ନ ପୂରଣ କରିପାରିବେ ବୋଲି ଭାବୁଛନ୍ତି।

ନିର୍ବାଚନରେ ବୃହତ ବିଜୟ ହାସଲ କରିବା ପରେ ଟ୍ରମ୍ପ ପଡୋଶୀ ଦେଶ କାନାଡ଼ାକୁ ଆମେରିକାରେ ମିଶିବାକୁ ପ୍ରସ୍ତାବ ଦେଇଛନ୍ତି। ଆଉ ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କଲେ ଆର୍ଥିକ ସହାୟତା ଦେବା ବନ୍ଦ କରିଦେବେ ବୋଲି ପରୋକ୍ଷରେ ଧମକ ଦେଇଛନ୍ତି। ଏହା ସହିତ ଗ୍ରୀନଲାଣ୍ଡ, ପାନାମା କେନାଲ ଏବଂ ଗଲ୍ଫ ଅଫ୍ ମେକ୍ସିକୋକୁ ମଧ ଅକ୍ତିଆର କରିବାକୁ ଯୋଜନା କରିଛନ୍ତି। ଏ ନେଇ ଟ୍ରମ୍ପ ଖୋଲାଖୋଲି ଭାବେ ଘୋଷଣା ମଧ କରିସାରିଛନ୍ତି। ଯଦି ଗ୍ରୀନଲାଣ୍ଡ, ମେକ୍ସିକୋ ଏବଂ କାନାଡ଼ା ଆମେରିକାରେ ମିଶିଯିବ ତେବେ ଏହାର କ୍ଷେତ୍ରଫଳ ୨.୩୪ କୋଟି ବର୍ଗ କିମି ହୋଇଯିବ। କ୍ଷେତ୍ରଫଳ ଦୃଷ୍ଟିରୁ ଆମେରିକା ବିଶ୍ୱର ବଡ଼ ଦେଶ ପାଲଟି ଯିବ। ତେବେ ଟ୍ରମ୍ପଙ୍କ ପ୍ରସ୍ତାବକୁ କାନାଡ଼ା, ମେକ୍ସିକୋ ଏବଂ ଡେନମାର୍କ ବିରୋଧ କରୁଛନ୍ତି।

### କାନାଡ଼ା ଓ ମେକ୍ସିକୋର ବିରୋଧ

ରିପୋର୍ଟ ଅନୁଯାୟୀ ଟ୍ରମ୍ପ ଆମେରିକାକୁ ମହାନ ବନାଇବାକୁ ପ୍ରଥମେ କାନାଡ଼ାକୁ ବାଛିଛନ୍ତି। ଆମେରିକା ସୀମାକୁ ଲାଗିଥିବା ଏହି ଦେଶ ଦେଇ ବେଆଇନ ପ୍ରବାସୀଙ୍କୁ ପ୍ରବେଶ କରାଯାଉଛି। ଏହା ଦ୍ୱାରା ଆମେରିକାରେ ବେକାରୀ ହାର ବଢ଼ିବା ସହିତ ସୁରକ୍ଷା ପ୍ରତି ବିପଦ ଦେଖା ଦେଉଛି। ସେହିପରି ଖଲିସ୍ତାନୀଙ୍କୁ ନେଇ କାନାଡ଼ାର କାମଚଳା ପ୍ରଧାନମନ୍ତ୍ରୀ ସାରା ବିଶ୍ୱରେ ଲଜ୍ଜିତ ହେଉଛନ୍ତି। ତେଣୁ ଟ୍ରମ୍ପ ଭାବିଚିନ୍ତି କାନାଡ଼ାକୁ ଆମେରିକାର ୫୧ତମ ରାଜ୍ୟ କରିବାକୁ ଚାହୁଁଛନ୍ତି।

କାନାଡ଼ା ପରେ ଟ୍ରମ୍ପ ପାନାମା ଉପରେ ନଜର ପକାଇଛନ୍ତି। କାରଣ ଏହି କେନାଲ ଉତ୍ତର ଏବଂ ଦକ୍ଷିଣ ଆମେରିକା ମହାଦେଶକୁ ଯୋଡୁଛି। ଏହା ଆଟଲାଣ୍ଟିକ ଏବଂ ପ୍ରଶାନ୍ତ ମହାସାଗର ମଧ୍ୟରେ ଥିବା ପ୍ରମୁଖ ବାଣିଜ୍ୟିକ ମାର୍ଗ। ୧୯୭୭ ପର୍ଯ୍ୟନ୍ତ ଏହା ଆମେରିକା ଅଧିନରେ ଥିଲା। ପରେ ଏକ ଚୁକ୍ତିରେ ଏହାକୁ ପାନାମାକୁ ଦିଆଯାଇଥିଲା। ମାତ୍ର ଟ୍ରମ୍ପ ଏହି ଚୁକ୍ତିକୁ ସବୁଠୁ ଖରାପ କହୁଛନ୍ତି। ଏହି ମାର୍ଗରେ ଅଧିକ ଚୀନ୍ ଜାହାଜ ଚଳାଚଳ କରୁଛି। ଆମେରିକା ଜାହାଜ ଉପରେ ଅଧିକ ଟିକସ ମଧ ଲଗାଯାଉଛି। ତେଣୁ ସୁରକ୍ଷା ଏବଂ ଆର୍ଥିକ ସ୍ୱାର୍ଥ ପାଇଁ ଟ୍ରମ୍ପ ଏହାର ନିୟନ୍ତ୍ରଣ ହାସଲ କରିବାକୁ ଚାହୁଁଛନ୍ତି। ସେହିପରି ଗ୍ରୀନଲାଣ୍ଡକୁ ଆମେରିକାରେ ମିଶାଇବାକୁ ଟ୍ରମ୍ପ ଜରୁରୀ ଭାବୁଛନ୍ତି। ଏପରି ନ କଲେ ଡେନମାର୍କ ଉପରେ ଅଧିକ ଟାରିଫ ଲଗାଇବାକୁ ଧମକ ଦେଇଛନ୍ତି। ଏହା ବ୍ୟତୀତ ଟ୍ରମ୍ପ ଗଲ୍ଫ ଅଫ୍ ମେକ୍ସିକୋର ନାମ ବଦଳାଇ ଗଲ୍ଫ ଅଫ ଆମେରିକା କରିଦେବା ଉଚିତ ବୋଲି କହିଛନ୍ତି। ମେକ୍ସିକୋ ସହ ବ୍ୟବସାୟ ଦ୍ୱାରା ଆମେରିକାର କ୍ଷତି ହେଉଛି ବୋଲି ସେ ଭାବୁଛନ୍ତି। ତେଣୁ ମେକ୍ସିକୋ ଦାୟିତ୍ୱ ଆମେରିକା ନେବାର ସମୟ ଆସିଯାଇଛି ବୋଲି କହୁଛନ୍ତି।

## ଜୁକରବର୍ଗଙ୍କ ମନ୍ତବ୍ୟକୁ ନେଇ ବିବାଦ

ନୂଆଦିଲ୍ଲୀ, ୧୩।୧ (ଏଜେନ୍ସି): ମେଟା ସିଇଓ ମାର୍କ ଜୁକରବର୍ଗଙ୍କ ମନ୍ତବ୍ୟକୁ ନେଇ ଭାରତରେ ବିବାଦ ସୃଷ୍ଟି ହୋଇଛି। ସେ ଗତ ୧୦ ତାରିଖରେ ଏକ ପଡକାଷ୍ଟରେ ୨୦୨୪ରେ ବିଶ୍ୱରେ ଅଶାନ୍ତି ଲାଗି ରହିଥିଲା । କରୋନା ପରେ ହୋଇଥିବା ନିର୍ବାଚନରେ ଭାରତ ସମେତ ବିଶ୍ୱର ଅନେକ ଦେଶର ସରକାର ଭୁଶୁଡ଼ି ଯାଇଥିଲା ବୋଲି କହିଥିଲେ। ତେବେ ଏହାକୁ ନେଇ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଜବାବ ରଖିଛନ୍ତି। ସେ କହିଛନ୍ତି ଯେ ବିଶ୍ୱର ସବୁଠୁ ବଡ଼ ଗଣତନ୍ତ୍ର ଭାବେ ଭାରତର ନିର୍ବାଚନରେ ୬୪ ଲୋକ ସାମିଲ ହୋଇଥିଲେ। ଦେଶବାସୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ଉପରେ ଭରସା କରିଥିଲେ। ତଥ୍ୟ ଦୃଷ୍ଟିରୁ ଜୁକରବର୍ଗ ଭୁଲ୍ ଦାବି କରୁଛନ୍ତି। ସେ ତଥ୍ୟ ଏବଂ ବିଶ୍ୱସନୀୟତାକୁ ବଜାୟ ରଖିବା ଉଚିତ। ଜୁକରବର୍ଗ ଯେଉଁ ଦାବି କରିଛନ୍ତି ତାହାର ପ୍ରମାଣ ଦେବା ଉଚିତ।

**ଶ୍ରୀମନ୍ଦିରରେ ପୁଷ୍ୟାଭିଷେକ ନୀତି**

# ସୁନାବେଶରେ ଦର୍ଶନ ଦେଲେ ମହାପ୍ରଭୁ

**ପୁରୀ, ୧୩।୧(ସମିସ):** ପବିତ୍ର ପୌଷ ପୂର୍ଣ୍ଣମୀ ଅବସରରେ ସୋମବାର ଶ୍ରୀମନ୍ଦିରରେ ପୁଷ୍ୟାଭିଷେକ ନୀତି ଅନୁଷ୍ଠିତ ହୋଇଯାଇଛି। ରତ୍ନସିଂହାସନରେ ମହାପ୍ରଭୁ ରାଜରାଜେଶ୍ୱର ବା ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ହଜାର ହଜାର ଶ୍ରଦ୍ଧାଳୁ ଏହି ଦିବ୍ୟ ବେଶ ଦର୍ଶନ କରିଛନ୍ତି। ବର୍ଷକ ମଧ୍ୟରେ ହେଉଥିବା ପାଞ୍ଚଥର ସୁନାବେଶ ମଧ୍ୟରୁ ଏହା ଅନ୍ୟତମ।

ରବିବାର ଚନ୍ଦନଲାଗି ପରେ ୮୭ ଗଡୁ ଜଳ ଏବଂ ୨୧ ଗରା ଘିଅ ଭୋଗମଣ୍ଡପ ଘରେ ଅଧିବାସ ହୋଇ ରହିଥିଲା। ସୋମବାର ସକାଳଧୂପ ବଢ଼ି ଅଭିଷେକ ନୀତି ଆରମ୍ଭ ହୋଇଥିଲା। ମଇଲମ ପରେ ପୂର୍ବଦିନ ଅଧିବାସ ହୋଇ ରହିଥିବା ୧୦୮ ଗରା ଘିଅମିଶ୍ରିତ ଜଳରେ କେବଳ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଅଭିଷେକ କରାଯାଇଥିଲା। ପରେ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ଶ୍ରୀଦେବୀ ସାତପାହଚ ତଳେ ଥିବା ପାଲିଙ୍କିରେ ବସି ମହାଲକ୍ଷ୍ମୀ ମନ୍ଦିର ଜଗମୋହନକୁ ବିଜେ କରିଥିଲେ। ସେଠାରେ ଶ୍ରୀଦେବୀଙ୍କ ମାଜଣା, ବନକଲାଗି ଏବଂ ବେଶ କରାଯାଇଥିଲା। ପରେ ଶ୍ରୀମନ୍ଦିରରେ ଠାକୁରଙ୍କ ସୁବର୍ଣ୍ଣ ବେଶ ଅନୁଷ୍ଠିତ ହୋଇଥିଲା। ଏହି ବେଶରେ ତିନିଠାକୁର ସୁବର୍ଣ୍ଣ କୀରଟି, ଶ୍ରୀପୟର, ଶ୍ରୀଭୁଜ ଆଦି ସ୍ୱର୍ଣ୍ଣ ଅଳଙ୍କାର ଧାରଣ କରିଥିଲେ। ଜଗନ୍ନାଥ ମହାପ୍ରଭୁ ସୁବର୍ଣ୍ଣର ଚକ୍ର, ରୁପାର ଶଙ୍ଖ, ବଳଭଦ୍ର ସୁବର୍ଣ୍ଣ ହଳମୂଷଳ ଧାରଣ କରିଥିଲେ। ସୁନାବେଶ ବଢ଼ିବା ପରେ ଯାତ୍ରାଙ୍ଗୀ ଭୋଗ ଶ୍ରୀଛାମୁକୁ ଆସିଥିଲା। ଏହି ସମୟରେ ଶ୍ରୀଦେବୀ ମହାଲକ୍ଷ୍ମୀ ମନ୍ଦିରରୁ ଫେରି ଶ୍ରୀଅଙ୍ଗ ଲାଗି ହୋଇଥିଲେ। ଭୋଗ ସମୟରେ ସୁନାବେଶ ଥାଇ ଭିତରଚ୍ଛ ମହାପାତ୍ର ଲକ୍ଷ୍ମଣ ରୂପରେ ଦଣ୍ଡଛତ୍ର ଧାରଣ କରିଥିବା ବେଳେ ହନୁମାନ ରୂପରେ ଜଣେ ପାଳିଆ ମେକାପ ଦଣ୍ଡଛତ୍ର ମୂଳକୁ ଧାରଣ କରିଥିଲେ। ଏହି ବେଶରେ ମହାପ୍ରଭୁ ଫୁଲ ଧନୁଶର ଧାରଣ କରିଥିଲେ। ପରେ ରାଜନୀତି ବନ୍ଦପନା ହୋଇଥିଲା। ମୁଦିରସ୍ତ ସିଂହାସନ ଉପରକୁ ଉଠି ଫୁଲ ଧନୁଶର ଓ ଦଣ୍ଡଛତ୍ର ଆଦି ମଇଲମ କରିଥିଲେ। ଦକ୍ଷିଣୀ ଘର ଭୋଗ ବଢ଼ିବା ପରେ ଶ୍ରୀରଘୁନାଥ ଶ୍ରୀବିଗ୍ରହଙ୍କଠାରୁ ଆଜ୍ଞାମାଳ ପାଇ ପାଲିଙ୍କିରେ ବସି ବାହାର ଅଭିଷେକ ନିମନ୍ତେ ଲକ୍ଷ୍ମୀ ମନ୍ଦିରକୁ ବିଜେ କରିଥିଲେ। ସେଠାରେ ମହାସ୍ନାନ, ଶୀତଳ ଭୋଗ, ବନ୍ଦାପନା ଆଦି ନୀତି ସରିବା ପରେ ଠାକୁର ଦକ୍ଷିଣୀ ଘରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହାପରେ ମହାପ୍ରଭୁଙ୍କ ଦୈନନ୍ଦିନ ନୀତି ସମ୍ପନ୍ନ ହୋଇଥିଲା।

ପୌରାଣିକ ତଥ୍ୟ ଅନୁଯାୟୀ, ମର୍ଯ୍ୟାଦାପୁରୁଷ ପ୍ରଭୁ ଶ୍ରୀରାମଚନ୍ଦ୍ର ୧୪ ବର୍ଷ ବନବାସ ପରେ ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କରି ପୌଷ ପୂର୍ଣ୍ଣମା ତିଥିରେ ସିଂହାସନରେ ଅଭିଷିକ୍ତ ହୋଇଥିଲେ। ସେହି ସ୍ମୃତିରେ ଶ୍ରୀମନ୍ଦିରରେ ପ୍ରତିବର୍ଷ ଏହି ପବିତ୍ର ତିଥିରେ ମହାପ୍ରଭୁଙ୍କ ଅଭିଷେକ ଉତ୍ସବ ଅନୁଷ୍ଠିତ ହୋଇଥାଏ। ଏହି ନୀତି ମହାପ୍ରଭୁଙ୍କ ପ୍ରସିଦ୍ଧ ଦ୍ୱାଦଶ ଯାତ୍ରା ମଧ୍ୟରୁ ଅନ୍ୟତମ।

# ବାପଘରୁ ଫେରିଲେ ମହାଲକ୍ଷ୍ମୀ

**ପୁରୀ,୧୩।୧(ସମିସ):** ଶ୍ରୀମନ୍ଦିରରେ ନବାଙ୍କ ନୀତି ଶେଷ ହୋଇଛି। ମଙ୍ଗଳବାର ବଡ଼ଦେଉଳରେ ମକର ସଂକ୍ରାନ୍ତି ନୀତି ଅନୁଷ୍ଠିତ ହେବ। ତିନିଠାକୁରଙ୍କୁ ମକର ଚୂଳ ଲାଗି କରାଯିବ। ବିଶ୍ୱାସ ରହିଛି, ଧନୁ ସଂକ୍ରାନ୍ତିଠାରୁ ବାପଘରକୁ ଯାଇଥିବା ମହାଲକ୍ଷ୍ମୀ ନବାଙ୍କରେ ଭାର ଥୋର ନେଇ ଶ୍ରୀମନ୍ଦିରକୁ ଫେରିଥାନ୍ତି। ସୋମବାର ଶ୍ରୀମନ୍ଦିରରେ ଚାଉଳ ମେଲାଣ ନୀତି ଓ ଫୁଲ ମେଲାଣ ନୀତି ଅନୁଷ୍ଠିତ ହୋଇଛି। ମାଳିମାନେ ବାଘମୁହାଁ ବାନ୍ଧି ମାଳଚୂଳ, ଜଳ କବରମାନ ଘେନି ପଟୁଆରରେ ଘଣ୍ଟ, ଛତା, କାହାଳି ସହ ବଡ଼ଦେଉଳକୁ ବେଢ଼ାଏ ପ୍ରଦକ୍ଷିଣ କରି ବେହେରଣ ଦ୍ୱାରଠାରେ ବେଶ ପାଇଁ ପାଳିଆ ସେବକଙ୍କୁ ଦେଇଥିଲେ। ଏହି ମାଳମାନ ସନ୍ଧ୍ୟା ଆଳତି ବେଶରେ ଲାଗି ହୋଇଥିଲା। ମହାପ୍ରଭୁଙ୍କର ଚନ୍ଦନ ଲାଗି ବଢ଼ିବା ପରେ ଭୋଗମଣ୍ଡପ ଘରେ ଭଦ୍ରାସନ ଉପରେ ମୁରୁଜ ପଡ଼ି ୩ଟି ବାଉଁଶିଆରେ ଚାଉଳ ରଖାଯାଇଥିଲା। ସେଥିରେ ଫୁଲ, ଚନ୍ଦନ, ଚେମେଡ଼ି ପତନି ଦିଆଯାଇ ଅଧିବାସ କରାଯିବା ପରେ ଦୁଆରମାନ ମୁଦ ହୋଇଥିଲା। ଏହି ଅଧିବାସ ଚାଉଳ ହିଁ ମକର ଚାଉଳ ଭାବେ ମହାପ୍ରଭୁଙ୍କୁ ମଙ୍ଗଳବାର ଲାଗି ହେବ।

**ଶ୍ରୀମନ୍ଦିରରେ ଆଜି ମକର ନୀତି**

ବଡ଼ସିଂହାର ବେଶରେ ମହାପ୍ରଭୁଙ୍କ ନବାଙ୍କ ବେଶ ଅନୁଷ୍ଠିତ ହୋଇଥିଲା। ଏହି ବେଶ ବଢ଼ିପାଣି ପଡ଼ି ବଡ଼ସିଂହାର ଭୋଗ ଆସିବା ପରେ ଦକ୍ଷିଣୀ ଘରୁ ମଦନମୋହନ ଭିତର ସିଂହାସନକୁ ବିଜେ କରିଥିଲେ। ଭିତର ଭୋଗ ସରି ପଣ୍ଡା ଶ୍ରୀଅଙ୍ଗକୁ ଆଜ୍ଞାମାଳ ଦେବା ପରେ ମହାଜନେ ମଦନମୋହନଙ୍କୁ ଧରି ସିଂହାସନ ଚାରିପଟେ ସାଢ଼େ ୪ ଘେରା ବେଢ଼ା କରିଥିଲେ। ଏହାପରେ ମହାଜନେ ଠାକୁରଙ୍କୁ ଆଣି ବଟମୂଳେ ଥିବା ବିମାନରେ ବିଜେ କରାଇଥିଲେ। ବିମାନ ବଡୁମାନେ ଘଣ୍ଟ, ଛତା, କାହାଳି ସହ ବଡ଼ଦେଉଳକୁ ସାଢ଼େ ଚାରିବେଢ଼ା ବୁଲାଇ ବଟମୂଳେ ବିମାନ ରଖିଥିଲେ। ମହାଜନେ ରୁନ୍ଧା ଫିଟାଇ ହାତରେ ଠାକୁରଙ୍କୁ ବିଜେ କରାଇ ଆଣି ଜୟବିଜୟ ଦ୍ୱାର ଲଣ୍ଡାବର୍ତ୍ତ ଉପରେ ରଖିଥିଲେ। ସେଠାରେ ପ୍ରସାଦ ଲାଗି ଓ ବନ୍ଦାପନା ହୋଇ ଦକ୍ଷିଣୀ ଘରକୁ ବିଜେ କରିଥିଲେ। ଏହାପରେ ଅନ୍ୟାନ୍ୟ ନୀତି ବଢ଼ିଥିଲା।

# 'ଆଳୁ' ଶୁଣିଲେ ଚିହିଁକି ଉଠୁଛନ୍ତି ଯୋଗାଣ ମନ୍ତ୍ରୀ

**ଭୁବନେଶ୍ୱର,୧୩।୧(ସମିସ):** ରାଜ୍ୟରେ ସରକାର ପରିବର୍ତ୍ତନ ପରେ ଉପରତଳ ହୋଇ ଆଳୁ ଦର ଏବେ ୩୫ରେ ଅଟକିଛି। ପ୍ରାୟ ୪ ମାସ ହେବ ଆଳୁ ଦର ଉପର ମୁହାଁ ହୋଇ ରହିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଏହା ନିୟନ୍ତ୍ରଣକୁ ଆସି ନାହିଁ। ଆଳୁର ଚଢ଼ା ଦର ଖାଉଟିଙ୍କୁ ଅତିଷ୍ଠ କରିଛି। ଏଭଳି ସ୍ଥିତିରେ ରାଜ୍ୟରେ ଆଳୁ ଦର କେବେ କମିବ ପ୍ରଶ୍ନରେ ଚିହିଁକି ଉଠୁଛନ୍ତି ଯୋଗାଣମନ୍ତ୍ରୀ। ତାଙ୍କୁ ଆଳୁ ସମ୍ପର୍କରେ ପ୍ରଶ୍ନ ନ କରିବା ଓ ବାରମ୍ବାର ସେ ଏହି ପ୍ରଶ୍ନର ଉତ୍ତର ଦେଇ ପାରିବେ ନାହିଁ ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଯାହାକୁ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ଯୋଗାଣମନ୍ତ୍ରୀଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଯୋଗାଣମନ୍ତ୍ରୀଙ୍କ ବ୍ୟତୀତ ଆଉ କିଏ ଆଳୁ ଦର ହ୍ରାସ ସମ୍ପର୍କରେ ଉତ୍ତର ଦେବ ସେ ସମ୍ପର୍କରେ ମନ୍ତ୍ରୀ ସ୍ପଷ୍ଟ କରନ୍ତୁ ବୋଲି ପ୍ରଶ୍ନ କରିଛନ୍ତି ବିରୋଧୀ।

ବଜାରରେ ନୂଆ ଆଳୁ ପହଞ୍ଚିଲାଣି। ମାତ୍ର ଦର କମୁନାହିଁ, କିଲୋ ପିଛା ୩୫ ଟଙ୍କା ଦରରେ ବିକ୍ରି ହେଉଛି। ଦିନେଦିନେ ଏହି ଦର ପୁଣି ବଢ଼ିଯାଉଛି। ଦର ନିୟନ୍ତ୍ରଣ କ୍ଷେତ୍ରରେ ସେଭଳି କୌଣସି ଠୋସ୍ ପଦକ୍ଷେପ ନିଆଯାଉ ନ ଥିବା ବେଳେ ଯୋଗାଣ ମନ୍ତ୍ରୀଙ୍କ ଏପରି ଉତ୍ତର ସରକାର ଦରଦାମ ନିୟନ୍ତ୍ରଣ କରିବାରେ ହାତ ଟେକି ଦେଇଥିବାକୁ ଦର୍ଶାଉଛି। ଅନ୍ୟପଟେ ଏହି ପ୍ରସଙ୍ଗକୁ ଏଡ଼ାଇ ମନ୍ତ୍ରୀ ପୂର୍ବ ସରକାର ଉପରେ ସେ ଦୋଷ ଠେଲିଛନ୍ତି। ଯାହାକୁ ବିରୋଧୀ ରାଜନୈତିକ ଦଳ ଓ ଖାଉଟି ସମାଲୋଚନା କରିଛନ୍ତି।

ଯେଉଁ ପୂର୍ବ ସରକାରଙ୍କୁ ଦୋଷ ଦେଇ ମନ୍ତ୍ରୀ ଖସିଯିବାକୁ ଚାହୁଁଛନ୍ତି; ସେହି ସରକାର ସମୟରେ ଆଳୁ ଦର କେବେ ବି କଷଣ ଦେଇ ନ ଥିଲା ବୋଲି ଖାଉଟି କହିଛନ୍ତି। ମଝିରେ ମଝିରେ ଆଳୁ ଦର ବଢ଼ିଥାଏ, ମାତ୍ର କେଇଦିନ ପରେ ତାହା କମିଯାଏ। କ୍ରମାଗତ ୫ ମାସ ଧରି ଆଳୁ ଦର ଚଢ଼ା ରହିବା ଓଡ଼ିଶାରେ ପ୍ରଥମ ବୋଲି ଖାଉଟିମାନେ କହିଛନ୍ତି।



- ସବୁବେଳେ ଉତ୍ତର ଦେଇ ପାରିବି ନାହିଁ: ମନ୍ତ୍ରୀ
- ମନ୍ତ୍ରୀଙ୍କ ଆଳୁ ଟ୍ରେନ୍ କୁଆଡ଼େ ଗଲା: ବିଜେଡି
- ମନ୍ତ୍ରୀଙ୍କୁ ବୋଧେ ଆଳୁ ଦୋଷ ଲାଗିଛି: କଂଗ୍ରେସ

ବିଜେଡି ବରିଷ୍ଠ ନେତା ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ଯେ ମନ୍ତ୍ରୀ ଯଦି ଏହି ସମସ୍ୟାର ସମାଧାନ କରିପାରିବେ ନାହିଁ, ତେବେ ସେମାନେ ସରକାରରେ କାହିଁକି ରହିଛନ୍ତି। ପୂର୍ବରୁ ୨ ଟି ଟ୍ରେନ୍‌ରେ ଉତ୍ତର ପ୍ରଦେଶରୁ ଆଳୁ ଆସୁଥିବା ସରକାର କହିଥିଲେ। ଏହି ଟ୍ରେନ୍ କୁଆଡ଼େ ଗଲା ବୋଲି ଶ୍ରୀ ସ୍ୱାଇଁ ପ୍ରଶ୍ନ କରିବା ସହ ଟ୍ରେନ୍‌ର ଚକା ଲିକ୍ ହୋଇଗଲା କି କହି କଟାକ୍ଷ କରିଛନ୍ତି। ଗତକାଲିଠାରୁ ଆଜି ମଧ୍ୟରେ ଆଳୁ ଦର ପୁଣି ୧୦ ଟଙ୍କା ବଢ଼ିଛି। ତେଣୁ ଏହାକୁ ନିୟନ୍ତ୍ରଣ କରାଯିବା ଉଚିତ ବୋଲି ରଣେନ୍ଦ୍ର କହିଛନ୍ତି।

ଅନ୍ୟପକ୍ଷରେ ଆଳୁ ପ୍ରସଙ୍ଗରେ ଅବାନ୍ତର ଉତ୍ତର ନିମନ୍ତେ ଯୋଗାଣମନ୍ତ୍ରୀ ଶ୍ରୀ ପାତ୍ରଙ୍କୁ ନିଶାଣ କରିଛି କଂଗ୍ରେସ। କଂଗ୍ରେସ ନେତା ନିଶିକାନ୍ତ ମିଶ୍ର କହିଛନ୍ତି ଯୋଗାଣ ମନ୍ତ୍ରୀଙ୍କୁ ଆଳୁ ଦୋଷ ଲାଗିଛି। ଆଳୁ ଦର ଅହେତୁକ ଭାବେ ବୃଦ୍ଧି ପାଉଥିବା ବେଳେ ଦର ନିୟନ୍ତ୍ରଣ ନେଇ ଲୋକେ କାହାକୁ ପ୍ରଶ୍ନ କରିବେ ବୋଲି ମନ୍ତ୍ରୀ ଉତ୍ତର ଦେବା ଉଚିତ। ଏହାସହ ପଶ୍ଚିମବଙ୍ଗ ଓ ଉତ୍ତର ପ୍ରଦେଶରୁ କେତେ ଆଳୁ ରାଜ୍ୟକୁ ଅଣାଯାଉଛି, ତାହା ଓଡ଼ିଶାବାସୀଙ୍କୁ ରାଜ୍ୟ ସରକାର ଜଣାଇବା ଦରକାର। ତୁରନ୍ତ ଆଳୁ ଦର ସହ ଦରଦାମ ରାଜ୍ୟ ସରକାର ନିୟନ୍ତ୍ରଣ କରନ୍ତୁ ବୋଲି ଶ୍ରୀ ମିଶ୍ର କହିଛନ୍ତି। ସୂଚନା ଥାଉ କି ୪ ମାସ ହେବ ଆଳୁ ଦର ନିୟନ୍ତ୍ରଣ ବାହାରେ ଥିବାବେଳେ ଯୋଗାଣମନ୍ତ୍ରୀ ବେଫିକର ବୟାନ ଦେବାରେ ଲାଗିଛନ୍ତି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ବଢ଼ିଚାଲିଛି।

# ବାଘ ମାଂସ ଖାଇବାରୁ ୪ ପରିବାରକୁ ବାସନ୍ଦ

**ନୂଆପଡ଼ା, ୧୩।୧ (ସମିସ):** 'ବାଘ ଆମର ମାମୁ। ଜଙ୍ଗଲର ପଶୁ ହେଲେ ବି ମାମୁ ଏବଂ ଜଙ୍ଗଲର ମୁଖ୍ୟ ପ୍ରାଣୀ ଭାବରେ ଆମେ ତାଙ୍କୁ ସମ୍ମାନ ଜଣାଉ। ତେଣୁ ତା' ମାଂସ ଖାଇବା ଭଳି ଘଟଣାକୁ ଆମେ ସହଜରେ ଗ୍ରହଣ କରିପାରିବୁ ନାହିଁ। ଏଭଳି ଅଭିଯୋଗ କରି ନୂଆପଡ଼ା ଜିଲ୍ଲା ଦେଓଦର୍ହା ଗାଁର ୪ ପରିବାରକୁ ସାମାଜିକ ବାସନ୍ଦ କରିଛନ୍ତି ଚିନ୍ଦା-ଭୁଞ୍ଜିଆ ସମାଜର ଦେଓଦର୍ହା ମଣ୍ଡଳ। ଏହାସହ, ସମାଜକୁ ଭୋଜିଭାତ ଦେଇ ମୁଣ୍ଡନ ହେଲେ ଯାଇ ସେମାନଙ୍କୁ ପୁଣିଥରେ ସାମିଲ କରାଯିବ ବୋଲି କୁହାଯାଇଛି। ଗତବର୍ଷ ନଭେମ୍ବରରେ ଦେଓଦର୍ହା ଗାଁରେ ଚିନ୍ଦା ସଂପ୍ରଦାୟର କିଛି ଲୋକ ମିଶି ଏକ ବାଘକୁ ମାରି ତା' ମାଂସ ଖାଇବା ସହ ନଖ, ଛାଲ ବିକ୍ରି କରିବାକୁ ଯୋଜନା କରିଥିଲେ। ଖବର ପାଇ ବନ ବିଭାଗ ଗାଁର ୪ଜଣଙ୍କୁ ଗିରଫ କରିବା ସହ ବିଭିନ୍ନ ସାମଗ୍ରୀ ଜବତ କରିଥିଲେ। ଏହି ମାମଲାରେ ୪ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ବର୍ତ୍ତମାନ ସେମାନେ ବିଚାର ବିଭାଗୀୟ ହାଜତରେ ରହିଛନ୍ତି।

**ସର୍ବବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚର ପରଦା ନଇଁଲା**

# କଂସ ବଧ ସହ ବରଗଡ଼ ଧନୁଯାତ୍ରା ଶେଷ

**ବରଗଡ଼,୧୩।୧(ସମିସ):** ବିଶ୍ୱର ସର୍ବବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରାର ଆଜି ପରଦା ନଇଁଛି। ପୌରାଣିକ ବିଷୟବସ୍ତୁ ଉପରେ ଆଧାରିତ ଏହି ଧନୁଯାତ୍ରା ମହୋତ୍ସବ କଂସ ବଧ ସହ ଶେଷ ହୋଇଛି। ଆଜି ଅନ୍ତିମ ଦିବସରେ କଂସ ବଧ ଦୃଶ୍ୟାଭିନୟ ଦେଖିବା ପାଇଁ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥିଲା। କଂସ ମହାରାଜ ମଥୁରା ଭ୍ରମଣ କରି ଲୋକମଣ୍ଡପ ପଡ଼ିଆସ୍ଥିତ ରଙ୍ଗ ମହଲରେ ପହଞ୍ଚିଥିଲେ। ସେଠାରେ ଶ୍ରୀକୃଷ୍ଣ ଓ ବଳରାମଙ୍କୁ ହତ୍ୟା କରିବା ପାଇଁ ସେନାପତି, ମହାମନ୍ତ୍ରୀ, ଚାଣୁର, ମୁଷ୍ଟିକ ଆଦି ସୈନ୍ୟସାମନ୍ତଙ୍କ ସହ ରଣକୌଶଳ ପ୍ରସ୍ତୁତ କରିଥିଲେ। ଅନ୍ୟପଟେ ହାଟପଦା ମଞ୍ଚକୁ ଯାଇ ଶ୍ରୀକୃଷ୍ଣ ଶିବଧନୁ ଭଙ୍ଗ କରିଥିଲେ। ତାଙ୍କ କରାଘାତରେ କୁବଳୟା ହସ୍ତୀ ପ୍ରାଣ ହରାଇଥିଲା। ଶ୍ରୀକୃଷ୍ଣ, ବଳରାମଙ୍କୁ ହତ୍ୟା କରିବା ପାଇଁ କଂସ ମହାରାଜଙ୍କ ପାତ୍ରମନ୍ତ୍ରୀ, ସେନାପତି ନିଜ ପରାକ୍ରମ ଦେଖାଇଥିଲେ। କଂସ ମହାରାଜ ମଧ୍ୟ ରାଣୀ ପଦ୍ମାବତୀଙ୍କ ବାରଣ ସତ୍ତ୍ୱେ ନିଜ ପରାକ୍ରମ ଦେଖାଇବା ପାଇଁ ରଣାଙ୍ଗନକୁ ଓହ୍ଲାଇଥିଲେ। କିନ୍ତୁ ଶେଷରେ ଶ୍ରୀକୃଷ୍ଣଙ୍କ ସ୍ପର୍ଶ ଏବଂ ବଳରାମଙ୍କ ହଳ ମୁଦଗରରେ କଂସଙ୍କ ନିଧନ ହୋଇଥିଲା। ଏହାପରେ ରାଜା ଉଗ୍ରସେନଙ୍କ ପୁଣି ରାଜାଭିଷେକ ହୋଇଥିଲା। ଶ୍ରୀକୃଷ୍ଣ, ବଳରାମ କାରାଗାରକୁ ଯାଇ ବନ୍ଦୀ ଥିବା ଦେବକୀ ଓ ବସୁଦେବଙ୍କୁ ମୁକ୍ତ କରିଥିଲେ। ଏହାପରେ ମଥୁରାବାସୀ ବାଣ ଫୁଟାଇ ଏବଂ ଲଡୁ ବାଣ୍ଟି ଉତ୍ସବ ମନାଇଥିଲେ। ଶେଷରେ କଂସ ଅଭିନେତା ଭୁବନେଶ୍ୱର ପ୍ରଧାନ ପାପରୁ ମୁକ୍ତି ପାଇଁ ଶ୍ରୀକ୍ଷେତ୍ର ପୁରୀ ଅଭିମୁଖେ ଯାତ୍ରା କରିଥିଲେ।



- ବ୍ରଜରାଜନଗର ପୌର ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

# ଫଳାଫଳ ପ୍ରକାଶ ଉପରେ ହାଇକୋର୍ଟଙ୍କ ରୋକ୍

**କଟକ,୧୩।୧(ସମିସ):** ବ୍ରଜରାଜନଗର ପୌର ପରିଷଦ ଅଧ୍ୟକ୍ଷା ଯାଜ୍ଞସେନୀ ଓରାମଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ଭୋଟର୍ ଫଳାଫଳ ପ୍ରକାଶ ଉପରେ ହାଇକୋର୍ଟ ରୋକ୍ ଲଗାଇଛନ୍ତି। ପୂର୍ବ ନିର୍ଦ୍ଧାରିତ ତାରିଖରେ ଅନାସ୍ଥା ପ୍ରସ୍ତାବ ବୈଠକ ବସିବ, ଭୋଟ ଗ୍ରହଣ ହେବ। କିନ୍ତୁ ଅଦାଲତଙ୍କ ବିନା ଅନୁମତିରେ ଫଳ ପ୍ରକାଶ ପାଇବ ନାହିଁ ବୋଲି ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମାମଲାରେ ଜବାବ ରଖିବାକୁ ରାଜ୍ୟ ସରକାର, ଝାରସୁଗୁଡ଼ା ଜିଲ୍ଲାପାଳ, ପୌର ପରିଷଦ ନିର୍ବାହୀ ଅଧିକାରୀ ଓ କାଉନସିଲରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଆର.କେ. ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ପୌରାଧ୍ୟକ୍ଷା ଯାଜ୍ଞସେନୀ ଓରାମଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

# ନୂଆଗାଁରେ ଝାଡ଼ାବାନ୍ତି; ୨ ମୃତ

**କଣାସ, ୧୩।୧ (ସମିସ):** କଣାସ ବ୍ଲକର ବିଭିନ୍ନ ଗ୍ରାମରେ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଗଡ଼ିଶାଗୋଡା ପଞ୍ଚାୟତ ନୂଆଗାଁ ଗ୍ରାମରେ ଗତ ୧୦ଦିନ ହେଲା ଝାଡ଼ାବାନ୍ତି ଲାଗି ରହି ସାରଥ ପ୍ରଧାନ (୭୫) ଏବଂ ସଚଳା ସାହୁ (୬୦)ଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ଅଛନ୍ତି। ସୂଚନା ଅନୁଯାୟୀ, ଦୀର୍ଘ ୧୦ଦିନ ହେଲା ଝାଡ଼ାବାନ୍ତି ଲାଗି ରହି କରୁଣାକର ସାହୁ, ରୋହିତ ସାହୁ, ସମୀର ସାହୁ, ଶାନ୍ତିଲତା ଦଳାଇ, ଭୁବନୀ ପାଇକରାୟ, ଅନ୍ୟାନ୍ୟ ଛୋଟରାୟ, ଲିପିକା ଶ୍ରୀଚନ୍ଦନ, ମେରୁ ଶ୍ରୀଚନ୍ଦନ, ଆଶୀଷ ସାହୁ, ଅମନ ରାଉତରାୟ, ରାତା ବେଓ୍ୱା, ସର ଶ୍ରୀଚନ୍ଦନ, ମମି ସାହୁ, ଦିଗଇ ବେଓ୍ୱା, ଲକ୍ଷ୍ମୀଧର ରାଉତରାୟ, ପ୍ରହଲ୍ଲାଦ ଦଳାଇ, ସାରଥ ପ୍ରଧାନ, ସଚଳା ସାହୁ, ତରୁ ରାଉତରାୟ ପ୍ରମୁଖ ୨୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ହୋଇ ଘରକୁ ଫେରିଛନ୍ତି। ମୃତ ସଚଳା ଗତକାଲି କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଯାଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସୋମବାର ତାଙ୍କର ମୃତ୍ୟୁ ହୋଇଛି। ସେହିପରି ସାରଥ ଆକ୍ରାନ୍ତ ହୋଇଥିଲେ। ୬ ଦିନ ତଳେ ଭୁବନେଶ୍ୱରରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

ସେହିପରି ଗଡ଼ିଶାଗୋଡାର ଜଟଧାରୀ ପଲାଇ, ନିରୁ ରଣଜିତଙ୍କ ସମେତ ସାତ ଜଣ ଓ ଗୋପୀନାଥପୁର ପଞ୍ଚାୟତର ଜାଗୁଲାଇପଦର, ଯାମଳଗୋଦା ପଞ୍ଚାୟତର ଯାମଳଗୋଦା ଗ୍ରାମର କେତେକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଡାକ୍ତର ସମ୍ବିତ କୁମାର ଜେନା କହିଛନ୍ତି, ସୋମବାର ଡାକ୍ତରୀ ଟିମ୍ ଜାଗୁଲାଇପଦର ଓ ନୂଆଗାଁରେ ପହଞ୍ଚି ଲୋକଙ୍କୁ ସଚେତନ କରାଇବା ସହ ଓଆରଏସ୍, ହେଲୋଜିନି ବଟିକା ଘରେ ଘରେ ଦେଇଛନ୍ତି। ଡାକ୍ତରୀ ଟିମ୍ ପାନୀୟ ଜଳର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛନ୍ତି।

**ଆର୍ଥିକ ବର୍ଷ ସରିବାକୁ ଆଉ ଅଢ଼େଇ ମାସ ବାକି**

# ଖର୍ଚ୍ଚ ହୋଇପାରୁନି ବଜେଟ ଆବଣ୍ଟିତ ଅର୍ଥ

**ଭୁବନେଶ୍ୱର,୧୩।୧(ସମିସ):** ୨୦୨୪-୨୫ ଆର୍ଥିକ ବର୍ଷ ଶେଷ ହେବାକୁ ବସିଲାଣି। ମାତ୍ର ରାଜ୍ୟ ସରକାର ଏଯାବତ୍ ବିଭିନ୍ନ ବିଭାଗରେ ବଜେଟ ଆବଣ୍ଟିତ ଅର୍ଥର ୩୫ରୁ ୪୦ ପ୍ରତିଶତ ଅର୍ଥ ଖର୍ଚ୍ଚ କରିବାକୁ ସକ୍ଷମ ହୋଇଛନ୍ତି। ତ୍ରୁଟିପୂର୍ଣ୍ଣ ଆର୍ଥିକ ପରିଚାଳନା ଏବଂ ପ୍ରଶାସନିକ ସ୍ଥାଣୁତା କାରଣରୁ ଏପରି ସ୍ଥିତି ଉପୁଜିଥିବା ବେଳେ ଆର୍ଥିକ ବର୍ଷ ଶେଷ ସୁଦ୍ଧା ବଜେଟ ଅର୍ଥ ଖର୍ଚ୍ଚ ଖର୍ଚ୍ଚ ନେଇ ଅନିଶ୍ଚିତତା ଦେଖା ଦେଇଛି। ଯାହାକୁ ନେଇ ବିରୋଧୀ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଛନ୍ତି।

- ତୃଣମୂଳସ୍ତରରେ ଅଟକି ରହିଛି ବିକାଶ କାମ
- ଖର୍ଚ୍ଚ ହୋଇଛି ମାତ୍ର ୩୫ରୁ ୪୦ ପ୍ରତିଶତ ଅର୍ଥ
- ସମାଲୋଚନା କଲେ ବିଜେଡି ଓ କଂଗ୍ରେସ

ରାଜ୍ୟରେ ବିଜେପି ସରକାର ଆସିବା ପରେ ୨.୬୫ ଲକ୍ଷ କୋଟିର ପୂର୍ଣ୍ଣାଙ୍ଗ ବଜେଟ ଆଣିଥିଲେ। ଏହାପରେ ୧୨୧୫୫ କୋଟି ଟଙ୍କାର ଅତିରିକ୍ତ ବଜେଟକୁ ମଧ୍ୟ ବିଧାନସଭାର ଅନୁମୋଦନ ମିଳିଥିଲା। ନିର୍ବାଚନ ପୂର୍ବରୁ ବିଜେପି ଦୁଇଟି ପଦ୍ମ, ଦୁଇଗୁଣା ବିକାଶର ନାରା ଦେଇଥିବା ବେଳେ ସରକାର ଗଠନ କରିବା ପରେ ବିକାଶର ଆରମ୍ଭ ହୋଇଛି ପଛୁଆ ଗତି। ଗତ ୭ମାସରେ ସେପରି କିଛି ଆଖିଦୃଶିଆ ଯୋଜନା କାର୍ଯ୍ୟକାରୀ ହୋଇନ ଥିବା ବେଳେ ତୃଣମୂଳସ୍ତରରେ ରାଜ୍ୟ ସରକାର ବିକାଶମୂଳକ କାମକୁ ବନ୍ଦ କରି ଦେଇଛନ୍ତି। ଯାହାର ସିଧାସଳଖ ପ୍ରଭାବ ବଜେଟ ବ୍ୟୟ ଉପରେ ପଡ଼ିଛି। ବର୍ତ୍ତମାନ ସୁଦ୍ଧା ମୋଟ ବଜେଟ ଅର୍ଥର ୩୫ରୁ ୪୦ ପ୍ରତିଶତ ବଜେଟ ଖର୍ଚ୍ଚ ହୋଇଥିବା ଆକଳନ କରାଯାଇଛି। ମାର୍ଚ୍ଚ ମାସରେ ଆର୍ଥିକ ବର୍ଷ ଶେଷ ହେବାକୁ ଯାଉଥିବା ବେଳେ ଏହାପୂର୍ବରୁ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଆସିବ। ଅତଏବ ଏହି ସଂକ୍ଷିପ୍ତ ଅବଧି ମଧ୍ୟରେ ରାଜ୍ୟ ବଜେଟ ଖର୍ଚ୍ଚରେ ଯଦି ସେପରି ଆଖିଦୃଶିଆ ଅଗ୍ରଗତି ନହୁଏ, ତାହେଲେ ବଜେଟର ଏକ ପ୍ରମୁଖ ଅଂଶ ପୁନଶ୍ଚ ସରାରଙ୍କ ପାଖକୁ ଫେରିଯିବାର ସମ୍ଭାବନା ରହିଛି। ଯାହା ରାଜ୍ୟ ପାଇଁ ଆଦୌ ଶୁଭ ଲକ୍ଷଣ ନୁହେଁ ବୋଲି ଅର୍ଥନୈତିକ ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

ବିରୋଧୀ ବିଜେଡି ଓ କଂଗ୍ରେସ ଏହାକୁ ନେଇ ରାଜ୍ୟ ସରକାରଙ୍କୁ ଘେରିଛନ୍ତି। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି ଯେ ରାଜ୍ୟ ସରକାର ବଜେଟ ଆକାର ବଢ଼ାଇଛନ୍ତି, ମାତ୍ର ବିଭିନ୍ନ ବିଭାଗ ପାଇଁ ଆବଣ୍ଟିତ ଅର୍ଥ ଖର୍ଚ୍ଚ ହୋଇପାରି ନାହିଁ। ଆଉ ମାସେ ପରେ ବଜେଟ ଅଧିବେଶନ ଆରମ୍ଭ ହେବ। ଯଦି ଟଙ୍କା ଖର୍ଚ୍ଚ ନ ହେବ, ତାହା ଫେରିଯିବାର ସମ୍ଭାବନା ରହିଛି। ଫଳସ୍ୱରୂପ ରାଜ୍ୟ ସରକାର ଯାହା ପ୍ରତିଶ୍ରୁତି ଦେଇଛନ୍ତି ତାହା ପୂରଣ ହୋଇପାରିବ ନାହିଁ। ଲୋକଙ୍କ ପାଇଁ ଅନେକ ଯୋଜନା ଏବଂ ବିକାଶର ଆବଶ୍ୟକତା ରହିଛି। ତେଣୁ ରାଜ୍ୟ ସରକାର ଏନେଇ ଧ୍ୟାନ ଦେବାର ଆବଶ୍ୟକତା ରହିଛି ବୋଲି ଶ୍ରୀ କାଡାମ କହିଛନ୍ତି।


ବିଜେଡିର ବରିଷ୍ଠ ବିଧାୟକ ଡ. ଅରୁଣ କୁମାର ସାହୁ କହିଛନ୍ତି ଯେ ବଜେଟ ପାରିତ ହେବା ପରେ ତାହାକୁ ବିଭିନ୍ନ ବିଭାଗ ଖର୍ଚ୍ଚ କରିବା ଆବଶ୍ୟକ। ମାତ୍ର ତାହା ହେଉନାହିଁ। ବର୍ତ୍ତମାନ ପଞ୍ଚାୟତଠାରୁ ସହର ଯାଏଁ କାମ ସମ୍ପୂର୍ଣ୍ଣ ଠପ୍ ହୋଇପଡ଼ିଛି। କାମ ହେଲେ ସିନା ଅର୍ଥ ଖର୍ଚ୍ଚ ହେବ, ନ ହେଲେ ଟଙ୍କା ସେମିତି ଖର୍ଚ୍ଚ ନହୋଇ ପଡ଼ିରହିବ। ତେଣୁ ରାଜ୍ୟ ସରକାରଙ୍କୁ ଖର୍ଚ୍ଚ କରିବାର କଳା କୌଶଳ ଶିଖିବା ଦରକାର। ପ୍ରତିଦିନ ମନ୍ତ୍ରୀମାନେ ମେଳା, ମହୋତ୍ସବ, ଖେଳକୁଦରେ ମାତିଛନ୍ତି। ଏମାନେ କେତେବେଳେ ବିଭାଗରେ ବସୁଛନ୍ତି ଏବଂ ବିଭାଗ ସମ୍ପର୍କରେ ଜାଣୁଛନ୍ତି କି ନାହିଁ, ସେନେଇ କାହା ପାଖରେ ଖବର ନାହିଁ। ବିଭାଗୀୟ ଅଧିକାରୀ ଏବଂ ମନ୍ତ୍ରୀଙ୍କ ମଧ୍ୟରେ ସମନ୍ୱୟ କିମ୍ବା ଇଚ୍ଛାଶକ୍ତି ନାହିଁ। ସବୁଆଡ଼େ କାମ ଠପ୍ ହୋଇ ପଡ଼ିଥିବା ବେଳେ ଏଥିଯୋଗୁଁ ଲୋକଙ୍କ ମଧ୍ୟରେ କ୍ରୋଧ ସୃଷ୍ଟି ହେଲାଣି। ପୂର୍ବରୁ ଓଡ଼ିଶା ଯେପରି ଦ୍ରୁତ ଗତିରେ ବିକାଶ କରୁଥିଲା ବେଳେ ଏବେ ପଛକୁ ଚାଲୁଛି ବୋଲି ଡ. ସାହୁ କହିଛନ୍ତି।




୧୩/୧/୨୦୨୫ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୮,୧୩,୪୫୦/- ସୁନା: ୦୦.୩୫୦ ଗ୍ରାମ୍ ରୁପା: ୨୨୯.୭୫୦ ଗ୍ରାମ୍







# ଦଧିନଉତିରେ ଦିଆଗଲା ଚୂନ ଲେପ

ପୁରୀ,୧୩।୧(ସମିସ)

ନବାଙ୍କ ଅବସରରେ ସୋମବାର ଶ୍ରୀମନ୍ଦିର ଦଧିନଉତି ଏବଂ କଳସରେ ଚୂନ ଲେପ ଦିଆଯାଇଛି। ଚୂନରା ସେବକମାନେ ଏହି ଲେପ ଦେଇଛନ୍ତି। ପରମ୍ପରା ଅନୁଯାୟୀ, ମକର ସଂକ୍ରାନ୍ତି ଅବସରରେ ଅର୍ଥାତ୍ ମଙ୍ଗଳବାର କଳସରେ ଗେରୁ ଲେପ ଦିଆଯିବ। ଦଧିନଉତିରେ ଗେରୁରେ ରାମାନନ୍ଦୀ ଚିତା କଟାଯିବ। ପ୍ରତିବର୍ଷ ନବାଙ୍କ ଏବଂ ମକର ସଂକ୍ରାନ୍ତି ଅବସରରେ ଏହି ପରମ୍ପରା ଚାଲିଆସୁଛି। ମହାଲକ୍ଷ୍ମୀ ବାପଘରୁ ଭାରରେ ଗେରୁ ଆଣିଥାନ୍ତି। ସେଥିରେ ଲେପ ଦିଆଯାଇଥାଏ।

# ଶ୍ରୀମନ୍ଦିରରେ ପହଞ୍ଚିଲା ମକର ତାଡ଼

ପୁରୀ,୧୩।୧(ସମିସ)

ଏକମାସ ବାପଘରେ ବିତାଇ ଶ୍ରୀମନ୍ଦିରକୁ ଫେରିଛନ୍ତି ଲକ୍ଷ୍ମୀ ସାଆନ୍ତାଣୀ। ମଙ୍ଗଳବାର ମକର ତାଡ଼ରେ ହିଁ ମକର ଚାଉଳ ଭୋଗ କରାଯିବ। ସୋମବାର ଶ୍ରୀମନ୍ଦିରରେ ଦ୍ୱିପ୍ରହର ଧୂପ ବଢିଲା ପରେ କୁମ୍ଭାର ବିଶୋଇ ସେବକମାନେ ବାଘମୁହାଁ ବାନ୍ଧି ମା' ଆଲାମଚଣ୍ଡୀ ଠାକୁରାଣୀଙ୍କ ପୀଠରୁ ଘଣ୍ଟ,



କାହାଳୀ ସହିତ ୫ଟି ମକର ତାଡ଼ ଶ୍ରୀମନ୍ଦିରକୁ ବିଜେ କରାଇଛନ୍ତି। ମକର ତାଡ଼ ଶ୍ରୀମନ୍ଦିର ଭିତର ବେଢାରେ ଗୋଟିଏ ଥର ବୁଲାଇ ଅଚିନ୍ତା ପହଣ୍ଡି ରୋଷ ବେହେରଣଠାରେ ରଖାଯାଇଛି।

ସଂକ୍ରାନ୍ତି ଥିବା ବେଳେ ସୋମବାର ବଡ଼ଦେଉଳରେ ପହଞ୍ଚିଛି ମକର ତାଡ଼। ମହାପ୍ରଭୁଙ୍କ ପାଖରେ ପବିତ୍ର ମକର ସଂକ୍ରାନ୍ତିରେ ମକର ଚାଉଳ ଓ ମକର ଚଉରାଶି ଭୋଗ ଲାଗି ହେବ। ଏହି ମକର

# ମହର୍ଷି ମହେଶ ଯୋଗୀଙ୍କ ଜୟନ୍ତୀ

ପୁରୀ,୧୩।୧(ସମିସ): ଶ୍ରୀରାମ ସୁନ୍ଦରକାଣ୍ଡ ଚାରିଟେବୁଲ ଟ୍ରଷ୍ଟ ତରଫରୁ ଆଳିପଡାସ୍ଥିତ ଗୋବିନ୍ଦ ଗୋଧାମ ଗୋଶାଳା ପରିସରରେ ରବିବାର ମହର୍ଷି ମହେଶ ଯୋଗୀଙ୍କ ୧୦୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ମହର୍ଷିଙ୍କର ଶିଷ୍ୟ ଏବଂ ଟ୍ରଷ୍ଟର ପ୍ରତିଷ୍ଠାତା ତଥା ସମ୍ପାଦକ ପଣ୍ଡିତ ବିଷ୍ଣୁ ଚରଣ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋମ ଯଜ୍ଞ, ବେଦ ପାଠ ଓ ସୁନ୍ଦରକାଣ୍ଡ ପାଠ କରାଯିବା ସହିତ ଗୋସେବାରେ ନିୟୋଜିତ ଗୋସେବକମାନଙ୍କୁ ବସ୍ତ୍ର ପ୍ରଦାନ କରାଯାଇଥିଲା। ଏଥିରେ କର୍ତ୍ତାରୂପେ ପଣ୍ଡିତ ବିଷ୍ଣୁ ମହାରାଜଙ୍କ ସହିତ ସହଧର୍ମିଣୀ ଲକ୍ଷ୍ମିପ୍ରିୟା ପଣ୍ଡା ଉପସ୍ଥିତ ରହି ଗୁରୁପୂଜନ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଏଥିରେ ପଣ୍ଡିତ ବଳରାମ ମିଶ୍ର ପୁରୋହିତ କାର୍ଯ୍ୟ କରିଥିବା ବେଳେ ଗୋଶାଳାର କୃଷ୍ଣଚନ୍ଦ୍ର ମହାରାଜ ସହଯୋଗ କରିଥିଲେ। କେଉଟକୁଦି ପ୍ରଧାନ ସାହିର ଗ୍ରାମ୍ୟ କମିଟି ସଭାପତି ପ୍ରଭାତ ଖଟେଇଙ୍କ ସହ ଗୋଶାଳା ପରିଦର୍ଶନ କରି ବିଷ୍ଣୁ ମହାରାଜ କହିଥିଲେ, ମହର୍ଷି ମହେଶ ଯୋଗୀ ସନାତନ ହିନ୍ଦୁ ଧର୍ମର ପ୍ରଚାର, ଗୋମାତାଙ୍କ ସୁରକ୍ଷା, ବେଦର ପ୍ରଚାର ନିମନ୍ତେ ୧୩୫ଟି ଦେଶରେ ନିଜର ଶିକ୍ଷାନୁଷ୍ଠାନ ମାଧ୍ୟମରେ ଲକ୍ଷ ଲକ୍ଷ ଶିଷ୍ୟଙ୍କୁ ଜ୍ଞାନ ପ୍ରଦାନ କରିବାରେ ସକ୍ଷମ ହୋଇଥିଲେ। ମହର୍ଷିଙ୍କ ଆଶୀର୍ବାଦରୁ ନିଜେ କିପରି ଗୋସେବା କରିବାର ସୁଯୋଗ ପାଇ ଜୀବନର ସାର୍ଥକତା ଅନୁଭବ କରିପାରୁଛନ୍ତି ସେ ବିଷୟରେ କହିଥିଲେ ବିଷ୍ଣୁ ମହାରାଜ। ଏହି କାର୍ଯ୍ୟକ୍ରମକୁ ଟ୍ରଷ୍ଟର ମୁଖପାତ୍ର ତଥା ବରିଷ୍ଠ ସାମ୍ବାଦିକ ବିଷ୍ଣୁଦତ୍ତ ଦାସ ପରିଚାଳନା କରିଥିଲେ।

# ଶ୍ରୀଅଲାରନାଥଙ୍କ ପୁଷ୍ପାଭିଷେକ

● ରାଜାଧିରାଜ ବେଶରେ ଦର୍ଶନ ଦେଲେ

ପୁରୀ,୧୩।୧(ସମିସ): ପବିତ୍ର ପୌଷ ପୂର୍ଣ୍ଣମୀରେ ଶ୍ରୀ ଅଲାରନାଥଙ୍କ ପୁଷ୍ପାଭିଷେକ ନୀତି ସମ୍ପନ୍ନ ହୋଇଛି। ୧୦୮ କଳସ ଅଭିମନ୍ତ୍ରିତ ଜଳରେ ସ୍ନାନ କରି ରାଜାଧିରାଜ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ରବିବାର ରାତିରେ ବଡସିଂହାର ବେଶରେ ଠାକୁର ରହିଥିଲେ ଏବଂ ପହଡ ନୀତି ହୋଇ ନ ଥିଲା। ଭୋର ଚାରିଟାରେ ଦ୍ୱାର ଫିଟାଯିବା ପରେ ମଙ୍ଗଳ ଆଳତି, ଅବକାଶ ପ୍ରଭୃତି ନୀତି ବଢିଥିଲା। ଶ୍ରଦ୍ଧାଳୁ ଅର୍ଗଳୀ ପୂର୍ବରୁ ପ୍ରଭୁ ଅଲାରନାଥଙ୍କୁ ଦର୍ଶନ କରିଥିଲେ। ସକାଳ ଧୂପ ନୀତି ବଢିବା ପରେ ଶ୍ରୀଚୈତନ୍ୟଙ୍କ ଚକଡାରେ ମନ୍ଦିର ପୁରୋହିତଙ୍କ ଦ୍ୱାରା ହୋମ କରାଯାଇଥିଲା। ଏହାପରେ ରବିବାର ପଞ୍ଚତୀର୍ଥରୁ ସଂଗୃହିତ ଜଳକୁ ମନ୍ତ୍ରପୁତ କରାଯାଇଥିଲା। ସ୍ୱତନ୍ତ୍ର ଭାବରେ ଜଳଧୂପ ଉଠିବା ସହିତ ବାଲଧୂପ ନୀତି ବଢିବା ପରେ ମନ୍ଦିର ପୁରୋହିତ ସହସ୍ରାର୍ଶିଷ ମନ୍ତ୍ର ଉଚ୍ଚାରଣ କରିଥିଲେ। ବିଜେ କାହାଳୀ ବାଜି, ଜ୍ୟୋତିଷାଚାର୍ଯ୍ୟ ମଙ୍ଗଳଅଷ୍ଟକ ପଢିଥିଲେ। ପୂଜାପଣ୍ଡା ଓ ଅନ୍ୟ ସେବାୟତ ଶ୍ରୀଜୀଉଙ୍କୁ ୧୦୮ କଳସ ଅଭିମନ୍ତ୍ରିତ ଜଳରେ ସ୍ନାନ କରାଇଥିଲେ। ଏହି ନୀତି ପରେ ଠାକୁରଙ୍କର ରାଜାଧିରାଜ ବେଶ କରାଯାଇଥିଲା। ପରେ ଖିରି ଓ କାକରା ଭୋଗ ଉଠିଥିଲା। ଶ୍ରୀମହାଲକ୍ଷ୍ମୀ ଦୋଳିରେ ଗୁପ୍ତ ଭାବରେ ମନ୍ଦିରକୁ ବିଜେ କରିଥିଲେ। ଲକ୍ଷ୍ମୀନାରାୟଣ ଭେଟ ପରେ ବନ୍ଦାପନା ହୋଇଥିଲା। ଏହା ପରେ ସନ୍ଧ୍ୟା ଆଳତି, ମଇଲମ ନୀତି ବଢି ବେଶ ଓଲାଗି ହୋଇଥିଲା। ପୁଣି ଥରେ ଘୋଡଲାଗି ବେଶ ପରେ ଅନ୍ୟାନ୍ୟ ନୀତି କରାଯାଇଥିଲା। ଦିନତମାମ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା।

# ବଡ଼ ଓଡ଼ିଆ ମଠ ଦେଲା ଚଉସରା ମାଳ

ପୁରୀ, ୧୩।୧ (ସମିସ): ନବାଙ୍କରେ ଠାକୁରଙ୍କର ଫୁଲ ମେଲାଣ ହୁଏ। ମହାଲକ୍ଷ୍ମୀଙ୍କ ଘରୁ ଆସିଥିବା କୁସୁମ ତଥା ଗେଣ୍ଡୁ ଫୁଲ ଲାଗି ହୋଇଥାଏ। ମହାଲକ୍ଷ୍ମୀଙ୍କ ପକ୍ଷରୁ ପରମ୍ପରା ଅନୁଯାୟୀ, ଅତିବଡ଼ି ଜଗନ୍ନାଥ ଦାସଙ୍କ ସମୟରୁ ବଡ଼ ଓଡ଼ିଆ ମଠ ଫୁଲର ଚଉସରା ମାଳ ଯୋଗାଇ ଆସୁଛି। ମହନ୍ତ ଅଧିକାରୀ ବଂଶୀଧର ଦାସଗୋସ୍ୱାମୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୋମବାର ଗେଣ୍ଡୁ ଫୁଲ ଏବଂ ତୁଳସୀରେ ଚଉସରା ମାଳ ପ୍ରସ୍ତୁତ କରାଯାଇଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲାଗି ୧୬ ହାତ, ଶ୍ରୀବଳଭଦ୍ରଙ୍କ ଲାଗି ୧୪ ହାତ, ଦେବୀ ସୁଭଦ୍ରାଙ୍କ ଲାଗି ୧୨ ହାତ ଏବଂ ଶ୍ରୀସୁଦର୍ଶନଙ୍କ ପାଇଁ ୮ ହାତ ଲମ୍ବର ଚଉସରା ମାଳ ପ୍ରସ୍ତୁତ କରାଯାଇଥିଲା। ଏହାବ୍ୟତୀତ ମାଧବ, ଲକ୍ଷ୍ମୀ, ସରସ୍ୱତୀ,



ଭଣ୍ଡାର ଲୋକନାଥ, ମଦନମୋହନ, ବିମଳା, ମହାଲକ୍ଷ୍ମୀଙ୍କ ପାଇଁ ମାଳ ପ୍ରସ୍ତୁତ ହୋଇଥିଲା। ସନ୍ଧ୍ୟାରେ ମଠରୁ ଏହି ୪ଟି ଚଉସରା ମାଳ ସମେତ ଆହୁରି ଅନେକଗୁଡିଏ ସାଦାମାଳକୁ ଚାଙ୍ଗୁଡ଼ିରେ ରଖାଯାଇ ପଟୁଆରରେ ଶ୍ରୀମନ୍ଦିରକୁ ନିଆଯାଇଥିଲା। ବଡ଼ସିଂହାର ବେଶରେ ଠାକୁରଙ୍କୁ ଏହି ଚଉସରା ମାଳ ଲାଗି କରାଯିବାର ପରମ୍ପରା ରହିଛି।

# ୧୫୫ ୟୁନିଟ୍ ରକ୍ତ ସଂଗ୍ରହ

ପୁରୀ,୧୩।୧(ସମିସ)

ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଅବସରରେ ଶ୍ରୀଜଗନ୍ନାଥ ଅନୁରାଗୀ ଟ୍ରଷ୍ଟ ଓ ହାପିନେସ୍ ଫାଉଣ୍ଡେଶନ ମିଳିତ ଆନୁକୂଲ୍ୟରେ ଚନ୍ଦନପୁରସ୍ଥିତ ବି. ଆର୍. ଗାର୍ଡେନ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ମୁଖ୍ୟଅତିଥି ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ସମ୍ମାନିତ ଅତିଥି ସଦର ଏସ୍‌ଡିପିଓ ରବିନାରାୟଣ ଭଞ୍ଜ ଏବଂ ଚନ୍ଦନପୁର ଥାନା ଆଇଆଇସି ଭୁବନମୋହନ ସାମନ୍ତରା, ପୁରୀ ସାଂସଦଙ୍କ ସଦର ପ୍ରତିନିଧି ମାଳତୀପାଟପୁର ସରପଞ୍ଚ ତଥା ମହେନ୍ଦ୍ର ମହାପାତ୍ର, ବୀରପ୍ରତାପପୁର ସରପଞ୍ଚ ମମତାଞ୍ଜଳୀ ମହାନ୍ତି, ବୀରହରେକୃଷ୍ଣପୁର ପଞ୍ଚାୟତ ସମିତି ସଭ୍ୟ ଅଜୟ ପ୍ରଧାନ ପ୍ରମୁଖ ଶୁଭାରମ୍ଭ କରିଥିଲେ। ଏଥିରେ ମୋଟ ୧୫୫ ଜଣ ସ୍ୱେଚ୍ଛାସେବୀ ରକ୍ତଦାନ କରିଥିଲେ। ଶ୍ରୀଜଗନ୍ନାଥ ଅନୁରାଗୀ ଟ୍ରଷ୍ଟର ପ୍ରତିଷ୍ଠାତା ତଥା ସଭାପତି ବିପ୍ଳବ କୁମାର ଦାସଙ୍କ ନେତୃତ୍ୱରେ ଉପ ସଭାପତି ସତ୍ୟନାରାୟଣ ରାଉତରାୟ, ସମ୍ପାଦକ କଳ୍ପତରୁ ବେହେରା, କୋଷାଧ୍ୟକ୍ଷ ସନାତନ ଦାସ ଏବଂ ହାପିନେସ୍ ଫାଉଣ୍ଡେଶନର ପ୍ରତିଷ୍ଠାତା ତଥା ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ ଓ କାର୍ଯ୍ୟକାରୀ ସମ୍ପାଦକ ସୌମ୍ୟରଞ୍ଜନ ସାହୁ, ସହ ସମ୍ପାଦକ ପ୍ରଶାନ୍ତ ମହାପାତ୍ର, ମାନସ ବେହେରା, ଟି. ମନୋଜ କୁମାର ପ୍ରଧାନ, ମାମିନା ପ୍ରଧାନ, ବିଷ୍ଣୁପ୍ରିୟା ସାହୁ, ରୋଜାଲିନ ସାହୁ, ସୁଜାତା ସାହୁ, ଦେବାଶିଷ ମହାରଣା, ରାଜେଶ ପ୍ରଧାନ, ବିଶ୍ୱଜିତ୍ ନାୟକ ପ୍ରମୁଖ ରକ୍ତଦାନ ଶିବିରକୁ ପରିଚାଳନା କରିଥିଲେ।

ଜରୁରୀକାଳୀନ ପରିସ୍ଥିତିରେ ବନ୍ଦୀ ସଂଗ୍ରାମୀଙ୍କୁ ପେନ୍‌ସନ୍

# ୪ ସପ୍ତାହ ମଧ୍ୟରେ ଆବେଦନ

ପୁରୀ,୧୩।୧(ସମିସ): ଓଡିଶା ସରକାରଙ୍କ ପକ୍ଷରୁ ଦେଶର ଜରୁରୀକାଳୀନ ପରିସ୍ଥିତିରେ ମିସା, ଡିଆଇଏସ୍ଆଇଆର ଏବଂ ଡିଆଇଆର୍ ଆଇନରେ ବିଭିନ୍ନ ଜେଲରେ ବନ୍ଦୀଥିବା ସଂଗ୍ରାମୀଙ୍କୁ ମାସକୁ ୨୦ ହଜାର ଟଙ୍କାର ପେନ୍‌ସନ ମିଳିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବରୁ ଏ ବିଷୟରେ ଘୋଷଣା କରିଥିବା ବେଳେ ସୋମବାର ଗୃହ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ପେନସନ ସହିତ ସମସ୍ତ ସଂଗ୍ରାମୀ ମାନଙ୍କ ମେଡିକାଲ ଖର୍ଚ୍ଚ ମଧ୍ୟ ରାଜ୍ୟ ସରକାର ବହନ କରିବେ। ୧ ଜାନୁଆରୀ ୨୦୨୫ ସୁଦ୍ଧା ଜୀବିତ ଥିବା ସବୁ ସଂଗ୍ରାମୀ ଏହି ପେନ୍‌ସନ ଓ ଚିକିତ୍ସା ସୁବିଧା ପାଇବେ। ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଏ ସମ୍ପର୍କରେ ଏକ ବୈଠକ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱଙ୍କ କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ. ଶରତ ଚନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରି ପୁରୀ ଜିଲ୍ଲା ପାଇଁ ଆବେଦନକାରୀ ଯେଉଁମାନେ ଉପରୋକ୍ତ ଆଇନ ବଳରେ ଗିରଫ ହୋଇ ବନ୍ଦୀ ହୋଇଥିଲେ ସେମାନେ ଜିଲ୍ଲା ୱେବ୍‌ସାଇଟରୁ ତଥ୍ୟ ପାଇପାରିବେ ଓ ଜିଲ୍ଲାପାଳଙ୍କୁ ଆବେଦନ କରିପାରିବେ ବୋଲି ସୂଚନା ଦେଇଥିଲେ। ନିଜର ପୂର୍ଣ୍ଣ ଠିକଣା ସହ ଆଧାର ଓ ମୋବାଇଲ ନମ୍ବର, ୩ ଜଣ ସହ ବନ୍ଦୀଙ୍କ ନାମ ଓ ଠିକଣା, ସେ କୌଣସି ଅପରାଧିକ କାର୍ଯ୍ୟ କଳାପରେ ଜଡିତ ନ ଥିବା ଆଫିଡେଭିଟ, ନିଜର ବର୍ତ୍ତମାନର ପାସ୍‌ପୋର୍ଟ ସାଇଜ ଫଟୋ, ନିଜ ବ୍ୟାଙ୍କ ପାଶବୁକର ସମ୍ପୂର୍ଣ୍ଣ ତଥ୍ୟ, କେଉଁ ଟ୍ରଜେରୀରୁ ଅର୍ଥ ନେବା ପାଇଁ ଚାହିଁବେ ତାହାର ନାମ ଉଲ୍ଲେଖ କରିବା ସହ ସମ୍ପୃକ୍ତ କାଗଜାଦି ପତ୍ର ସଂଲଗ୍ନ କରି ୪ସପ୍ତାହ ମଧ୍ୟରେ ଜିଲ୍ଲାପାଳଙ୍କୁ ଆବେଦନ କରିବାକୁ ଡ. ମହାପାତ୍ର ସୂଚନା ଦେଇଥିଲେ।

## ଅଭିମାନର 'କବିତା ଅପରାହ୍ନ'

ପୁରୀ,୧୩।୧(ସମିସ): ପ୍ରକାଶନୀ ସଂସ୍ଥା ଅଭିମାନ ତରଫରୁ ଶ୍ରୀକ୍ଷେତ୍ର ପୁସ୍ତକମେଳା ପରିସରରେ 'କବିତା ଅପରାହ୍ନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅଭିମାନ ଷ୍ଟଲରେ ଏକ ମନୋଜ୍ଞ କବିତା ପାଠୋତ୍ସବ କବୀ ଭବାନୀ ଭୂୟାଁଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା। କବି ଅଜୟ ପ୍ରଧାନ, ଶ୍ୟାମ ପ୍ରକାଶ ସେନାପତି, ସୁରେନ୍ଦ୍ର କୁମାର ଜେନା, ଭାରତୀ ଭୂଷଣ ଦାସ, ସନ୍ନ୍ୟାସୀ ନାୟକ, ପବିତ୍ର ମୋହନ ଦାଶ, କାମଦେବ ମହାରଣା, ଶର୍ମିଷ୍ଠା ଜେନା, ସ୍ମୃତିକଳା ମହାନ୍ତି ପ୍ରମୁଖ ଦୁଇଟି ଲେଖାଏ ସ୍ୱରଚିତ କବିତା ପାଠ କରିଥିଲେ। କବିତାଗୁଡିକୁ ନେଇ ଉପସ୍ଥିତ ସମସ୍ତଙ୍କ ମଧ୍ୟରେ ଗୋଷ୍ଠୀଗତ ଆଲୋଚନା କରାଯାଇଥିଲା। ସମଗ୍ର କାର୍ଯ୍ୟକ୍ରମଟି ସଞ୍ଚାଳନ କରିଥିଲେ ଅଭିମାନର ନିର୍ଦ୍ଦେଶିକା ମାନମୟୀ ରଥ।

■ ଗ୍ରାମ ନ୍ୟାୟାଳୟ ଉଦ୍‌ଘାଟିତ

# ମାମଲାର ତ୍ୱରିତ୍ ଫଇସଲା ସହ ମିଳିବ ନ୍ୟାୟ



ପୁରୀ,୧୩।୧(ସମିସ): ପୁରୀ ତାଳବଣିଆରେ ଗ୍ରାମ ନ୍ୟାୟାଳୟ ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତ ଓଡିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହଙ୍କ ଦ୍ୱାରା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏଠାରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ କାର୍ଯ୍ୟ କରିବେ। ହାତ ପାହାନ୍ତାରେ ନ୍ୟାୟ ବ୍ୟବସ୍ଥା ନେଇ ଏହି ଗ୍ରାମ ନ୍ୟାୟାଳୟ କାର୍ଯ୍ୟ କରିବ। ଦୀର୍ଘବର୍ଷ ଧରି ଅନେକ ମାମଲା ବିଚାରାଧୀନ ରହୁଛି। ଏହି ଗ୍ରାମ ନ୍ୟାୟାଳୟ ଦ୍ୱାରା ସଦର ଅଞ୍ଚଳରେ ପଡି ରହୁଥିବା ମାମଲାଗୁଡିକର ତ୍ୱରିତ ଫଇସଲା ହୋଇ ନ୍ୟାୟ ପ୍ରଦାନ କରାଯାଇପାରିବ। ଏହି ଉଦ୍‌ଘାଟନ ଉତ୍ସବରେ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଏସ୍.କେ.ସାହୁ, ଜଷ୍ଟିସ୍ କେ.ଆର୍.ମହାପାତ୍ର, ଜିଲ୍ଲା ଦୌରାଜଜ୍, ପୁରୀ ବାର୍ ଆସୋସିଏଶନ ସଭାପତି ଏବଂ ପୁରୀ କୋର୍ଟର ସମସ୍ତ ବିଚାରପତି ଓ ଆଇନଜୀବୀ ଉପସ୍ଥିତ ଥିଲେ। ସୂଚନାଥାଉ କି, ୨୦୨୩ ଫେବୃୟାରୀ ୫ ତାରିଖରେ ତତ୍କାଳୀନ ଭାରତର ପ୍ରଧାନ ବିଚାରପତି ଡ. ଜଷ୍ଟିସ୍ ଡି.ୱାଇ ଚନ୍ଦ୍ରଚୁଡ଼ଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଗ୍ରାମ ନ୍ୟାୟାଳୟ ଦ୍ୱାରା ସହଜରେ ଗ୍ରାମୀଣ ମାମଲାଗୁଡ଼ିକର ବିଚାର ହୋଇପାରିବ। ଏହା ଉଭୟ ଆଇନଜୀବୀ ତଥା ମହକିଲଙ୍କ ପାଇଁ ଲାଭଦାୟକ ହେବ।


## ଚାଷୀ ଭାଇ-ଭଉଣୀମାନଙ୍କ ପାଇଁ ସୂଚନା

ବିଶ୍ୱ ପ୍ରସିଦ୍ଧ ବରଗଡ ଧନୁଯାତ୍ରା ଅବସରରେ ସମସ୍ତ ଚାଷୀ ଭାଇ-ଭଉଣୀମାନଙ୍କୁ ଅନୁରୋଧ କରାଯାଉଅଛି ଯେ ସେମାନଙ୍କର କଷ୍ଟୋପାର୍ଜିତ FAQ ମାନର ଧାନକୁ ନିୟନ୍ତ୍ରିତ ବଜାର କମିଟି ବରଗଡ ଅଧିନସ୍ଥ ଓ ପରିଚାଳିତ ସ୍ଥାୟୀ ବଜାର ପ୍ରାଙ୍ଗଣ ଓ ଧାନକ୍ରୟ କେନ୍ଦ୍ର ମାଧ୍ୟମରେ ବିକ୍ରୟ କରି ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ଦର (MSP) କ୍ୱିଣ୍ଟାଲ ପ୍ରତି ଟ. ୨୩୦୦/-ଙ୍କା ସହ ଇନ୍‌ପୁଟ୍ ସବସିଡି ବାବଦକୁ ଟ. ୮୦୦/- ମୋଟ ଟ.୩୧୦୦/-ଙ୍କା ପାଇ ଲାଭବାନ୍ ହୁଅନ୍ତୁ। ବଜାର ପ୍ରାଙ୍ଗଣ ଓ ଧାନକ୍ରୟ କେନ୍ଦ୍ରରେ ଉପଲବ୍ଧ ଆନୁଷଙ୍ଗିକ ସୁବିଧାର ସଦ୍ ବିନିଯୋଗ କରିବା ପାଇଁ ଅନୁରୋଧ ।

ଗୋବିନ୍ଦ ନାଗ
ସଂପାଦକ,
ନିୟନ୍ତ୍ରିତ ବଜାର କମିଟି,
ବରଗଡ

ସୌଜନ୍ୟ: ନିୟନ୍ତ୍ରିତ ବଜାର କମିଟି, ବରଗଡ
ମଧୁଛନ୍ଦା ସାହୁ, ଓ.ପ୍ର.ସେ
ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ବରଗଡ



## ଚାଷୀ ଭାଇ-ଭଉଣୀମାନଙ୍କ ପାଇଁ ସୂଚନା

ବିଶ୍ୱ ପ୍ରସିଦ୍ଧ ବରଗଡ ଧନୁଯାତ୍ରା ଅବସରରେ ସମସ୍ତ ଚାଷୀ ଭାଇ-ଭଉଣୀମାନଙ୍କୁ ଅନୁରୋଧ କରାଯାଉଅଛି ଯେ ସେମାନଙ୍କର କଷ୍ଟୋପାର୍ଜିତ FAQ ମାନର ଧାନକୁ ନିୟନ୍ତ୍ରିତ ବଜାର କମିଟି ଅତାବିରା ଅଧିନସ୍ଥ ଓ ପରିଚାଳିତ ସ୍ଥାୟୀ ବଜାର ପ୍ରାଙ୍ଗଣ ଓ ଧାନକ୍ରୟ କେନ୍ଦ୍ର ମାଧ୍ୟମରେ ବିକ୍ରୟ କରି ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ଦର (MSP) କ୍ୱିଣ୍ଟାଲ ପ୍ରତି ଟ. ୨୩୦୦/-ଙ୍କା ସହ ଇନ୍‌ପୁଟ୍ ସବସିଡି ବାବଦକୁ ଟ. ୮୦୦/- ମୋଟ ଟ.୩୧୦୦/-ଙ୍କା ପାଇ ଲାଭବାନ୍ ହୁଅନ୍ତୁ।

ବଜାର ପ୍ରାଙ୍ଗଣ ଓ ଧାନକ୍ରୟ କେନ୍ଦ୍ରରେ ଉପଲବ୍ଧ ଆନୁଷଙ୍ଗିକ ସୁବିଧାର ସଦ୍ ବିନିଯୋଗ କରିବା ପାଇଁ ଅନୁରୋଧ ।

ଶଶାଙ୍କ ଶେଖର ସାହାଣୀ
ସଂପାଦକ,
ନିୟନ୍ତ୍ରିତ ବଜାର କମିଟି,
ଅତାବିରା

ପ୍ରସନ୍ନ ପାଣ୍ଡେ
ଅଧ୍ୟକ୍ଷ,
ନିୟନ୍ତ୍ରିତ ବଜାର କମିଟି, ଅତାବିରା

ସୌଜନ୍ୟ: ନିୟନ୍ତ୍ରିତ ବଜାର କମିଟି, ବରଗଡ


ଜନମଞ୍ଚରେ ବକ୍ତାଙ୍କ ମତ

# ଡିଜିଟାଲର ସକାରାତ୍ମକ ବ୍ୟବହାର ହେବା ଉଚିତ୍

ପୁରୀ,୧୩।୧(ସମିସ)

ଡିଜିଟାଲ ଦୁନିଆକୁ ବାଦ୍ ଦେଇ ଏବେ ଜୀବନ ଆଉ ସମ୍ଭବ ନୁହେଁ। ବିକଶିତ ଭାରତ ଓ ବିକଶିତ ସମାଜ ପାଇଁ ଡିଜିଟାଲ ୱାର୍ଲ୍ଡ ଏକ ସର୍ବଶ୍ରେଷ୍ଠ ଆବଶ୍ୟକତା। ହେଲେ ଯଦି ଏହାର ନକରାତ୍ମକ ବ୍ୟବହାର ହୁଏ ଓ ଆବଶ୍ୟକତାଠୁ ଅଧିକ ବ୍ୟବହାର ହୁଏ ତେବେ ଆଗାମୀ ଦିନରେ ଯୁବଗୋଷ୍ଠୀ ବିଶେଷକରି କୋମଳମତି ଶିଶୁ ମାନସିକ ଅସ୍ଥିରତା, ଭୟାବହ ବ୍ୟର୍ଥତା ଓ ଅନେକ ରୋଗର ସମ୍ମୁଖୀନ ହେବା ଅସମ୍ଭବ ନୁହେଁ ବୋଲି "ୟୁଥ୍ ଆଣ୍ଡ ଡିଜିଟାଲ ୱାର୍ଲ୍ଡ' ଜନମଞ୍ଚରେ ଯୋଗ ଦେଇଥିବା ବିଶିଷ୍ଟ ବକ୍ତାମାନେ ମତ ଦେଇଛନ୍ତି। ନେହରୁ ଯୁବ କେନ୍ଦ୍ର ପୁରୀ, ମିଶନ ଓଡ଼ିଶା ଓ ୟୁଥ୍ ଫର୍ ୱାଟରର ମିଳିତ ସହଯୋଗରେ ରବିବାର ଶ୍ରୀକ୍ଷେତ୍ର ପୁସ୍ତକ ମେଳା ମଞ୍ଚରେ ଅନୁଷ୍ଠିତ



ଜନମଞ୍ଚରେ ଓଡ଼ିଶାର ବିଶିଷ୍ଟ ମାଇଣ୍ଡସେଟ୍ କୋଚ୍ ପ୍ରିନ୍ସ ସରୋଜ କୁମାର, ପୁରୀର ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ, ଦିଲ୍ଲୀର ବରିଷ୍ଠ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସୁଧୀର ଦାଶ, ଭୁବନେଶ୍ୱରର ବିଶିଷ୍ଟ ଶିକ୍ଷାବିତ୍ ବିକାଶ ସ୍ୱାଇଁ, ବିଶିଷ୍ଟ ସାହିତ୍ୟିକ ମାନସ ରଞ୍ଜନ ମହାପାତ୍ର, ପୁସ୍ତକ ମେଳା ସମ୍ପାଦକ ଚକ୍ରଧର ମହାପାତ୍ର, ବିଶିଷ୍ଟ ସାମାଜିକ କର୍ମୀ ବିପିନ୍ ମହାନ୍ତି ଅତିଥି ଭାବେ ଯୋଗଦେଇ ଶୋଇବା ପୂର୍ବରୁ ମୋବାଇଲ ବ୍ୟବହାର ନ କରିବା, ଛୋଟ ଛୋଟ ଶିଶୁ ଓ ଛାତ୍ରଛାତ୍ରୀଙ୍କୁ ମୋବାଇଲରେ ଖେଳ ଓ କାର୍ଟୁନ୍ ଦେଖିବାଠୁ ଦୂରେଇବା, ଅରୁଚିକର, ଅଶ୍ଳୀଳ ତଥା ଅପରାଧମୂଳକ ଚିତ୍ର ଓ ଘଟଣା ଉପରେ ଯୁବଗୋଷ୍ଠୀଙ୍କ ବ୍ୟବହାର ଉପରେ ଅଭିଭାବକମାନଙ୍କର ନଜର, ସାଇବର ଠକେଇରୁ ଦୂରେଇବା ପାଇଁ ଅଜଣା ମେସେଜ ଓ ଫୋନ୍ କଲ୍‌କୁ ଏଡେଇଯିବା ବିଶେଷକରି ମୋବାଇଲରୁ ଶରୀରକୁ ବିଚ୍ଛୁରିତ ରେଡିଏସନ୍‌ରୁ ରକ୍ଷା ପାଇବା ପାଇଁ ମୋବାଇଲକୁ ଛାତି ନିକଟରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ।

ସମାଜସେବୀ ବଦ୍ରି ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନମଞ୍ଚକୁ ନେହରୁ ଯୁବ କେନ୍ଦ୍ର ଅଧିକାରୀ ଅଶୋକ ବେହେରା ପରିଚାଳନା କରିଥିବା ବେଳେ ସଂଯୋଜନା ଓ ସଞ୍ଚାଳନ କରିଥିଲେ ମିଶନ ଓଡ଼ିଶା ସମ୍ପାଦକ ମଧୁସୂଦନ ମିଶ୍ର। ଏଥିରେ ସର୍ବଶ୍ରେଷ୍ଠ ପ୍ରଶ୍ନ ପ୍ରସ୍ତୁତ କରୁଥିବା ୧୨ଜଣ ଦର୍ଶକ ଶ୍ରୋତାଙ୍କୁ ପୁରସ୍କାର ପ୍ରଦାନ ପରେ ଉତ୍ସର୍ଗୀକୃତ ସମାଜ ସେବା ପାଇଁ ବ୍ରଜକିଶୋର ସାହୁ ଓ ନିରଞ୍ଜନ ମହାପାତ୍ର, ରକ୍ତଦାନ ପାଇଁ ପଦ୍ମଲୋଚନ ମହାପାତ୍ର, ବୃକ୍ଷରୋପଣ ପାଇଁ ସୁଶାନ୍ତ କୁମାର ରଥ, ନାଟ୍ୟ ନିର୍ଦ୍ଦେଶକ ଶିବସୁନ୍ଦର ମିଶ୍ର, କୃଷି ବିକାଶ ପାଇଁ ଦି ମାର୍ସର ଭାସ୍କର ପୂଜାରୀ, ବିଶିଷ୍ଟ ନର୍ସିଂ ଅଫିସର ପୁଷ୍ପାଞ୍ଜଳି ରଣସିଂହ, ବରିଷ୍ଠ ମାର୍ଟିନ ସବିତା ପତି ଓ ପାରାଡାଇଜ୍ ବୃଦ୍ଧାଶ୍ରମର ପରିଚାଳିକା ପ୍ରଣତି ମହାରଣାଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ସେବା ସମର୍ପଣ ପାଇଁ କେଦାରନାଥ ମହାପାତ୍ର, ଶିବରାମ ପ୍ରଧାନ, ଅଜୟ କୁମାର ପ୍ରଧାନ, ସୀତାରାମ ସେନାପତି, ସୌମ୍ୟରଞ୍ଜନ ପାତ୍ର, ଗୋବିନ୍ଦ ପାତ୍ର, ଲାଲା ଅନନ୍ତ କୁମାର ସିଂ, ସତ୍ୟନାରାୟଣ ପାତ୍ର, ଦେବରାଜ ଦାସ, ଶ୍ୟାମାପ୍ରସାଦ ସେନାପତି, ଦୀପକ୍ ପାତ୍ର, ବଳରାମ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ବିଚାରକ ଭାବେ ଡ. କୈଳାଶ ଚନ୍ଦ୍ର ଟିକାୟତରାୟ ଓ ପୁଷ୍କର ମହାପାତ୍ର ଯୋଗ ଦେଇଥିଲେ ।

# ଦାୟିତ୍ୱ ଗ୍ରହଣ ପୂର୍ବରୁ ବାହାରିଲା ବଦଳି ନିର୍ଦ୍ଦେଶ

**ଖୋର୍ଦ୍ଧା,୧୩।୧(ସମିସ):** ଆପଣଙ୍କ ଅର୍ଡର୍ ସଂଶୋଧନ ହୋଇଛି। ଆପଣଙ୍କ ସ୍ଥାନରେ ଆଉ ଜଣେ ଅଫିସର୍‌ଙ୍କ ନିଯୁକ୍ତି ନିର୍ଦ୍ଦେଶନାମା ପହଞ୍ଚିଛି। ଏମିତି ଶୁଣି ହଠାତ୍ ଆଶ୍ଚର୍ଯ୍ୟ ହୋଇଥିଲେ ବରିଷ୍ଠ ଓଏଏସ ଅଧିକାରୀ ପଦ୍ମ ଚରଣ ସାହୁ। ଖୋର୍ଦ୍ଧା ଉପଜିଲ୍ଲାପାଳ ଭାବେ ଯୋଗଦେବାକୁ ଠିକ୍ ଅପରାହ୍ନ ୪ଟା ସମୟରେ ଜିଲ୍ଲାପାଳଙ୍କ ନିକଟରେ ପହଞ୍ଚି

**■ ଫେରିଗଲେ ପଦ୍ମଚରଣ ସାହୁ**
**■ ରାଜନୈତିକ ଗୋଟି ପାଲଟିଲା ଉପଜିଲ୍ଲାପାଳ ପଦବୀ**

ଥିଲେ ଶ୍ରୀ ସାହୁ। ଜିଲ୍ଲାପାଳଙ୍କୁ ସାକ୍ଷାତ କରିବା ସମୟରେ ତାଙ୍କର ନିଯୁକ୍ତି ବାତିଲ ହୋଇଛି ବୋଲି ଜାଣିବାକୁ ପାଇଲେ। ଏଭଳି ନିର୍ଦ୍ଦେଶ ସମ୍ପର୍କରେ ଶ୍ରୀ ସାହୁ କୌଣସି ସୂଚନା ପାଇନଥିଲେ। ଖୋର୍ଦ୍ଧା ଉପଜିଲ୍ଲାପାଳଙ୍କ ବଦଳି ଆଦେଶ ହଠାତ୍ ବାତିଲ କରିବା ପଛରେ ରହସ୍ୟ କଣ ତାହା ପ୍ରଶାସନିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।

ପ୍ରକାଶ ଥାଉକି, ଖୋର୍ଦ୍ଧା ଉପଜିଲ୍ଲାପାଳ ଦୀପ୍ତିରଞ୍ଜନ ସେଠୀଙ୍କ ସିଡିଓ ଢେଙ୍କାନାଳ ଭାବେ ନିକଟରେ ବଦଳି ହୋଇଛି। ଆଜି ତାଙ୍କଠାରୁ ଖୋର୍ଦ୍ଧା ଉପଜିଲ୍ଲାପାଳ ଦାୟିତ୍ୱ ନେବାକୁ ଥିବା ପଦ୍ମଚରଣ ସାହୁ ଦାୟିତ୍ୱ ଗ୍ରହଣ ପୂର୍ବରୁ ବଦଳି ନିର୍ଦ୍ଦେଶ ବାହାରିବା ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ତାଙ୍କୁ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗର ଡେପୁଟି ସେକ୍ରେଟାରୀ ଭାବେ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ଖୋର୍ଦ୍ଧା ଉପଜିଲ୍ଲାପାଳ ଦାୟିତ୍ୱ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ସହକାରୀ ଅତିରିକ୍ତ ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡା ଗ୍ରହଣ କରିବେ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ଖୋର୍ଦ୍ଧା ରାଜନୀତିରେ ଉପଜିଲ୍ଲାପାଳ ପଦବୀ ରାଜନୈତିକ ଗୋଟି ପାଲଟିଲା ବୋଲି ଜୋରଦାର ଆଲୋଚନା ହେଉଛି। ପଦ୍ମଚରଣ ସାହୁ ବିଗତ ଦିନରେ ଖୋର୍ଦ୍ଧା ତହସିଲଦାର ଭାବେ କାର୍ଯ୍ୟ କରିଥିଲେ। ଏହି ଅଞ୍ଚଳରେ ତାଙ୍କର ପ୍ରଶାସନିକ ଦକ୍ଷତା ରହିଛି। ଏମିତିକି ସେ ତହସିଲଦାର ଥିବା ସମୟରେ ବହୁ ପଥର ମାଫିଆଙ୍କ ରାଜୁତି ମଧ୍ୟ ବୃଦ୍ଧି ପାଇଥିଲା। ତେବେ ଖୋର୍ଦ୍ଧା ଉପଜିଲ୍ଲାପାଳ ଉପଖଣ୍ଡର ମାଜିଷ୍ଟ୍ରେଟ ପଦ ସହିତ ଶ୍ରୀଜଗନ୍ନାଥ ପ୍ରଶାସନର ରାଜସ୍ୱ ସହକାରୀ ଅଧିକାରୀ ପଦବୀରେ ମଧ୍ୟ ରହିବେ। ସେହି ଦୃଷ୍ଟିରୁ ଖୋର୍ଦ୍ଧା ଉପଜିଲ୍ଲାପାଳ ପଦର ବେଶୀ ଗୁରୁତ୍ୱ ରହିଛି। ତେବେ ଶ୍ରୀ ସାହୁ ଉପଜିଲ୍ଲାପାଳ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ହଠାତ ତାଙ୍କୁ ଫେରାଇ ନେବା ପଛରେ ଏକ ଅଦୃଶ୍ୟ ଶକ୍ତି କାମ କରୁଛି ବୋଲି ଚର୍ଚ୍ଚା ହେଉଛି।

**ଧାନକିଣାରେ ଉପକୂଳରୁ ଉପାନ୍ତ ଯାଏ ଚରମ ଅବ୍ୟବସ୍ଥା**

# ସବୁଠି ମିଲର୍ ରାଜୁତି; ସରକାର ଅସହାୟ

**ଭୁବନେଶ୍ୱର,୧୩।୧(ସମିସ):** ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା, ମିଲର୍‌ଙ୍କ ମନମାନିକୁ ନେଇ ରାଜ୍ୟ ଉଠୁଛି, ପଡୁଛି। କଟନୀ-ଛଟନୀ, ଧାନର ଏଫ୍‌ଏକ୍ୟୁ ମାନ, ମିଲର୍‌ଙ୍କ ମନମାନିକୁ ନେଇ ଚାଷୀ ସନ୍ତୁଳି ହେଉଛି। କିନ୍ତୁ ରାଜ୍ୟ ସରକାର ଏହାର ନିଦାନ କରିବା ପରିବର୍ତ୍ତେ ଏକପ୍ରକାର ଉପାୟଶୂନ୍ୟ ସରକାରଙ୍କ ଅସହାୟତା ବାରି ହୋଇପଡୁଥିବା ବେଳେ ରାଜ୍ୟବ୍ୟାପୀ ଅଭାବୀ ବିକ୍ରି ଚାଷୀ ଶେଷ ରାସ୍ତା ଭାବେ ବାଛିନେଲେଣି।

ବରଗଡ଼ ଜିଲ୍ଲାରେ ରାଜ୍ୟର ଧାନକିଣାର ଶୁଭାରମ୍ଭ ହେବାଠାରୁ ଏ ପର୍ଯ୍ୟନ୍ତ ଧାନକିଣା ଅବ୍ୟବସ୍ଥାରେ ରୋକ୍ ଲାଗିପାରୁନାହିଁ। ସବୁଆଡ଼େ ଆସୁଛି। ସେହିପରି ଟୋକନ୍ ପ୍ରଦାନରେ ଅହେତୁକ ବିଳମ୍ବ, ଧାନ ଉଠାଣରେ ମିଲର୍‌ଙ୍କ ମନମାନି ଯୋଗୁଁ ଚଷୀ ସବୁଠି ଅଭାବୀ ବିକ୍ରି କରିବାକୁ ବାଧ ହେଉଛନ୍ତି। ଗତ ୮ ତାରିଖରେ ଖାଦ୍ୟ ଯୋଗାଣ ମନ୍ତ୍ରୀ ନିଜ ଜିଲ୍ଲାରେ ମଣ୍ଡି ଉଦ୍‌ଘାଟନ କରିଥିଲେ ମଧ୍ୟ ଏଯାଏ ସେଠାରେ ଧାନକିଣା ଆରମ୍ଭ

**■ ଉତ୍ତର, ଉପକୂଳ ଓଡ଼ିଶାରେ ଅଭାବୀ ବିକ୍ରି ସ୍ଥିତି**
**■ କାର୍ଯ୍ୟାନୁଷ୍ଠାନ ନେବାକୁ ସରକାରଙ୍କ ପଛଘୁଞ୍ଚା**
**■ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ନେଇ ଉଠିଲାଣି ପ୍ରଶ୍ନ**
**■ ମିଲର୍ ମନମାନି କଲେ ଏତଲା ଦିଅ: ସମବାୟ ମନ୍ତ୍ରୀ**



ହୋଇପାରିଲା ନାହିଁ। ନିଜ ଜିଲ୍ଲାରେ ଯଦି ମନ୍ତ୍ରୀ ଧାନକିଣାକୁ ବ୍ୟବସ୍ଥିତ ଢଙ୍ଗରେ ପରିଚାଳନା କରିପାରୁନାହାନ୍ତି, ତାହେଲେ ଅନ୍ୟ ଜିଲ୍ଲାରେ ସ୍ଥିତି ଏଥିରୁ ସହଜରେ ଅନୁମେୟ ବୋଲି ଚାଷୀ ନେତା କ୍ଷୋଭ ପ୍ରକାଶ କରିଛନ୍ତି। ରାଜ୍ୟବ୍ୟାପୀ ପଡ଼ୋଶୀ ପଶ୍ଚିମବଙ୍ଗ, ଆନ୍ଧ୍ର, ଛତିଶଗଡ଼ର ଦଲାଲ୍‌ମାନେ ସକ୍ରିୟ ଥିବା ବେଳେ ଦଲାଲଙ୍କୁ ଧାନ ବିକ୍ରି କରିବାକୁ ମିଲର୍‌ଙ୍କ କାର୍ଯ୍ୟକଳାପ ଚାଷୀଙ୍କୁ ବାଧ କରୁଛି। ଫଳରେ ୩୧୦୦ ଟଙ୍କା ବଦଳରେ ଚାଷୀ କ୍ୱିଣ୍ଟାଲ ପ୍ରତି ମାତ୍ର ୧୭୦୦ରୁ ୧୯୦୦ ଟଙ୍କା ମୂଲ୍ୟରେ ଧାନ ବିକ୍ରି କରିବାକୁ ବାଧ ହେଉଛନ୍ତି। ପୂର୍ବ ଖରିଫ୍ ବିପଣନ ବର୍ଷମାନଙ୍କରେ ଜାନୁଆରୀ ମଧ୍ୟାନ୍ତର ସୁଦ୍ଧା ସରକାର ଧାର୍ଯ୍ୟ ଲକ୍ଷ୍ୟର ଅଧାରୁ ଅଧିକ ଧାନ କିଣୁଥିବାର ନଜିର ରହିଥିବା ବେଳେ ଏବର୍ଷ କିନ୍ତୁ ଧାନକ୍ରୟ ସମ୍ପୂର୍ଣ୍ଣ ନୈରାଶ୍ୟଜନକ ରହିଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୬୦%ରୁ ଅଧିକ ଧାନ କ୍ରୟ ବଦଳରେ ମାତ୍ର ୩୦%ରୁ କିଛି ଅଧିକ ଧାନ କ୍ରୟ କରାଯାଇଛି। ବିଶେଷକରି ଉତ୍ତର ଏବଂ ଉପକୂଳ ଓଡ଼ିଶାରେ ଅଭାବୀ ବିକ୍ରି ଏବେ ଚରମସୀମାରେ ପହଞ୍ଚିଥିବା ବେଳେ ପ୍ରଶାସନିକ ସ୍ଥାଣୁତା ସାଧାରଣରେ ଗଭୀର ପ୍ରଶ୍ନବାଚୀ ସୃଷ୍ଟି କଲାଣି।

ହୋଇପଡ଼ିଛନ୍ତି। ମିଲର୍‌ଙ୍କ ମନମାନିକୁ ରାଜ୍ୟ ସରକାର ପରୋକ୍ଷରେ ସ୍ୱୀକାର କରୁଥିବା ବେଳେ ରବିବାର ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। କହିଛନ୍ତି, ଯଦି ମନମାନି କରୁଥିବା ମିଲର୍‌ଙ୍କ ବିରୋଧରେ ଚାଷୀ ଏବଂ ବିଭାଗୀୟ କର୍ମଚାରୀ ବିଭାଗକୁ ଜଣାଇବା ସହ ସ୍ଥାନୀୟ ଥାନାରେ ଏତଲା ଦିଅନ୍ତୁ। ସମବାୟ ମନ୍ତ୍ରୀଙ୍କ ଏଭଳି ବୟାନରୁ ମିଲର୍‌ଙ୍କୁ ନେଇ ରାଜ୍ୟ ସେଇ ସମାନ ସ୍ଥିତି। ସବୁଠି ମିଲର୍‌ଙ୍କ ମନମାନିକୁ ନେଇ ଚାଷୀ ପୁଳାପୁଳା ଅଭିଯୋଗ। କିନ୍ତୁ ରାଜ୍ୟ ସରକାର ଜଣଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। ଏହା ମିଲର୍‌ଙ୍କୁ ପରୋକ୍ଷରେ ଅଧିକ ମନମୁଖୀ ହେବାକୁ ପ୍ରୋତ୍ସାହିତ କରିଥିବା ବେଳେ ଚାଷୀକୁଳ ଯନ୍ତ୍ରଣା ଭୋଗୁଛନ୍ତି।

ପଶ୍ଚିମରୁ ଦକ୍ଷିଣ, ଉପାନ୍ତରୁ ଉପକୂଳ ସବୁଠି କଟନୀ ଛଟନୀକୁ ନେଇ ପ୍ରତିଦିନ ଅଭିଯୋଗ

ସ୍ଥିତି ଯଦି ଏପରି ଲାଗି ରୁହେ, ରାଜ୍ୟ ସରକାର ଧାର୍ଯ୍ୟ ଲକ୍ଷ୍ୟର ୬୦% ଧାନ କିଣିବା ମଧ୍ୟ କଷ୍ଟକର ହୋଇପଡ଼ିବ। ତେଣୁ ରାଜ୍ୟ ସରକାର ଏବଂ ମନ୍ତ୍ରୀମାନେ ବୟାନବାଜି ଛାଡ଼ି ମଣ୍ଡି ଅବ୍ୟବସ୍ଥାକୁ ହୃଦୟଙ୍ଗମ କରନ୍ତୁ ଏବଂ ମିଲରଙ୍କ ଉପରେ ଲଗାମ କଷନ୍ତୁ ବୋଲି ଚାଷୀମହଲରେ ଦୃଢ଼ ଦାବି ହୋଇଛି।

# ଆଖି ବୁଜିଲା ମହେନ୍ଦ୍ର



ପୋଷା ପୁଅକୁ ହରାଇ ଝୁରୁଛି ଶିମିଳିପାଳ

**ବାରିପଦା, ୧୩।୧(ସମିସ):** ଶିମିଳିପାଳର ପୋଷା ହାତୀ ମହେନ୍ଦ୍ରର ରବିବାର ରାତି ସାଢ଼େ ୧୦ ଟାରେ ଚହଲାଠାରେ ମୃତ୍ୟୁ ଘଟିଛି। ତାକୁ ୬୬ବର୍ଷ ହୋଇଥିଲା। ବୟସାଧିକ୍ୟ କାରଣରୁ ନିକଟରେ ମହେନ୍ଦ୍ର ଅସୁସ୍ଥ ହୋଇ ପଡ଼ିଥିଲା। ଦୁଇଦିନ ଧରି ସେ ଖାଦ୍ୟ ଗ୍ରହଣ କରୁନଥିଲା। ତାକୁ ଶିମିଳିପାଳ ଉତ୍ତର ବନଖଣ୍ଡର ଚହଲାଠାରେ ରଖି ଚିକିତ୍ସା କରାଯାଉଥିଲା। ଗତରାତିରେ ସେଠାରେ ତା'ର ମୃତ୍ୟୁ

**■ ମନେ ରହିବ ୨୪ ବର୍ଷର ସେବା**
**■ ମାଓବାଦୀଙ୍କ ଗୁଳି ଓ ତୀରବିଦ୍ଧ ସତ୍ତ୍ୱେ ସାଜିଥିଲା ଅଭୟାରଣ୍ୟର ସୁରକ୍ଷାକବଚ**

ଘଟିଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଭାରପ୍ରାପ୍ତ କ୍ଷେତ୍ର ନିର୍ଦ୍ଦେଶକ ତଥା ବାରିପଦା ମଣ୍ଡଳର ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ ଡଃ ପ୍ରକାଶଚାନ୍ଦ ଗୋଗିନାନୀ ଆଜି ଏହି ସୂଚନା ଦେଇଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଗତ ୨୦୦୧ ଡିସେମ୍ବରରେ କର୍ଣ୍ଣାଟକ ରାଜୀବ ଗାନ୍ଧୀ ଜାତୀୟ ଉଦ୍ୟାନ ହାମସୁରା ବନ୍ୟପ୍ରାଣୀ ଡିଭିଜନ୍‌ର ହସ୍ତୀ ପ୍ରକଳ୍ପ ଶିବିରରୁ ତାଲିମପ୍ରାପ୍ତ (କୁମ୍‌କୀ) ଦନ୍ତା ହାତୀ ମହେନ୍ଦ୍ର ଏବଂ ଦୁଇଟି ମାଈ ହାତୀ ଭବାନୀ ଓ ଶୋଭାକୁ ଶିମିଳିପାଳ ଅଭୟାରଣ୍ୟର ସୁରକ୍ଷା ପାଇଁ ଅଣାଯାଇଥିଲା। ଅଭୟାରଣ୍ୟରେ କାଠମାଫିଆ ଏବଂ ବନ୍ୟଜନ୍ତୁଙ୍କୁ ଶିକାରୀ କବଳରୁ ସୁରକ୍ଷା ଦେବା ପାଇଁ ବନ ବିଭାଗର ପାଟ୍ରୋଲିଂ ପାଇଁ ମହେନ୍ଦ୍ରକୁ ନିୟୋଜିତ କରାଯାଇଥିଲା। ସେହିପରି ଗତ ୨୦୧୯ ଜାନୁଆରୀରେ ମହେନ୍ଦ୍ରକୁ ବାଘୁଣୀ ସୁନ୍ଦରୀକୁ ଜଗିବା କାର୍ଯ୍ୟରେ ସାତକୋଶିଆରେ ନିୟୋଜିତ କରାଯାଇଥିଲା। ଦୀର୍ଘ ୪ ବର୍ଷ ପରେ ମହେନ୍ଦ୍ରକୁ ପୁଣି ଶିମିଳିପାଳକୁ ଫେରାଇ ଅଣାଯାଇଥିଲା।

ମହେନ୍ଦ୍ର ୨୪ବର୍ଷ ସେବା ଯୋଗାଇଥିବା ବେଳେ ୨୦୦୯ ମାର୍ଚ୍ଚ ୩୧ ରାତିରେ ମାଓବାଦୀମାନେ ଶିମିଳିପାଳ ଅଭୟାରଣ୍ୟରେ ଥିବା ଗୁଡ଼ଗୁଡ଼ିଆଠାରେ ତାକୁ ଗୁଳି ଓ ତୀର ମାରିଥିଲେ। ଏଥିରେ ଗୁରୁତର ହେଇଥିବା ମହେନ୍ଦ୍ର ଅସ୍ତ୍ରୋପଚାର ପରେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ପୁଣି ନିଜ କାମରେ ସାମିଲ ହୋଇଥିଲା। ମହେନ୍ଦ୍ରର ମୃତ୍ୟୁ ଶିମିଳିପାଳ ତଥା ଓଡ଼ିଶା ପାଇଁ ଏକ ଅପୂରଣୀୟ କ୍ଷତି ହୋଇଥିବା ବେଳେ ନିଜର କାର୍ଯ୍ୟଦକ୍ଷତା ଓ ଅବଦାନ ପାଇଁ ସବୁଦିନ ମନେ ରହିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

## ପୂର୍ବତନ ସବ୍-ରେଜିଷ୍ଟ୍ରାରଙ୍କୁ ହାଇକୋର୍ଟରୁ ଜାମିନ

**କଟକ, ୧୩।୧(ସମିସ):** ଏକ ଜମିର ବିକ୍ରି କବଲା ପଞ୍ଜୀକରଣ ଜାଲିଆତି ମାମଲାରେ ସୁନ୍ଦରଗଡ଼ ଜିଲ୍ଲା ଅନ୍ତର୍ଗତ ବୀରମିତ୍ରପୁରର ପୂର୍ବତନ ଭାରପ୍ରାପ୍ତ ସବ୍-ରେଜିଷ୍ଟ୍ରାର ଧରଣୀଧର ବେହେରାଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି ମିଳିଛି। ବିଶ୍ରା ଥାନାରେ ରୁଜୁ ମାମଲାରେ ସମ୍ଭାବ୍ୟ ଗିରଫଦାରୀ ଏଡ଼ାଇବା ପାଇଁ ଶ୍ରୀ ବେହେରା ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ। ଯଦି ଆବେଦନକାରୀ ଚାରି ସପ୍ତାହ ଭିତରେ ଆତ୍ମସମର୍ପଣ କରି ଜାମିନ ଆବେଦନ କରନ୍ତି, ତେବେ ନିମ୍ନ ଅଦାଲତ ଆବଶ୍ୟକ ସର୍ତ୍ତାରୋପ କରି ଜାମିନରେ ଛାଡ଼ିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀ ବେହେରାଙ୍କ ଆଗୁଆ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ଦେଇଛନ୍ତି।




























# ପୋଙ୍ଗଲ ଓ ମକର ସଂକ୍ରାନ୍ତି ପାଇଁ ନେଟ୍ ପରୀକ୍ଷା ସ୍ଥଗିତ

**ଭୁବନେଶ୍ୱର, ୧୩।୧(ସମିସ):** ଆସନ୍ତା ୧୫ ତାରିଖରେ ହେବାକୁ ଥିବା ନେଟ୍ ପରୀକ୍ଷା ସ୍ଥଗିତ ରହିଛି। ପୋଙ୍ଗଲ, ମକର ସଂକ୍ରାନ୍ତି ଓ ଅନ୍ୟାନ୍ୟ ପର୍ବପର୍ବାଣୀ ପାଇଁ ଏହାକୁ ସ୍ଥଗିତ ରଖାଯାଇଥିବା ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ପକ୍ଷରୁ କୁହାଯାଇଛି। ଖୁବ୍‌ଶୀଘ୍ର ଏହି ଡିସେମ୍ବର ୨୦୨୪ ସତ୍ର ପରୀକ୍ଷାର ନୂଆ ତାରିଖ ଘୋଷଣା କରାଯିବ। ନୂତନ ବିଜ୍ଞପ୍ତି ୟୁଜିସିର ୱେବସାଇଟ୍ ugcnet.nta.ac.inରେ ଉପଲବ୍ଧ ହେବ। ସେହିପରି ଜାନୁଆରୀ ୧୬ରେ ହେବାକୁ ଥିବା ପରୀକ୍ଷା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ନେଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ଜେଆରଏଫ୍ ସହ ସହକାରୀ ଅଧ୍ୟାପକ ଭାବେ ନିଯୁକ୍ତି ପାଇବେ। ଏହାସହ ପିଏଚ୍‌ଡି ଡିଗ୍ରୀ ନାମଲେଖା ପାଇଁ ଯୋଗ୍ୟତା ହାସଲ କରିପାରିବେ।

**■ ଅନୁକମ୍ପା ନିଯୁକ୍ତି ମାମଲାରେ ଜଣିକିଆ ବିଚାରପତିଙ୍କ ଆଦେଶ ରଦ୍ଦ**

# କର୍ମଚାରୀଙ୍କ ମୃତ୍ୟୁ ତାରିଖ ଅନୁଯାୟୀ ପତ୍ନୀଙ୍କ ଶାରୀରିକ ଅକ୍ଷମତା ନିର୍ଣ୍ଣୟ ଆବଶ୍ୟକ

**କଟକ, ୧୩।୧(ସମିସ):** ଜଣେ ସରକାରୀ କର୍ମଚାରୀଙ୍କ ମୃତ୍ୟୁର ୧୭ବର୍ଷ ପରେ ତାଙ୍କ ଝିଅଙ୍କୁ ଅନୁକମ୍ପା ନିଯୁକ୍ତି ପ୍ରଦାନ ପାଇଁ ଜଣିକିଆ ବିଚାରପତି ପ୍ରଦାନ କରିଥିବା ଆଦେଶକୁ ହାଇକୋର୍ଟଙ୍କ ଦୁଇଜଣିଆ ଖଣ୍ଡପୀଠ ରଦ୍ଦ କରିଦେଇଛନ୍ତି। କର୍ମଚାରୀଙ୍କ ମୃତ୍ୟୁର ୧୭ବର୍ଷ ପରେ ଅନୁକମ୍ପା ନିଯୁକ୍ତି ପାଇଁ ଆଦେଶ ପ୍ରଦାନ ଏହି ଯୋଜନାର ଉଦ୍ଦେଶ୍ୟକୁ ପ୍ରତିହତ କରିବ ବୋଲି ହାଇକୋର୍ଟ କହିଛନ୍ତି। ଜଣିକିଆ ବିଚାରପତିଙ୍କ ରାୟକୁ ଚାଲେଞ୍ଜ କରି ରାଜ୍ୟ ସରକାରଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ୍ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ବିଶେଷକରି କର୍ମଚାରୀଙ୍କ ମୃତ୍ୟୁ ସମୟରେ ତାଙ୍କ ବିଧବା ପତ୍ନୀଙ୍କ ଶାରୀରିକ ଅକ୍ଷମତା ନିର୍ଣ୍ଣୟ ଆବଶ୍ୟକ ବୋଲି ହାଇକୋର୍ଟ କହିଛନ୍ତି।

କର୍ମଚାରୀଙ୍କ ମୃତ୍ୟୁ ସମୟରେ ତାଙ୍କ ପତ୍ନୀଙ୍କୁ ଗ୍ରୁପ୍-ଡି ପଦରେ ଅନୁକମ୍ପା ନିଯୁକ୍ତି ପ୍ରଦାନରେ ଶିକ୍ଷାଗତ ଯୋଗ୍ୟତା ବାଧକ ନଥିଲା। ତେବେ ସେହି ସମୟରେ ସେ କିମ୍ବା ତାଙ୍କ ପରିବାରର ଆଉ କିଏ ଅନୁକମ୍ପା ନିଯୁକ୍ତି ପାଇଁ ଆବେଦନ କରିନଥିଲେ। ୭ ବର୍ଷ ପରେ ସାବାଳିକା ହେବା ପରେ ଅନୁକମ୍ପା ନିଯୁକ୍ତି ପାଇଁ ତାଙ୍କ କନ୍ୟା ଆବେଦନ କରିଥିଲେ। ସେହି ସମୟରେ ତାଙ୍କ ମାତା ଶାରୀରିକ ଓ ମାନସିକ ସ୍ତରରେ ଅକ୍ଷମ ଥିବା ପ୍ରମାଣପତ୍ର ମଧ୍ୟ ଦେଇଥିଲେ। ଏଣୁ ଏହି ନିର୍ଣ୍ଣୟ କର୍ମଚାରୀଙ୍କ ମୃତ୍ୟୁ ତାରିଖ ଅନୁଯାୟୀ ନିର୍ଣ୍ଣୟ କରିବା ଉଚିତ ବୋଲି ହାଇକୋର୍ଟ କହିଛନ୍ତି।

ସୁବର୍ଣ୍ଣରେଖା ଜଳସମ୍ପଦରେ ବିଭାଗର ଜଣେ କର୍ମଚାରୀଙ୍କ ୨୦୦୬ରେ ମୃତ୍ୟୁ ହୋଇଥିବା ବେଳେ ତାଙ୍କ କନ୍ୟା ୨୦୧୩ରେ ଅନୁକମ୍ପା ନିଯୁକ୍ତି ଆବେଦନ କରିଥିଲେ। ୨୦୨୩ ଅକ୍ଟୋବର ୩୧ରେ ତାଙ୍କୁ ଅନୁକମ୍ପା ନିଯୁକ୍ତି ଦେବାକୁ ଜଣିକିଆ ବିଚାରପତି ନିର୍ଦ୍ଦେଶ ଦେଇଥିଲେ। ଏହା ବିରୋଧରେ ସରକାର ହାଇକୋର୍ଟରେ ମାମଲା ଦାୟର କରିଥିଲେ।

**ବିପର୍ଯ୍ୟୟ ପାଲଟିଲାଣି ଟ୍ରାଫିକ୍ ଯନ୍ତ୍ରଣା**

# ରାଜଧାନୀରୁ ରାଜସୁନାଖଳା; ସବୁଠି ସମାନ ସ୍ଥିତି

**ଭୁବନେଶ୍ୱର, ୧୩।୧(ସମିସ):** ପୁଳାପୁଳା ବିଭାଗ ଅଛି। ଅଧିକାରୀ, ଯନ୍ତ୍ରୀ, ବିଶେଷଜ୍ଞଙ୍କୁ ସରକାର ନିଯୁକ୍ତି ଦେଇଛନ୍ତି। କ୍ଷମତା ଅଛି, ଅର୍ଥର ବି ଅଭାବ ନାହିଁ। କିନ୍ତୁ ବିପର୍ଯ୍ୟସ୍ତ ଟ୍ରାଫିକ୍ ବ୍ୟବସ୍ଥା ମନୁଷ୍ୟକୃତ ବିପର୍ଯ୍ୟୟରେ ପରିଣତ ହେଲାଣି। ଭୁବନେଶ୍ୱରରୁ ନେଇ ଭୁବନ, ରାୟଗଡ଼ାରୁ

- **ଖାଲି ଚିନ୍ତାବ୍ୟକ୍ତ କରୁଛନ୍ତି, ମୁଣ୍ଡ ପୂରାଉ ନାହାନ୍ତି**
- **ସ୍ଥାଣୁ ଅବସ୍ଥାରେ ନୀତି ନିର୍ଦ୍ଧାରଣକାରୀ ବିଭାଗ**
- **ସମସ୍ୟାର ସମାଧାନ କରିବନି ଫ୍ଲାଏଓଭର, ରିଙ୍ଗରୋଡ୍: ବିଶେଷଜ୍ଞ**



ନେଇ ରାଇରଙ୍ଗପୁର ପର୍ଯ୍ୟନ୍ତ ସବୁଠି ଟ୍ରାଫିକ୍ ଯାତନା। ବିଶେଷଜ୍ଞଙ୍କ ମତରେ ଏପରି ବିପର୍ଯ୍ୟୟର ସବୁଠାରୁ ପ୍ରମୁଖ କାରଣ ହେଉଛି କ୍ଷମତା ଗଳିରେ ଥିବା କୌଣସି ମୁଣ୍ଡିଆଳ ଏହି ପ୍ରସଙ୍ଗରେ ମୁଣ୍ଡ ପୂରାଉନାହାନ୍ତି। ଏପରି ଏକ ଜଟିଳ ସମସ୍ୟାର ସମାଧାନ ପାଇଁ ସତେଯେପରି କାହାର ଆନ୍ତରିକତା ନାହିଁ। ଅଧିକାରୀସ୍ତରରେ ଯାହା ବି କିଛି ନିଷ୍ପତ୍ତି ହେଉଛି, ତାହା ସରକାରୀ ନାଲିଫିତା ତଳେ ଚାପି ହୋଇଯାଉଛି। ନା ବିଭାଗ ସମନ୍ୱୟ ଅଛି ନା ନିର୍ଦ୍ଦେଶର ଅନୁପାଳନ କରାଯାଉଛି। ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ନିର୍ମାଣ ପାଇଁ ଆହ୍ୱାନ ଦିଆଯାଉଛି। ଓଡ଼ିଶାକୁ ପୂର୍ବ-ଭାରତର ପ୍ରୟୋଗଶାଳା କରାଯିବ ବୋଲି କୁହାଯାଉଛି। କିନ୍ତୁ ପ୍ରତି ଘଣ୍ଟାରେ ଲକ୍ଷଲକ୍ଷ ଲୋକ ଭୋଗୁଥିବା ଯନ୍ତ୍ରଣାର ସମାଧାନ ପାଇଁ କାହାରି ଆନ୍ତରିକତା ଦେଖାନଦେବା ଘୋର ପରିତାପର ବିଷୟ ବୋଲି ମତ ପ୍ରକାଶ ପାଇଛି।

କଥାରେ ଅଛି, ଯଦି ବିକାଶ ଦରକାର, ତାହେଲେ ପ୍ରଥମେ ଉତ୍ତମ ଗମନାଗମନ ବ୍ୟବସ୍ଥା ସୁନିଶ୍ଚିତ କର। ଓଡ଼ିଶାରେ ରାସ୍ତା ନିର୍ମାଣ ଓ ମରାମତି ପାଇଁ ବର୍ଷକୁ ହଜାରହଜାର କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। କିନ୍ତୁ ସେହି ରାସ୍ତାରେ ଯା'ଆସ କରୁଥିବା ଯାନବାହନ ଯେପରି ଘଣ୍ଟାଘଣ୍ଟା ଧରି ଭିଡ଼ ଭିତରେ ଅଟକି ରହିବ ନାହିଁ, ତାହା ସୁନିଶ୍ଚିତ କରିବାକୁ କେହି ନାହିଁ।

ରାସ୍ତା ନିର୍ମାଣ ଓ ମରାମତି ଦାୟିତ୍ୱରେ ଥିବା ପୂର୍ତ୍ତ ବିଭାଗ, ନଗର ଉନ୍ନୟନ ବିଭାଗଠାରୁ ଆରମ୍ଭ କରି ଜାତୀୟ ରାଜପଥ କର୍ତ୍ତୃପକ୍ଷ, ପରିବହନ ବିଭାଗ, ପୁଲିସ ବିଭାଗ ରହିଛି। ରଣନୀତି, ଯୋଜନା ପ୍ରସ୍ତୁତ କରିବା ଲାଗି ସରକାରଙ୍କର ରାଜ୍ୟ ସହରାଞ୍ଚଳ ବିକାଶ ଏଜେନ୍ସି (ସୁଡା), ଜିଲ୍ଲା ସହରାଞ୍ଚଳ ବିକାଶ ଏଜେନ୍ସି (ଡୁଡା), ଟାଉନ୍ ପ୍ଲାନିଂ ନିର୍ଦ୍ଦେଶାଳୟ, ପୌର ପ୍ରଶାସନ ନିର୍ଦ୍ଦେଶାଳୟ ଭଳି ସ୍ୱତନ୍ତ୍ର ଅନୁ ବିଭାଗ ଅଛି। କିନ୍ତୁ ସହର ବଢ଼ିବା ସହ ବଢ଼ୁଥିବା ଟ୍ରାଫିକ୍ ଯନ୍ତ୍ରଣାରୁ ମୁକ୍ତି ଦେବା ଲାଗି କୌଣସି ବିଭାଗ ତଥା ଅନୁ ବିଭାଗର ଯୋଗଦାନ ଶୂନ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ବର୍ଷବର୍ଷ ଧରି ଲୋକେ କେବଳ ରାସ୍ତା ଭିଡ଼ରେ ଅଣନିଃଶ୍ୱାସୀ ହୋଇଚାଲିଛନ୍ତି।

ସଡ଼କ ସୁରକ୍ଷା ବିଶେଷଜ୍ଞ ସୁବ୍ରତ ନନ୍ଦ କହିଛନ୍ତି, ଯେତେବେଳେ କୌଣସି ଗୁରୁତର ସମସ୍ୟା କିମ୍ବା ଆହ୍ୱାନ ଦେଖାଦିଏ ସେତେବେଳେ ସମାଧାନ ପାଇଁ ସରକାରଙ୍କର ଶୀର୍ଷ ନେତୃତ୍ୱ ହସ୍ତକ୍ଷେପ କରନ୍ତି। କିନ୍ତୁ ରାସ୍ତାଘାଟକୁ ସୁଗମ କରିବା ଲାଗି ଆଜି ଯାଏ କୌଣସି ଯୋଜନା ନାହିଁ କିମ୍ବା କେହି ମୁଣ୍ଡ ଖେଳାଉ ନାହାନ୍ତି। ସଡ଼କ ସୁରକ୍ଷା ସୁନିଶ୍ଚିତ କରିବା ଲାଗି ପରିବହନ ବିଭାଗର ବରିଷ୍ଠ ଅଧିକାରୀ ନିର୍ଦ୍ଦେଶ ଦେଉଛନ୍ତି କିନ୍ତୁ ତାକୁ ନା ଭୁବନେଶ୍ୱରର ଅଧିକାରୀ, ନା ଜିଲ୍ଲାସ୍ତରୀୟ ଅଧିକାରୀ; କେହି ମାନୁନାହାନ୍ତି। ଗୋଟିଏ ବିଭାଗ କ'ଣ କରୁଛି, ତାହା ଅନ୍ୟ ବିଭାଗ ଜାଣୁନାହିଁ। କେବଳ ଫ୍ଲାଏଓଭର୍, ରିଙ୍ଗରୋଡ୍ କରିଦେଲେ ଟ୍ରାଫିକ୍ ସମସ୍ୟାର ସମାଧାନ ହୋଇପାରିବ ନାହିଁ। ଏଥିପାଇଁ ସର୍ବପ୍ରଥମେ ସରକାର ଆନ୍ତରିକତା ପ୍ରକାଶ କରିବା ଆବଶ୍ୟକ। ଦୂରଦୃଷ୍ଟିସମ୍ପନ୍ନ ଯୋଜନା ଆବଶ୍ୟକ। ଆମ ପାଖରେ ଦକ୍ଷ ମାନବସମ୍ବଳ ଅଛି, ବିଶେଷଜ୍ଞ ଅଛନ୍ତି, ପର୍ଯ୍ୟାପ୍ତ ପାଣ୍ଠି ଅଛି। ସଡ଼କ ସୁରକ୍ଷା ସହ ସମ୍ପୃକ୍ତ ପ୍ରତ୍ୟେକ ବିଭାଗର ଅଧିକାରୀଙ୍କୁ ଉତ୍ତରଦାୟୀ କରାଯିବା ଆବଶ୍ୟକ। ତେବେ ଯାଇ ଟ୍ରାଫିକ୍ ଯନ୍ତ୍ରଣା ଅନେକାଂଶରେ ହ୍ରାସ ପାଇବ ବୋଲି ଶ୍ରୀ ନନ୍ଦ କହିଛନ୍ତି।

# କୁଲଡ଼ିହାରୁ ହଦଗଡ଼ ପଳାଇଲା ଯମୁନା

**ବାରିପଦା,୧୩।୧(ସମିସ):** ଶିମିଳିପାଳର ଅତିଥି ମହାବଳ ବାଘୁଣୀ ଯମୁନା ଏବେ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବନଖଣ୍ଡର ହଦଗଡ଼ ଜଙ୍ଗଲରେ ବୁଲୁଛି। ହଦଗଡ଼ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଭୌଗୋଳିକ କ୍ଷେତ୍ର ବୋଲି କର୍ତ୍ତୃପକ୍ଷ ଦର୍ଶାଉଥିଲେ ହେଁ ତାହା ଯେ

**ଶିମିଳିପାଳ ଫେରିବା ଆଶା ମଉଳୁଛି**



ଶିମିଳିପାଳ ଅଭୟାରଣ୍ୟ ନୁହେଁ, କାହାକୁ ଅଛପା ନାହିଁ। ଯମୁନା ପ୍ରଥମେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ବନଖଣ୍ଡରୁ ଯାଇ କୁଲଡିହା ଅଭୟାରଣ୍ୟରେ ରହୁଥିବା ବେଳେ ରବିବାର ବିଳମ୍ବିତ ରାତିରେ ହଦଗଡ଼ ଜଙ୍ଗଲରେ ପ୍ରବେଶ କରିଛି।

ବାଘବଂଶ ବୃଦ୍ଧି ଓ କଳାବାଘ ବଂଶ ବୃଦ୍ଧି ସମାନତା ଆଣିବା ଉଦ୍ଦେଶ୍ୟରେ ଦୁଇ ଅତିଥି ବାଘୁଣୀ ଯମୁନା ଓ ଜିନତକୁ ଅଣାଯାଇଥିବା ବେଳେ ଏବେ ସେନେଇ ଅନିଶ୍ଚିତତା ଦେଖାଦେଇଛି। ୨୦୨୪ ଅକ୍ଟୋବର ୨୭ରେ ଯମୁନା ଓ ନଭେମ୍ବର ୧୪ରେ ଜିନତକୁ ଅଣାଯାଇଥିଲା। ନଭେମ୍ବର ୯ ତାରିଖରେ ଯମୁନା ଓ ନଭେମ୍ବର ୨୪ରେ ଜିନତକୁ କୋର୍ ଅଞ୍ଚଳରେ ଛଡ଼ାଯାଇଥିଲା। ଦୁଇ ବାଘୁଣୀ ଶିମିଳିପାଳ ଅଭୟାରଣ୍ୟରେ କିଛି ଦିନ ରହିବା ପରେ ଉଭୟଙ୍କ ବାସସ୍ଥାନ ଖୋଜିବାରେ ଜଙ୍ଗଲ ପରିବର୍ତ୍ତନ କରିଥିଲେ। ଯମୁନା କୁଲଡିହା ଅଭୟାରଣ୍ୟକୁ ପଳାଇ ଯାଇଥିବା ବେଳେ ଜିନତ୍ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ଜଙ୍ଗଲକୁ ପଳାଇଥିଲା। ବହୁ ଉଦ୍ୟମ ପରେ ଜିନତକୁ ବନବିଭାଗ ଡିସେମ୍ବର ୨୯ରେ ଟ୍ରାଙ୍କୁଲାଇଜ୍ କରି ୩୧ତାରିଖରେ ଶିମିଳିପାଳକୁ ଫେରାଇ ଆଣିଥିଲା। ମାତ୍ର ଯମୁନା ଡିସେମ୍ବର ୧୬ତାରିଖରୁ ଅଦ୍ୟାବଧି କୁଲଡିହା ଅଭୟାରଣ୍ୟରେ ରହି ରବିବାର ବିଳମ୍ବିତ ରାତିରେ ହଦଗଡ଼ ଜଙ୍ଗଲରେ ପହଞ୍ଚିଛି ବୋଲି ଓଡ଼ିଶା ବନ ଉନ୍ନୟନ ନିଗମର ସ୍ୱାଧୀନ ନିର୍ଦ୍ଦେଶକ ଭାନୁମିତ୍ର ଆଚାର୍ଯ୍ୟ ପ୍ରକାଶ କରିଛନ୍ତି। ଯମୁନାର ଗତିବିଧିକୁ ଦୃଷ୍ଟିରେ ରଖି ବିଭାଗୀୟ ପଦକ୍ଷେପ ଅତ୍ୟନ୍ତ ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଅନ୍ୟଥା ଜିନତ୍ ପରି ଯମୁନା ମଧ୍ୟ ହଦଗଡ଼ ପାର୍ ହୋଇ କେନ୍ଦୁଝର ଜିଲ୍ଲାର ଅନ୍ୟ ଅଭୟାରଣ୍ୟ କିମ୍ବା ଯାଜପୁର ଜିଲ୍ଲା ଦୈତାରୀ ମାଇନ୍ସ ଅଭିମୁଖେ ପଳାଇ ଯାଇପାରେ ବୋଲି ଆଶଙ୍କା କରିଛନ୍ତି। ବିଗତ ବର୍ଷରେ ଦୈତାରୀ ମାଇନ୍ସ ଅଞ୍ଚଳରେ ମହାବଳ ବାଘ ରହୁଥିଲା। ଘଞ୍ଚ ବିସ୍ତୀର୍ଣ୍ଣ ଜଙ୍ଗଲ ପାର ହୋଇ ସମତଳ ଅଞ୍ଚଳକୁ ଯମୁନା ଯାଇପାରେ ବୋଲି ସେ କହିଛନ୍ତି।

## ଏମ୍‌କେସିଜିକୁ କୃଷକ ନେତାଙ୍କ ମରଶରୀର ଦାନ

**ବ୍ରହ୍ମପୁର, ୧୩।୧(ସମିସ):** ବିଶିଷ୍ଟ କୃଷକ ନେତା ତଥା ସିପିଏମ୍‌ର ବରିଷ୍ଠ ନେତା ଜଗନ୍ନାଥ ମିଶ୍ରଙ୍କ ବିୟୋଗ ହୋଇଛି। ମୃତ୍ୟୁ ପରେ ପରିବାର ପକ୍ଷରୁ ତାଙ୍କ ଶରୀରକୁ ଦାହ ପରିବର୍ତ୍ତେ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଗବେଷଣା ଲାଗି ଏମକେସିଜି ମେଡ଼ିକାଲ କଲେଜକୁ ଦାନ କରାଯାଇଛି। ଦାନ ପୂର୍ବରୁ ପ୍ରଥମେ ତାଙ୍କ ମରଶରୀରକୁ ସିପିଏମ୍ ଜିଲ୍ଲା କାର୍ଯ୍ୟାଳୟକୁ ନିଆଯାଇଥିଲା। ସେଠାରେ ଶୋକାକୁଳ ପରିବେଶ ମଧ୍ୟରେ ଶହଶହ ସିପିଏମ କର୍ମୀ, ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ବିଭିନ୍ନ ସଂଗଠନର କର୍ମକର୍ତ୍ତା ଓ ବିଶିଷ୍ଟ ବ୍ୟକ୍ତି ବିଶେଷ ପହଞ୍ଚି ପ୍ରିୟ ନେତା ନେତା ସ୍ୱର୍ଗତଃ ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ୧୫ ଦିନରେ ୧୯ କୋଟି ଟଙ୍କାର ନିଶାଦ୍ରବ୍ୟ ଜବତ

**ଭୁବନେଶ୍ୱର,୧୩।୧(ସମିସ):** ଓଡ଼ିଶାକୁ ନିଶାମୁକ୍ତ କରିବା ଲାଗି ଅଣ୍ଟା ଭିଡ଼ିଛି ଅବକାରୀ ବିଭାଗ। ନୂଆବର୍ଷରୁ ସାରା ରାଜ୍ୟରେ ନିଶାଦ୍ରବ୍ୟ ଜବତ ପ୍ରକ୍ରିୟାକୁ ଜୋରଦାର କରାଯାଇଛି। ଗତ ଡିସେମ୍ବର ୨୮ରୁ ଜାନୁଆରୀ ୧୨ତାରିଖ ଅର୍ଥାତ୍ ଏହି ୧୫ଦିନରେ ୧୯ କୋଟି ଟଙ୍କାର ନିଶାଦ୍ରବ୍ୟ ଜବତ ହୋଇଛି। ମଦ, ବ୍ରାଉନସୁଗର, ଗଞ୍ଜେଇ, କଫ୍‌ସିରପ ପ୍ରସ୍ତୁତି, ଚାଲାଣ ଓ ବିକ୍ରି ରୋକିବାକୁ ଏହି ସ୍ୱତନ୍ତ୍ର ଅଭିଯାନ କରାଯାଇଥିଲା। ଏହି ଧରପଗଡ଼ ଅଭିଯାନରେ ୪୦୧୩ଟି ମାମଲାରେ ୨୧୭୬ଜଣଙ୍କୁ ଗିରଫ କରିଯାଇଛି। ଏଥିରେ ୧ଲକ୍ଷ ୬୯ହଜାର ୫୬୪ ଲିଟର ଦେଶୀ ମଦ, ୧୭ ଲକ୍ଷ ୧୧ହଜାର ୫୭୦ କିଲୋ ପୋଚ, ୭୪୫୧ ଲିଟର ଶୁଳ୍କ ପୈଠ ହୋଇଥିବା ମଦ, ୨୭୯୪ ଲିଟର ନକଲି/ ଶୁଳ୍କ ପୈଠ ହୋଇନଥିବା ବିଦେଶୀ ମଦ ଜବତ ହୋଇଛି। ଏଥିସହ ୧୬୯୩୭ କିଲୋ ମହୁଲ ଫୁଲ, ୮୮୪ କିଲୋ ଗଞ୍ଜେଇ, ୨୬୯୭ ଗ୍ରାମ ବ୍ରାଉନସୁଗର, ୨୧ ଲିଟର କଫସିରପ୍, ୨୨୭ ଗୋଟି ଦୁଇ ଚକିଆ ଯାନ ଓ ୩୧ଗୋଟି ତିନି ଚକିଆ/ଚାରିଚକିଆ ଯାନ ମଧ୍ୟ ଜବତ ହୋଇଛି। ଏହି ସବୁ ଜବତ ସାମଗ୍ରୀର ଆନୁମାନିକ ମୂଲ୍ୟ ୧୯ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଅନୁରୂପ ଭାବେ ଗାଡ଼ି ମାଲିକଙ୍କ ଜ୍ଞାତସାରରେ କିମ୍ବା ତାଙ୍କ ସହମତିରେ ବେଆଇନ ଭାବେ ମଦ ପରିବହନରେ ବ୍ୟବହୃତ ଗାଡିଗୁଡ଼ିକୁ ବ୍ୟାଜ୍ୟାପ୍ତି କରିବା ପାଇଁ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରଯାଇଛି। ଅବକାରୀ କମିସନର୍ ନରସିଂହ ଭୋଳ କହିଛନ୍ତି, ବେଆଇନ ମଦ ବିରୋଧରେ ନିରନ୍ତର ଚଢ଼ଉ ଜାରି ରହିବ।

**୨୧୭୬ ନିଶା ବେପାରୀ ଗିରଫ**

**କୋଣାର୍କ ମନ୍ଦିର ପରିସରରେ ୧୫୪ ଫଟୋଗ୍ରାଫରଙ୍କୁ ଲାଇସେନ୍ସ ପ୍ରଦାନ ପ୍ରସଙ୍ଗ**

# ଆବେଦନ ଖାରଜ କଲେ ହାଇକୋର୍ଟ

**କଟକ,୧୩।୧(ସମିସ):** ବିଶ୍ୱପ୍ରସିଦ୍ଧ କୋଣାର୍କ ମନ୍ଦିର ପରିସରରେ ଫଟୋଗ୍ରାଫି ଲାଇସେନ୍ସ ପ୍ରଦାନକୁ ନେଇ ସୃଷ୍ଟ ବିବାଦ ସମ୍ପର୍କିତ ମାମଲାର ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ହାଇକୋର୍ଟ। ୧୫୪ଜଣ ଆବେଦନକାରୀ ଫଟୋଗ୍ରାଫର୍‌ଙ୍କ ପକ୍ଷରୁ ଜଣିକିଆ ବିଚାରପତିଙ୍କ ରାୟକୁ ଚାଲେଞ୍ଜ କରି ଦାୟର ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଅଶୋକ କୁମାର ସ୍ୱାଇଁ ଓ ଅନ୍ୟମାନଙ୍କ ତରଫରୁ ଦାୟର ମାମଲାର ଶୁଣାଣି କରି ଏପରି ରାୟ ପ୍ରକାଶ କରିଛନ୍ତି। ଅତୀତରେ ଏଏସ୍ଆଇ (ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା)ର ଲାଇସେନ୍ସ ବିନା ଆବେଦନକାରୀମାନେ ମନ୍ଦିର ପରିସରରେ ଫଟୋଗ୍ରାଫର ଭାବେ କାର୍ଯ୍ୟ କରିଥିଲେ, ଯାହା ସେତେବେଳର ପ୍ରଚଳିତ ନୀତି ଅନୁସାରେ ଥିଲା। ତେବେ ବର୍ତ୍ତମାନ ନୀତି ଅନୁସାରେ ଲାଇସେନ୍ସର ଆବଶ୍ୟକତାକୁ ଏଡ଼ାଇ ଦିଆଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଜଣିକିଆ ବିଚାରପତି ଦେଇଥିବା ରାୟ ଅନୁସାରେ ପୁରୁଣା ନୀତି ଅନୁଯାୟୀ ଅନୁମତି ପାଇଥିବା ଫଟୋଗ୍ରାଫର୍‌ମାନଙ୍କୁ ନୂତନ ନୀତି ୨୦୧୭ ଅନୁସାରେ ଲାଇସେନ୍ସ ନବୀକରଣ ପାଇଁ କୁହାଯାଇଥିଲା। ଯାହାକୁ ଦୁଇଜଣିଆ ଖଣ୍ଡପୀଠ କାଏମ ରଖିଛନ୍ତି। ଏଏସ୍ଆଇ(ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା) ତରଫରୁ ପୁରୀ ସର୍କଲ ସୁପରିନଟେଣ୍ଡିଂ ଆର୍କିଓଲୋଜିଷ୍ଟ ଡକ୍ଟର ଡି.ବି.ଗଡ଼ନାୟକ ଅତିରିକ୍ତ ସତ୍ୟପାଠ ଦାଖଲ କରି ଦର୍ଶାଇଥିଲେ ଯେ ଏଏସଆଇ ୨୦୧୭ର ନୀତିକୁ କଡ଼ାକଡ଼ି ପାଳନ କରୁଛି। ଏଭଳି ସ୍ଥିତିରେ ୧୫୪ ଜଣ ଆବେଦନକାରୀଙ୍କ ଅନୁରୋଧ ରକ୍ଷା କରି ନୀତି କୋହଳ କରିବା ସମ୍ଭବ ନୁହେଁ। ୨୦୧୭ର ନୀତିରେ କୋଣାର୍କ ପରିସରରେ ଫଟୋଗ୍ରାଫର୍ ଲାଇସେନ୍ସ ପାଇଁ ସର୍ବନିମ୍ନ ମାଟ୍ରିକୁଲେସନ୍ ଶିକ୍ଷାଗତ ଯୋଗ୍ୟତା ଧାର୍ଯ୍ୟ କରାଯାଇଥିଲା। ଏହି ଅନୁସାରେ ମାତ୍ର ୧୦ଜଣ ଫଟୋଗ୍ରାଫରଙ୍କୁ କୋଣାର୍କ ମନ୍ଦିର ପରିସରରେ ପର୍ଯ୍ୟଟକଙ୍କ ଫଟୋ ଉଠାଇବା ଲାଗି ଅନୁମତି ମିଳିଥିଲା। ବଞ୍ଚିତ ୧୫୪ଜଣ ଆବେଦନକାରୀ ଫଟୋଗ୍ରାଫର ଦର୍ଶାଇଥିଲେ ଯେ କୋଣାର୍କ ପରିସରରେ ଫଟୋ ଉଠାଇ ସେମାନେ ପରିବାର ଚଳାଉଥିଲେ। ଏଣୁ ୨୦୧୭ ନୀତି କୋହଳ କରାଯିବା ଉଚିତ।

## ହାଇକୋର୍ଟରେ ନର୍ଲା ଓ ଝାରସୁଗୁଡ଼ା ନିର୍ବାଚନୀ ମାମଲାର ଶୁଣାଣି

**କଟକ, ୧୩।୧ (ସମିସ):** ଗତ ୨୦୨୪ ନର୍ଲା ଓ ଝାରସୁଗୁଡ଼ା ବିଧାନସଭା ନିର୍ବାଚନୀ ଅନିୟମିତତା ମାମଲାର ଆଜି ଶୁଣାଣି କରିଛନ୍ତି ହାଇକୋର୍ଟ। ନର୍ଲା ନିର୍ବାଚନୀ ମାମଲାରେ ପ୍ରତିପକ୍ଷ ବିଧାୟକ ବିଧାୟକ ମନୋରମା ମହାନ୍ତିଙ୍କ ପକ୍ଷରୁ ଜବାବ ଦାଖଲ କରାଯାଇଛି। ଅନ୍ୟପଟରେ ଏହି ମାମଲାକୁ ଖାରଜ କରାଯାଉ ବୋଲି ଦର୍ଶାଇ ପ୍ରତିପକ୍ଷ ବିଧାୟିକାଙ୍କ ପକ୍ଷରୁ ଏକ ଅନ୍ତରୀଣ ଆବେଦନ ମଧ୍ୟ ରୁଜୁ ହୋଇଛି। ଏହି ପ୍ରସଙ୍ଗରେ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଜାନୁଆରି ୨୭କୁ ଧାର୍ଯ୍ୟ କରାଯାଇଛି। ନର୍ଲା ବିଧାନସଭା କ୍ଷେତ୍ରରୁ ପରାଜିତ କଂଗ୍ରେସ ପ୍ରାର୍ଥୀ ଭକ୍ତଚରଣ ଦାସଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ୍ ଶଶିକାନ୍ତ ମିଶ୍ର ଏହି ନିର୍ଦ୍ଦେଶ ଦେଇଛନ୍ତି। ନର୍ଲା ଆସନରୁ ନିର୍ବାଚିତ ବିଧାୟିକା ଦାଖଲ କରିଥିବା ସତ୍ୟପାଠରେ ଶିକ୍ଷାଗତ ଯୋଗ୍ୟତା ଓ ବୟସ ସମ୍ପର୍କରେ ମଧ୍ୟ ମିଥ୍ୟା ତଥ୍ୟ ପ୍ରଦାନ କରିଥିବା ନେଇ ଆବେଦନକାରୀ ଶ୍ରୀ ଦାସ ଅଭିଯୋଗ ଆଣିଥିଲେ। ସେହିଭଳି ଝାରସୁଗୁଡ଼ା ବିଧାନସଭା ନିର୍ବାଚନ ଅନିୟମିତତା ମାମଲାରେ ପ୍ରତିପକ୍ଷ ତଥା ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ଲିଖିତ ଜବାବ ଦାଖଲ କରିବା ପରେ ଆଜି ଆବେଦନକାରୀ ଦୀପାଳି ଦାସଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ ଆରମ୍ଭ ହୋଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୭କୁ ଧାର୍ଯ୍ୟ କରାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୭ରୁ ରାଜ୍ୟରେ...

ହେବ ବୋଲି ପାଣିପାଗ କେନ୍ଦ୍ର କହିଛି।

ଏହି ସମୟରେ ବିଶେଷ କରି ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୁଳ, ଢେଙ୍କାନାଳ, ସମ୍ବଲପୁର, ବରଗଡ଼, କନ୍ଧମାଳ, କଳାହାଣ୍ଡି, କୋରାପୁଟ, ନବରଙ୍ଗପୁରରେ ଶୀତ ଲହରୀ ଅନୁଭୂତ ହେବାର ସମ୍ଭାବନା ରହିଛି। ଅନ୍ୟପଟେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗରେ କୌଣସି ପରିବର୍ତ୍ତନ ହେବ ନାହିଁ। ଏହି ସମୟରେ ତାପମାତ୍ରା କିଛି ପରିମାଣରେ ବୃଦ୍ଧି ପାଇବ। ତେଣୁ ରାତ୍ରୀ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବ। କିଛି ଜିଲ୍ଲାରେ ହାଲୁକା ଶୀତ ସହ ଘନ କୁହୁଡ଼ି ନେଇ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରାଯାଇଛି। ୧୫ ତାରିଖ ପର୍ଯ୍ୟନ୍ତ ଘନ କୁହୁଡି ନେଇ ୩ ଟି ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି। କଳାହାଣ୍ଡି, କନ୍ଧମାଳ ଏବଂ କୋରାପୁଟକୁ ସତର୍କ କରାଯାଇଛି। ଏହି ସବୁ ଜିଲ୍ଲାରେ ଦୃଶ୍ୟମାନ କ୍ଷମତା ୫୦ ମିଟର ତଳକୁ ଖସି ଆସିବ ବୋଲି ପାଣିପାଗ କେନ୍ଦ୍ର କହିଛି। ଏମିତି କି କିଛି ସ୍ଥାନରେ ଜିରୋ ଭିଜିବିଲିଟି ନେଇ ମଧ୍ୟ ସତର୍କତା ଜାରି କରାଯାଇଛି। ଏହାସହ ଝାରସୁଗୁଡ଼ା, କେନ୍ଦୁଝର, ସମ୍ବଲପୁର, ସୁନ୍ଦରଗଡ଼, କଟକ ଏବଂ ଖୋର୍ଦ୍ଧାରେ ହାଲୁକାରୁ ମଧ୍ୟମ ଧରଣର କୁହୁଡି ଅନୁଭୂତ ହେବ ବୋଲି ପାଣିପାଗ କେନ୍ଦ୍ର କହିଛି।

### ପୁଣି ଖସିଲା...

ଲାଗିଛି 'ଟଙ୍କା'। ସପ୍ତାହର ପ୍ରାରମ୍ଭ ବା ସୋମବାର କାବରାରରେ ଟଙ୍କା ମୂଲ୍ୟ ଏହାର ରେକର୍ଡ ସର୍ବନିମ୍ନ ସ୍ତର ଟ ୮୬.୭୨କୁ ଖସିଆସିଛି। ଯାହା ଫଳରେ ଭାରତୀୟ ମୁଦ୍ରା ଆମେରିକୀୟ ଡଲାର ତୁଳନାରେ ସବୁଠାରୁ ଦୁର୍ବଳ ସ୍ଥିତିରେ ପହଞ୍ଚିଛି। ଅଶୋଧିତ ତୈଳ ମୂଲ୍ୟରେ ବୃଦ୍ଧି, ସେୟାର ବଜାରରେ ବୃହତ୍ ହ୍ରାସ ସହ ବିଦେଶୀ ପାଣ୍ଠିର ବର୍ହିଗମନ ଆଦି ଯୋଗୁ ଟଙ୍କା ଦୁର୍ବଳ ହୋଇଛି। ଏଠାରେ ସୂଚନାଯୋଗ୍ୟ ଯେ, ଟଙ୍କା ମୂଲ୍ୟରେ ବିଗତ ୨ ବର୍ଷ ମଧ୍ୟରେ ଗୋଟିଏ ଦିନରେ ଏଭଳି ହ୍ରାସ କେବେ ହୋଇ ନ ଥିଲା। ସୋମବାର କାରବାରରେ ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ୫୮ ପଇସା ବା ୦.୬୭ ପ୍ରତିଶତ ହ୍ରାସ ଘଟି ଏହା ୮୬.୭୨ ଟଙ୍କା ସ୍ତରରେ ବନ୍ଦ ହୋଇଛି। ଗତ ଦୁଇ ସପ୍ତାହ ମଧ୍ୟରେ ଟଙ୍କା ମୂଲ୍ୟରେ ପ୍ରାୟ ୧ ଟଙ୍କାରୁ ଅଧିକ ହ୍ରାସ ଘଟିଛି। ଡିସେମ୍ବର ୧୯ରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୮୫ ଟଙ୍କା ରହିଥିବାବେଳେ ଡିସେମ୍ବର ୩୦ରେ ଏହା ୮୫.୫୨ ଟଙ୍କା ସ୍ତରରେ ରହିଥିଲା। ଗତ ଶୁକ୍ରବାର କାରବାରରେ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟରେ ୧୮ ପଇସା ହ୍ରାସ ଘଟି ଟ ୮୬.୦୪ ସ୍ତରରେ ରହିଥିଲା। ଆଜି ଆନ୍ତଃବ୍ୟାଙ୍କ ବିନିମୟ ବଜାରରେ ଟଙ୍କା ଦୁର୍ବଳରୁ କାରବାର ଆରମ୍ଭ କରିଥିଲା।

### ରାଜ୍ୟରେ ଲାଗୁ...

ହେବେ। ସେହିପରି ରାଜ୍ୟର ୨୩, ୧୨, ୯୭୯ ଜଣ ୭୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଆୟୁଷ୍ମାନ ଭାରତ-୨ ଜରିଆରେ ମଧ୍ୟ ଚିକିତ୍ସାସେବା ପାଇବେ। କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ରାଜ୍ୟର ୧.୦୩ ପରିବାର ମଧ୍ୟରୁ କେନ୍ଦ୍ରୀୟ ଯୋଜନାରେ ୬୭.୮ ଲକ୍ଷ ପରିବାର ସାମିଲ ହେବେ।

ନୂଆଦିଲ୍ଲୀରେ ଏମ୍‌ଓୟୁ ସ୍ୱାକ୍ଷର କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ 'ଆୟୁଷ୍ମାନ' ଯୋଜନା ଦ୍ୱାରା ରାଜ୍ୟ ତଥା ଗ୍ରାମାଞ୍ଚଳର ଲୋକଙ୍କ ଚିକିତ୍ସା କ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତ୍ତନ ଆସିବ। ସ୍ୱାସ୍ଥ୍ୟ କ୍ଷେତ୍ରରେ ଯେଉଁ ଯୁଗାନ୍ତକାରୀ ପଦକ୍ଷେପ ନିଆଯାଉଛି ତାହା ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଓ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ରାଜ୍ୟର ପଞ୍ଚାୟତସ୍ତରରେ ଯେଉଁ ହେଲଥ ସବ୍ ସେଣ୍ଟର ଅଛି ତାହା ଠିକ୍‌ଭାବେ କାର୍ଯ୍ୟକାରୀ ହେଉନାହିଁ। ପ୍ରତି ପଞ୍ଚାୟତରେ ଗୋଟିଏ ଗୋଟିଏ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପ୍ରତିଷ୍ଠା କରିବେ । ଏଥିରେ ସ୍ୱାସ୍ଥ୍ୟକର୍ମୀ ଓ ଯୋଗ ଶିକ୍ଷକ ନିୟୋଜିତ ହେବେ। ଏହି ସବୁ କେନ୍ଦ୍ର ଗୁଡିକର ପୂର୍ଣ୍ଣାଙ୍ଗ ଭିତ୍ତିଭୂମି ବିକଶିତ କରାଯିବ । ସେହିପରି ଆୟୁଷ୍ମାନରେ ଓଡିଶାରେ ୧ କୋଟିରୁ ଅଧିକ ପରିବାର ଦେଶର ୨୯ ହଜାର ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ସୁବିଧା ପାଇପାରିବେ । ଚଳିତ ବଜେଟ୍‌ରେ ସ୍ୱାସ୍ଥ୍ୟକ୍ଷେତ୍ରରେ ପ୍ରାୟ ୨୧ ହଜାର କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ଏହି ଯୋଜନାରେ ପୁରୁଷ ମାନେ ୫ ଲକ୍ଷ ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ଓ ମହିଳା ହିତାଧିକାରୀ ମାନେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ଯୋଗ ଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆୟୁଷ୍ମାନ ଯୋଜନା ଓଡ଼ିଶାରେ କାର୍ଯ୍ୟକାରୀ ହେବା ପରେ ରାଜ୍ୟ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ନୂଆ ଅଧ୍ୟାୟ ଯୋଡ଼ି ହୋଇଛି ବୋଲି କହିଛନ୍ତି । ଏଥିନିମନ୍ତେ ସେ ପ୍ରଧାନମନ୍ତ୍ରୀ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହ ଓଡ଼ିଶାରେ ନେସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଫାର୍ମାସିଟ୍ୟୁକାଲ ଏଜୁକେସନ ଏଣ୍ଡ ରିସର୍ଚ୍ଚ ସ୍ଥାପନ ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିକଟରେ ନିଜର ଅନୁରୋଧ ଦୋହରାଇଛନ୍ତି । ଏହି ଅବସରରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନ‡ା, ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସ୍ୱାସ୍ଥ୍ୟ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ , କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ପୂର୍ଣ୍ଣ ସଲିଳା ଶ୍ରୀବାସ୍ତବ, ଓଡ଼ିଶାର ମୁଖ୍ୟ ସଚିବ ମନୋଜ ଆହୁଜାଙ୍କ ସହ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ମାଗଣା 'ବିଏସ୍‌କେୱାଇ'...

ଉପଯୁକ୍ତ ସେବା ପାଇବା ନେଇ ଆଶଙ୍କା ରହିଛି। ଏଥିସହିତ ବିଏସ୍‌କେୱାଇ ତୁଳନାରେ ଆୟୁଷ୍ମାନର ବଜେଟ ରାଶି କମ୍। ତେଣୁ ଅଧିକାଂଶ ଡାକ୍ତରଖାନା ଆୟୁଷ୍ମାନ ଭାରତରେ ପଞ୍ଜିକୃତ ହେବା ପାଇଁ ଅନିଚ୍ଛା ପ୍ରକାଶ କରିଛନ୍ତି। ଏସବୁର ସିଧାସଳଖ ପ୍ରଭାବ ରୋଗୀଙ୍କ ଉପରେ ପଡ଼ିବ ବୋଲି କୁହାଯାଉଛି।

ବିଏସ୍‌କେୱାଇରେ ପଞ୍ଜିକୃତ ହୋଇ ସେବା ଯୋଗାଉଥିବା ଏକ ଘରୋଇ ଡାକ୍ତରଖାନାର କର୍ତ୍ତୃପକ୍ଷ କହିଛନ୍ତି ଯେ ପ୍ରାୟ ୯୦ ପ୍ରତିଶତ ରୋଗର ଚିକିତ୍ସା ପାଇଁ ବିଏସ୍‌କେୱାଇ ତୁଳନାରେ ଆୟୁଷ୍ମାନ ଭାରତରେ କମ୍ ଅର୍ଥ ବ୍ୟବସ୍ଥା ରହିଛି। ଗୋଟିଏ ଅସ୍ତ୍ରୋପଚାର୍ ପାଇଁ ବିଏସ୍‌କେୱାଇରେ ଖର୍ଚ୍ଚ ସୀମା ୭୦ ହଜାର ଟଙ୍କା ଧାର୍ଯ୍ୟ ହୋଇଥିବାବେଳେ ଆୟୁଷ୍ମାନରେ ଏହା ୩୦ ହଜାର ମଧ୍ୟରେ ସୀମିତ। ବିଏସ୍‌କେୱାଇ କାଡର୍‌ଧାରୀ ରୋଗୀଙ୍କ ଚିକିତ୍ସା ବ୍ୟୟ ସରକାର ସର୍ବାଧିକ ୪୫ ଦିନ ମଧ୍ୟରେ ଭରଣା କରୁଛନ୍ତି। କିନ୍ତୁ ଅନ୍ୟ ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନାରେ ବୀମା କମ୍ପାନୀଗୁଡ଼ିକ ଚିକିତ୍ସା ବ୍ୟୟ ଭରଣା ପାଇଁ ୪ରୁ ୬ ମାସ ପର୍ଯ୍ୟନ୍ତ ସମୟ ନେଉଛନ୍ତି। ପୂର୍ବରୁ ରାଜ୍ୟ ସରକାର ନିଜେ ବିଏସ୍‌କେୱାଇ ଚଳାଉଥିବାରୁ ନୋଡାଲ ଅଧିକାରୀଙ୍କଠାରୁ ଆରମ୍ଭ କରି ତିନି ଜଣ କର୍ମଚାରୀ ଘରୋଇ ଡାକ୍ତରଖାନାରେ ଚିକିତ୍ସା ଉପରେ ନଜର ରଖୁଥିଲେ। ତେଣୁ ଘରୋଇ ଡାକ୍ତରଖାନାଗୁଡ଼ିକ ରୋଗୀ ସେବାରେ ଅବହେଳା କରିବା ସମ୍ଭାବନା ବହୁତ କମ୍ ଥିଲା। ତେବେ ଆୟୁଷ୍ମାନ ଯୋଜନାରେ ଏପରି ବ୍ୟବସ୍ଥା ନାହିଁ ବୋଲି ସଂପୃକ୍ତ ଡାକ୍ତରଖାନା କର୍ତ୍ତୃପକ୍ଷ କହିଛନ୍ତି।


**CHANGE OF NAME**

I, S beauty achary, W/o- Sunil Kumar Achary, Resident of ward No.3, Chandpur, Po/Ps - Chandpur, Dist - Nayagarh, Pin - 752024 Odisha declare by this Affidvid No-1573, Dtd 20/12/2024 that onwards. I shall be known as **Beauty Achary** for all future purposes.

**AFFIDAVIT**

By virtue of an affidavit sworn before the 13.01.2025 Notary Public, Cuttack dated 13.01.2025. I, Iswar Katriya S/o- Late Thama Katriya permanent resident of At-Gopanagar, Po/Ps- Koraput Town, Dist-Koraput, Odisha-764020 have changed my surname from Iswar Kartiya to Iswar Katriya. Henceforth, I shall be known as **Iswar Katriya** for all purposes.

**AFFIDAVIT**

I MANORAMA SARKAR, aged about 49 years, W/o: Deben Sarkar, resident of Vill/Po: Badakumari, P.s: Umerkote in the district of Nabarangpur (Odisha),Inform to the public My actual name is "MANORAMA SARKAR" which is mentioned in my Aadhar Card vide no-9009 0790 0889 but wrongly my name is mention Manarama Biswas instead of MANORAMA SARKAR. Hence "MANORAMA SARKAR" and "MANARAMA BISWAS" is same and one lady which belongs to my name.Today onwards I will be known as **MANORAMA SARKAR** for all purpose .

**WE ARE HIRING**

Join India's most Trusted fitness equipment Brand.

**WELCARE**

Positions Available

1) **Marketing Executive** (Any Graduate/MBA)
2) **Technician** (ITI / Diploma - Any Trade)
3) **Delivery Boy** (10th / + 2)

Please send your CV at
Email: fitnesscarebbsr@gmail.com

**Call : 7788014444**

Visit: Welcare Fitness Equipment, Pandara Square, BBSR-Puribypass, Bhubaneswar

**ଦେୱାନୀ ଆଇନର ଅଡିର ୧ ରୁଲ୍ ୮(୨) ଅନୁସାରେ**
**In The Court Of Civil Judge (Junior Division)**
ଧାମନଗର

C.S. No. 95 I 2003

ଶ୍ରୀ ଶରତ କୁମାର ରାଉତ ଓଗେର .... ବାଦୀ

ବନାମ

ଓଡ଼ିଶା ସରକାର ଓ ..... ବିବାଦୀ

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉ ଅଛି କି ଯେ ଉପରୋକ୍ତ ବାଦୀମାନେ, ବିବାଦୀମାନଙ୍କ ବିରୁଦ୍ଧରେ ଅତ୍ର ଅଦାଲତରେ ଉପରୋକ୍ତ ମକଦ୍ଦମା ନିମ୍ନ ତଫସିଲ ବୃତ୍ତି ପକ୍ଷେ ମ୍ୟୁଟେସନ ଖତିୟାନ ୧୦୫୭/୩୬୫ ଓ ୧୦୫୭/୩୬୨ ବେଆଇନ ଘୋଷଣା ଚିରସ୍ଥାୟୀ ନିଷେଧାଜ୍ଞା ଦାବିରେ ଦେୱାନି କାର୍ଯ୍ୟବିଧି ଆଇନର ଅଡିର ୧ ରୁଲ ୮(୨) ଅନୁସାରେ ଶ୍ୟାମପୁର ମୌଜା ତଥା ସର୍ବସାଧାରଣଙ୍କ ପ୍ରତିନିଧି ଭାବେ ଆଗତ କରିଅଛନ୍ତି, ଯଦ୍ୟପି କୌଣସି ବ୍ୟକ୍ତି ଉକ୍ତ ମକଦ୍ଦମାରେ ପକ୍ଷଭୁକ୍ତ ହେବାକୁ ଚାହାଁନ୍ତି ତାହା ହେଲେ ଆସନ୍ତା ତା. ୧୬.୦୧.୨୦୨୫ରିଖ ସୁଦ୍ଧା ଅତ୍ର ଅଦାଲତରେ ହାଜର ହୋଇ ପକ୍ଷଭୁକ୍ତ ହୋଇ ତାଙ୍କ ଦାବି ଉପସ୍ଥାନା କରିପାରିବେ। ନଚେତ ଆଇନ ଅନୁସାରେ କାର୍ଯ୍ୟ କରାଯିବ।

ତଫସିଲବୃତ୍ତି

ମୌଜା- ଶ୍ୟାମପୁର ଚଳିତ ଖାତାନଂ. ୧୧୭୬, ଖସଡା ନଂ. ୨୮୦୦ ଏ ୧.୦୦ ଏବଂ ୨୮୦୯ ଖସଡା ଏ. ୨.୬୬ କିସମ ଘରବାରି ଯାହାକି ନାମଜାରୀ ଖାତା ନଂ. ୧୦୫୭/୩୬୫, ନାମଜାରି ଖସଡା ୨୮୦୦/୩୬୩୩ ଏ.୦.୦୬ଡି, ନାମଜାରୀ ଖାତା ନଂ. ୧୦୫୭/୩୬୨, ନାମଜାରି ଖସଡା ନଂ. ୨୮୦୯/୩୬୩୯ ଏ. ୦.୦୪ଡି।

ସା/- ସିଭିଲ ଜଜ ଜୁନିଅର ଡିଭିଜନ,
ଧାମନଗର

**OFFICE OF THE EXECUTIVE ENGINEER (AGRIL.), PURI DIVISION, PURI** L-142

E-mail ID – eeag-puri@gov.in

**INVITATIONS FOR BIDS THROUGH e-Procurement**

Bid **Identification No: 06/2024-25 /e - Procurement Notice No. - 48** //Agril. Date **-09/01/2025**

**E.E. (AGRIL.), PURI DIVISION - 06/2024-25**

The Executive Engineer (Agril.), Puri Division, Puri on behalf of Governor of Odisha invites **Percentage** Rate Bids in **Single cover** system for the works as detailed in table below.

| Sl. No. | Name of the work | Approximate Estimated cost put to Tender (Excluding GST)(Rs.) | Cost of Bid Documents (in Rs.) | Cost of EMD in the form of TDR (in Rs.) | Class of Contractor | Period of Completion |
|---|---|---|---|---|---|---|
| 1. | 2 | 3 | 4 | 5 | 6 | 7 |
| 1 | Development & Beautification of CD AO campus Puri including a design of External facade, Boundary wall, main gate, land scaping etc. | 33,14,775.00 | 6,000/- | 33,500/- | B & C | 05 (Five calendar month) |

The bidders have to participate in ONLINE bidding only. The web-site for "ONLINE BIDDING" is http://tendersodisha.gov.in:

**Bid documents will be available in above website from Dt. 13.01.2025 at 11.00 AM to Dt. 22.01.2025 up to 5.00 P.M for "ONLINE BIDDING' Date of original bid documents submission from Dt. 13.01.2025 at 11.00 A.M. to 24.01.2025 up to 5.00 P.M. Bids shall be opened at 11.00 A.M on Dt. 27.01.2025.**

The bidder must possess matching class compatible Digital Signature Certificate (DSC). Further details and other terms, and conditions can be. seen from DTCN in the e- Procurement web site www.tendersodisha.gov.in.

**N.B: Subsequent corrigendum/addendum if required shall be available in the website as indicated above.**

OIPR-01479/11/0011/2425

Executive Engineer (Agril.)
Puri Division, Puri

# ସମ୍ପାଦକୀୟ



ବିଶ୍ୱକୁ ଭାରତର ସବୁଠାରୁ ବଡ଼ ଆଶୀର୍ବାଦ ହେଲା, ଏହାର ଗ୍ରାମାଞ୍ଚଳ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଉପଲବ୍ଧ ଅଭିଜ୍ଞତା ଓ ଜ୍ଞାନର ସମୃଦ୍ଧ ଭଣ୍ଡାର।
- ଏମ୍ ଏସ୍ ସ୍ୱାମୀନାଥନ୍

ସକାଳ
THE SAKALA

## ବଦଳୁଛି ଦିଲ୍ଲୀ ରାଜନୀତି

ବହୁ ଆଶା ଓ ସମ୍ଭାବନାର ପ୍ରତିଶ୍ରୁତି ବହନ କରି ରାଜଧାନୀ ସହର ଦିଲ୍ଲୀକୁ କେନ୍ଦ୍ରଶାସିତ ଅଞ୍ଚଳରୁ ରାଜ୍ୟପାହ୍ୟାକୁ ଉନ୍ନୀତ କରାଯାଇଥିଲା। ଶୀଲା ଦୀକ୍ଷିତଙ୍କ ନେତୃତ୍ୱରେ ଯେଉଁ ଆଖିଝଲସା ଚିତ୍ରପଟ ଏବେ ମଧ୍ୟ ଜନମାନସରେ ରହିଛି, ତାହାକୁ କେହି ଅତିକ୍ରମ କରିପାରିନାହାନ୍ତି। ଆନ୍ନା ହଜାରେଙ୍କ ନେତୃତ୍ୱରେ ଦୁର୍ନୀତି ବିରୋଧୀ ଆନ୍ଦୋଳନରେ ଅନ୍ୟତମ ଅଗ୍ରଣୀ ସାରଥି ରୂପେ ଅରବିନ୍ଦ କେଜ୍ରିୱାଲଙ୍କ ରାଜନୀତିରେ ଅଭ୍ୟୁଦୟ ଘଟିଲା। ସେହି ଗୋଟିଏ ବିଚାର ଓ ରାଜନୀତିର ପୃଷ୍ଠଭାଗରେ ଥିଲେ ନରେନ୍ଦ୍ର ମୋଦୀ ଓ କେଜ୍ରିୱାଲ। ୨୦୧୪ ସାଧାରଣ ନିର୍ବାଚନରେ ଜାତୀୟ ରାଜନୀତିରେ ପ୍ରଦାର୍ପଣ କରି ମୋଦୀ ପ୍ରଧାନମନ୍ତ୍ରୀ ହେଲେ ଓ କେଜ୍ରିୱାଲ ବର୍ଷକପୂର୍ବରୁ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଅବତୀର୍ଣ୍ଣ ହୋଇ ସଂଖ୍ୟାଗରିଷ୍ଠତା ହାସଲ ନ କଲେ ମଧ୍ୟ ସୀମିତ ସମୟ ପାଇଁ ମେଣ୍ଟ ସରକାରର ନେତୃତ୍ୱ ନେଇଥିଲେ। କ୍ରମାଗତ ଦୁଇଟି ନିର୍ବାଚନରେ ସେ ବିପୁଳ ସଂଖ୍ୟାଗରିଷ୍ଠତା ହାସଲ କରି ମୋଦୀଙ୍କ ନାକ ତଳେ କ୍ଷମତା ଜାହିର କଲେ। କ୍ଷମତାର ମହତାକାଂକ୍ଷା ଓ ଜାତୀୟ ନେତୃତ୍ୱ ପ୍ରତି ଆହ୍ୱାନ ସୃଷ୍ଟି କରି କେଜ୍ରିୱାଲ ନିଜ ଗୋଡ଼ରେ କେବଳ କୁରାଢ଼ି ମାରିନାହାନ୍ତି, ଦିଲ୍ଲୀର ବିକାଶ ପ୍ରକ୍ରିୟାରେ ବାଧକ ହୋଇଛନ୍ତି। ଅସଲ କ୍ଷମତାର ଚାବିକାଠି ଦିଲ୍ଲୀ ଉପରାଜ୍ୟପାଳ (ଏଲଜି)ଙ୍କ ହାତରେ ରହିଥିବା ବେଳେ ନିର୍ବାଚିତ ରାଜ୍ୟ ସରକାର ତାଙ୍କ ବିନା ଅନୁମତିରେ କୌଣସି ନିଷ୍ପତ୍ତି ନେବାକୁ ଅସମର୍ଥ ହୋଇପଡ଼ିଛି। ଏସବୁ ସତ୍ତ୍ୱେ କ୍ଷମତା ହାସଲ ସକାଶେ ଚଳିତ ନିର୍ବାଚନରେ ଆପ୍ ଓ ବିଜେପି ମଧ୍ୟରେ କଡ଼ା ମୁକାବିଲା ହେବାକୁ ଯାଉଛି। ଯେକୌଣସି ପ୍ରକାରେ କେଜ୍ରିୱାଲଙ୍କୁ କ୍ଷମତାରୁ ହଟାଇବା ପାଇଁ ବିଜେପି ସମସ୍ତ କଳ ବଳ ଓ କୌଶଳ ପ୍ରୟୋଗ କରୁଛି।

ଦୀର୍ଘ ୨୭ ବର୍ଷ ଧରି ଦିଲ୍ଲୀ ବିଧାନସଭା କ୍ଷମତା ରାଜନୀତିକୁ ବିଜେପି ଫେରି ନ ପାରିବାର କ୍ଷୋଭ ଓ ଅନୁଶୋଚନାରେ ପୂର୍ଣ୍ଣଚ୍ଛେଦ ଟାଣିବାକୁ ନିଜେ ମୋଦୀ ହିଁ ପ୍ରଚାରର ନେତୃତ୍ୱ ନେଇଛନ୍ତି। କ୍ରମାଗତ ଭାବେ ତୃତୀୟଥର ସକାଶେ ଦିଲ୍ଲୀର ୭ଟି ଲୋକସଭା ଆସନରୁ ବିଜେପି ବିଜୟୀ ହେଉଥିଲେ ହେଁ ବିଧାନସଭା ନିର୍ବାଚନରେ କାହିଁକି ବିପର୍ଯ୍ୟୟର ସମ୍ମୁଖୀନ ହେଉଛି? ଏହା ସ୍ପଷ୍ଟ ଯେ କେଜ୍ରିୱାଲଙ୍କ ବଳିଷ୍ଠ ନେତୃତ୍ୱ ଓ ବ୍ୟକ୍ତିତ୍ୱର ସମକକ୍ଷ ନେତା ଉଭୟ ବିଜେପି ଓ କଂଗ୍ରେସରେ ନାହାନ୍ତି। ତେଣୁ ବିଜେପି ପକ୍ଷରୁ ନେତୃତ୍ୱର ମଙ୍ଗ ଧରିଛନ୍ତି ମୋଦୀ ନିଜେ। ଦଳ ଜିତିଗଲେ ସେ ତ ଆଉ ମୁଖ୍ୟମନ୍ତ୍ରୀ ହେବେ ନାହିଁ, ତେବେ ଆଉ ଯିଏ ହେବ ତାଙ୍କ ଅପେକ୍ଷା କେଜ୍ରିୱାଲ ଭଲ। ଏଭଳି ଏକ ମାନସିକତା ମଧ୍ୟରେ ଦିଲ୍ଲୀବାସୀ ଆଉ ତିନିସପ୍ତାହ ପରେ ମତଦାନ କରିବେ। ମଦ ଦୁର୍ନୀତି ଓ ମୁଖ୍ୟମନ୍ତ୍ରୀଙ୍କ ବିଳାସପୂର୍ଣ୍ଣ ବାସଗୃହ ପ୍ରସଙ୍ଗ କେଜ୍ରିୱାଲଙ୍କ ଭାବମୂର୍ତ୍ତିରେ ଆଞ୍ଚ ଆଣିଛି। ସେ ସାଧାରଣରେ ଆଜି ଯାଏଁ ନିଜକୁ ଯାହା ପ୍ରଦର୍ଶନ କରିଆସିଛନ୍ତି, ସତରେ ସେ କ'ଣ ତାହା? ଏଭଳି ଏକାଧିକ ପ୍ରଶ୍ନ ଦିଲ୍ଲୀ ଭୋଟରଙ୍କ ମନରେ ଉଙ୍କି ମାରୁଛି। ଶକ୍ତି, ସାମର୍ଥ୍ୟ ଓ ସମ୍ବଳ ଦୃଷ୍ଟିରୁ ବିଜେପି ଯଥେଷ୍ଟ ଆଗରେ ଥିବା ବେଳେ କ୍ଷମତା ବିରୋଧରେ ମୁଣ୍ଡ ଟେକୁଥିବା ଅସନ୍ତୋଷକୁ ପୁଞ୍ଜି କରି ନୂଆ ରଣକୌଶଳରେ ଦଳର ସମ୍ମିଳିତ ନେତୃତ୍ୱ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ରାଜଧାନୀର ରାଜରାସ୍ତା, ସ୍ୱରେଜ, ହସ୍ପିଟାଲ, ପାର୍କ ଓ ଖେଳପଡ଼ିଆରେ ପରିଲକ୍ଷିତ ଅବନତି, ଭୟଙ୍କର ଭାବେ ପ୍ରଦୂଷିତ ଯମୁନା ଜଳ ସର୍ବୋପରି ବିଷାକ୍ତ ଜଳବାୟୁ ଶ୍ୱାସରୁଦ୍ଧ ଦିଲ୍ଲୀବାସୀଙ୍କୁ ଯେ ଅତିଷ୍ଠ କରିଛି, ତାହା ଯେକେହି ସ୍ୱୀକାର କରିବ। ଏସବୁ ସତ୍ତ୍ୱେ ଜଳ ଓ ବିଦ୍ୟୁତ ଶୁଳ୍କରେ ରିହାତି, ସରକାରୀ ବିଦ୍ୟାଳୟର ଉନ୍ନତି ଓ ମହଲ୍ଲା କ୍ଲିନିକ୍‌ରେ ଉପକୃତ ହେଉଥିବା ନିମ୍ନ ମଧ୍ୟବିତ୍ତ ଓ ଗରିବ ମତଦାତାଙ୍କୁ ପ୍ରଭାବିତ କରିବା ନିଶ୍ଚୟ କଷ୍ଟକର ହେବ ବିଜେପିକୁ। ଏହି ଦିଲ୍ଲୀ ମଡେଲ ଦେଶର ଅନ୍ୟରାଜ୍ୟ ସରକାରଙ୍କ ପାଇଁ ଚିନ୍ତା ଓ ଉଦ୍‌ବେଗର କାରଣ ହୋଇଛି। ଆପ୍ ପଞ୍ଜାବରେ ଏହାକୁ ପ୍ରଦର୍ଶନ କରି କ୍ଷମତାସୀନ ହୋଇଥିବା ବେଳେ ଗୁଜରାଟ ଓ ହରିଆଣାରେ ନିଜର ସାଂଗଠନିକ ଦକ୍ଷତା ପ୍ରଦର୍ଶନ କରିବାକୁ ଅଣ୍ଟାଭିଡ଼ିଛି।

ଏଠାରେ ପ୍ରଶ୍ନ ଉଠୁଛି ଯେ ସତରେ କେଜ୍ରିୱାଲ ମୋଦୀଙ୍କ ପାଇଁ ବିପଦ କି? ତେବେ କାହିଁକି ପୂର୍ଣ୍ଣ ରାଜ୍ୟର ମାନ୍ୟତା ପାଇନଥିବା ଦିଲ୍ଲୀ ବିଧାନସଭାରେ ନିର୍ବାଚନକୁ ମୋଦୀ ଏତେ ଗୁରୁତ୍ୱ ଦେଉଛନ୍ତି? ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ସମେତ ରାଜ୍ୟର ତିନିଜଣ ମନ୍ତ୍ରୀଙ୍କୁ ଦୀର୍ଘଦିନ ଧରି ଜେଲ୍‌ରେ ଅଟକ ରଖି ସାଧାରଣରେ ନିନ୍ଦିତ କରିବା ଏବଂ ଆଇନରେ ଆବଶ୍ୟକ ସଂଶୋଧନ ଆଣି ସରକାରଙ୍କ କ୍ଷମତା ସଂକୋଚନ ଭଳି କଠୋର ଆଭିମୁଖ୍ୟ ଗ୍ରହଣ ସତ୍ତ୍ୱେ ଚଳିତ ନିର୍ବାଚନ ରାଜନୀତିର ଗଣିତ ଏବେ ବି ଅସ୍ପଷ୍ଟ। ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବ୍ୟକ୍ତିତ୍ୱ ଓ ନେତୃତ୍ୱ ପ୍ରତି ଏବେ ମଧ୍ୟ ୬୦ ପ୍ରତିଶତ ଲୋକଙ୍କ ଆସ୍ଥା ଓ ବିଶ୍ୱାସ ଅଛି। ସେହି ତୁଳନାରେ କେଜ୍ରିୱାଲଙ୍କ ପ୍ରତି ସମର୍ଥନ ଦୁଇଅଙ୍କରେ ସୀମିତ। ତେବେ ଦିଲ୍ଲୀ କ୍ଷମତା କେନ୍ଦ୍ର ପାଇଁ ବିଧାନସଭାର ନିରଙ୍କୁଶ କ୍ଷମତା ଯେ ଅନ୍ୟ କୌଣସି ଦଳ ହାତରେ ରହୁ, ଏହା ନିଶ୍ଚୟ ଅସହ୍ୟ ହେବ। ବରଂ ଏହା କ୍ଷମତା କେନ୍ଦ୍ରର ଅପାରଗତାକୁ ପ୍ରଦର୍ଶନ କରୁଛି ବୋଲି କୁହାଯାଇପାରେ। ପ୍ରଚଳିତ ବ୍ୟବସ୍ଥାରେ କ୍ଷମତା ରାଜନୀତିର ଗତି ଓ ପ୍ରକୃତି ଯାହା, ସେଥିରେ ଥରେ କେଜ୍ରିୱାଲଙ୍କୁ ପରାଜିତ କଲେ ତାଙ୍କର କ୍ଷମତାକୁ ଫେରିବାର ରାସ୍ତା ସବୁଦିନ ପାଇଁ ବନ୍ଦ ହୋଇଯିବ। ଯେତେଦୂର ମନେ ହୁଏ ମୋଦୀଙ୍କ ନେତୃତ୍ୱରେ ବିଜେପି ଏକ ନିର୍ଣ୍ଣାୟକ ଲଢ଼େଇ ପାଇଁ ପ୍ରସ୍ତୁତ ହେଉଛି। ବିଭିନ୍ନ ଦଳରୁ ବିଜେପିକୁ ଆସିଥିବା ସମସ୍ତ ନେତାଙ୍କୁ ଓ କିଛି ପ୍ରଭାବୀ ସାଂସଦଙ୍କୁ ପ୍ରାର୍ଥୀ ତାଲିକାରେ ଦଳ ସ୍ଥାନ ଦେଇଛି। କିନ୍ତୁ ଏକଥା ସତ ଯେ ଦଳରେ କେଜ୍ରିୱାଲଙ୍କ ସମକକ୍ଷ ନେତାର ଅଭାବ ରହିଛି।

ଏଠାରେ ଲକ୍ଷ୍ୟ କରିବାର କଥା ଯେ ଦିଲ୍ଲୀ ବିଧାନସଭା ନିର୍ବାଚନ ବିରୋଧୀ 'ଇଣ୍ଡି' ମେଣ୍ଟରେ ଥିବା ବିଭେଦ ଓ ଫାଟକୁ ପଦାରେ ପକାଇଦେଇଛି। ଆପ୍ ବିରୋଧରେ କଂଗ୍ରେସ ନେତା ସଂଗଠିତ ଭାବେ ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିବା ବେଳେ କେଜ୍ରିୱାଲଙ୍କୁ ଖୋଲାଖୋଲି ସମର୍ଥନ ଦେଉଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ। ମେଣ୍ଟ ରାଜନୀତିରେ ଏହି ଦୁର୍ଭାଗ୍ୟଜନକ ପ୍ରତିଫଳନ ଜାତୀୟ ସ୍ତରରେ ସୃଷ୍ଟି ହୋଇଥିବା ଆସ୍ଥା ଓ ବିଶ୍ୱାସ ପ୍ରତି ନିଶ୍ଚୟ କୁଠାରଘାତ। ଯେତେଦୂର ମନେହୁଏ, କଂଗ୍ରେସ ପ୍ରତି ସହଯୋଗୀ ଆଞ୍ଚଳିକ ଦଳର ଆସ୍ଥା ଓ ବିଶ୍ୱାସ ତୁଟିବା ଆରମ୍ଭ କରିଛି। 'ଇଣ୍ଡି' ମେଣ୍ଟ କେବଳ ଲୋକସଭା ନିର୍ବାଚନକୁ ଆଖିରେ ରଖି ଗଠନ କରାଯାଇଥିବା ଉଲ୍ଲେଖ କରି କିଛି ସହଯୋଗୀଙ୍କ ତାଳିପକା ଉଦ୍ୟମରୁ ସେଭଳି କିଛି ସୁଫଳ ମିଳିବାର ଆଶା କମ୍। ବରଂ ବିଜେପି ବିରୋଧୀଙ୍କୁ ମୁକାବିଲା କରିବା ବିଜେପିକୁ ଆଗାମୀ ଦିନରେ ଅଧିକ ସହଜ ହେବ। ଏକଥା ସତ ଯେ ନିର୍ବାଚନରେ ବିଜେପି ଅପେକ୍ଷାକୃତ ଭଲ ପ୍ରଦର୍ଶନ କରିବ। ଦଳର ଭୋଟହାର ବୃଦ୍ଧି ପାଇବାର ଅନୁମାନ କରାଯାଉଛି। ତେବେ କଂଗ୍ରେସ କେଉଁ ଦଳର ଭୋଟ କାଟିବ, ତାହାନେଇ ବିଶେଷଜ୍ଞ ମହଲ ନିରୁତ୍ତର। ଏଠାରେ ଏତିକି କୁହାଯାଇପାରେ କି ଆପ୍ ଓ ବିଜେପି ମଧ୍ୟରୁ ଯେଉଁ ଦଳର ଭୋଟ୍ କଂଗ୍ରେସ କାଟିବ ସେ ହିଁ ବିପର୍ଯ୍ୟୟର ସମ୍ମୁଖୀନ ହୋଇପାରେ। ଶାସନ କ୍ଷମତାରେ କେଜ୍ରିୱାଲ୍ ରହିବେ କି ଯିବେ ତାହା ଭିନ୍ନ କଥା, କିନ୍ତୁ ବିରୋଧୀ ମେଣ୍ଟରେ ବିଭାଜନ ଯେ ଦଳ ପାଇଁ ନିଶ୍ଚୟ ଏକ ସ୍ୱତନ୍ତ୍ର ଅନୁଭବ ହେବ ଏହା ସ୍ୱୀକାର୍ଯ୍ୟ। ●

## ଭୂମି ଓ ଭୂମାର ଭବିଷ୍ୟତ

**ବିଜୟ ଦାସ**

ଭୂମି ଓ ପୃଥିବୀର ଜନ୍ମ ପ୍ରାୟତଃ ୪.୫ ବିଲିୟନ ବର୍ଷ ପୂର୍ବରୁ ବୋଲି ଜଣାଯାଏ। ଅଷ୍ଟାଦଶ ଶତାବ୍ଦୀ ପୂର୍ବରୁ ଭୂବିଜ୍ଞାନୀମାନେ ଏହା ଉପରେ ଗଭୀର ଅନୁଧ୍ୟାନ କରି ନ ଥିଲେ। ଧର୍ମଗ୍ରନ୍ଥକୁ ବିଶ୍ୱାସ କରି ଇଂରେଜମାନେ ପୃଥିବୀର ଜନ୍ମ ଛଅହଜାର ବର୍ଷ ପୁରୁଣା ବୋଲି କହୁଥିଲେ, ଯାହାକି ଅବିଶ୍ୱସନୀୟ। ଭୂମା ବା ମହାଶୂନ୍ୟର ସୃଷ୍ଟି ନିଶ୍ଚେ ମାନବର ଆକଳନର ବାହାରେ। ତଥାପି ଜ୍ୟୋତିର୍ବିଜ୍ଞାନୀଙ୍କର ମତଭିନ୍ନତା ଭିତରେ ପ୍ରଥମ ମହାକାଶ ବୟସ ଓ ଦ୍ୱିତୀୟ ମହାକାଶ ବୟସର ବିଭକ୍ତିକରଣ ହୋଇଛି ଊନବିଂଶ ଶତାବ୍ଦୀରେ। ଭୂମି ଓ ଭୂମାର ବୈଜ୍ଞାନିକ ଅନୁଶୀଳନକୁ ଏଇଥି ପାଇଁ ଏବେ ଗୁରୁତ୍ୱ ଦିଆଯାଉଛି ଯେ ଏହାର ସ୍ଥାୟିତ୍ୱ ଏକ ପ୍ରଶ୍ନବାଚୀ, ଏହାର ସମ୍ପର୍କ ଏକ ବିତର୍କ ଏବଂ ମାନବ ସମାଜର ଭବିଷ୍ୟତ ଏହା ଉପରେ ନିର୍ଭରଶୀଳ।

ଏମିତିରେ ବିଶ୍ୱ ବ୍ରହ୍ମାଣ୍ଡର ବୟସ ୧୩.୮ ବିଲିୟନ ବର୍ଷ କୁହାଗଲେ ମଧ୍ୟ ଏହା ଏକ ଅନୁମାନ। ଏଥିରେ ଅନିଶ୍ଚିତତାର ସଂଖ୍ୟା ହେଉଛି ୨୦୦ ବିଲିୟନ ବର୍ଷ। ୧୯୯୯ ମସିହା ପୂର୍ବରୁ ୭ ରୁ ୨୦ ବିଲିୟନ ବର୍ଷ ବୟସ୍କ ବୋଲି ଧରାଯାଉଥିବା ପୃଥିବୀର ବୟସ ଆଜି ଦିନରେ ୧୩.୭ ବିଲିୟନ ବର୍ଷ ପୁରୁଣା ବୋଲି କୁହାଯାଉଛି। ଏହା ହିଁ ଭୂମି ଓ ଭୂମା ସୃଷ୍ଟିର ଅତୀତ। ଏହାର ଅବତାରଣା ନିଶ୍ଚେ ତା'ର ଭବିଷ୍ୟତକୁ ଆକଳନ କରିବାରେ ସାହାଯ୍ୟ କରିବ। ଭୂମିରେ କେବଳ ଜୀବନ ସଞ୍ଚରିତ ବୋଲି ଜଣାଯାଏ ଏ ପର୍ଯ୍ୟନ୍ତ। ପୃଥିବୀର ୭୦.୮ ଭାଗ ଜଳ ଓ ୨୯.୨ ଭାଗ ଭୂମି ବା ମାଟି। ଏହି ମାଟିର ଅଧିକାଂଶ ପୁଣି ସନ୍ତସନ୍ତିଆ। ଜଳ କଥାକୁ ଆସିଲେ ମେରୁ ଅଂଶରେ ଥିବା ହିମ ମରୁଭୂମିରେ ଥିବା ଜଳ ସବୁଠାରୁ ବେଶୀ। ଏପରିକି ଏହାର ଉପରି ଭାଗରେ ଥିବା ଜଳ ପୃଥିବୀର ସମୁଦାୟ ସମୁଦ୍ର, ନଦୀ, ହ୍ରଦ, ଭୂତଳଜଳ ଏପରିକି ବାୟୁମଣ୍ଡଳରେ ଥିବା ଜଳୀୟକଣାର ସମଷ୍ଟିଠାରୁ ମଧ୍ୟ ଅଧିକ। ଏଠାରେ ପ୍ରଶ୍ନ ଉଠେ ଏହି ହିମଗିରିର ବରଫ ଯଦି ସମ୍ପୂର୍ଣ୍ଣ ତରଳି ଯାଏ ତେବେ ଭୂମିର ଭବିଷ୍ୟତ କ'ଣ ହେବ?

ଆକାଶରେ ପ୍ରତୀୟମାନ ସୂର୍ଯ୍ୟଠାରୁ ଦୂରତାରେ ତୃତୀୟ ଗ୍ରହ ହେଉଛି ପୃଥିବୀ। ସୂର୍ଯ୍ୟରେ ଘଟୁଥିବା ଅନ୍ତଃଝଡ଼ରେ ନିଶ୍ଚେ ପ୍ରଭାବିତ ଆମ ଭୂମି। ଏହାର କାରଣ ହୁଏତ ଅବାଞ୍ଛିତ ଅଥଚ ସ୍ୱତଃପ୍ରକ୍ରିୟା। କିନ୍ତୁ ମାନବ ହାତରେ ଥିବା ରକ୍ଷଣାବେକ୍ଷଣର ଦାୟିତ୍ୱ ଠିକ୍ ଭାବରେ ପ୍ରତିପାଦିତ ହେଉଛି ତ? ବୈଜ୍ଞାନିକ ଦୃଷ୍ଟିକୋଣରୁ ବିଚାର କଲେ ନିଜେ ମନୁଷ୍ୟ ହିଁ ଭୂମି ଓ ଭୂମାର ସହନଶକ୍ତିକୁ ଦୁର୍ବଳ କରିଦେଉଛି। ଭୂମି ଉପରେ ଥିବା ବାୟୁମଣ୍ଡଳ ଯଦିଓ ଅଦୃଶ୍ୟ, ତଥାପି ଦୃଶ୍ୟମାନ ତା'ର ଚଳନ, ତା'ର ଦହନ, ତାର ଗମନ ଓ ଶୋଷଣ। ଚଳନ, ଯେପରିକି ବୃକ୍ଷଲତାର ପତ୍ରର ହଲିବା, ମେଘପୁଞ୍ଜର ଗତି, ତା'ର ଦହନର ପ୍ରମାଣ ମରୀଚିକା, ଗମନର ପ୍ରମାଣ ନିର୍ଦ୍ଧାରଣ ଦିଗକୁ ବହିବା ଏବଂ ଶୋଷଣର ପ୍ରମାଣ ସରଳ ସୂର୍ଯ୍ୟରଶ୍ମୀ, ବାଷ୍ପର ଊର୍ଦ୍ଧ୍ୱଗମନ। ଏହାସହିତ ଘୂର୍ଣ୍ଣନର ପ୍ରମାଣ ଖଣ୍ଡିଆଭୂତ। ଭୂମି ଓ ଭୂମା ମଧ୍ୟରେ ଥିବା ସ୍ତରସ୍ତରରେ ବାୟୁମଣ୍ଡଳ ବାସ୍ତବିକ ସ୍ୱରୂପର ସ୍ୱଚ୍ଛ। କିନ୍ତୁ ଏହାର ଧାରଣର ପ୍ରକାର ଭିନ୍ନ ଭିନ୍ନ। ଜଳ କଣିକା ଧାରଣ ସକାରାତ୍ମକ ଓ ଧୂଳି ଧୂଆଁର ଧାରଣ ନକାରାତ୍ମକ।

ବର୍ତ୍ତମାନର ଚିନ୍ତା ପ୍ରଦୂଷଣ ଓ ତାପମାତ୍ରା ବୃଦ୍ଧି। ବ୍ଲଟିଂପେପର ସିନା ଧୂଳିକୁ ଗିଳି ପାରିବ, ମାତ୍ର ପ୍ଲାଷ୍ଟିକ ବର୍ଜ୍ୟ ଓ ଆବର୍ଜନାକୁ ଶୋଷିବାକୁ କଷ୍ଟ, ହଜମ କରିବା ବି ଦୁରୁହ ବ୍ୟାପାର। ଆମ କଳକାରଖାନାର ଧୂଆଁ, ଯାନବାହନରୁ ନିର୍ଗତ ଧୂଆଁ ଇତ୍ୟାଦି ବାୟୁମଣ୍ଡଳର ତାପ ବଢ଼ାଇବା ସଂଗେ ସଂଗେ ସୂର୍ଯ୍ୟରଶ୍ମୀ ଛାଣିବାର କ୍ଷମତାକୁ ହ୍ରାସ କରୁଛି। ପୁଣି ନାଳ ନର୍ଦ୍ଦମାଠାରୁ କଳକାରଖାନାର ଦୂଷିତ ଜଳ ଭୂମି ଓ ଭୂତଳ ଜଳକୁ ପ୍ରଦୂଷିତ କରି ସେମାନଙ୍କର ପ୍ରାକୃତିକ ଶକ୍ତିକୁ ହ୍ରାସ କରିଦେଉଛି। ମାନବ ନିଜର କାର୍ଯ୍ୟସିଦ୍ଧି ପାଇଁ ଜଳ, ବାୟୁ ଓ ମାଟିର କାର୍ଯ୍ୟରେ ବାଧା ସୃଷ୍ଟି କରୁଛି। କିନ୍ତୁ ପ୍ରକାରାନ୍ତରେ ନିଜର ହିଁ କ୍ଷତି କରିଚାଲୁଛି।

ସାରା ଭୂମା ବା ଆକାଶକୁ ଆମେ ରକେଟ୍, ଉପଗ୍ରହ, ମହାକାଶଯାନ ପ୍ରକ୍ଷେପଣ ଦ୍ୱାରା ନିଶ୍ଚେ ତା'ର ପ୍ରାକୃତିକ ଅବସ୍ଥାରେ ବାଧା ସୃଷ୍ଟି କରୁଛନ୍ତି। ଏବେ ନିର୍ଦ୍ଦିଷ୍ଟ ଆକର୍ଷଣକୁ ବିକର୍ଷଣରେ ପରିଣତ କରିବା ଏକ ଚିନ୍ତାର ବିଷୟ। ସୌରମଣ୍ଡଳରେ କୃତ୍ରିମଝଡ଼ର ବାତାବରଣ ନିଶ୍ଚେ ଆକାଶକୁ, ଭୂମାକୁ ଓ ବ୍ରହ୍ମାଣ୍ଡକୁ ଅସ୍ଥିର କରୁଛି। ଜୀବନଧାରଣ ପାଇଁ ଆବଶ୍ୟକ ଭୂମି ଜଳବାୟୁ ଯଦି ଶୁଦ୍ଧ ନ ହେବ, ତେବେ ଆମେ ଓ ଆମ ଜୀବଜଗତ ଅକର୍ମଣ୍ୟ ଅଥବା ଲୋପ ପାଇଯିବ। ପୃଥିବୀର ଉତ୍ତାପ ବଢ଼ିବାର ଅର୍ଥ ଜଳମଗ୍ନ ହୋଇଯିବା। ମେରୁ ମରୁଭୂମିର ବରଫ ତରଳିବାକୁ ଆରମ୍ଭ କଲେ ଯେଉଁ ସତୁରୀ ଭାଗ ଜଳ ଉପରିସ୍ତରରେ ଅଛି, ତାହା ସମଗ୍ର ପୃଥିବୀକୁ କବଳିତ କରିବ ଏବଂ ଭୂମିର ସତ୍ତା ରହିବ ନାହିଁ। ଏହା ହିଁ ସତ୍ୟ। କାରଣ ଏହି ସତୁରୀ ଭାଗ ଜଳ କେବଳ ତରଳ ଅବସ୍ଥାରେ ନାହିଁ। ସରଳ ଭାବରେ କହିଲେ ବରଫ ହୋଇଥିବା ଓ ବାଷ୍ପ ଆକାରରେ ରହିଥିବା ଜଳ ଯଦି ତରଳ ଅବସ୍ଥାକୁ ଆସିଯାଏ, ତେବେ ଭୂମିର ମାଟି ମିଳେଇଯିବ।

ଏଠାରେ ଆମେ ପୌରାଣିକ କଥାବସ୍ତୁକୁ ଆସିବା। ପ୍ରଳୟର ଅର୍ଥ ସାରା ପୃଥିବୀ ଜଳମଗ୍ନ ହୋଇଯିବ। ପୃଥିବୀ ଉପରେ ଜଳ, ଭିତରେ ଜଳ, ଏପରି ଯଦି ସବୁ ଜଳ ଏକତ୍ରିତ ହୋଇଯାଏ, ତା' ହେଲେ ପ୍ରଳୟର ଅବସ୍ଥା। ଏମିତିରେ ମାଟି ଉପରେ ମଣିଷର କାର୍ଯ୍ୟକଳାପ ଯଦି ଅସନ୍ତୁଳିତ, ତେବେ ଆଗ୍ନେୟଗିରିର ଉଦ୍‌ଗୀରଣ ଅବଶ୍ୟମ୍ଭାବୀ। ପ୍ରଳୟ ଏକ ଅନିୟନ୍ତ୍ରିତ ଅବସ୍ଥା, ଯାହାକୁ ମାନବ ନିଜ ନିୟନ୍ତ୍ରଣରେ ରଖି ନ ପାରେ। ସେହିପରି ଭୂମାରେ ଅମ୍ଳଜାନର ସ୍ତର ଅହିତକାରୀ ରାସାୟନିକ ବାଷ୍ପ ଦ୍ୱାରା ପ୍ରଭାବିତ। ପ୍ରଦୂଷଣ ବୋଇଲେ ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ, ଆବର୍ଜନା, ଧ୍ୱନି ପ୍ରଦୂଷଣ, ପ୍ଲାଷ୍ଟିକ ପ୍ରଦୂଷଣ, ମାଟି ପ୍ରଦୂଷଣ, ବିଷାକ୍ତକରଣ ବିକିରଣ, କଳକାରଖାନା ଜ୍ୱଳନର ପ୍ରଦୂଷଣ, ଆଲୋକ ପ୍ରଦୂଷଣ ଓ ଦୃଷ୍ଟି ପ୍ରଦୂଷଣ।

ମନୁଷ୍ୟକୃତ ପ୍ରଦୂଷଣ ହିଁ ଭୂମିର ଆୟୁଷ କ୍ଷୟ କରିଚାଲିଛି, ବାୟୁର ଆକାର ଓ ପ୍ରକାରକୁ ପ୍ରଭାବିତ କରିଛି। ପୁଣି ଜଳକୁ ଦୂଷିତ କରୁଛି। ଫଳତଃ ଆକାଶରୁ ସୌରଶକ୍ତିର କୁପ୍ରଭାବକୁ ପ୍ରତିହତ କରିବାରେ ପୃଥିବୀ ବିଫଳ ହେଉଛି। ପ୍ରାକୃତିକ ନିୟମରେ ବାଧା ସୃଷ୍ଟି କଲେ, କୃତ୍ରିମତା ମାତ୍ରା ବଢ଼ିଲେ, ମାନବ ସମାଜର ଅସ୍ତିତ୍ୱ ଲୋପ ପାଇଯିବ। ତତ୍ ସଂଗେ ସଂଗେ ସମସ୍ତ ଜୀବଜଗତ ମଧ୍ୟ ପ୍ରଭାବିତ ହେବ। ଜଙ୍ଗଲକୁ ନଷ୍ଟ କରି ଜଳକୁ ପ୍ରଦୂଷିତ କରି, ଜମିକୁ ବିଷାକ୍ତ କରି କୌଣସି ଜୀବନର ସ୍ଥାୟିତ୍ୱ ଆସିବ ହିଁ ନାହିଁ।

ଅନେକ ସମୟରେ ଅଦୃଶ୍ୟ ହାନିକାରକ ଜୀବାଣୁର ଉତ୍ପତ୍ତି ଓ ସେମାନଙ୍କର କାୟା ପରିବର୍ତ୍ତନ ନିଶ୍ଚେ ଆମର ଅପରିଣାମଦର୍ଶିତାର ପରିଣତି। ଆମର ପ୍ରଦୂଷଣ, ସେମାନଙ୍କର ଅଭ୍ୟୁଦୟର କାରଣ। ସେ କରୋନା ଭୂତାଣୁ ହେଉ କି ଏବେକାର ନୂଆ ନୂଆ ଭୂତାଣୁର ସ୍ଥିତି କେବଳ ପ୍ରଦୂଷଣର ଫଳାଫଳ। ଅସଲରେ ଭୂମାର ଭବିଷ୍ୟତ କ'ଣ ଓ ଭୂମିର ଭବିଷ୍ୟତ କ'ଣ ବୋଲି ପ୍ରଶ୍ନ ମନକୁ ଆସେ। ଭୂମା ଏତେ ବିଶାଳ ଯେ ତା'ର ଭବିଷ୍ୟତ ହୁଏତ ମାନବ ହାତରେ ନାହିଁ। କିନ୍ତୁ ଭୂମିର ଭବିଷ୍ୟତ ଯେ ଅନ୍ଧାର, ତାହା ଜଳଜଳ ଦିଶୁଛି। ଯେହେତୁ ଭୂମି ଓ ପୃଥିବୀ ସୌରମଣ୍ଡଳ ବା ଭୂମାର ଅଂଶବିଶେଷ, ସେହି କାରଣରୁ ଏହାର କୁପ୍ରଭାବ ମଧ୍ୟ ଭୂମା ଉପରେ ପଡ଼ିବ।

ସାମାଜିକ ବିଧିବ୍ୟବସ୍ଥାରେ ମନୁଷ୍ୟ ନିଜର ମାତାଙ୍କୁ ଭୂମି ସହିତ ଓ ପିତାଙ୍କୁ ଭୂମା ସହିତ ତୁଳନା କରେ। ଏବେକାର ସାଂସ୍କୃତିକ ଅବକ୍ଷୟରେ ପ୍ରଭାବିତ ସେହି ପିତା ଓ ମାତା। ଏହା ଏକ ବିଡ଼ମ୍ବନାର ବିଷୟ ଯେ ବୃଦ୍ଧ ବା ବୟୋଜ୍ୟେଷ୍ଠ ପିତାମାତାଙ୍କୁ ଅଣହେଳା କରିବା ଏକ ଅଘୋଷିତ ନିୟମ ହୋଇଗଲାଣି। ଅପସଂସ୍କୃତି ଏକ ପ୍ରଦୂଷଣ। ଏକ ମହାନ ସମ୍ପର୍କକୁ ଆମେ ଫୁ କରିଚାଲିଲେ ଆମ ସଂସାରରେ ଭୂମା ଓ ଭୂମି ନିଶ୍ଚିତ ଜୀବନଯୁଦ୍ଧରେ ଆହତ ହେବେ। ସବୁଠାରୁ ବଡ଼ କଥା ହେଉଛି ସଭ୍ୟତା ନାମରେ ଅସଭ୍ୟ ଆଚରଣ କେତେ ଦୂର ସମୀଚୀନ?

ଏବେ ଏମିତି ଏକ ଦୁଃସମୟରେ ଆମକୁ ତର୍ଜମା କରିବାକୁ ପଡ଼ିବ ଭୂମି ଓ ଭୂମା ଦୁର୍ଦ୍ଦଶାର ନିରାକରଣ ସମ୍ପର୍କରେ। ଜନନୀ ଓ ଜନ୍ମଦାତା ପରି ଭୂମି ଓ ଭୂମାଙ୍କର ଭବିଷ୍ୟତ ଯଦି ଅନ୍ଧକାର, ତେବେ ଆମର ଭବିଷ୍ୟତ ବି ଅନ୍ଧାରରେ ବୁଡ଼ିଯିବ। କାହିଁକି ଜୀବଦଶାରେ ପ୍ରଳୟକାଳକୁ ଆମନ୍ତ୍ରିତ କରିବା? ●

ଭୁବନେଶ୍ୱର, ମୋ: ୯୩୪୮୮୯୩୭୫୨

## ରୋଗ ଉପଶମରେ ସୂର୍ଯ୍ୟକିରଣ

**ଯୁଗଳ କିଶୋର ପଣ୍ଡା**

ଆମ ପୃଥିବୀର ଜୀବଜଗତ ସକଳ ପ୍ରାଣଶକ୍ତି ଓ ଚଳତ୍ ଶକ୍ତିର ଆଧାର ସୂର୍ଯ୍ୟାଲୋକ ଏବଂ ତାହାର ରଶ୍ମିର ରଙ୍ଗ ଉପରେ ନିର୍ଭର କରିଥାଏ। ଆଲୋକ ରଶ୍ମିର ଆବଶ୍ୟକତା ଆମ ମଣିଷମାନଙ୍କ ପାଇଁ ମଧ୍ୟ ସେତିକି ରହିଛି, ଯେତିକି ବୃକ୍ଷଲତା ପାଇଁ। ସେହିପରି ମାନବ ଶରୀରରେ ରାସାୟନିକ ପଦାର୍ଥଗୁଡ଼ିକର ସନ୍ତୁଳନ ବଜାୟ ରଖିବା ଏବଂ ନିରୋଗ ରହିବା ପାଇଁ ସୂର୍ଯ୍ୟର ସପ୍ତବର୍ଣ୍ଣୀ କିରଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହା କ୍ରୋମୋ ଥେରାପି, କଲର୍ ହିଲିଂ, କିଟୋନ୍‌ଥେରାପି ଆଦି ବିଭିନ୍ନ ନାମରେ ନାମିତ ହୋଇଛି।

ଋଗ୍‌ବେଦ (୧/୫୦/୫୨)ରେ ଉଲ୍ଲେଖ ରହିଛି ଯେ, ସୂର୍ଯ୍ୟ କିରଣ ଦ୍ୱାରା ହୃଦ୍‌ରୋଗ ଓ ପାଣ୍ଡୁ ରୋଗରୁ ଆରୋଗ୍ୟ ଲାଭ ହୋଇଥାଏ। ସେହିଭଳି ଅଥର୍ବ ବେଦର ଋଚା ୯/୮ ଅନୁସାରେ ପ୍ରାତଃକାଳର ସୂର୍ଯ୍ୟକିରଣ ଅନେକ ପ୍ରକାର ବ୍ୟାଧିକୁ ଦୂର କରିଥାଏ। 'ଦି ସ୍ପେକ୍ଟ୍ରୋକ୍ରୋମୋମେଟ୍ରି ଏନସାଇକ୍ଲୋପେଡ଼ିଆ' ନାମକ ପ୍ରସିଦ୍ଧ ବିଶ୍ୱକୋଷରେ ପ୍ରବୀଣ ଚିକିତ୍ସା ବିଜ୍ଞାନୀ ଡ. ପି. ଗେଟିୟାଲି ସୂର୍ଯ୍ୟ ଚିକିତ୍ସାର ସିଦ୍ଧାନ୍ତ ଏବଂ ବିଭିନ୍ନ ପ୍ରକାର ରଙ୍ଗ କିଭଳି ବିଭିନ୍ନ ରୋଗ ଉପରେ ପ୍ରଭାବ ପକାଇଥାଏ, କିଭଳି ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଲାଭରେ ସହାୟକ ହୋଇଥାଏ, ତାହା ଉପରେ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି। ପାଶ୍ଚାତ୍ୟ ଚିକିତ୍ସା ବିଜ୍ଞାନୀ ହିପ୍ପୋକ୍ରେଟସ୍ ସୂର୍ଯ୍ୟକିରଣ ଦ୍ୱାରା ରୋଗୀମାନଙ୍କ ଚିକିତ୍ସା କରୁଥିବା ଜଣାଯାଏ। ତ୍ରୟୋଦଶ ଶତାବ୍ଦୀରେ ଡେନମାର୍କର ସୁପ୍ରସିଦ୍ଧ ଚିକିତ୍ସକ ଡ. ନାଇ ଫିସେନ୍ ବିସ୍ତୃତ ଗବେଷଣା କରି ଏହି ସିଦ୍ଧାନ୍ତରେ ପହଞ୍ଚିଥିଲେ ଯେ ସୂର୍ଯ୍ୟରଶ୍ମି ଦ୍ୱାରା ମାରାତ୍ମକ ରୋଗଗୁଡ଼ିକୁ ନିୟନ୍ତ୍ରଣ କରିବା ସମ୍ଭବ। ସେ ମଧ୍ୟ ସୂର୍ଯ୍ୟରଶ୍ମି ଉପଯୋଗରେ ଅନେକ ଯକ୍ଷ୍ମାରୋଗୀଙ୍କୁ ଆରୋଗ୍ୟ କରିପାରିଥିଲେ। ଆମେରିକାର ଡ. ଜନ୍ ଡନ୍ ବର୍ଣ୍ଣ ସୂର୍ଯ୍ୟରଶ୍ମୀ ଉପଚାରରେ ଯକ୍ଷ୍ମା ଭଳି ମାରାତ୍ମକ ରୋଗର ଜୀବାଣୁକୁ ନଷ୍ଟ କରିବାରେ ସଫଳ ହୋଇଥିଲେ। ଡ.ରୋଲୋୟର୍, ଡ. ଆର. ଡି. ଷ୍ଟକର୍, ଡ. ଏ.ଓ.ଇଭ୍‌ସ, ଡ. ବେବିଟ୍‌ଙ୍କ ଭଳି ପ୍ରସିଦ୍ଧ ଚିକିତ୍ସା ବିଜ୍ଞାନୀ ସୂର୍ଯ୍ୟରଶ୍ମି ଚିକିତ୍ସା କ୍ଷେତ୍ରରେ ଗଭୀର ଅଧ୍ୟୟନ, ଅନୁସନ୍ଧାନ ଏବଂ ଏହାକୁ ଆଧାର କରି ଅନେକ ଜଟିଳ ଓ ଅସାଧ୍ୟ ରୋଗର ସଫଳ ଚିକିତ୍ସା କରିବାର ସୂତ୍ର ଉଦ୍‌ଭାବନ କରିଥିଲେ। ଡ. ଜେମ୍ସ କୁକ୍, ଏ.ବି.ଗାର୍ଡେନ୍, ଏଚ୍.ଜି.ୱେଲ୍ସ ଆଦି ସୁବିଖ୍ୟାତ ମନୀଷୀଗଣ କ୍ରୋମୋଥେରାପି ଆଧାରିତ ଅନେକ ନୂତନ ତଥ୍ୟ ଆବିଷ୍କାର କରିବା ସହ ଏହା ରୋଗ ପ୍ରତିରୋଧୀ ବୋଲି ପ୍ରମାଣିତ କରିଛନ୍ତି।

ସୂର୍ଯ୍ୟ ଚିକିତ୍ସାର ସିଦ୍ଧାନ୍ତ ଅନୁସାରେ, ଯେଉଁ ପଞ୍ଚଭୂତକୁ ନେଇ ମଣିଷ ଶରୀର ଗଠିତ, ସେଗୁଡ଼ିକର ନିଜସ୍ୱ ରଙ୍ଗ ଏବଂ ପ୍ରଭାବ ରହିଛି। ଏହି ସମସ୍ତ ତତ୍ତ୍ୱ ସୂର୍ଯ୍ୟକିରଣରେ ସୂକ୍ଷ୍ମ ରୂପରେ ବିଦ୍ୟମାନ। ମନୁଷ୍ୟ ଶରୀରର ବିଭିନ୍ନ ଅଙ୍ଗରେ ବିଭିନ୍ନ ରଙ୍ଗ ଏକ ରାସାୟନିକ ସମ୍ମିଶ୍ରଣ ରୂପେ ରହିଥିବା ଆୟୁର୍ବିଜ୍ଞାନ ସମ୍ମତ। ଏହି ରଙ୍ଗଗୁଡ଼ିକର ଊଣା-ଅଧିକ ହେବା ହିଁ ହେଉଛି ଅସୁସ୍ଥତାର କାରଣ। ବିଖ୍ୟାତ ବୈଜ୍ଞାନିକ ମେରୀ ଏଣ୍ଡରସନ୍ ନିଜ କଳାକୃତି 'କଲର୍ ହିଲିଂ'ରେ ଦର୍ଶାଇଛନ୍ତି ଯେ, ସୂର୍ଯ୍ୟକିରଣରେ ସନ୍ନିହିତ ରଙ୍ଗଗୁଡ଼ିକ ହିଁ ଜୀବନର ଆଧାର।

ବିଖ୍ୟାତ ଚିକିତ୍ସାବିଜ୍ଞାନୀ ଡ. ୱିଲିୟମ୍ ବେନ୍‌ହେମ୍ ଏନୋଙ୍କ ମତାନୁଯାୟୀ, ମାନବ ଶରୀର ରଙ୍ଗର ପିଣ୍ଡ, ଯାହାର ପ୍ରତ୍ୟେକ କୋଷରୁ ରଙ୍ଗୀନ ଶକ୍ତି ତରଙ୍ଗ ସ୍ଫୁରିତ ହେଉଥାଏ। ଏହି ଶକ୍ତି ତରଙ୍ଗର ସୌର ଶକ୍ତି ସହ ଏକ ଘନିଷ୍ଠ ଆଦାନ-ପ୍ରଦାନ ପ୍ରକ୍ରିୟା ଜାରି ରହିଥାଏ। ଯେତେବେଳେ ସେଥିରେ କୌଣସି ବାଧା ସୃଷ୍ଟି ହୁଏ, ଶାରୀରିକ, ମାନସିକ ଏବଂ ଭାବନାତ୍ମକ ଅସୁସ୍ଥତା ଜନ୍ମ ନିଏ ଏବଂ ସେହି ରଶ୍ମି ଦ୍ୱାରା ହିଁ ଉପଚାର କରିହୁଏ। ନୀଳ ରଙ୍ଗର ଆଲୋକ ରଶ୍ମି ଦ୍ୱାରା ଝାଡ଼ା, ସଂଗ୍ରହଣୀ, ଆମାଶୟ, କାଶ, ଶ୍ୱାସ, ମୂତ୍ର ବିକାର, ଜ୍ୱର, ମୁଣ୍ଡବ୍ୟଥା, ପ୍ରମେହ ଆଦି ଏବଂ ଲାଲ ରଙ୍ଗର ଆଲୋକ ରଶ୍ମି ଦ୍ୱାରା ସମସ୍ତ ପ୍ରକାର ବାୟୁଦୋଷ ଏବଂ ବାତରୋଗର ନିରାକରଣ ସମ୍ଭବ। ସବୁଜ ରଙ୍ଗ ଦ୍ୱାରା ଚର୍ମରୋଗ ଓ ବ୍ୟଥାଗୁଡ଼ିକର ଚିକିତ୍ସା କରାଯାଇପାରେ।

ସୂର୍ଯ୍ୟାଲୋକ ଚିକିତ୍ସା ବିଜ୍ଞାନ ଅନୁସାରେ ଲାଲ, ହଳଦିଆ ଏବଂ ନୀଳ - ଏହି ତିନୋଟି ହେଉଛି ମୁଖ୍ୟ ରଙ୍ଗ। ଅନ୍ୟ ସମସ୍ତ ରଙ୍ଗ ଏହି ତିନୋଟିର ବିଭିନ୍ନ ଅନୁପାତରେ ମିଶ୍ରଣ ଦ୍ୱାରା ସୃଷ୍ଟି ହୋଇଥାଏ। ଏଥିରୁ ଲାଲ ରଙ୍ଗର ଆଲୋକ ରଶ୍ମିର ପ୍ରୟୋଗ ରକ୍ତ ବିକାର, ଗଣ୍ଠିବାତ, ପକ୍ଷାଘାତ, ଫୁଲା, ଦରଜ ଆଦିର ଉପଶମ ପାଇଁ ଏବଂ ଚର୍ମରୋଗଗୁଡ଼ିକର ଚିକିତ୍ସା ପାଇଁ କରାଯାଇଥାଏ। ରକ୍ତର ଅଭାବ, ଉଦାସୀନତା, ନିରାଶା ଭଳି ପରିସ୍ଥିତିରେ ଲାଲ ରଙ୍ଗର ବସ୍ତ୍ର ପରିଧାନ କଲେ ଏବଂ ଲାଲ ରଙ୍ଗର ବସ୍ତୁଗୁଡ଼ିକ ବ୍ୟବହାର କଲେ ଲାଭ ହୋଇଥାଏ। ଲାଲ ରଙ୍ଗ ମଧ୍ୟ ଉତ୍ତେଜନା ସୃଷ୍ଟିକାରୀ ହୋଇଥିବା ଯୋଗୁଁ ଏହାର ବ୍ୟବହାର ସାବଧାନତାର ସହ କରାଯିବା ଉଚିତ।

ଅଜୀର୍ଣ୍ଣ, ପାଚନ ପ୍ରକ୍ରିୟାରେ ଅସନ୍ତୁଳନତାକୁ ଦୂର କରିବା ପାଇଁ ହଳଦିଆ ରଙ୍ଗର ରଶ୍ମି ଉପକାରୀ ସାବ୍ୟସ୍ତ ହୋଇଥାଏ। କଫ, ଜ୍ୱର, କୁଣ୍ଡିଆ ଆଦି ବ୍ୟାଧି ପାଇଁ ଶରୀରରେ ଜମା ହୋଇ ରହିଥାଏ। ଏସବୁକୁ ଶରୀରରୁ ବାହାର କରିବାରେ ହଳଦିଆ ରଙ୍ଗ ବିଶେଷ ଉପଯୋଗୀ ହୋଇଥିବା ଦେଖାଯାଇଛି। ସେହିପରି ମୁଣ୍ଡବ୍ୟଥା, ଚକ୍ଷୁ ରୋଗ, ଅନିଦ୍ରା, ଉଚ୍ଚ ରକ୍ତଚାପ, ଉତ୍ତେଜନା ଭଳି ଉଷ୍ଣତା ପ୍ରଧାନ ରୋଗର ନୀଳ ରଙ୍ଗ ଦ୍ୱାରା ଚିକିତ୍ସା କରାଯାଇଥାଏ। ଅଂଶୁଘାତ, ବ୍ରଣ, ବିଷାକ୍ତ କୀଟ ଦଂଶନର ଉପଚାର ପାଇଁ ନୀଳ ରଙ୍ଗର କନାକୁ ପାଣିରେ ଓଦା କରି ପୀଡ଼ିତ ସ୍ଥାନକୁ ଆଚ୍ଛାଦିତ କରିବା ଦ୍ୱାରା ଶୀତଳତା ଅନୁଭୂତ ହୋଇଥାଏ। ଶୁଷ୍କ କାଶ, ଶ୍ୱାସ ରୋଗରେ ମଧ୍ୟ ଏହି ବର୍ଣ୍ଣର ବ୍ୟବହାର ଦ୍ୱାରା ଆରାମ ମିଳିଥାଏ।

ଲାଲ ଓ ହଳଦିଆ ରଙ୍ଗର ମିଶ୍ରଣରେ ସୃଷ୍ଟି ହେଉଥିବା ନାରଙ୍ଗୀ ରଙ୍ଗ ପ୍ରାଣ ସମ୍ବର୍ଦ୍ଧନ ଓ କ୍ୟାଲସିୟମ୍ ବିଶୋଷଣ ପାଇଁ ଲାଭଦାୟକ। ଆଂଟି-ସ୍ପାସ୍ମୋଡିକ୍ ଗୁଣ ଯୋଗୁଁ ଏହା ମାଂସପେଶୀ ସମସ୍ୟା ଦୂର କରିବା ସହ ଅଗ୍ନାଶୟ ଓ ପ୍ଲିହାକୁ ସକ୍ରିୟ କରିଥାଏ ଏବଂ ବୃକ୍‌କକୁ ସକ୍ରିୟ ଓ ସୁସ୍ଥ ରଖିଥାଏ। ଫୁସ୍‌ଫୁସ୍‌କୁ ଶକ୍ତିଶାଳୀ, ନାଡ଼ିର ଗତିକୁ ତୀବ୍ର ଓ ରକ୍ତଚାପକୁ ନିୟନ୍ତ୍ରିତ କରିବାରେ ନାରଙ୍ଗୀ ରଙ୍ଗ ବ୍ୟବହାର କରାଯାଇଥାଏ। ବାଇଗଣୀ ରଙ୍ଗ ଲାଲ ଏବଂ ନୀଳ ରଙ୍ଗର ମିଶ୍ରଣ ଫଳରେ ସୃଷ୍ଟି ହୋଇଥାଏ। ଯନ୍ତ୍ରଣା ଲାଘବ ସହ ଏହି ରଶ୍ମୀ ଜ୍ୱରର ଉପଶମ ଏବଂ ଶିରାପ୍ରଶିରାକୁ ସଚଳ କରିବା ପାଇଁ ଉପଯୁକ୍ତ। କମଳା ରଙ୍ଗ ମସ୍ତିଷ୍କର ସେରେବ୍ରମ୍ ଅଂଶକୁ ପ୍ରଭାବିତ କରି ଥାଇମସ୍ ନାମକ ଅନ୍ତଃସ୍ରାବୀ ଗ୍ରନ୍ଥିକୁ ଉତ୍ତେଜିତ କରିଥାଏ ଏବଂ ମଣିଷର ବାମନ ଦୋଷକୁ ଦୂର କରିଥାଏ। ସେହିଭଳି ଲାଲ ଓ ବାଇଗଣୀ ରଙ୍ଗର ସମ୍ମିଶ୍ରଣ ଏଡ୍ରିନାଲ୍ ଗ୍ରନ୍ଥୀ ଓ ହୃତ୍‌ପିଣ୍ଡକୁ ଶକ୍ତି ପ୍ରଦାନ କରିଥାଏ ଏବଂ ବୃକକ୍ ସମ୍ବନ୍ଧୀୟ ରୋଗର ଚିକିତ୍ସା ଓ ଭାବନାତ୍ମକ ସ୍ଥିରତା ପାଇଁ ବ୍ୟବହୃତ ହୁଏ। ସୂର୍ଯ୍ୟରଶ୍ମି ଚିକିତ୍ସା ବିଜ୍ଞାନୀ ସୋଲେନ୍‌ଙ୍କ ଭାଷାରେ ସୂର୍ଯ୍ୟଙ୍କର ସପ୍ତବର୍ଣ୍ଣୀ କିରଣରେ ଯେତେ ରୋଗନାଶକ କ୍ଷମତା ରହିଛି ସଂସାରର କୌଣସି ପଦାର୍ଥ କିମ୍ବା ଔଷଧରେ ସେତେ ନାହିଁ। କେବଳ ଆବଶ୍ୟକତା ରହିଛି ଏହାକୁ ଉଚିତ ଉପାୟରେ ବ୍ୟବହାର କରିବାର। ●

(ଅବସରପ୍ରାପ୍ତ ସହକାରୀ ନିର୍ଦ୍ଦେଶକ, ଆକାଶବାଣୀ)
ମୋ: ୯୪୩୭୩୦୩୮୨୪

## ଅଙ୍ଗ ଉପରେ ମଦର ପ୍ରଭାବ

**ଶ୍ରୀନନ**

ବିଜ୍ଞାନ ବାର୍ତ୍ତା

ସୁପ୍ରସିଦ୍ଧ ସ୍ୱାସ୍ଥ୍ୟବିଜ୍ଞାନ ପତ୍ରିକା 'ଲାନ୍‌ସେଟ୍' ଦ୍ୱାରା ୨୦୨୨ ମସିହାରେ ପ୍ରକାଶିତ ରିପୋର୍ଟ ଅନୁସାରେ ୧୯୯୦ ମସିହାରୁ ୨୦୧୭ ମସିହା ମଧ୍ୟରେ ବିଶ୍ୱରେ ପ୍ରତି ୩ ବର୍ଷରେ ପ୍ରାୟ ୮ ଶତାଂଶ ହାରରେ ବଢ଼ିଚାଲିଛି ମଦ୍ୟପାନ। ଏହି ଧାରା ଅବ୍ୟାହତ ରହିଲେ ୨୦୩୦ ମସିହା ବେଳକୁ ବିଶ୍ୱର ଅର୍ଦ୍ଧାଧିକ ପ୍ରାପ୍ତବୟସ୍କ ମଦ୍ୟପ ହୋଇସାରିଥିବେ ଏବଂ ତନ୍ମଧ୍ୟରୁ ୨୩ ପ୍ରତିଶତ 'ବିପଜ୍ଜନକ' ଭାବେ ଅତ୍ୟଧିକ ମାତ୍ରାରେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆକଳନ ଅନୁସାରେ ୨୦୧୮ ମସିହାରେ ବିଶ୍ୱରେ ପ୍ରାୟ ୨.୮ ନିୟୁତ ଲୋକଙ୍କର ଅକାଳମୃତ୍ୟୁ ଏବଂ ୧୩୨.୬ ନିୟୁତ ଭିନ୍ନ ଭିନ୍ନ ରୂପେ ଅକର୍ମଣ୍ୟ ହେବାର କାରଣ ଥିଲା ମଦ୍ୟପାନ। ପୁନଶ୍ଚ ଡାକ୍ତରଖାନାକୁ ଆସୁଥିବା ୧୮.୫% କର୍କଟରୋଗୀ, ୧୪.୬% ଯକୃତପ୍ରବାହ ରୋଗୀ ଓ ୩୮.୭% ଦୁର୍ଘଟଣା ଆଦି ଯୋଗୁଁ ଆଘାତପ୍ରାପ୍ତ ରୋଗୀ ଥିଲେ ମାତ୍ରାଧିକ ମଦ୍ୟପାନକାରୀ। ଏସବୁ କଥା ବିଚାରକୁ ନେଇ 'ଇଣ୍ଟର ନ୍ୟାସନାଲ ଏଜେନ୍ସି ଫର ରିସର୍ଚ୍ଚ ଅନ୍ କ୍ୟାନସର' ମଦକୁ ଏକ ବିଷାକ୍ତ ଏବଂ ଗ୍ରୁପ୍-୧ର କର୍କଟ ରୋଗ ସୃଷ୍ଟିକାରୀ ଉପାଦାନ ରୂପେ ଘୋଷଣା କରିଛି। ଯେକୌଣସି ମାତ୍ରାରେ ପାନ କଲେ ମଧ୍ୟ ଏହା ତଦନୁଯାୟୀ ଶରୀର ଉପରେ କିଛି ନା କିଛି କୁପ୍ରଭାବ ପକାଏ ବୋଲି ସଂସ୍ଥା କହିଛି। ମଦ୍ୟପାନ ଦ୍ୱାରା ଆମର କେଉଁ ଅଂଶ କିପରି ପ୍ରଭାବିତ ହୁଏ, ତାହାର ଏକ ବିବରଣୀ ପ୍ରସ୍ତୁତ କରିଛି 'ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଲକୋହଲ ଆବ୍ୟୁଜ ଆଣ୍ଡ ଆଲକୋହୋଲଜିମ୍'।

ନିଶାପାନୀୟ ମସ୍ତିଷ୍କର ଯୋଗାଯୋଗ ବ୍ୟବସ୍ଥା, ଆକାର ଓ କାର୍ଯ୍ୟକଳାପକୁ ପ୍ରଭାବିତ କରେ। ଏହା ଫଳରେ ଆମର ମାନସିକ ଅବସ୍ଥା ଏବଂ ଆଚରଣ ବଦଳି ଯାଏ। କୌଣସି କଥା ଭଲଭାବେ ଚିନ୍ତା କରିବା ଓ ତଦନୁଯାୟୀ କାର୍ଯ୍ୟ କରିବା କଠିନ ହୁଏ। ମଦ୍ୟପାନ ହୃତପିଣ୍ଡକୁ ନାନାଦି କ୍ଷତି ପହଞ୍ଚାଏ। ହୃତପିଣ୍ଡର ମାଂସପେଶୀ ପ୍ରସାରିତ ଓ ଅବନତ ହୁଏ। ପୁନଶ୍ଚ ହୃତସ୍ପନ୍ଦନ ଅନିୟମିତ ହେବା, ଉଚ୍ଚରକ୍ତଚାପ ଏବଂ ସଂଘାତର ମଧ୍ୟ ଏହା ଏକ କାରଣ। ଅଧିକ ମଦ୍ୟପାନ ଯକୃତ ପାଇଁ ଅନେକ ସମସ୍ୟା ସୃଷ୍ଟି କରେ। ସେଗୁଡ଼ିକ ମଧ୍ୟରେ ମୁଖ୍ୟ ହେଲା ଯକୃତରେ ଅଧିକ ଚର୍ବି ଜମା ହେବା (ଫ୍ୟାଟି ଲିଭର), ଯକୃତ ପ୍ରଦାହ, ତାହା ତନ୍ତୁମୟ ହେବା ଏବଂ 'ସିରୋସିସ୍'। ଯକୃତ କର୍କଟ ମଧ୍ୟ ମଦ୍ୟପାନର ଆଉ ଏକ କାରଣ। ମଦ୍ୟପାନ କରିବା ଦ୍ୱାରା ଅଗ୍ନାଶୟରେ ବିଷାକ୍ତ ପଦାର୍ଥମାନ ଉତ୍ପନ୍ନ ହୁଏ। ଫଳରେ ଯନ୍ତ୍ରଣା ହୁଏ ଏବଂ ଅଗ୍ନାଶୟର ବିବିଧ ଏନ୍‌ଜାଇମ୍ ଓ ହର୍‌ମୋନ ପ୍ରସ୍ତୁତ କରିବା କ୍ଷମତା ବାଧାପ୍ରାପ୍ତ ହୁଏ; ହଜମ ଓ ବିବିଧ ଶାରୀରିକ କ୍ରିୟା-ପ୍ରକ୍ରିୟାକୁ ବ୍ୟାହତ ହୁଏ।

କର୍କଟରୋଗର ତୃତୀୟ ମୁଖ୍ୟ କାରଣ ହେଲା ମଦ୍ୟପାନ। ମୁଣ୍ଡ, ବେକ, ପାଟି, ସ୍ୱରତନ୍ତ୍ରୀ, ସ୍ତନ୍ୟ, ଖାଦ୍ୟ ନଳୀ, ମଳଦ୍ୱାର, ବୃକକ ଆଦି ଅଙ୍ଗ ସାଧାରଣତଃ ଏହା ଦ୍ୱାରା ପ୍ରଭାବିତ ହୋଇଥା'ନ୍ତି। ଶରୀରର ରୋଗ ପ୍ରତିରୋଧକାରୀ ବ୍ୟବସ୍ଥା ମଧ୍ୟ ମଦ୍ୟପାନ ଦ୍ୱାରା ପ୍ରଭାବିତ ହୋଇଥାଏ। ଏଣୁ ନିମୋନିଆ, ଯକ୍ଷ୍ମା, ମ୍ୟାଲେରିଆ ଆଦି ସଂକ୍ରମଣ ଜନିତ ରୋଗ ସହଜରେ ମାଡ଼ି ବସେ।

ଏସବୁ ଦୃଷ୍ଟିରୁ ବିଚାର କରି ବାଙ୍ଗାଲୋରସ୍ଥିତ ପ୍ରମୁଖ ମାନସିକ ରୋଗ ଚିକିତ୍ସା କେନ୍ଦ୍ର 'ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଣ୍ଟାଲ ହେଲ୍‌ଥ ଆଣ୍ଡ ନ୍ୟୁରୋ ସାଇନ୍‌ସେସ୍' ବା 'ନିମ୍‌ହାନସ୍'ର କେତେଜଣ ଚିକିତ୍ସା ବିଜ୍ଞାନୀ ମଦ ବ୍ୟବସାୟକୁ ସମ୍ପୂର୍ଣ୍ଣ ନିଷେଧ କରିବା ନଚେତ ଅତିମାତ୍ରାରେ ନିୟନ୍ତ୍ରଣ କରିବା ସପକ୍ଷରେ ମତ ଦେଇଛନ୍ତି। ଏଥିସହିତ ଏକମତ ଅଛନ୍ତି ଆମେରିକାର ସର୍ଜନ ଜେନେରାଲ ବିବେକ ମୂର୍ତ୍ତି। ଗତ ୩ ତାରିଖ (ଜାନୁଆରୀ ୨୦୨୫) ଦିନ ଏକ ବିବୃତିରେ ସେ ମଦ ବୋତଲ ଉପରେ ଏହାର ବିଷାକ୍ତ ପ୍ରଭାବଗୁଡ଼ିକ ସମ୍ପର୍କରେ ସବିଶେଷ ସୂଚନା ଦେଇ ଜନସଚେତନତା ସୃଷ୍ଟି କରିବାକୁ ତାଙ୍କ ଦେଶର ସରକାରଙ୍କ ନିକଟରେ ପ୍ରସ୍ତାବ ରଖିଛନ୍ତି। ଏବେ ଦକ୍ଷିଣ କୋରିଆ, ଆର୍ୟଲ୍ୟାଣ୍ଡ, ନରୱେ, ଥାଇଲାଣ୍ଡ, କାନାଡ଼ା ଭଳି କେତେକ ଦେଶରେ ଏହା କରାଯାଉଛି। ଏଣୁ ସମ୍ଭବତଃ ଆମେରିକା ଡକ୍ଟର ମୂର୍ତ୍ତିଙ୍କ ପ୍ରସ୍ତାବ ଉପରେ ଗୁରୁତ୍ୱ ଦେବ ବୋଲି ଆଶା କରାଯାଉଛି। ଏପରିସ୍ଥଳେ ବିଭିନ୍ନ ବ୍ୟବସାୟୀ ମହଲରୁ ଚାପ ଫଳରେ ଦେଶକୁ ମଦମୁକ୍ତ କରିବାକୁ କୁଣ୍ଠା ପ୍ରକାଶ କରୁଥିବା ଆମ ସରକାର ଅନ୍ତତଃ ତାହା କରିବା ଉଚିତ ହେବ। ●

ଭୁବନେଶ୍ୱର, ମୋ: ୯୯୩୭୩୦୧୪୬୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୬୨ ● ପାଉଣ୍ଡ ୧୦୫.୯୬
- ୟୁରୋ ୮୮.୨୭ ● ୟେନ୍ ୦.୫୫

## ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା: ୭୩,୫୫୦ (ନୂଆଦିଲ୍ଲୀ)
- ରୁପା : ୯୪,୫୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୬,୩୩୦.୦୦
- ନିଫ୍ଟି ୨୩,୦୮୫.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



# ସିଆଚୀନ୍ ଗ୍ଲାସିୟର୍‌ରେ ୫ଜି ସେବା

**ଲଦାଖ, ୧୩।୧(ଏଜେନ୍ସି):** ରିଲାଏନ୍ସ ଜିଓ ବିଶ୍ୱର ସର୍ବୋଚ୍ଚ ଯୁଦ୍ଧ କ୍ଷେତ୍ରରେ ଏହାର ୫ଜି ସେବା ଆରମ୍ଭ କରିଛି। ଭାରତୀୟ ସେନାର 'ଫାୟାର ଆଣ୍ଡ ଫ୍ୟୁରି କର୍ପସ' ଏକ ଟୁଇଟ୍ ମାଧ୍ୟମରେ ଏହି ସୂଚନା ପ୍ରଦାନ କରିଛି। ସେନା ଅନୁଯାୟୀ, ଜିଓ ଏବଂ ଭାରତୀୟ ସେନା ମିଳିତ ଭାବେ ବିଶ୍ୱର ସର୍ବୋଚ୍ଚ ଯୁଦ୍ଧକ୍ଷେତ୍ର ସିଆଚେନ୍ ଗ୍ଲାସିଅର୍ ଉପରେ ପ୍ରଥମ ୫ଜି ମୋବାଇଲ୍ ଟାୱାର ସ୍ଥାପନ କରିଛନ୍ତି। ସିଆଚେନ୍‌ର ଏକ ଫରୱାର୍ଡ ପୋଷ୍ଟରେ ଏହା ନିୟୋଜିତ କରାଯାଇଛି। ଜାନୁୟାରୀ ୧୫ ରେ ସେନା ଦିବସ ଅବ୍ୟବହିତ ପୂର୍ବରୁ ସିଆଚେନ୍ ଗ୍ଲାସିଅରରେ ୪ଜି ଏବଂ ୫ଜି ସେବା ଆରମ୍ଭ କରି ଜିଓ ଏକ ଅଭୂତପୂର୍ବ ସଫଳତା ହାସଲ କରିଛି। ସିଆଚେନ୍ ଗ୍ଲାସିଅରରେ ସେବା ଆରମ୍ଭ କରିବାରେ ଜିଓ ଦେଶର ପ୍ରଥମ ଅପରେଟର ହୋଇଛି। ଏହାକୁ ଏକ ଉଲ୍ଲେଖନୀୟ ସଫଳତା ଭାବେ ଅଭିହିତ କରି ସେନା ପକ୍ଷରୁ କୁହାଯାଇଛି ଯେ, ଏହି ଅଦମ୍ୟ ସଫଳତା ଆମର ସାହସୀ ସୈନିକମାନଙ୍କ ପାଇଁ ସମର୍ପିତ, ଯେଉଁମାନେ ଆହ୍ୱାନମୂଳକ କଠିନ ପରିସ୍ଥିତିରେ ନିୟୋଜିତ ଥାଇ ଏହି ଆହ୍ୱାନକୁ ସମ୍ପୂର୍ଣ୍ଣ କରିଥିଲେ। ଏଭଳି ଉଚ୍ଚତାରେ ଟାୱାର ନିର୍ମାଣ କରିବା ଅତ୍ୟନ୍ତ କଷ୍ଟସାଧ୍ୟ ରହିଥିଲା। ସେନା ପକ୍ଷରୁ ସାମଗ୍ରୀ ସହିତ କାର୍ଯ୍ୟ କରୁଥିବା ସଦସ୍ୟମାନଙ୍କ ସୁରକ୍ଷା ସୁନିଶ୍ଚିତ କରାଯାଇଥିଲା। ଏଥିସହିତ ଜିଓ ଏହାର ସ୍ୱଦେଶୀ ଫୁଲ-ଷ୍ଟାକ ୫ଜି ଜ୍ଞାନକୌଶଳ ବ୍ୟବହାର କଲା। ଜିଓ ଦଳ ସହିତ ମିଳିତ ଭାବରେ ଫାୟାର ଏଣ୍ଡ ଫ୍ୟୁରି ସିଗନାଲର୍ ଏବଂ ସିଆଚେନ୍ ୱାରିୟର୍ସ ଉତ୍ତର ଗ୍ଲାସିଅରରେ ୫ଜି ଟାୱାର ସ୍ଥାପନ କରିଥିଲେ।




# ସେୟାର ବଜାର ଥରହର

## ସେନ୍‌ସେକ୍ସ ୧୦୪୮ ପଏଣ୍ଟ ଖସିଲା

## ଲଗାତାର ୪ ଦିନରେ ନିବେଶକ ହରାଇଲେ ୨୫ ଲକ୍ଷ କୋଟି

## ଟାଟା ଷ୍ଟିଲ୍‌ଠାରୁ ଏସିଆନ୍ ପେଣ୍ଟସ ୫୦୦ ସେୟାର ବୁଡ଼ିଲା

ମୁମ୍ବଇ,୧୩।୧ (ଏଜେନ୍ସି)

ଅସ୍ଥିର ଘରୋଇ ସେୟାର ବଜାର। କ୍ରମାଗତ ଭାବେ ୪ ଦିନ ଧରି ତଳମୁହାଁ ହେବାରେ ଲାଗିଛି ଭାରତୀୟ ପୁଞ୍ଜି ବଜାର। ସୋମବାର ଏଥିରେ ପୁଣିଥରେ ବଡ଼ଧରଣର ହ୍ରାସ ଘଟିଛି। ଆଜିର କାରବାରରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ସେନସେକ୍ସରେ ୧୦୪୮ ପଏଣ୍ଟ ଏବଂ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ନିଫ୍‌ଟି) ରେ ୩୪୫ ପଏଣ୍ଟ ହ୍ରାସ ଘଟିଛି। ସେୟାର ବଜାରରେ ଏଭଳି ୪ ଦିନର ଲଗାତାର ହ୍ରାସ ଯୋଗୁଁ ନିବେଶକଙ୍କୁ ପ୍ରାୟ ୨୫ ଲକ୍ଷ କୋଟି ଟଙ୍କାର କ୍ଷତି ସହିବାକୁ ପଡିଛି। ବଜାରରେ ଆଜି ହୋଇଥିବା ହ୍ରାସ ପ୍ରାୟ ସବୁ କ୍ଷେତ୍ରରେ ଦେଖିବାକୁ ମିଳିଥିଲା।

ସୋମବାର କାରବାରରେ ସେନସେକ୍ସରେ ୧୦୪୮.୯୦ ପଏଣ୍ଟ ବା ୧.୩୬ ପ୍ରତିଶତର ବଡ଼ ହ୍ରାସ ଘଟି ୭୬,୩୩୦.୦୧ ପଏଣ୍ଟରେ କାରବାର ଶେଷ ହୋଇଛି। ଅନ୍ୟପକ୍ଷରେ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ନିଫ୍‌ଟି)ରେ ୩୪୫.୫୫ ପଏଣ୍ଟ ବା ୧.୪୭ ପ୍ରତିଶତ ହ୍ରାସ ଘଟି ୨୪,୧୮୮.୬୫ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ବୃଦ୍ଧି, ବିଦେଶ ପୁଞ୍ଜିର ପ୍ରତ୍ୟାହାର ଓ ଘରୋଇ ଷ୍ଟକରେ ନକାରାତ୍ମକ ଟ୍ରେଣ୍ଡ ସହ ଆମେରିକା ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ବୃହତ୍ ହ୍ରାସ ଯୋଗୁ ଆଜି ଘରୋଇ ବଜାର ଧରାଶାୟୀ ହୋଇଛି। ଏହାଛଡା ଆମେରିକା ବଜାରରେ ନିଯୁକ୍ତି ଅଭିବୃଦ୍ଧି ଆଶାଠାରୁ ଅଧିକ ରହିବାରୁ ଏପରି ସ୍ଥିତି ସୃଷ୍ଟି ହୋଇଥିବା ମଧ୍ୟ କୁହାଯାଉଛି। ବଜାର କାରବାରରେ ଏଭଳି କ୍ରମାଗତ ହ୍ରାସ ଯୋଗୁ ବଜାର ଉପରୁ ନିବେଶକଙ୍କ ଆସ୍ଥା ତୁଟିବାରେ ଲାଗିଛି। ଆଜି ମିଡ୍‌କ୍ୟାପ୍ ଏବଂ ସ୍ମଲ୍‌କ୍ୟାପ୍ ଇଣ୍ଡେକ୍ସରେ ୪ ପ୍ରତିଶତରୁ ଅଧିକ ଯାଏ ହ୍ରାସ ପାଇଛି। ଏହି କାରଣରୁ ସେୟାର ବଜାରରେ କେବଳ ଆଜି ଗୋଟିଏ ଦିନରେ ନିବେଶକମାନଙ୍କୁ ପ୍ରାୟ ୧୨.୩୯ ଲକ୍ଷ କୋଟି ଟଙ୍କା କ୍ଷତି ସହିବାକୁ ପଡିଛି। ଆଜି ପ୍ରାୟ ସବୁ କ୍ଷେତ୍ରର ସେୟାର ଲାଲ୍ ସଙ୍କେତ ସହ ବନ୍ଦ ହୋଇଛି। ବିଏସଇ ରିଅଲ୍ଟି ଇଣ୍ଡେକ୍ସ ସବୁଠୁ ଅଧିକ ୬.୫ ପ୍ରତିଶତ ଖସିଛି। ଅନ୍ୟପକ୍ଷରେ ଶିଳ୍ପ, ୟୁଟିଲିଟି, ପାୱାର ଏବଂ ସେବା କ୍ଷେତ୍ରର ସୂଚକାଙ୍କ ୪ ପ୍ରତିଶତରୁ ଅଧିକ ହ୍ରାସ ହୋଇଛି। ଏଭଳି ସ୍ଥିତି ପରେ ବିଏସଇରେ ସୂଚୀବଦ୍ଧ କମ୍ପାନୀଗୁଡ଼ିକର ବଜାର ପୁଞ୍ଜି ଆଜି ହ୍ରାସ ପାଇ ୪୧୭.୨୮ ଲକ୍ଷ କୋଟି ଟଙ୍କା ହୋଇଛି। ପୂର୍ବ କାରବାର ଦିନ ଅର୍ଥାତ୍ ଶୁକ୍ରବାର ଜାନୁଆରୀ ୧୦ରେ ଏହା ୪୨୯.୬୭ ଲକ୍ଷ କୋଟି ଟଙ୍କା ରହିଥିଲା। ଅନ୍ୟ ଅର୍ଥରେ କହିବାକୁ ଗଲେ, ଆଜି ଗୋଟିଏ ଦିନରେ ନିବେଶକଙ୍କୁ ପ୍ରାୟ ୧୨.୩୯ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି। ଏତଦ୍‌ବ୍ୟତୀତ ଘରୋଇ ବଜାରରେ ଆଜି ସୁନା ମୂଲ୍ୟରେ ମଧ୍ୟ ବୃଦ୍ଧି ଘଟିଛି।



● ସ୍ଥାନୀୟ ଶିଳ୍ପକୁ ବକ୍ସାଇଟ୍ ଖଣି ଆବଣ୍ଟନ ନେଇ ଆଦିବାସୀ ଓ ଦଳିତ ସଂଗଠନ ଦାବି

# ବକ୍ସାଇଟ୍ ସମ୍ପଦର ଉପଯୁକ୍ତ ଆବଣ୍ଟନ ସୁନିଶ୍ଚିତ ହେଉ

ଭୁବନେଶ୍ୱର,୧୩।୧(ସମିସ)

ପ୍ରଚୁର ଖଣିଜ ସମ୍ପଦରେ ଭରପୂର ରାଜ୍ୟ ଓଡ଼ିଶା ଦୀର୍ଘ ଦିନ ଧରି ଶିଳ୍ପ ଅଭିବୃଦ୍ଧି ଓ ସାମାଜିକ-ଅର୍ଥନୈତିକ ବିକାଶର ସୁଯୋଗର ଭୂମି ଭାବେ ପରିଚିତ। ଏହି ଗୁରୁତ୍ୱପୂର୍ଣ୍ଣ ଖଣିଜ ସମ୍ପଦ ଏକ ବାହ୍ୟ ସଂସ୍ଥାକୁ ଆବଣ୍ଟନ କରାଯାଇଛି, ଯିଏ କି ଓଡ଼ିଶାରେ ପୁଞ୍ଜିନିବେଶ କରିନାହିଁ କିମ୍ବା ଏହାର ରାଜ୍ୟର ସାମାଜିକ-ଅର୍ଥନୈତିକ ଅଭିବୃଦ୍ଧିରେ ଯୋଗଦାନ ଦେଇନାହିଁ। ଅଞ୍ଚଳର ଉନ୍ନତି ଆଶାରେ ନିଜ ଜମି ତ୍ୟାଗ କରିଥିବା ଆଦିବାସୀ ସଂପ୍ରଦାୟ ଏବେ ଏହି ନିଷ୍ପତ୍ତି ଦ୍ୱାରା ସେମାନଙ୍କ ପ୍ରତି ବିଶ୍ୱାସଘାତକତା ଅନୁଭବ କରୁଥିବା ଆଦିବାସୀ ଓ ଦଳିତ ସଂଗଠନ କହିଛି। ଓଡ଼ିଶା ବାହାରେ ଥିବା ଶିଳ୍ପ ପାଇଁ କଞ୍ଚାମାଲ ଆବଣ୍ଟନକୁ ନେଇ ବିଭିନ୍ନ ଆଦିବାସୀ ଓ ଦଳିତ ସଂଗଠନର ହଜାର ହଜାର ଲୋକ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।

ନିଜ ଅଞ୍ଚଳର ସାମାଜିକ ଓ ଅର୍ଥନୈତିକ ଉନ୍ନତି ପାଇଁ ନିରନ୍ତର ଯୋଗଦାନ ଦେଉଥିବା ସ୍ଥାନୀୟ ଶିଳ୍ପ ପ୍ରତି ସମର୍ଥନ ଜଣାଇବା ପାଇଁ କୋଡିଙ୍ଗାମାଳି ବିକାଶ ପରିଷଦ, ଆଦିବାସୀ ମହାସଂଘ (କୋଡିଙ୍ଗାମାଳି), ହରିଜନ ମହାସଂଘ (କୋଡିଙ୍ଗମାଳି), ଆଦିବାସୀ ମହିଳା ସଂଘ (କୋଡିଙ୍ଗମାଳି) ଓ ଡମ୍ବ ସମାଜ (କୋଡିଙ୍ଗମାଳି)ର ସଦସ୍ୟମାନେ କୋରାପୁଟ ଓ ରାୟଗଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକତ୍ରିତ ହୋଇଛନ୍ତି। ସଦସ୍ୟମାନେ ରାୟଗଡ଼ା ଓ କୋରାପୁଟ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଖଣିଜ ଅଧିକାରର ସୁରକ୍ଷା ଏବଂ ଓଡ଼ିଶାର ବକ୍ସାଇଟ୍ ସମ୍ପଦର ଉପଯୁକ୍ତ ଆବଣ୍ଟନ ସୁନିଶ୍ଚିତ କରିବାକୁ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। ସେମାନେ ଏକାଠି ହୋଇ ଓଡ଼ିଶାର ବକ୍ସାଇଟ୍ ସମ୍ପଦକୁ ବାହ୍ୟ ସଂସ୍ଥାକୁ ଆବଣ୍ଟନ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ରାଜ୍ୟ ତଥା ଜନସାଧାରଣଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଉଥିବା ସ୍ୱଚ୍ଛ ଓ ନିରପେକ୍ଷ ଅଭ୍ୟାସ ପାଇଁ ଅନୁରୋଧ କରିଛନ୍ତି। ତେବେ କୋଡିଙ୍ଗମାଳିରୁ ବକ୍ସାଇଟ୍ ସମ୍ବଳ ଆବଣ୍ଟନକୁ ନେଇ ନିକଟରେ ଘଟିଥିବା ଘଟଣା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ାଇଦେଇଛି। ଗ୍ରାମସଭା ଆଲୋଚନା ସମୟରେ ଓଡ଼ିଶାରେ ପୁଞ୍ଜିନିବେଶ କରୁଥିବା ଶିଳ୍ପ, ବିଶୋଧନାଗାର ଓ ସ୍ମେଲଟର ପ୍ରତିଷ୍ଠା ଏବଂ ସ୍ଥାନୀୟ ସମୁଦାୟଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ବକ୍ସାଇଟ୍ ଆବଣ୍ଟନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା ବୋଲି ସଂଘ କହିଛି।

**ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ**

## ସଂଶୋଧିତ ଜିଏସ୍‌ଟି ଅଧିନିୟମ

# ଅଧିକାରୀଙ୍କୁ ଜଣାଇବାକୁ ହେବ ଗିରଫ କରିବାର ଆଧାର

ନୂଆଦିଲ୍ଲୀ,୧୩।୧(ଏଜେନ୍ସି)

ଜିଏସ୍‌ଟି ଅଧିକାରୀମାନଙ୍କୁ ଏଣିକି ଅପରାଧୀମାନଙ୍କୁ ଗିରଫଦାରୀର କାରଣ ବୁଝାଇବାକୁ ପଡିବ। ଏହାସହିତ, ସେମାନଙ୍କଠାରୁ ଲିଖିତ ଅନୁମୋଦନ ମଧ୍ୟ ନେବାକୁ ପଡିବ। କ୍ଷିତୀଜ ଘିଡିୟାଲ ବନାମ ଡିଜିଜିଆଇ (ଦିଲ୍ଲୀ) ମାମଲାରେ ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଏହି ନିର୍ଦ୍ଦେଶନାମା ଦିଆଯାଇଛି। ଦିଲ୍ଲୀ ହାଇକୋର୍ଟ ସୁପ୍ରିମକୋର୍ଟଙ୍କ ରାୟ ଉପରେ ଭରସା କରିଛନ୍ତି ଯେଉଁଥିରେ, ଗିରଫଦାରୀର କାରଣ ଏବଂ ଗିରଫଦାରୀର ଆଧାର ମଧ୍ୟରେ ପାର୍ଥକ୍ୟ ଦର୍ଶାଯାଇଥିଲା।

ଜିଏସ୍‌ଟି ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ ସମ୍ପର୍କରେ ଗିରଫ ଏବଂ ଜାମିନ ପାଇଁ ନିର୍ଦ୍ଦେଶାବଳୀକୁ ସଂଶୋଧନ କରି, କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ (ସିବିଆଇସି) କହିଛି ଯେ ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ଗିରଫର କାରଣ ବିଷୟରେ ଅବଗତ କରାଯିବା ଉଚିତ। ଏହାକୁ ଲିଖିତ ଭାବରେ ଦାଖଲ କରାଯିବା ଉଚିତ। ଅଗଷ୍ଟ ୨୦୨୨ରେ ଜାରି ହୋଇଥିବା ପ୍ରଥମ ନିର୍ଦ୍ଦେଶାବଳୀ ଅନୁଯାୟୀ, ଜିଏସ୍‌ଟି ଅଧିକାରୀମାନଙ୍କୁ ଗିରଫଦାରୀ କାରଣ ବିଷୟରେ ଗିରଫଦାରୀ ବ୍ୟକ୍ତିଙ୍କୁ ଜଣାଇବାକୁ ଏବଂ ଗିରଫଦାରୀ ମେମୋରେ ମଧ୍ୟ ଏହାକୁ ଉଲ୍ଲେଖ କରିବାକୁ କୁହାଯାଇଥିଲା। ସୁପ୍ରିମକୋର୍ଟ କହିଛନ୍ତି ଯେ ଗିରଫଦାରୀର କାରଣ ଏବଂ ଗିରଫଦାରୀର ଭୂମି ମଧ୍ୟରେ ପାର୍ଥକ୍ୟ ଅଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ଗିରଫଦାରୀର କାରଣ ସାଧାରଣ ପ୍ରକୃତିର, ଯେତେବେଳେ ଗିରଫଦାରୀର କାରଣ ଅଭିଯୁକ୍ତଙ୍କ ବ୍ୟକ୍ତିଗତ।

**ଲିଖିତ ଅନୁମୋଦନ ମଧ୍ୟ ନେବାକୁ ପଡ଼ିବ**

# ଡିସେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ୫.୨୨%କୁ ଖସିଲା

**ନୂଆଦିଲ୍ଲୀ,୧୩।୧(ଏଜେନ୍ସି):** କେତେକ ଖାଦ୍ୟ ସାମଗ୍ରୀ ମୂଲ୍ୟରେ ହ୍ରାସ ଯୋଗୁ ଡିସେମ୍ବରରେ କମିଛି ଦେଶର ଖୁଚୁରା ମୁଦ୍ରାସ୍ଫୀତି। ଡିସେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ହ୍ରାସ ପାଇ ୪ ମାସର ସର୍ବନିମ୍ନ ସ୍ତରକୁ ଖସିଆସିଛି। ସିପିଆଇ ତଥ୍ୟ ଅନୁଯାୟୀ, ଡିସେମ୍ବରରେ ଦେଶର ଖୁଚୁରା ମୁଦ୍ରାସ୍ଫୀତି ୫.୨୨%କୁ ଖସିଆସିଛି। ଆଉ ଡିସେମ୍ବରକୁ ମିଶାଇଲେ ଲଗାତାର ଦ୍ୱିତୀୟ ମାସରେ ଖୁଚୁରା ମୁଦ୍ରାସ୍ଫୀତିରେ ହ୍ରାସ ଦେଖିବାକୁ ମିଳିଛି। ଯାହା ସାଧାରଣ ଖାଉଟିଙ୍କୁ ସାମାନ୍ୟ ଆଶ୍ୱସ୍ତି ଦେଇଛି।

ପୂର୍ବରୁ ନଭେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ୫.୪୮ ପ୍ରତିଶତ ରହିଥିଲା। ରିପୋର୍ଟ ଅନୁଯାୟୀ, ୨୦୨୩ ଡିସେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ୫.୬୯ ପ୍ରତିଶତ ରହିଥିଲା। ସେହିଭଳି ୨୦୨୨ ଏପ୍ରିଲରେ ଖୁଚୁରା ମୁଦ୍ରାସ୍ଫୀତି ୭.୭୯ ପ୍ରତିଶତର ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିଲା।। ସରକାରୀ ତଥ୍ୟ ଅନୁସାରେ ଡିସେମ୍ବରରେ ଖାଦ୍ୟ ପଦାର୍ଥର ଦାମ୍‌ରେ କମିବା କାରଣରୁ ମୁଦ୍ରାସ୍ଫୀତିରେ ହ୍ରାସ ହୋଇଛି। ଖାଦ୍ୟ-ପାନୀୟ ବସ୍ତୁର ଦାମ୍‌ରେ ହ୍ରାସ କାରଣରୁ ଖୁଚୁରା ମୁଦ୍ରାସ୍ଫୀତିରେ ହ୍ରାସ ଦେଖିବାକୁ ମିଳିଛି। ସେହିଭଳି ଖାଦ୍ୟ ମୁଦ୍ରାସ୍ଫୀତି ମଧ୍ୟ ୮.୩୯ ପ୍ରତିଶତକୁ ଆସିଛି। ନଭେମ୍ବରରେ ଏହା ୯.୦୫ ପ୍ରତିଶତ ରହିଥିଲା। ଯାହା ଏକ ବର୍ଷ ତଳେ ସମାନ ଅବଧିରେ ଅର୍ଥାତ ଡିସେମ୍ବରରେ ୨୦୨୩ରେ ୯.୫୩ ପ୍ରତିଶତ ରହିଥିଲା।




# ଆମେରିକାରେ ଦେବାଳିଆ ହେଲେ ୬୯୪ କମ୍ପାନୀ

ନୂଆଦିଲ୍ଲୀ,୧୩।୧(ଏଜେନ୍ସି)

ବିଶ୍ୱର ସର୍ବବୃହତ ଅର୍ଥନୀତି ବିଶିଷ୍ଟ ରାଷ୍ଟ୍ର ଆମେରିକାରୁ ଆସିଛି ଭୟଙ୍କର ଖବର। ଗତ ବର୍ଷ ଅର୍ଥାତ୍ ୨୦୨୪ରେ ଦେଶରେ ଦେବାଳିଆ ହୋଇଥିବା ବଡ଼ କମ୍ପାନୀଗୁଡ଼ିକର ସଂଖ୍ୟା ଖୁବ୍ ବଢ଼ିଯାଇଛି। ଏହା ୧୪ ବର୍ଷର ରେକର୍ଡରେ ପହଞ୍ଚିଥିଲା। ଏହି ସମୟ ମଧ୍ୟରେ ଆମେରିକାରେ ୬୯୪ଟି ବଡ଼ କମ୍ପାନୀ ଦେବାଳିଆ ହୋଇଯାଇଛନ୍ତି, ଯାହା ୨୦୧୦ ପରଠାରୁ ସର୍ବାଧିକ। ଗତ ଦୁଇ ବର୍ଷ ମଧ୍ୟରେ ଦେବାଳିଆ କମ୍ପାନୀଙ୍କ ସଂଖ୍ୟା ରେ। ୮୭ ପ୍ରତିଶତ ବୃଦ୍ଧି ପାଇଛି। ଆନୁଷ୍ଠାନିକ ଭାବରେ ଦେଖିଲେ ଏହି ସଂଖ୍ୟା ୨୦୨୦ ମସିହାଠାରୁ ବୃଦ୍ଧି ପାଇଛି। କରୋନା ସମୟରେ ୬୩୮ ଟି କମ୍ପାନୀ ଦେବାଳିଆ ହୋଇଯାଇଥିଲେ। ଡିସେମ୍ବରରେ, ୬୧ଟି ବଡ଼ କମ୍ପାନୀ ଦେବାଳିଆ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଆବେଦନ କରିଥିଲେ, ଯାହା ଗତ ୫ ବର୍ଷ ମଧ୍ୟରେ ଡିସେମ୍ବରରେ ସର୍ବାଧିକ ସଂଖ୍ୟା।

ଗତ ବର୍ଷ, ଅଣ-ଅତ୍ୟାବଶ୍ୟକୀୟ ସାମଗ୍ରୀ ଏବଂ ସେବା କ୍ଷେତ୍ର ସବୁଠାରୁ ଅଧିକ କ୍ଷତି ସହିଥିଲା। ୨୦୨୪ ମସିହାରେ ଏହି କ୍ଷେତ୍ରର ୧୦୯ଟି କମ୍ପାନୀ ଦେବାଳିଆ ହୋଇଗଲେ। ଏହା ପରେ, ଶିଳ୍ପ କ୍ଷେତ୍ରର ୯୦ ଟି କମ୍ପାନୀ ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରର ୬୫ଟି କମ୍ପାନୀ ଦେବାଳିଆ ହୋଇଯାଇଛନ୍ତି। ମୁଦ୍ରାସ୍ଫୀତି ଏବଂ ଉଚ୍ଚ ସୁଧ ହାର ଯୋଗୁଁ କମ୍ପାନୀଗୁଡ଼ିକର ଅବସ୍ଥା ଖରାପ। ଚଳିତ ବର୍ଷ ଫେଡେରାଲ ରିଜର୍ଭ ସୁଧ ହାର ହ୍ରାସ କରିବାର ସମ୍ଭାବନା କମ୍। ମୁଦ୍ରାସ୍ଫୀତିର ପୁନରାବୃତ୍ତି ଏବଂ ଦୀର୍ଘକାଳୀନ ଉଚ୍ଚ ସୁଧ ହାର ଚଳିତ ବର୍ଷ ଆହୁରି ଅନେକ କମ୍ପାନୀ ପାଇଁ ସମସ୍ୟା ସୃଷ୍ଟି କରିପାରେ। ଏହାଛଡା କାଲିଫର୍ଣ୍ଣିଆରେ ଅଗ୍ନିକାଣ୍ଡ ଯୋଗୁଁ, ବୀମା, ବିଦ୍ୟୁତ୍ ଏବଂ ଅନ୍ୟାନ୍ୟ କ୍ଷେତ୍ରର କମ୍ପାନୀଗୁଡ଼ିକର ଦେବାଳିଆ ହେବାର ସମ୍ଭାବନା ବୃଦ୍ଧି ପାଇଛି। ଏହାକୁ ଆମେରିକାର ଇତିହାସର ସବୁଠାରୁ ଭୟଙ୍କର ଅଗ୍ନିକାଣ୍ଡ ବୋଲି ବିବେଚନା କରାଯାଏ। ଏହା ଯୋଗୁଁ ଅତି କମରେ ୨୪ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ହଜାର ହଜାର ଘର କ୍ଷତିଗ୍ରସ୍ତ ହୋଇଛି। ଏହି କାରଣରୁ, କ୍ଷତି ୧୫୦ ବିଲିୟନ ଡଲାରରୁ ଅଧିକ ହେବ ବୋଲି ଆକଳନ କରାଯାଇଛି। ଏହା ଯୋଗୁଁ ବୀମା କମ୍ପାନୀଗୁଡ଼ିକ ସବୁଠାରୁ ଅଧିକ କ୍ଷତି ସହିପାରନ୍ତି। ଅଗ୍ନିକାଣ୍ଡ ପରଠାରୁ ସେମାନଙ୍କର ବଜାର ପୁଞ୍ଜି ୧୯ ବିଲିୟନ ଡଲାର ହ୍ରାସ ପାଇଛି।




- ଭାଙ୍ଗିଲା ୧୪ ବର୍ଷର ପୁରୁଣା ରେକର୍ଡ
- ୨୦୨୪ରେ ଦେବାଳିଆ କମ୍ପାନୀଙ୍କର ରେକର୍ଡ ଭାଙ୍ଗିଥିଲା
- ୨୦୧୦ ପରଠାରୁ ସର୍ବାଧିକ
- ଅଣ-ଅତ୍ୟାବଶ୍ୟକୀୟ ସାମଗ୍ରୀ ଏବଂ ସେବା କ୍ଷେତ୍ର ସର୍ବାଧିକ କ୍ଷତି ସହୁଛି

# ବିଶ୍ୱ ସବୁଜ ପରିବର୍ତ୍ତନରେ ଭାରତ ଆଗରେ: ଇରେଡା ସିଏମ୍‌ଡି

**ଭୁବନେଶ୍ୱର,୧୩।୧(ଏଜେନ୍ସି):** ସବୁଜ ଶକ୍ତିକୁ ପରିବର୍ତନରେ ଭାରତର ନେତୃତ୍ୱ ଏବଂ ଏହି ପରିବର୍ତ୍ତନକୁ ଚଳାଇବାରେ ଇରେଡାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ନଭେମ୍ବର ୨୦୨୪ ସୁଦ୍ଧା ୨୦୬ ଗିଗାୱାଟ ଅକ୍ଷୟ ଶକ୍ତି କ୍ଷମତା ଏବଂ ୨୦୩୦ ସୁଦ୍ଧା ଅଣ ଜୀବାଶ୍ମ ଉତ୍ସରୁ ୫୦୦ ଗିଗାୱାଟର ମହତ୍ୱାକାଂକ୍ଷୀ ଲକ୍ଷ୍ୟ ସହିତ ଭାରତ ବିଶ୍ୱ ସବୁଜ ପରିବର୍ତନରେ ଅଗ୍ରଣୀ ସ୍ଥାନରେ ରହିଛି। ଇରେଡାର ଅବଦାନ ଉପରେ ଆଲୋକପାତ କରି ସେ ଭାରତର ସର୍ବବୃହତ ସବୁଜ ଶକ୍ତି ଫାଇନାନ୍ସିଂ ଏନବିଏଫସି ଭାବରେ ଏହାର ସ୍ଥିତି ଉପରେ ଭାରତୀୟ ଅକ୍ଷୟ ଶକ୍ତି ବିକାଶ ଏଜେନ୍ସି (ଇରେଡା)ର ସିଏମଡି ପ୍ରଦୀପ କୁମାର ଦାସ ଗୁରୁତ୍ୱ ଦେଇଛନ୍ତି। ୧୮ତମ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀରେ କେନ୍ଦ୍ର ରେଳ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଧିବେଶନରେ ଏଜେନ୍ସି ୬୯,୦୦୦ କୋଟି ଟଙ୍କା (୮.୩ ବିଲିୟନ ଡଲାର)ର ସମ୍ପତି ଭିତ୍ତିଭୂମି ପରିଚାଳନା କରୁଛି ଏବଂ ଆର୍ଥିକ ବର୍ଷ ୨୦୨୪-୨୫ ର ତୃତୀୟ ତ୍ରୈମାସିକ ସୁଦ୍ଧା ସମୁଦାୟ ମଞ୍ଜୁରୀରେ ୨.୩୯ ଲକ୍ଷ କୋଟି ଟଙ୍କା ଏବଂ ସମୁଦାୟ ବିତରଣରେ ୧.୫୩ କୋଟି ଟଙ୍କା ହାସଲ କରିଛି। ସର୍ବୋତମ କର୍ପୋରେଟ୍ ଗଭର୍ଣ୍ଣାନ୍ସ ପଦକ୍ଷେପ ପ୍ରତି ଇରେଡାର ପ୍ରତିବଦ୍ଧତା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ ଏବଂ ଏହାର ନେତୃତ୍ୱକୁ ଆହୁରି ସୁଦୃଢ଼ କରିଥିଲେ। ଆଲୋଚନା ସମୟରେ ଇରେଡାର ସିଏମଡି ପ୍ରବାସୀଙ୍କ ଦ୍ୱାରା ପରିଚାଳିତ ବିକାଶ ଏବଂ ସ୍ଥାୟୀ ଉଦ୍ଭାବନରେ ପୁଞ୍ଜିନିବେଶର ଭୂମିକା, କୃଷି, ରିଅଲ ଇଷ୍ଟେଟ, ବ୍ୟାଟେରୀ ଏବଂ ସବୁଜ ଉତ୍ପାଦନ, ଇଲେକ୍ଟ୍ରିକ୍ ମୋବିଲିଟି, ଡିଜିଟାଲ, ଏମଏସଏମଇ ଇତ୍ୟାଦି କ୍ଷେତ୍ରରେ ସବୁଜ ପ୍ରଯୁକ୍ତିବିଦ୍ୟାର ଭବିଷ୍ୟତ ଏବଂ ସହଯୋଗ ପାଇଁ ବିଶ୍ୱସ୍ତରୀୟ ସୁଯୋଗ ଆଦି ପ୍ରମୁଖ ବିଷୟବସ୍ତୁ ମାଧ୍ୟମରେ ଆଲୋଚନାକୁ ନିରବଚ୍ଛିନ୍ନ ଭାବରେ ମାର୍ଗଦର୍ଶନ କରିଥିଲେ।



# ଡିଏସ୍‌ପି ମ୍ୟୁଚୁଆଲର ସେନ୍‌ସେକ୍ସ ନେକ୍ସଟ ୩୦ ଇଣ୍ଡେକ୍ସ ଫଣ୍ଡ

**ମୁମ୍ବଇ,୧୩।୧(ଏଜେନ୍ସି):** ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ ଡିଏସ୍‌ପି ବିଏସ୍‌ଇ ସେନସେକ୍ସ ନେକ୍ସଟ ୩୦ ଇଣ୍ଡେକ୍ସ ଫଣ୍ଡ ଏବଂ ଡିଏସ୍ପି ସେନସେକ୍ସ ନେକ୍ସଟ୍ ୩୦ ଇଟିଏଫ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି। ଏଗୁଡିକ ଓପନ-ଏଣ୍ଡେଡ୍ ଇକ୍ୱିଟି ସ୍କିମ୍ ଯାହା ନିବେଶକଙ୍କୁ ଅଭିବୃଦ୍ଧି ହାସଲ କରିବାକୁ ଯାଉଥିବା ଏବଂ ପରବର୍ତ୍ତୀ ନେତୃତ୍ୱ ନେବାଭଳି ହେବାକୁ ଥିବା ବିଏସ୍‌ଇ ସେନସେକ୍ସ ଊର୍ଦ୍ଧ୍ୱରେ ୩୦ ସର୍ବବୃହତ୍ କମ୍ପାନୀରେ ନିବେଶ ସୁଯୋଗ ଯୋଗାଇଦେବା ଲକ୍ଷ୍ୟ ରଖୁଛି। ବିଏସ୍‌ଇ ସେନସେକ୍ସ ନେକ୍ସଟ ୩୦ ଇଣ୍ଡେକ୍ସରେ ସେହି କମ୍ପାନୀଗୁଡିକ ରହିଛନ୍ତି ଯେଉଁଗୁଡିକ ବିଏସ୍‌ଇ ସେନ୍ସେକ୍ସର ଅଂଶବିଶେଷ ନୁହନ୍ତି, କିନ୍ତୁ ଉଲ୍ଲେଖନୀୟ ମାର୍କେଟ କ୍ୟାପିଟାଲାଇଜେସନର ପ୍ରତିନିଧିତ୍ୱ କରୁଛନ୍ତି ଏବଂ ଭବିଷ୍ୟତ ଅଭିବୃଦ୍ଧିର ସାମର୍ଥ୍ୟ ରଖୁଛନ୍ତି। ଇଣ୍ଡେକ୍ସ ଲାର୍ଜ କ୍ୟାପ୍ ଜଗତର ମଧ୍ୟମ ବର୍ଗରେ ଦୃଷ୍ଟିନିବଦ୍ଧ କରି ଏକ ପାର୍ଥକ୍ୟ ଆଣୁଛି। କେତେକ ଦ୍ରୁତତମ ଅଭିବୃଦ୍ଧିଶୀଳ ଲାର୍ଜକ୍ୟାପ ଲିଡର ଓ ଚାଲେଞ୍ଜର ରହିଛନ୍ତି, ଯେଉଁମାନେ ଅନେକ ସମୟରେ ମାତ୍ର ୧୦-୪୦% ଆବଣ୍ଟନ ସହିତ ଅଧିକାଂଶ ପ୍ରଚଳିତ ଲାର୍ଜକ୍ୟାପ ଇଣ୍ଡିସେସ୍ରେ ନିମ୍ନ ପ୍ରତିନିଧିତ୍ୱ କରୁଛନ୍ତି।

## ଗୋଲ୍ଡମ୍ୟାନ୍ ସ୍ୟାଚ୍ ଆକଳନ

# ୨୦୨୬ରେ ମନ୍ଥର ହେବ ସରକାରୀ ପୁଞ୍ଜି ବ୍ୟୟ

ନୂଆଦିଲ୍ଲୀ,୧୩।୧(ଏଜେନ୍ସି)

ବର୍ଷ ୨୦୨୪ରେ ମନ୍ଥର ରହିଲା ସରକାରୀ ପୁଞ୍ଜି ବ୍ୟୟ। ବର୍ଷର ପ୍ରାରମ୍ଭରୁ ସାଧାରଣ ନିର୍ବାଚନ ସହ ପରବର୍ତ୍ତୀ ସମୟରେ ବିଭିନ୍ନ ରାଜ୍ୟର ବିଧାନସଭା ନିର୍ବାଚନ କାରଣରୁ ବର୍ଷ ସାରା ସରକାରୀ ପୁଞ୍ଜି ବ୍ୟୟରେ ହ୍ରାସ ଘଟିଥିଲା। ଏବେ ଚଳିତବର୍ଷ ଅର୍ଥାତ୍ ବର୍ଷ ୨୦୨୬ରେ ମଧ୍ୟ ସରକାରୀ ପୁଞ୍ଜି ବ୍ୟୟରେ ହ୍ରାସ ଘଟିବା ଆଶଙ୍କା କରାଯାଉଛି। କେନ୍ଦ୍ରୀୟ ବଜେଟ୍ ଘୋଷଣା ପୂର୍ବରୁ ଅନ୍ତର୍ଜାତୀୟ ରେଟିଂ ଏଜେନ୍ସି ଗୋଲ୍ଡମ୍ୟାନ୍ ସ୍ୟାଚ୍ କହିଛି ଯେ, ନୂତନ ଆର୍ଥିକ ବର୍ଷରେ ସରକାରୀ ପୁଞ୍ଜି ବ୍ୟୟ ଅଭିବୃଦ୍ଧି ହ୍ରାସ ପାଇବାର ଆଶଙ୍କା କରାଯାଉଛି।

ଏ ଠା ରେ ସୂଚନାଯୋଗ୍ୟ ଯେ, ଗୋଲ୍ଡମ୍ୟାନ୍ ସ୍ୟାଚ୍ ହେଉଛି ଏକ ଆମେରିକୀୟ ବହୁରାଷ୍ଟ୍ରୀୟ ନିବେଶ ବ୍ୟାଙ୍କ ଏବଂ ଆର୍ଥିକ ସେବା କମ୍ପାନୀ। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଗାମୀ ବଜେଟରେ ସାଧାରଣ ଖର୍ଚ୍ଚରେ ୧୩ ପ୍ରତିଶତ ବୃଦ୍ଧି ଘୋଷଣା କରିପାରନ୍ତି ବୋଲି ଗୋଲ୍ଡମ୍ୟାନ୍ ସ୍ୟାଚ୍ ଏହାର ରିପୋର୍ଟରେ କହିଛି। ଯେତେବେଳେ ଆର୍ଥିକବର୍ଷ ୨୦୨୪ରେ ଏହା ୧୭ ପ୍ରତିଶତ ଥିଲା। ଏହା ବ୍ୟତୀତ, ପୂର୍ବ ତିନି ବର୍ଷରେ ମଧ୍ୟ ଏହି ଅଭିବୃଦ୍ଧି ଭଲ ରହିଥିଲା। ରିପୋର୍ଟରେ କୁହାଯାଇଛି ଯେ ସରକାର ଆର୍ଥିକ ଶୃଙ୍ଖଳାର ରୋଡମ୍ୟାପ୍ ପାଳନ କରିବେ ଏବଂ ଆର୍ଥିକ ନିଅଣ୍ଟକୁ ଜିଡିପିର ୪.୫ ପ୍ରତିଶତକୁ ହ୍ରାସ କରିବାକୁ ଲକ୍ଷ୍ୟ ରଖିବେ। ବ୍ରୋକରେଜ୍ ଫାର୍ମ କହିଛି ଯେ ସଂସଦରେ ବିଜେପିର ସଂଖ୍ୟା ଗରିଷ୍ଠତା ହ୍ରାସ ପାଉଥିବାରୁ, ଖର୍ଚ୍ଚର ଏକ ଅଂଶ ଗ୍ରାମୀଣ ଅଞ୍ଚଳ ଏବଂ କଲ୍ୟାଣକାରୀ ଯୋଜନା ପାଇଁ ପୁନଃ ଆବଣ୍ଟିତ କରାଯାଇପାରିବ। ଏଥିରେ ଆହୁରି ମଧ୍ୟ କୁହାଯାଇଛି ଯେ, ସେପ୍ଟେମ୍ବରରେ ଭାରତର ବାସ୍ତବ ଜିଡିପି ଅଭିବୃଦ୍ଧି ହାର ୫.୪ ପ୍ରତିଶତ ଥିଲା। କାରଣ ଖର୍ଚ୍ଚର ମନ୍ଥର ଗତି ଏବଂ ଋଣ ପ୍ରଦାନ ଉପରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଲାଗୁ ହୋଇଥିବା କଟକଣା ଯୋଗୁଁ ସରକାରୀ ଖର୍ଚ୍ଚ ଅଭିବୃଦ୍ଧି ହ୍ରାସ ପାଉଥିଲା।

ଗୋଲ୍ଡମ୍ୟାନ୍ ସ୍ୟାଚ୍ ଆକଳନ କରିଛି ଯେ ସରକାରୀ ଖର୍ଚ୍ଚ ଏବେ ୧୩ ପ୍ରତିଶତ ହାରରେ ବୃଦ୍ଧି ପାଇପାରେ, ଯାହା ପୂର୍ବରୁ ୩୦ ପ୍ରତିଶତ ଥିଲା। ଏହା ବ୍ୟତୀତ, ସରକାର ଏବେ କଲ୍ୟାଣକାରୀ ଖର୍ଚ୍ଚ (ଯେପରିକି ଗରିବଙ୍କ ପାଇଁ ଯୋଜନା, ସବସିଡ଼ି, ଇତ୍ୟାଦି) ଏବଂ ଦେୟ ସ୍ଥାନାନ୍ତର (ଯେପରିକି ଚାଷୀ, ଗରିବ କିମ୍ବା ଅନ୍ୟାନ୍ୟ ଅସହାୟ ଲୋକଙ୍କୁ ସିଧାସଳଖ ଟଙ୍କା ପଠାଇବା) ଉପରେ ଅଧିକ ଧ୍ୟାନ ଦେଇପାରିବେ। ଗୋଲ୍ଡମ୍ୟାନ୍ ସ୍ୟାଚ୍ ଅନୁଯାୟୀ, ସରକାରୀ ଖର୍ଚ୍ଚରେ ତୀବ୍ର ବୃଦ୍ଧି ହେବାର ସମ୍ଭାବନା ଅଛି। ବର୍ତ୍ତମାନ ଅଭିବୃଦ୍ଧି ଅବଧି ଶେଷ ହୋଇଛି ଏବଂ ଆଗାମୀ ବର୍ଷଗୁଡ଼ିକରେ ଖର୍ଚ୍ଚ ବୃଦ୍ଧି ଜିଡିପି ଅଭିବୃଦ୍ଧିଠାରୁ କମ୍ କିମ୍ବା ସମାନ ହେବାର ସମ୍ଭାବନା ରହିଛି।



### ଏଯାଏଁ ସ୍ୱାଭାବିକ ହୋଇପାରୁନି ଧାନକିଣା

# ଦ୍ୱନ୍ଦ୍ୱରେ ଚାଷୀ, ମିଲର ଓ ପ୍ୟାକ୍ସ

ନୟାଗଡ଼, ୧୩।୧(ସମିସ)

ନୟାଗଡ଼ ଜିଲ୍ଲାରେ ବହୁ ବିଳମ୍ବ ହେଲେ ବି ଜାନୁୟାରୀ ୭ ତାରିଖରେ ଧାନକିଣା ଶୁଭାରମ୍ଭ କରାଯାଇଛି। ଜିଲ୍ଲାରେ ୬ ଦିନ ମଧ୍ୟରେ ମାତ୍ର ୬୭ କ୍ୱିଣ୍ଟାଲ ଧାନ ଜଣେ ମାତ୍ର ଚାଷୀ ବିକ୍ରି କରିଥିବା ସୂଚନା ମିଳିଛି। ବାହାଡ଼ାଝୋଲା ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ଧାନକିଣା ଶୁଭାରମ୍ଭରେ ଧାନ ବିକ୍ରି କରିଥିବା ଚାଷୀ ଜଣଙ୍କ ଏ ସୌଭାଗ୍ୟ ପାଇଥିବା ବେଳେ ଜିଲ୍ଲାରେ ଅନ୍ୟ କୌଣସି ଚାଷୀ ଏଯାଏଁ ଧାନ ବିକ୍ରି କରି ପାରିନାହାନ୍ତି। ନୟାଗଡ଼ ଜିଲ୍ଲାରେ ଏଭଳି ଅସ୍ୱାଭାବିକ ପରିସ୍ଥିତିକୁ ନେଇ ଚାଷୀ, ମିଲର ଓ ପ୍ୟାକ୍ସ ଦ୍ୱନ୍ଦ୍ୱରେ ରହିଥିବା ଜଣାପଡ଼ିଛି। ସରକାର କଟନୀ ଛଟନୀକୁ ସମ୍ପୂର୍ଣ୍ଣ ବନ୍ଦ ବୋଲି କହିଥିବା ବେଳେ କିଭଳି ଧାନ କିଣା ହେବ ସେ ନେଇ ମିଲର ଉତ୍କଣ୍ଠା ପ୍ରକାଶ କରୁନାହାନ୍ତି। କଟନୀ ଛଟନୀ ନକଲେ ଧାନ କିଣିବା ଅସମ୍ଭବ ବୋଲି କିଛି ମିଲର ପରୋକ୍ଷରେ ସୂଚନା ଦେଇଛନ୍ତି। ତେବେ କଟନୀ ଛଟନୀ ହେବାରେ ମଧ୍ୟ ସମସ୍ୟା ରହିଥିବା ଜଣାପଡ଼ିଛି। ଜିଲ୍ଲାରେ ଲଗାଣ ବର୍ଷା ପାଇଁ ଦୁଇ କିସମର ଧାନ ଅମଳ ହୋଇଛି। ବର୍ଷା ପୂର୍ବରୁ ଅମଳ ହୋଇଥିବା ଧାନ ଶୁଖିଲା ଅବସ୍ଥାରେ ରହିଥିବା

**● ୬ ଦିନରେ କିଣାଯାଇଛି ୬୭ କ୍ୱିଣ୍ଟାଲ ଧାନ**

ବେଳେ ବର୍ଷା ପରେ ଗଜା ଓ ଓଦା ଧାନ ଅମଳ ହୋଇଛି। ଏଣୁ ମିଲର ଉନ୍ନତ ମାନର ଚାଉଳ ଦେବା ପାଇଁ ହେଲେ ଏଫ୍ଏକ୍ୟୁ ମାନର ଧାନ ଜିଲ୍ଲାରେ ନାହିଁ। ଏଫଏକ୍ୟୁ ମାନକୁ କୋହଳ କରିବା ପାଇଁ କଟନୀ ଛଟନୀ ଏକମାତ୍ର ଗଳାବାଟ ବୋଲି ଆଲୋଚନା ହେଉଛି। ଯାହାକୁ ନେଇ ମିଲର ଓ ପ୍ୟାକ୍ସ ସନ୍ଦିହାନ ଅବସ୍ଥାରେ ରହିଛନ୍ତି। ଧାନମଣ୍ଡି ଅନେକ ସ୍ଥାନରେ ଶୁଭାରମ୍ଭ ହୋଇଥିବା ବେଳେ ଏଯାଏଁ ଧାନକିଣା ନହେବା ଚାଷୀକୁ ଦ୍ୱନ୍ଦ୍ୱରେ ପକାଇଛି। ଜିଲ୍ଲାର ୧୫୩ଟି ପ୍ୟାକ୍ସ ଅଧିନରେ ୫୩ ହଜାର ୮୩୯ ଜଣ ଚାଷୀ ଧାନବିକ୍ରି କରିବାକୁ ଅପେକ୍ଷା କରିଥିବା ବେଳେ ଧାନକିଣା ଆରମ୍ଭ ନହେବା ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷେ, ଚଳିତ ବର୍ଷ ଜିଲ୍ଲାରେ ମଣ୍ଡି ପରିଚାଳନା ଦାୟିତ୍ୱ ପ୍ରଥମ କରି ପ୍ୟାକ୍ସକୁ ପ୍ରଦାନ କରାଯାଇଛି। ସରକାର ଗୋଟିଏ କ୍ୱିଣ୍ଟାଲ ଧାନ ଗାଡ଼ିରେ ଲୋଡ଼ କରିବା ପାଇଁ ୫ ଟଙ୍କା ପ୍ରଦାନ କରୁଥିବା ବେଳେ ଶ୍ରମିକମାନେ ଅତିକମରେ ୧୨ ଟଙ୍କା ନେଉଥିବା ସୂଚନା ମିଳିଛି। ଫଳରେ ମଣ୍ଡି ପରିଚାଳନା ଦାୟିତ୍ୱ ପ୍ୟାକ୍ସ କରିବା ଦ୍ୱାରା ସମିତି ବ୍ୟାପକ କ୍ଷତି ସହିବ ବୋଲି ଜଣାପଡ଼ିଛି। ଧାନ କିଣା ନେଇ ସୃଷ୍ଟି ହୋଇଥିବା ଦ୍ୱନ୍ଦ୍ୱ ଏବଂ ଅବ୍ୟବସ୍ଥାକୁ ଦୂର କରିବା ପାଇଁ ପ୍ରଶାସନ, ମିଲର ଓ ପ୍ୟାକ୍ସ ସ୍ତରରେ ଆଲୋଚନା କରାଯିବାର ଆବଶ୍ୟକତା ରହିଛି। ଏନେଇ ଜିଲ୍ଲା ଯୋଗାଣ ଅଧିକାରୀ ବଜେନ୍ଦ୍ର କୁମାର ମହାନ୍ତିଙ୍କ ସହ ଆଲୋଚନା କରିବାରେ ସମବାୟ ବିଭାଗ ଧାନକିଣା ସ୍ୱାଭାବିକ ହେବା ଦିଗରେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ପରୋକ୍ଷରେ କହିଛନ୍ତି।

**● ଶୁଖିଲା ୧୯୦୦, ଓଦା ୧୬୦୦ ଟଙ୍କାରେ କିଣୁଛନ୍ତି ଦଲାଲ**

ନୟାଗଡ଼, ୧୩।୧(ସମିସ): ନୟାଗଡ଼ ଜିଲ୍ଲାରେ ଧାନମଣ୍ଡି ଖୋଲି ନ ଥିବା ବେଳେ ଚାଷୀମାନେ କମ ମୂଲ୍ୟରେ ଧାନକୁ ବିକ୍ରି କରୁଛନ୍ତି। ଶୁଖିଲା ଧାନ କ୍ୱିଣ୍ଟାଲ ପିଛା ୧୯ ଶହ ଟଙ୍କାରେ ବିକ୍ରି ହେଉଥିବା ବେଳେ ଓଦା ଓ ଗଜା ହୋଇଥିବା ଧାନକୁ ୧୬ ଶହ କିମ୍ବା ୧୭ ଶହ ଟଙ୍କାର ଦଲାଲମାନେ କିଣୁଥିବା ସୂଚନା ମିଳିଛି। ଏଭଳି ପରିସ୍ଥିତିରେ ଚାଷୀ ଚଳିତ ବର୍ଷ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ମଣ୍ଡି ନଖୋଲାଯିବା ଦଲାଲଙ୍କୁ ବେଶ ସହାୟକ ହେଉଛି।

## ବାଳିକା ଆତ୍ମରକ୍ଷା ତାଲିମ ଶିବିର

ଭାପୁର, ୧୩।୧(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ପଦ୍ମାବତୀ ପଞ୍ଚାୟତଠାରେ ପ୍ରତିଷ୍ଠିତ ପ୍ରହଲ୍ଲାଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଏକ ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦଘାଟିତ ହୋଇଯାଇଛି। ରାଜ୍ୟ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଅଧ୍ୟକ୍ଷ ରବୀନ୍ଦ୍ର କୁମାର ମଲ୍ଲ ଉଦଘାଟନ କରିଥିଲେ। ଏହି ଶିବିରରେ ୭୭ ଜଣ ଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଏହା ଆଠ ଦିନ ବ୍ୟାପି ଚାଲିବ। ଅଞ୍ଜଳୀ ମହାରଣା ପ୍ରଶିକ୍ଷିକା ଭାବେ ଯୋଗ ଦେଇଛନ୍ତି। ଅଧ୍ୟାପିକା ଶୁଭଲକ୍ଷ୍ମୀ ପ୍ରଧାନ, ତୃପ୍ତିମୟୀ ସାହୁ ଓ କୃଷ୍ଣପ୍ରିୟା ମହାନ୍ତି, ଅଧ୍ୟାପକ ଫକିର ମୋହନ ସ୍ୱାଇ, ବିନୟ କୁମାର ସାହୁ ଓ ଅନ୍ୟ କର୍ମଚାରୀ ମାନେ ସହଯୋଗ କରିଥିଲେ।

## ଖଳିସାହି କ୍ରିକେଟ, ସେମିରେ ବାଙ୍କୀ ପାୱାର କିଙ୍ଗ

ଖଣ୍ଡପଡ଼ା, ୧୩।୧(ସମିସ): ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ବଡ଼ ପଡ଼ିଆରେ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲକୁ ବାଙ୍କି ପାୱାର କିଙ୍ଗ ଯାଇଛି। ଆଜି ଟସ ଜିତି ବାଙ୍କି ପାୱାର କିଙ୍ଗ ୧୮.୫ ଓଭରରେ ସମସ୍ତ ୱିକେଟ ହରାଇ ୨୦୭ ରନ କରିଥିଲା। ଜବାବରେ ଢେଙ୍କାନାଳ କିଆଝର କ୍ରିକେଟ ଟିମ ୧୭ ଓଭରରେ ସମସ୍ତ ୱିକେଟ ହରାଇ ୧୪୫ ରନରେ ସୀମିତ ରହିଥିଲା। ଚତୁର୍ଥ ଦିବସରେ ମୁଖ୍ୟଅତିଥି ଭାବେ ସମାଜସେବୀ ପ୍ରସନ୍ନ କୁମାର ସ୍ୱାଇଁ ଓ ଦଶଦୋଳ ମହୋତ୍ସବର ଉପସଭାପତି ଫକିର ମୋହନ ସାହୁ ଯୋଗଦେବା ସହିତ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆଜିର ଖେଳକୁ ଦୀପକ ସାହୁ ଏବଂ ରବି ନାରାୟଣ ମିଶ୍ର ପରିଚାଳନା କରିଥିବା ବେଳେ ଶିକ୍ଷକ ଗୌରାଙ୍ଗ ଚରଣ ସେଠୀ ସ୍କୋରବୋର୍ଡ ଦାୟିତ୍ୱ ତୁଲାଇଥିଲେ। ଆସନ୍ତାକାଲି ବାଙ୍କି ପାୱାର କିଙ୍ଗ ଏବଂ ବିଏନସିସି କଟକ ମଧ୍ୟରେ ପ୍ରଥମ ସେମି ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ।

## ସାଧାରଣତନ୍ତ୍ର ନିମନ୍ତେ ପ୍ରସ୍ତୁତି ବୈଠକ

ନୟାଗଡ଼, ୧୩।୧(ସମିସ): ନୟାଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ସୋମବାର ସାଧାରଣତନ୍ତ୍ର ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ସଦଭାବନା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଆଜିର ଏହି ବୈଠକରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ (ନିର୍ବାଚନ) ରୋଜିନା ଦାସ, ଉପ ଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସନାତନ କାଲୋ ଓ ସୂଚନା ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ ଉପସ୍ଥିତ ରହିଥିଲେ। ପୂର୍ବବର୍ଷ ଭଳି ଏ ବର୍ଷ ସୂଚାରୁ ରୁପେ ପାଳନ କରିବା ପାଇଁ ଆଲୋଚନା କରାଯାଇଥିଲା। ବିଭିନ୍ନ ବିଭାଗରେ ହେବାକୁ ଥିବା ପ୍ରତିଯୋଗିତାରେ ଦକ୍ଷ ବିଚାରପତି ରଖିବା ପାଇଁ ଆଲୋଚନା ହୋଇଛି। ଯେଉଁ ଯେଉଁ ବିଭାଗରେ ପ୍ରତିଯୋଗିତା ହେବ ପ୍ରତ୍ୟେକ ବିଭାଗରେ ସ୍ୱତନ୍ତ୍ର ବିଚାରପତି ରହିବା ପାଇଁ ଆଲୋଚନା କରାଯାଇଛି। ଜିଲ୍ଲା ସ୍ତରରେ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ ପ୍ରତିଯୋଗିତାରେ ପ୍ରତ୍ୟେକ ବ୍ଲକର ଛାତ୍ରଛାତ୍ରୀ ମାନେ ଯୋଗ ଦେଇ ପାରିବେ। କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ସାଧାରଣତନ୍ତ୍ର ଦିବସରେ ପୁରସ୍କୃତ କରାଯିବ। ଆଜିର ଏହି କାର୍ଯ୍ୟକ୍ରମରେ ସମାଜସେବୀ, ଆଇନଜୀବୀ, ସାମ୍ବାଦିକ, ସ୍ୱେଚ୍ଛାସେବୀଙ୍କ ସମେତ ବିଭିନ୍ନ ବର୍ଗର ଲୋକ ଉପସ୍ଥିତ ଥିଲେ।

# ସୁନା ବେଶରେ ଦର୍ଶନ ଦେଲେ ଶ୍ରୀ ନୀଳମାଧବ

ଖଣ୍ଡପଡ଼ା/କଣ୍ଟିଲୋ, ୧୩।୧(ସମିସ): ଶ୍ରୀ ଜଗନ୍ନାଥଙ୍କ ଆଦ୍ୟ ପ୍ରତୀକ ପ୍ରଭୁ ଶ୍ରୀନୀଳମାଧବଙ୍କ ପୁଷ୍ପାଭିଷେକ ଓ ସୁନାବେଶ ଦର୍ଶନ ଲାଭ ପାଇଁ ମାଧବ କ୍ଷେତ୍ରରେ ଶ୍ରଦ୍ଧାଳୁମାନଙ୍କ ଭିଡ଼ ପରିଲିକ୍ଷିତ ହୋଇଥିଲା। ପୂଜକ ସମାଜ ସଭାପତି ସୀମାଞ୍ଚଳ ମିଶ୍ର ଏବଂ ସମ୍ପାଦକ ପ୍ରଶାନ୍ତ କୁମାର ମିଶ୍ରଙ୍କ ସମେତ ସମସ୍ତ ବରିଷ୍ଠ ଓ ଯୁବ ସେବାୟତଙ୍କ ସହଯୋଗ କ୍ରମେ

**● ଲାଗି ହେଲା ନୂତନ ସୁବର୍ଣ୍ଣ ଶ୍ରୀପୟର**



ଦେବନୀତି ସମ୍ପନ୍ନ ହେବାପରେ ହଜାରେ ହଜାରେ ସଂଖ୍ୟାରେ ଅପେକ୍ଷାରତ ଶ୍ରଦ୍ଧାଳୁ ଶ୍ରୀଜୀଉଙ୍କ ସୁନାବେଶ ଦର୍ଶନ କରିଥିଲେ। ସୋମବାର ପ୍ରତ୍ୟୁଷ ୭ଟା ସମୟରେ ପୂଜକଙ୍କ ଉପସ୍ଥିତରେ ପହୁଡ଼ ଖୋଲିବା ପରେ ପ୍ରଥମେ ମଙ୍ଗଳ ଆଳତି, ମଇଲମ, ଅବକାଶ ନୀତି, ସୂର୍ଯ୍ୟ ପୂଜା ଓ ଦ୍ୱାରପାଳ ପୂଜା ଅନୁଷ୍ଠିତ ହେବା ପରେ ଶ୍ରୀଜୀଉଙ୍କ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା। ସକାଳ ୧୦ ଘଟିକା ସମୟରେ ଶ୍ରୀଜୀଉଙ୍କ ସୁନାଲାଗି ନୀତି ଆରମ୍ଭ ହୋଇଥିଲା। ଏହାପରେ ରୋଷ ହୋମ ନୀତି ସମ୍ପନ୍ନ ହୋଇ ମହାଲକ୍ଷ୍ମୀ ବିଜେ ହେବା ପରେ ଦିବା ୧୨ ଘଟିକାରେ ଦ୍ୱିପ୍ରହର ଧୂପନୀତି ସମ୍ପନ୍ନ ହୋଇଥିଲା। ଖଣ୍ଡପଡ଼ା ତହସିଲଦାର ତଥା ଦେବୋତ୍ତର ବିଭାଗ ମୁଖ୍ୟ ବିଶ୍ୱଭୂଷଣ ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମଧ୍ୟାହ୍ନରେ ସୁନାବେଶ ସମାପନ ହେବା ପରେ ସାହାଣମେଳା ନୀତି ଅନୁଷ୍ଠିତ ହୋଇଥିଲା। ଶ୍ରୀଜୀଉଙ୍କ ସୁବର୍ଣ୍ଣ କିରଟୀ ସହିତ କିଆକିଆ, ମୁଖ ମଣ୍ଡଳ, ଆଭା, କର୍ଣ୍ଣକାପ, କୁଣ୍ଡଳ, ହାତୀ କବଚ, କଣ୍ଠି ମାଳି, ପେଟି, ଶ୍ରୀପୟର, ଶଙ୍ଖ ଶ୍ରୀଭୁଜ ଆଦି ଅଳଙ୍କାରରେ ଭୂଷିତ ହୋଇଥିଲେ। ବିଶେଷ ଭାବରେ ମନ୍ଦିରର ସେବାୟତ ଏବଂ ଦେବୋତ୍ତର ସହାୟତାରେ ମାଧବଙ୍କ ନିମନ୍ତେ ପ୍ରାୟ ୭୦ ଲକ୍ଷ ଟଙ୍କାରେ ସୁବର୍ଣ୍ଣ ଶ୍ରୀ ପୟର ଆଜି ଠାକୁରଙ୍କଠାରେ ଆଭୂଷଣ ହୋଇଥିବା ଦେଖିବାକୁ ମିଳିଛି। ସୁନାବେଶକୁ ସରସ ସୁନ୍ଦର କରିବା ପାଇଁ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଜିଲ୍ଲା ପ୍ରଶାସନ ଓ ଖଣ୍ଡପଡ଼ା ପୁଲିସ ପ୍ରଶାସନ ପକ୍ଷରୁ ସୁନାବେଶକୁ ଶାନ୍ତିଶୃଙ୍ଖଳା ସହ ଦର୍ଶନ ନିମନ୍ତେ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା।

## ମହିଳା ଟୁର୍ଣ୍ଣାମେଣ୍ଟ; କଳିଙ୍ଗ ଏକାଡେମୀ ଭୁବନେଶ୍ୱର ଚାମ୍ପିଅନ

ଦଶପଲ୍ଲା, ୧୩।୧(ସମିସ): ଦଶପଲ୍ଲା କ୍ରୀଡା ମହୋତ୍ସବ ଅନ୍ୟତମ ଆକର୍ଷଣ ଭାବରେ ୨ ଦିନିଆ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚ୍ ସଂଘର୍ଷ ପୂର୍ଣ୍ଣ ଓ ଅମୀମାଂସିତ ରହିବାରେ ଟାଇବ୍ରେକର୍ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏଥିରେ କଳିଙ୍ଗ ଏକାଡେମୀ ଭୁବନେଶ୍ୱର ଦଳ ୩-୦ ଗୋଲରେ ଚୌଦ୍ୱାର ଦଳକୁ ହରାଇ ଚଳିତ ବର୍ଷର ଚାମ୍ପିଅନ ହୋଇଛି। ଖେଳ ପରିଚାଳନା କରିଥିଲେ ଶ୍ୟାମ ସୁନ୍ଦର, ରବୀନ୍ଦ୍ର ନାୟକ, ଆଶୀର୍ବାଦ ସେନ ଓ ପ୍ରସନ୍ନ ନାୟକ। ଆସନ୍ତାକାଲିଠାରୁ ଦଶପଲ୍ଲା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଗ୍ରୁପ ବି ପ୍ରତିଯୋଗିତା ଆରମ୍ଭ ହେବ ବୋଲି ସମ୍ପାଦକ ଭବାନୀ ମିଶ୍ର ସୂଚନା ଦେଇଛନ୍ତି।

**● ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି**

## ୮୫ ଅଭିଯୋଗ ପଞ୍ଜିକୃତ; ୧୬ ତତ୍କାଳ ସମାଧାନ



ଓଡ଼ଗାଁ, ୧୩।୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ପଞ୍ଚାୟତ ସମିତି ପରିସରରେ ସୋମବାର ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ କୁମାର ବଳ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଏସପି ଏସ୍ ସୁଶ୍ରୀ, ଏସଡିପିଓ ଡୋମନ ଚରଣ ଟୁଡୁ ଏବଂ ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ପ୍ରତାପ ପରିଡ଼ା, ଶିକ୍ଷାଧିକାରୀ, ଗ୍ରାମ ଉନ୍ନୟନ ବିଭାଗ ଅଧିକାରୀଙ୍କ ସମେତ ସମସ୍ତ ବିଭାଗୀୟ ଜିଲ୍ଲା ଅଧିକାରୀ ମାନଙ୍କ ଉପସ୍ଥିତିରେ ୮୫ ପଞ୍ଜିକୃତ ଅଭିଯୋଗ ମଧ୍ୟରୁ ୭୭ଟି ବ୍ୟକ୍ତିଗତ ରହିଥିବା ବେଳେ ୮ ଗୋଟି ସାମୂହିକ ଅଭିଯୋଗ ରହିଥିଲା। ଶିବିରରେ ୧୬ ଦରଖାସ୍ତର ତତ୍କାଳ ସମାଧାନ ହୋଇଥିଲା। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ଗାଁ ତହସିଲଦାର ଡ.ମାନସ ରଞ୍ଜନ ଭୋଇ, ଅତିରିକ୍ତ ତହସିଲଦାର ଜି ଶ୍ରୀନୁ, ବିଡିଓ ଜିତେନ୍ଦ୍ର କୁମାର ନାୟକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରାଜସ୍ୱିନୀ ପ୍ରଧାନ, ଗୋଷ୍ଠୀ ଶିକ୍ଷାଧିକାରୀ ଗିତାଞ୍ଜଳୀ ସାହୁଙ୍କ ସହିତ ବିଭାଗୀୟ ପଦସ୍ଥ ଅଧିକାରୀ ମାନେ ଯୋଗ ଦେଇଥିଲେ। କୁରାଳ ପଞ୍ଚାୟତ ଲିଙ୍ଗରାଜ ପ୍ରସାଦ ଗ୍ରାମର ଡମୁଣୀ ସିଂଙ୍କୁ ତୁରନ୍ତ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା। ପଞ୍ଚରିଡା ମାନପୁର ପଞ୍ଚାୟତରେ ଆବାସ ଯୋଜନା ୫ ଜଣ ହିତାଧିକାରୀ ସମସ୍ତ କାର୍ଯ୍ୟ ସାରିଥିଲେ ମଧ୍ୟ ସେମାନଙ୍କୁ ଏନଆରଜିଏଏସ ବାବଦର ଅର୍ଥ ମିଳି ନଥିବା ନେଇ ଅଭିଯୋଗ ହୋଇଥିଲା। ଏତଦବ୍ୟତୀତ ବିଭିନ୍ନ ସମସ୍ୟା ନେଇ ଓଡ଼ଗାଁ ବାର ଆସୋସିଏସନର ସଭ୍ୟମାନେ ଜିଲ୍ଲାପାଳଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

**● ଭାପୁର ମହୋତ୍ସବ ଉଦ୍‌ଯାପିତ**

## ଘୁମୁରା ଓ ଛଉନୃତ୍ୟ ନୃତ୍ୟରେ ଦର୍ଶକ ବିଭୋର

ଭାପୁର, ୧୩।୧(ସମିସ): ନୟାଗଡ଼ ଜିଲ୍ଲା ଭାପୁର ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ପାରମ୍ପରିକ ନୃତ୍ୟଗୀତ ସହ ଇରା ମହାନ୍ତିଙ୍କ ସଙ୍ଗୀତ ୫୦ ହଜାର ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। 'ମୋ ମାଟି' ଭାପୁର ତରଫରୁ ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ତୃତୀୟ ଭାପୁର ମହୋତ୍ସବ ସୋମବାର ଉଦ୍‌ଯାପିତ

**ଇରା ମହାନ୍ତିଙ୍କ କଣ୍ଠର ଜାଦୁରେ ବିମୋହିତ ଦର୍ଶକ**





ହୋଇଯାଇଛି। ସ୍ଥାନୀୟ କଣ୍ଠଶିଳ୍ପୀ ଯୁଧିଷ୍ଠିର ଖୁଣ୍ଟିଆ, ଜଗଦୀଶ ପ୍ରସାଦ ରଥ ଓ ପ୍ରାଣକୃଷ୍ଣ ମହାରଣାଙ୍କ ପ୍ରାରମ୍ଭିକ ସଙ୍ଗୀତ ସହ ଅପରାହ୍ନ ତିନିଟାରୁ ମହୋତ୍ସବ ଶୁଭାରମ୍ଭ ହୋଇଥିଲ। ବନମାଳୀପୁରର ନୃତ୍ୟ ପ୍ରଣାମର ଭାପୁର ବନ୍ଦନାପରେ ପ୍ରିନ୍ସ ଡ୍ୟାନସ ଗ୍ରୁପ ବୋଲଗଡ଼, ସମ୍ବଲପୁର ଦୁଲଦୁଲି, କଳାହାଣ୍ଡିର ଘୁମୁରା ନୃତ୍ୟ ସମସ୍ତଙ୍କ ମନମୋହିଥିଲା। 'ମୋ ମାଟି'ଭାପୁରର ସଭାପତି ବେଣୁଧର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ଡ. ଅରୁଣ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଅର୍ଦ୍ଧେନ୍ଦୁ ଶେଖର, ଇ. ଦେବାଶିଷ ପଟ୍ଟନାୟକ, ଭାପୁର ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ, ଓଡଗାଁ ବ୍ଲକ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲୋକନାଥ ସାହୁ, ନୟାଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ, ଭାପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷ ଶିବପ୍ରସାଦ ଷଡ଼ଙ୍ଗୀ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବସନ୍ତ କୁମାର ମାଝୀ, ସମାଜସେବୀ ମଧୁସୂଦନ ରଥ ଓ ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଅରୁଣ କୁମାର ସାହୁ କହିଥିଲେ ସାମାଜିକ କାର୍ଯ୍ୟକ୍ରମରେ ରାଜନୀତି ନ ରହୁ, ଲୋକମାନେ ଆନନ୍ଦ ପାଉଥିବା କାର୍ଯ୍ୟକ୍ରମକୁ କେହି ପ୍ରତିବନ୍ଧକ ହୋଇପାରିବେ ନାହିଁ ବୋଲି ମୁଖ୍ୟ ଅତିଥି କହିଥିଲେ।

**● ସତ୍ୟସାଇ ଟିୟୁଟୋରିଆଲ ବାର୍ଷିକ ଉତ୍ସବ**

## 'ଗଣିତ ଶାସ୍ତ୍ରର ମାଟି ହେଉଛି ଖଣ୍ଡପଡ଼ା'




କଣ୍ଟିଲୋ, ୧୩।୧(ସମିସ): ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ କଂସାରି ସମାଜ କଲ୍ୟାଣ ମଣ୍ଡପଠାରେ ସତ୍ୟସାଇ ଟିୟୁଟୋରିଆଲ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅନନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଗବେଷକ ଗଣେଶ୍ୱର ସ୍ୱାଇଁ ଯୋଗ ଦେଇ କଣ୍ଟିଲୋ କୋଳି ଲତା ଭିତରେ ସୃଷ୍ଟି ଭୂଖଣ୍ଡ ହେଉଛି କଣ୍ଟିଲୋ କହିଥିଲେ। ଗଣିତ ଶାସ୍ତ୍ରର ମାଟି ହେଉଛି ଖଣ୍ଡପଡ଼ା ବୋଲି ମୁଖ୍ୟ ଅତିଥି କହିଥିଲେ। ମୁଖ୍ୟବକ୍ତା ଭାବେ ଆଇନଜୀବୀ ଚନ୍ଦ୍ର ବିଜୟୀ ମିଶ୍ର ଯୋଗ ଦେଇ କଣ୍ଟିଲୋର ଇତିହାସ ବିଷୟରେ ଆଲୋକପାତ କରିଥିଲେ। ଏହା ସହିତ ରାଜ୍ୟ ଓ ଜାତୀୟ ସ୍ତରର ବିଭିନ୍ନ ପ୍ରଶ୍ନ ପଚାରି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ପଦ୍ମଶ୍ରୀ ଅରୁଣିମା ସିହ୍ନାଙ୍କ ବିଷୟରେ ମୁଖ୍ୟବକ୍ତା ଉଦାହରଣ ଦେଇଥିଲେ। ବିଶ୍ୱାସ ନଥିଲେ ସଫଳତା ମିଳେ ନାହିଁ ବୋଲି ସମ୍ମାନିତ ଅତିଥି କବି ଓ ଅନୁବାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟ କହିଥିଲେ। କଣ୍ଟିଲୋ ନୀଳମାଧବଙ୍କ ଐତିହ୍ୟ ଓ ମହାନଦୀ ସୁରକ୍ଷା ପାଇଁ ଛାତ୍ରଛାତ୍ରୀମାନେ କାର୍ଯ୍ୟ କରିବାକୁ ସାମ୍ବାଦିକ ଅନୀଲ କୁମାର ପଣ୍ଡା ଆହ୍ୱାନ ଦେଇଥିଲେ। ଭାଷା, ଭୂଷା, ଭୋଜନ, ଭ୍ରମଣ, ଭଜନ, ଭବନ ପ୍ରତି ସଚେତନ ରହିବା ଓ ଦୃଷ୍ଟି ଦେବାକୁ ଓଡ଼ିଆ ଅଧ୍ୟାପକ ନିରୋଦ କୁମାର ମନ୍ତ୍ରୀ କହିଥିଲେ। ଅନ୍ୟତମ ଅତିଥି ଭାବେ କଣ୍ଟିଲୋ ଫାର୍ମାସିଷ୍ଟ ମାନସ ମହାପାତ୍ର ଛାତ୍ରଛାତ୍ରୀଙ୍କୁ ଉପାଦେୟ କଥା କହିଥିଲେ। ଅନୁଷ୍ଠାନ ମୁଖ୍ୟ ତପନ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ସିଦ୍ଧାର୍ଥ କୁମାର ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ ଅନୁଷ୍ଠିତ ହୋଇଥିଲା।




ମକର ସଂକ୍ରାନ୍ତି ଅବସରରେ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ କଳାକୃତି

**ସଫେଇ କର୍ମଚାରୀଙ୍କ ଅଭିନବ ପ୍ରତିବାଦ**

## ଏନ୍ଏସି କାର୍ଯ୍ୟାଳୟ ସମ୍ମୁଖରେ ଆବର୍ଜନା ଗଦାଇଲେ

ଦଶପଲ୍ଲା, ୧୩।୧(ସମିସ): ବିବାଦ ଦଶପଲ୍ଲା ଏନଏସି ପିଛା ଛାଡୁନି। ଗତ ୬ ଦିନ ଧରି ସଫେଇ କର୍ମଚାରୀମାନେ ଝାଡୁ ନଧରିବା ଜିଦରେ ଅଟଳ ଥିବାରୁ ସାରା ସହର ଆବର୍ଜନା ଓ ଦୁର୍ଗନ୍ଧମୟ ଅବସ୍ଥାକୁ ଆସି ଯାଇଛି। ଆଜି ଏହା ବିସ୍ଫୋରକ ମୋଡ ନେବା ସହିତ କର୍ମଚାରୀମାନେ ଗଦା ଗଦା ଅଳିଆ ମୁଖ୍ୟ ଫାଟକ ନିକଟରେ ଜମା ରଖି ଆନ୍ଦୋଳନ ଜାରୀ ରଖିଥିଲେ। ଦଶପଲ୍ଲା ଏନଏସିରେ ପରିମଳ ଦାୟିତ୍ୱରେ ଥିବା ୭୬ ଜଣ ପୁରୁଷ ଓ ମହିଳା କର୍ମଚାରୀ ଦୀର୍ଘଦିନ ଧରି ଦରମା ପାଇ ନ ଥିବା ଅଭିଯୋଗ ହୋଇଛି। ନିୟମିତ ଦରମା ସହିତ ସେମାନଙ୍କ ଇପିଏଫ୍, ଇଏସଆଇ ଅର୍ଥ ଜମା ହେଉନଥିବା ସହିତ ସଫେଇ ନିମନ୍ତେ ଆବଶ୍ୟକ ସଫେଇ ଓ ସୁରକ୍ଷା ଉପକରଣ ଯୋଗାଇ ଦିଆଯାଉ ନଥିବା ଅଭିଯୋଗ ହୋଇଛି। ବିଶେଷ କରି ବହୁ କର୍ମଚାରୀଙ୍କୁ ନିଯୁକ୍ତି ବେଳେ ଠକିକତା କରି ବେଆଇନ ଅର୍ଥ ଆଦାୟ ସହିତ ଚୁକ୍ତିନାମାରେ ଟାଳଟୁଳ ନୀତି ଅବଲମ୍ବନ କରାଯାଇଥିବା ଲେଖାପଢ଼ା ଜାଣି ନଥିବା କିଛି କର୍ମଚାରୀ ନାମ ଗୋପନ ସର୍ତ୍ତରେ ପ୍ରକାଶ କରିଛନ୍ତି। ଆଜି କାର୍ଯ୍ୟାଳୟ ସମ୍ମୁଖରେ ସମ୍ପୃକ୍ତ ମହିଳା ଓ ପୁରୁଷଙ୍କ ସମୂହ ପ୍ରତିବାଦ ନେଇ ଅଘଟଣ ଆଶଙ୍କାରେ ସ୍ଥାନୀୟ ପୁଲିସ ହସ୍ତକ୍ଷେପ କରି ଶାନ୍ତି ଶୃଙ୍ଖଳା ବଜାୟ ରଖିବାରେ ସକ୍ଷମ ହୋଇଛି। କିଛି ଜନ ପ୍ରତିନିଧି ଏନଏସି କର୍ତ୍ତୃପକ୍ଷଙ୍କ ସପକ୍ଷରେ



ମାମଲାତି କରିଥିବା ଦେଖିବାକୁ ମିଳିଥିଲା। ନିର୍ବାହୀ ଅଧିକାରୀ ଆଉଟସୋର୍ସିଂ ସଂସ୍ଥାକୁ ପୁନର୍ବାର ଡାକି ଆସନ୍ତା ବୁଧବାର ଏହାର ପୁନର୍ବିଚାର ସହିତ ସ୍ଥାୟୀ ସମାଧାନ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ସାମୟିକ ସ୍ଥଗିତ ରହିଥିବା ଆନ୍ଦୋଳନକାରୀ ନେତୃତ୍ୱ ସୂଚନା ଦେଇଛନ୍ତି। ସବିଶେଷ ସୂଚନା ଅନୁଯାୟୀ ସମ୍ପୃକ୍ତ ନିର୍ବାହୀ ଅଧିକାରୀଙ୍କ ପ୍ରତିକ୍ରିୟା ନେବାରେ ସେ ଏ ଘଟଣାକୁ ଗୁରୁତର ଭାବରେ ଗ୍ରହଣ କରି ଦାୟିତ୍ୱରେ ଥିବା ସଂସ୍ଥାକୁ ଡକେଇ ସାରିଥିବା ଓ ଅଧ୍ୟକ୍ଷା ଆସିଲେ ଆଜି ରାତି ସୁଦ୍ଧା ଏହାର ସମାଧାନ କରିବେ ବୋଲି କହିଛନ୍ତି।


# ପିକ୍‌ଅପ୍ ଭ୍ୟାନ୍‌ରୁ ଗଞ୍ଜେଇ ଜବତ; ଚାଳକ ଗିରଫ

**ନିରାକାରପୁର,୧୩।୧(ସମିସ):** ଆଜି ଭୋର ସମୟରେ ଟାଙ୍ଗୀ ଅବକାରୀ ବିଭାଗ ନିରାକାରପୁର ଲେବୁଲ କ୍ରସିଂ ନିକଟରେ ଚଢ଼ଉ କରି ଏକ ପିକ୍‌ଅପ୍ ଭ୍ୟାନ୍‌ରୁ ବିପୁଳ ଗଞ୍ଜେଇ ଜବତ କରିଛି। ଗାଡ଼ିରୁ ପ୍ରାୟ ଚାରି କ୍ୱିଣ୍ଟାଲ ଗଞ୍ଜେଇ ସହ ୨ଟି ମୋବାଇଲ ଫୋନ ଜବତ ହୋଇଥିବା ବେଳେ ଡ୍ରାଇଭରକୁ ଗିରଫ କରାଯାଇଛି। ସେ ହେଲା, ପୂର୍ଣ୍ଣଚନ୍ଦ୍ର ଦେ (୩୫)। ଘର ପୁରୀ ଜିଲ୍ଲା ବ୍ରହ୍ମଗିରି



ଗୌଡ଼ ସାହିରେ। ସେ ଆସ୍କା ଶେରଗଡ଼ରୁ ବ୍ରହ୍ମଗିରିକୁ ଗଞ୍ଜେଇ ଚୋରା ଚାଲାଣ କରୁଥିଲା। ଜବତ ଗଞ୍ଜେଇର ମୂଲ୍ୟ ୪୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଟାଙ୍ଗୀ ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀ ସୂଚନା ଦେଇଛନ୍ତି। ଏହି ଚଢ଼ଉରେ ଅବକାରୀ ଓଆଇସି ଅମରେନ୍ଦ୍ର କୁମାର ଶତପଥୀ, ଏଏସ୍‌ଆଇ ଅନ୍ତର୍ଯ୍ୟାମୀ ସାହୁ, ରାମଚନ୍ଦ୍ର ଜେନା ଓ ଅନ୍ୟଷ୍ଟାଫ୍ ସାମିଲ ଥିଲେ। ପ୍ରାୟ ୧୬ ବସ୍ତା ଗଞ୍ଜେଇ ଜବତ ହୋଇଥିବା ଜଣାପଡ଼ିଛି।

# ଚିଲିକାରେ ଖୋର୍ଦ୍ଧା ଜିଲ୍ଲା ସାମ୍ବାଦିକଙ୍କ ବନ୍ଧୁମିଳନ



**ବାଲୁଗାଁ,୧୩।୧(ସମିସ):** ନୂତନ ବର୍ଷ ଉପଲକ୍ଷେ ଖୋର୍ଦ୍ଧା ଜିଲ୍ଲାର ସାମ୍ବାଦିକମାନଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ନୀଳାମ୍ବୁ ଚିଲିକାର ତଟଦେଶରେ ଅନୁଷ୍ଠିତ ହୋଇଯାଇଛି। ବାଲୁଗାଁ ନିକଟସ୍ଥ ବଡ଼କୁଳ ପାନ୍ଥନିବାସଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଭୁବନେଶ୍ୱର, ଜଟଣୀ, ଖୋର୍ଦ୍ଧା, ବୋଲଗଡ଼, ନିରାକାରପୁର, ଟାଙ୍ଗୀ, କାଲୁପଡା, କୁହୁଡି, ସୋରଣ, ନାଚୁଣୀ, ଗମ୍ଭାରୀମୁଣ୍ଡା, ବାଣପୁର ଓ ବାଲୁଗାଁ ଆଦି ଅଞ୍ଚଳର ୧୨୦ରୁ ଅଧିକ ଗଣମାଧ୍ୟମ ପ୍ରତିନିଧି ସାମିଲ ହୋଇଥିଲେ। ପରେ ସାମ୍ବାଦିକମାନେ ପରସ୍ପରକୁ ନୂତନ ବର୍ଷର ଶୁଭେଚ୍ଛା ଜଣାଇଥିବା ବେଳେ ଚିଲିକାରେ ବୋଟିଂର ମଜା ନେବା ସହ ବଣଭୋଜି କରିଥିଲେ। ଆୟୋଜକ ଭାବେ ଚିଲିକା ପ୍ରେସ କ୍ଲବ ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ।

# ଆଜିଠୁ ହଟକେଶ୍ୱରଙ୍କ ପୀଠରେ ମକର ମେଳା

**ଖୋର୍ଦ୍ଧା,୧୩।୧(ସମିସ)**

ମକର ସଂକ୍ରାନ୍ତି ପାଇଁ ଚଳଚଞ୍ଚଳ ହୋଇ ଉଠିଛି ଖୋର୍ଦ୍ଧାର ଅତ୍ରି ଓ ହଟକେଶ୍ୱର ପୀଠ। ବାଘମାରୀ ଉପକଣ୍ଠ ଅତ୍ରି ଗ୍ରାମରେ ବାବା ହଟକେଶ୍ୱର ପୂଜା ପାଉଛନ୍ତି। ମକରସଂକ୍ରାନ୍ତି ଦିନ କେବଳ ରାଜ୍ୟ ନୁହେଁ ବରଂ ରାଜ୍ୟ ବାହାରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଜିଲ୍ଲା ସଦର ମହକୁମାଠାରୁ ମାତ୍ର ୧୪ କିମି ଦୂରତା ମଧ୍ୟରେ ବାବା ହଟକେଶ୍ୱରଙ୍କ ମନ୍ଦିର ରହିଛି। ଏହାଠାରୁ ଅନତି ଦୂରରେ ରହିଛି ଉଷ୍ମପ୍ରସ୍ରବଣ। ବିଶ୍ୱାସ ରହିଛି ଏହି ଜଳରେ ସ୍ନାନକଲେ ଚର୍ମରୋଗ ଦୂରହେବା ସହିତ ପାଣିକୁ ସେବନ କଲେ ପେଟରୋଗ ଉପଶମ ହୋଇଥାଏ। ମକର ସଂକ୍ରାନ୍ତିରେ ନାରୀମାନେ ବନ୍ଧ୍ୟାଦୋଷରୁ ମୁକ୍ତିପାଇବା ପାଇଁ ହଟକେଶ୍ୱର ଦେବଙ୍କ ନିକଟରେ ଗୁହାରିଆପଡ଼ି ଉଷ୍ମପ୍ରସ୍ରବଣ

- **ଚଳଚଞ୍ଚଳ ଉଷ୍ମପ୍ରସ୍ରବଣ; ଗୁଆ ଖୋଜା ପ୍ରସ୍ତୁତି ଶେଷ**
- **ସ୍ଥିତି ଅନୁଧ୍ୟାନ କଲେ ପ୍ରଶାସନିକ ଅଧିକାରୀ**

ପାଶ୍ୱର୍ରେ ଥିବା ଦହଲ କୁଣ୍ଡରେ ଗୁଆ, କଉଡ଼ି, ଖୋଜି ସେବନକଲେ ବନ୍ଧ୍ୟାଦୋଷ ଦୂର ହେବା ନେଇ ବିଶ୍ୱାସ ରହିଛି ବୋଲି କହିଛନ୍ତି ପୂଜାପଣ୍ଡା ସେବକ ଦିଲ୍ଲୀପ କୁମାର ପଣ୍ଡା। ତେଣୁ ସୋମବାର ମଧ୍ୟାହ୍ନରୁ ମାନସିକଧାରୀ ନାରୀମାନେ ମନ୍ଦିରକୁ ଆସି ସଂକଳ୍ପ କରି ମାନସିକ ବ୍ରତରେ ରହିଥିବା କହିଛନ୍ତି




ଶ୍ରୀ ପଣ୍ଡା। ଉଷ୍ମ ପ୍ରସବଣ ପରିସରରେ ମକର ମେଳା ନିମନ୍ତେ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଥିବାବେଳେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ ଧିରେ ଧିରେ ଆସିବାରେ ଲାଗିଛନ୍ତି। ଅନୁରୂପ ଭାବେ ଉଷ୍ମପ୍ରସ୍ରବଣଠାରୁ ହଟକେଶ୍ୱରଙ୍କ ପୀଠ ଯାଏଁ ଫେରି ବ୍ୟବସାୟୀମାନେ ମଧ ଏବେଠାରୁ ପସରା ମେଲାଇ ବସିଥିବାବେଳେ ମକର ସଂକ୍ରାନ୍ତି ରୀତିନୀତିକୁ ଶାନ୍ତି ଶୃଙ୍ଖଳାର ସହ ସମାପନ କରିବା ପାଇଁ ମନ୍ଦିର ଟ୍ରଷ୍ଟି ତରଫରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଆଜି ପ୍ରଶାସନ ପକ୍ଷରୁ ସ୍ଥାନୀୟ ବିଡିଓ, ତହସିଲଦାର ପ୍ରମୁଖ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ପୂଜାପଣ୍ଡା ସେବକ ଶ୍ରୀ ପଣ୍ଡାଙ୍କ କହିବା ଅନୁସାରେ, ଭୋର ୪ଟାରେ ବାବାଙ୍କ ପହଡ଼ ଖୋଲିବା ପରେ ସ୍ନାନ ନୀତି, ମଙ୍ଗଳ ଆଳତି ଓ ବାଲ ଭୋଗ ଅନୁଷ୍ଠିତ ହେବ। ଏହାପରେ ସାହାଣମେଳା ଦର୍ଶନ ଲକ୍ଷାଧିକ ଭକ୍ତଙ୍କୁ ଦେବା ଲାଗି ପ୍ରସ୍ତୁତି ହୋଇଛି। ଧାଡ଼ିବାନ୍ଧି ଶ୍ରଦ୍ଧାଳୁମାନେ କିପରି ଶୃଙ୍ଖଳିତଭାବେ ବାବାଙ୍କ ଦର୍ଶନ କରିବେ ସେ ନେଇ ମନ୍ଦିର ଟ୍ରଷ୍ଟି ତରଫରୁ ବନ୍ଦୋବସ୍ତ କରାଯାଇଥିବାବେଳେ ଦିନ ୧ଟା ସମୟରେ ବାବାଙ୍କ ନିକଟରେ ଦ୍ୱିପ୍ରହର ଶଙ୍କୁଡ଼ି ଭୋଗ



ଅନୁଷ୍ଠିତ ହେବ। ଅପରାହ୍ନ ୩ଟା ସମୟରେ ବାବାଙ୍କ ବିଜେ ପ୍ରତିମା ଉଷ୍ମପ୍ରସ୍ରବଣ ଅଭିମୁଖେ ବାହାରିବେ। ସେଠାରେ ବାବା ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ ଓ ଭୋଗଲାଗି ପରେ ନିଜ ଆସ୍ଥାନକୁ ଫେରିବେ। ପାରମ୍ପରିକ ପ୍ରଥାନୁଯାୟୀ ଖୋର୍ଦ୍ଧା ଉପକଣ୍ଠ କଲ୍ୟାଣପୁର ଗ୍ରାମରୁ ମକର ଚାଉଳ ଆସିବା ପରେ ସନ୍ଧ୍ୟା ପ୍ରାୟ ୮ଟା ସମୟରେ ବାବାଙ୍କ ନିକଟରେ ମକର ଚାଉଳ ଭୋଗ ଲାଗି ହେବ। ଏଠାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବାକୁ ଥିବାରୁ ହଟକେଶ୍ୱର ଦେବଙ୍କ ପୀଠରେ ଦର୍ଶନକୁ ଶୃଙ୍ଖଳିତ କରିବାକୁ ଓ ଉଷ୍ମପ୍ରସ୍ରବଣ ନିକଟରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ମକରମେଳା ସାଙ୍ଗକୁ ମକର ମହୋତ୍ସବ କରାଯିବା ଲାଗି ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଚଳିତବର୍ଷ ମହୋତ୍ସବକୁ ଆଡ଼ମ୍ବରପୂର୍ଣ୍ଣ ଭାବେ କରାଯାଉଛି ବୋଲି ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ କହିଛନ୍ତି। ଟ୍ରାଫିକ୍ ପାଇଁ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା କରାଯାଇଥିବାବେଳେ ଅତିରିକ୍ତ ଏସ୍‌ପି ଅନୁପ କୁମାର କାନୁନଗୋଙ୍କ ତତ୍ତ୍ୱାବଧାନରେ ଜଣେ ଡିଏସପି, ୨ଜଣ ଇନ୍ସପେକ୍ଟର, ୧୬ଜଣ ସବଇନ୍ସପେକ୍ଟର/ ଏଏସଆଇ/ କନେଷ୍ଟବଳ, ୫୦ ଜଣ ଗୃହରକ୍ଷୀ ଏବଂ ଦେଢ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିବା ଜିଲ୍ଲା ପୁଲିସ ମୁଖ୍ୟାଳୟ ସୂତ୍ରରୁ ଜଣାଯାଇଛି।

## ଉତ୍ସବମୁଖର କାଳିଜାଇଙ୍କ ପୀଠ

**ବାଲୁଗାଁ:** ଚିଲିକା ଜଳ ରାଶି ମଧ୍ୟସ୍ଥିତ ମା' କାଳିଜାଇଙ୍କ ପୀଠରେ ମଙ୍ଗଳବାର ପାରମ୍ପରିକ ମକରମେଳା ପାଳିତ ହେବ। ଏଥି ନିମନ୍ତେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ପ୍ରତିବର୍ଷ ଏହି ମେଳାକୁ ଦେଖିବା ନିମନ୍ତେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିବାରୁ ଖୋର୍ଦ୍ଧା, ପୁରୀ ଓ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ବାଲୁଗାଁ ପୁଲିସ ଚିଲିକା କୂଳ ଜେଟି ଓ ବଡକୂଳ ପାନ୍ଥ ନିବାସଠାରେ ମୁତୟନ ହୋଇଛନ୍ତି। ମା' କାଳିଜାଇଙ୍କ ତଥା କଥିତ ଭଉଣୀ ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀ, ବାଣପୁର ମାଳ ଅଞ୍ଚଳସ୍ଥିତ



ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଇଙ୍କ ସମେତ ଚିଲିକା ଟାପୁ ମଧ୍ୟରେ ଥିବା ଗୁରୁବାଇସ୍ଥିତ ମା' ଚର୍ଚ୍ଚିକା ଓ ପାରିକୁଦଗଡ ରାଜ ଉଆସସ୍ଥିତ ମା' କନକ ଦୁର୍ଗାଙ୍କୁ ଏହି ମେଳାକୁ ପାରମ୍ପରିକ ରୀତିନୀତି ଅନୁଯାୟୀ ନିମନ୍ତ୍ରଣ ପର୍ବ ସୋମବାରରେ ସମାପ୍ତ ହୋଇଯାଇଛି। ଏହି ପର୍ବର ମୁଖ୍ୟ ପୁରୋଧା ତଥା ପାରିକୁଦଗଡ଼ ରାଜା ସାହେବ ସନ୍ତୋଷ ଦେଓ ହୋଇଥିବା ବେଳେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଏହି ମକର ମେଳାକୁ ସୁପରିଚାଳନା ନିମନ୍ତେ ମା' କାଳିଜାଇଙ୍କ ପୀଠରେ ସମସ୍ତ ସୁବ୍ୟବସ୍ଥା କରାଯାଇଛି। ତତ୍‌ସହିତ ମା' କାଳିଜାଇ ମଟରବୋଟ୍ ଆସୋସିଏସନ୍ ବାଲୁଗାଁ, ବଡକୂଳ ମଟରବୋଟ ଘରୋଇ ସଂଘ ଓ ପାନ୍ଥନିବାସ ତରଫରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି।

# ଗୁରୁଜଙ୍ଗ ସରସ୍ୱତୀ ଶିଶୁମନ୍ଦିରରେ ବାର୍ଷିକ କ୍ରୀଡ଼ା



**ଖୋର୍ଦ୍ଧା,୧୩।୧(ସମିସ):** ସ୍ଥାନୀୟ ଗୁରୁଜଙ୍ଗ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ କ୍ରୀଡ଼ା ପୁରସ୍କାର ବିତରଣ ଉତ୍ସବ ପ୍ରଧାନ ଆଚାର୍ଯ୍ୟ ଦୁଷ୍ମନ୍ତ କୁମାର ସୁବୁଦ୍ଧିଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସମ୍ପାଦକ ସମରେନ୍ଦ୍ରନାଥ ଶତପଥୀ ପ୍ରାରମ୍ଭ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥି ରୂପେ ତ୍ରିଲୋଚନ ମହାପାତ୍ର, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେନ୍ଦ୍ର କୁମାର ମଙ୍ଗରାଜ, ଫକୀର ଚରଣ ବେହେରା, ସନ୍ତୋଷ କୁମାର ମହାପାତ୍ର, ମିଲନ କୁମାର ମହାପାତ୍ର, ନଳିନୀ ପଣ୍ଡା, ଶେଷଦେବ ମହାକୁଡ଼, ବରିଷ୍ଠ ଶିକ୍ଷାବିତ୍ ଗୁଣନିଧି ମହାପାତ୍ର, ଲକ୍ଷ୍ମୀଧର ସାହୁ, ମନୋରମା ସାହୁ, ଶିକ୍ଷାବିତ୍ ସତ୍ୟାନନ୍ଦ ବେହେରା ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟରେ ଅନୁଷ୍ଠିତ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଓ ଜ୍ଞାନବିଜ୍ଞାନ ମେଳାରେ ବିଜେତାମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଚଳିତ ବର୍ଷର କ୍ରୀଡ଼ା ଚାମ୍ପିଅନ ଦେବାଶିଷ ସାହୁ ଓ ସୁଦେଷ୍ଣା ମହାପାତ୍ରଙ୍କୁ ୨୧ ତାରିଖ ବାର୍ଷିକ ଉତ୍ସବ ମଞ୍ଚରେ ପୁରସ୍କାର ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଥିଲା। ସେହିପରି ଜ୍ଞାନ ବିଜ୍ଞାନ ମେଳାର ବିଜ୍ଞାନ, ସଂସ୍କୃତିଜ୍ଞାନ ଓ ଗଣିତ ପ୍ରଶ୍ନମଞ୍ଚ, ବିଜ୍ଞାନ ପ୍ରକଳ୍ପ ଇତ୍ୟାଦିର ମୋଟ ୮୬ ଜଣଙ୍କୁ ପୁରସ୍କୃତ କରାଯାଇଥିଲା। କୋଷାଧ୍ୟକ୍ଷ ସୁମନ୍ତ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ।

# ଖୋର୍ଦ୍ଧା କ୍ରିକେଟ୍ କ୍ଲବ୍‌କୁ ସମ୍ବର୍ଦ୍ଧନା



**ଖୋର୍ଦ୍ଧା,୧୩।୧(ସମିସ):** ସ୍ଥାନୀୟ ବିଜେବି ହାଇସ୍କୁଲ ମିନି ଷ୍ଟାଡିୟମଠାରେ ଗିନି କପ୍ ଚମ୍ପିଅନ ହୋଇଥିବା ଖୋର୍ଦ୍ଧା କ୍ରିକେଟ କ୍ଲବ୍‌କୁ କ୍ରିକେଟ ଆସୋସିଏସନ୍ ଅଫ ଦି ଡିଷ୍ଟ୍ରିକ୍ଟ, ଖୋର୍ଦ୍ଧା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଗିନି କପ୍ ଫାଇନାଲରେ କଟକ ସୋଲାର କ୍ରିକେଟ କ୍ଲବକୁ ହରାଇ ଖୋର୍ଦ୍ଧା କ୍ରିକେଟ କ୍ଲବ୍ ଚାମ୍ପିଅନ ହୋଇଥିଲା। ଏହି ଅବସରରେ ରାଜ୍ୟସଭା ସାଂସଦ ମୁଜିବୁଲ୍ଲା ଖାନ(ମୁନା ଖାନ) ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଖୋର୍ଦ୍ଧାରେ କ୍ରୀଡ଼ା ଭିତ୍ତିଭୂମି ପାଇଁ ସାଂସଦ ପାଣ୍ଠି ବିନିଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଜିଲ୍ଲା କ୍ରିକେଟ ସଂଘର ସଭାପତି ତଥା ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ସମ୍ପାଦକ ତଥା ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଟିମ୍ ମ୍ୟାନେଜର ଚଣ୍ଡି ପ୍ରସାଦ ଆଚାର୍ଯ୍ୟ, କିରଣ ଶତପଥୀ, ବ୍ରିଜେଶ ପ୍ରଧାନ, ଜିତୁ ପୃଷ୍ଟି, ବିବେକାନନ୍ଦ ବୋଷ, କାଜଲ ବଳିଆରସିଂହ ପ୍ରମୁଖ ଉପସ୍ଥିତ ରହି ସମସ୍ତ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆଗାମୀ ଦିନରେ ଖୋର୍ଦ୍ଧା କ୍ରିକେଟ କ୍ଲବ୍‌କୁ ଆହୁରି ମଜଭୁତ୍ କରିବା ସହ ନୂତନ ପିଢ଼ିର ଖେଳାଳିମାନଙ୍କ ପାଇଁ କ୍ରୀଡ଼ା ଭିତ୍ତିଭୂମିର ବିକାଶ କରାଯିବ ବୋଲି ସଭାପତି ଶ୍ରୀ ସାହୁ କହିଥିଲେ। ଉନ୍ନତ କ୍ରୀଡ଼ା ସାମଗ୍ରୀ ସହ ଭଲ ପ୍ରଶିକ୍ଷଣ ଉପରେ ଶ୍ରୀ ପ୍ରଧାନ ଆଲୋକପାତ କରିଥିଲେ। ଏହି ଅବସରରେ ଦଳର କୋଚ୍ ସୌମେନ୍ଦ୍ର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଚଣ୍ଡି ପ୍ରସାଦ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

# ମା' କଳାପାଟ କ୍ରିକେଟ: ଠାକୁରପଡ଼ା ଚାମ୍ପିଅନ

**ବେଗୁନିଆ,୧୩।୧(ସମିସ):** ବେଗୁନିଆ ବ୍ଲକ ପୋଡ଼ାଡିହ ପଞ୍ଚାୟତ ଅନ୍ତର୍ଗତ ଦିନିଆରୀ ଗ୍ରାମର ମା' କଳାପାଟ ୧୩ତମ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଠାକୁରପଡ଼ା ଓ ତୁଳସୀପୁର ଦଳ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଠାକୁରପଡ଼ା ଦଳ ୮ ଓଭରରେ ୯୧ ରନ୍ ସଂଗ୍ରହ କରିଥିଲା। ଜବାବରେ ତୁଳସୀପୁର ଦଳ ସମସ୍ତ ୱିକେଟ ହରାଇ ୮୨ ରନ୍ ସଂଗ୍ରହ କରି ପରାଜୟ ବରଣ କରିଛି। ପୁରସ୍କାର ବିତରଣ ଉତ୍ସବରେ ଜିଲ୍ଲାପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ ମୁଖ୍ୟ ଅତିଥି ଓ ଶିକ୍ଷାବିତ୍ ବୀରେନ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

# ନକଲି ପାନ ମସଲା ଜବତ; ୨ ଅଟକ



**ନିରାକାରପୁର,୧୩।୧(ସମିସ):** ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ବଜାରରେ ଆଜି ପୁଲିସ ଚଢ଼ଉ କରି ନକଲି ପାନ ମସଲା ଜବତ କରିବା ସହିତ ଦୁଇ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୂଚନାଯୋଗ୍ୟ କି ପାନ ମସଲା ଗୋପାଲ ୬୦ ଡିଲକ୍ସ କମ୍ପାନୀର ପାନ ମସଲା ନିରାକାରପୁର ବଜାରରେ ନକଲି ବିକ୍ରି କରାଯାଉଥିବା ଖବର ପାଇ ଦିଲ୍ଲୀ ଗୋପାଳ ଏରୋମେଟିକ ପ୍ରାଇଭେଟ୍ ଲିମିଟେଡ କମ୍ପାନୀର ଜିଏମ୍ ଖୋର୍ଦ୍ଧା ଏସ୍‌ପିଙ୍କୁ ସାକ୍ଷାତ କରି ଜଣାଇଥିଲେ। ପରେ ନିରାକାରପୁର ପୁଲିସ ଏସ୍‌ଆଇ ଦୀପାଲିଶା ନାୟକ ନିରାକାରପୁର ବଜାରରେ ଥିବା ସଞ୍ଜୟ ସାହୁ ଓ ନିରଞ୍ଜନ ସାହୁଙ୍କ ଦୋକାନରୁ ୨୧ଟି ନକଲି ଗୋପାଲ ୬୦ ପାନ ମସଲା ଜବତ କରିଥିଲେ।

# ପ୍ରାକ୍ତନ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ସ୍ମୃତିଚାରଣ

**ଟାଙ୍ଗୀ,୧୩।୧(ସମିସ):** ଟାଙ୍ଗୀ ବ୍ଲକ ପ୍ରାକ୍ତନ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସ୍ୱର୍ଗତ ଦେବଦତ୍ତ ମହାପାତ୍ରଙ୍କ ସ୍ମୃତିଚାରଣ ସଭା ପ୍ରାକ୍ତନ ଶିକ୍ଷକ ରଘୁନାଥ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଜରିପଡା କେଦାରେଶ୍ୱର ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ମହାପାତ୍ରଙ୍କ ଆଦର୍ଶ, କର୍ତ୍ତବ୍ୟପରାୟଣତା, ସାଧୁତା, ଛାତ୍ରବତ୍ସଳତା, ପରୋପକାରୀ ଗୁଣ ସଂପର୍କରେ ଆଲୋକପାତ କରିଥିଲେ। ଏହି ସ୍ମୃତିଚାରଣ ସଭାରେ ଶିକ୍ଷା ଯୁଗ୍ମ ନିର୍ଦ୍ଦେଶକ ନିରଞ୍ଜନ ସାହୁ, ପ୍ରାକ୍ତନ ଗୋଷ୍ଠୀ ଶିକ୍ଷାଧିକାରୀ ସୁରେନ୍ଦ୍ର କୁମାର ମଙ୍ଗରାଜ, ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ସଭାପତି ପଦ୍ମନାଭ ବିଶ୍ୱାଳ, ପ୍ରାକ୍ତନ ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମୀଧର ବେହେରା, ପ୍ରାକ୍ତନ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଅବଧୂତ ଚମ୍ପତି, ଶିକ୍ଷକ ନେତା ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ରବି ଶତପଥୀ, ସୁରେଶ କୁମାର ବିଶ୍ୱାଳ, ଗୋପାଳ ସେନ, କବୟିତ୍ରୀ ଶଶିରେଖା ନାଥଶର୍ମା, ସଲିଳ କୁମାର ସ୍ୱାଇଁ, ପ୍ରାକ୍ତନ ଜିଲ୍ଲାପରିଷଦ ସର୍ବେଶ୍ୱର ପ୍ରଧାନ, ଶଶାଙ୍କ ଶେଖର ପଟ୍ଟନାୟକ, ପ୍ରଫୁଲ୍ଲ କୁମାର ପ୍ରଧାନଙ୍କ ସମେତ ଶତାଧିକ ଶିକ୍ଷକ, ଶିକ୍ଷାବିତ୍, ସମାଜସେବୀ, ବୁଦ୍ଧିଜୀବୀ ଯୋଗଦେଇଥିଲେ। ସୁଶିଲ କୁମାର ମହାପାତ୍ର ଓ ମାଧବ ମହାରଣା ଗୀତାପାଠ କରିଥିଲେ। ଶିକ୍ଷକ ଚନ୍ଦନ କୁମାର ରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ବାଣପୁରରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

**ବାଣପୁର,୧୩।୧(ସମିସ):** ଖୋର୍ଦ୍ଧା ଜିଲ୍ଲା ବାଣପୁର ପଞ୍ଚାୟତ ସମିତି ଅନ୍ତର୍ଗତ ମୋରାମୋରୀ ପଞ୍ଚାୟତରେ ସୋମବାର ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ବାଣପୁର ବ୍ଲକ ଅନ୍ତର୍ଗତ ୧୭ଟି ପଞ୍ଚାୟତ ଓ ଏନ୍‌ଏସିର ବିଭିନ୍ନ ସ୍ଥାନରୁ ସମୁଦାୟ ୫୪୦ଟି ଅଭିଯୋଗ



ଦରଖାସ୍ତ ଗ୍ରହଣ କରାଯାଇଥିଲା। ତନ୍ମଧ୍ୟରୁ ୫୧୯ଟି ବ୍ୟକ୍ତିଗତ ଅଭିଯୋଗ ଥିବାବେଳେ ୧୪ଟି ବିଭିନ୍ନ ଗ୍ରାମର ସାମୂହିକ ଅଭିଯୋଗ ଥିଲା। ୫ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ଜଣେ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨୦ ହଜାର ଟଙ୍କା ଏବଂ ଅନ୍ୟ ଜଣଙ୍କୁ ଜିଲ୍ଲା ରେଡକ୍ରସ ଫଣ୍ଡରୁ ୫ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ ଦୀପ୍ତିରଞ୍ଜନ ସେଠୀ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ତହସିଲଦାର ଟି ପଦ୍ମନାଭ ଦୋରା, ପଞ୍ଚାୟତ ସମିତି ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହଙ୍କ ସମେତ ସ୍ଥାନୀୟ ସରପଞ୍ଚ ବସନ୍ତ କୁମାର ମାଳି ଓ ନାଚୁଣୀ ସରପଞ୍ଚ ସ୍ୱପ୍ନାଞ୍ଜଳି ପଲାଇ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ



**ବାଲୁଗାଁ,୧୩।୧(ସମିସ):** ବାଲୁଗାଁ ମହାବିଦ୍ୟାଳୟ ପକ୍ଷରୁ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ଦିଗଦର୍ଶନରେ କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଡକ୍ଟର ପୂର୍ଣ୍ଣଚନ୍ଦ୍ର ସାମନ୍ତରାୟଙ୍କ ସଂଯୋଜନାରେ ମହାବିଦ୍ୟାଳୟ ପରିସରସ୍ଥିତ ସଭାଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ଦିବସରେ ଯୁକ୍ତ ଦୁଇ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ, ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡକ୍ଟର କୈଳାସ ଚନ୍ଦ୍ର ମହାରଣା, ଅଧ୍ୟାପିକା ଡକ୍ଟର ମୋନାଲିସା ମାନସିଂହ, ନାଚୁଣୀ ମହାବିଦ୍ୟାଳୟର ଅଧ୍ୟାପକ ଅଶୋକ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିକଶିତ ଭାରତ ଗଠନରେ ପ୍ରବାସୀ ଭାରତୀୟଙ୍କ ସମ୍ପୃକ୍ତି ଓ ପ୍ରତିବଦ୍ଧତା ସମ୍ପର୍କରେ ଆଲୋକପାତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା କୀର୍ତ୍ତିମୟୀ ବାରିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ମୃଡ଼ାଣି ଶଙ୍କର ପ୍ରସାଦ ମିଶ୍ର, ସୁନିତା ନନ୍ଦ, ଝରଣା ନାଥ, ବାଳକୃଷ୍ଣ ପାଢ଼ୀ, କ୍ରିଷ୍ଣା ସେଠୀ ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପିକା ଶୁଭଦର୍ଶିନୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ସର୍ବଭାରତୀୟ ସଖା ସଂଘ ଫୁଟ୍‌ବଲ: ଭଞ୍ଜନଗର ବିଜୟୀ

**ନିରାକାରପୁର,୧୩।୧(ସମିସ)**

ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ସଖା ସଂଘ କ୍ରୀଡ଼ା ସଂସଦ ତରଫରୁ ଚାଲିଥିବା ୩୧ତମ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଆଜି ମରାଠା ଫୁଟ୍‌ବଲ କ୍ଲବ୍, ଭଞ୍ଜନଗର ଓ ମେହେନ୍ଦିପୁର ଫୁଟ୍‌ବଲ ଏକାଡେମୀ, ଜଗତସିଂହପୁର, ପାରାଦୀପ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଆଜିର ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ମରାଠା ଫୁଟ୍‌ବଲ କ୍ଲବ୍, ଭଞ୍ଜନଗର ୧-୦ ଗୋଲ୍‌ରେ ବିଜୟୀ ହୋଇଛି। ଆଜିର ମ୍ୟାଚ୍‌କୁ ଶିବ ଶଙ୍କର ପଣ୍ଡା, ସୁଜିତ କୁମାର ପାତ୍ର, ସୁକାନ୍ତ



କୁମାର ପ୍ରଧାନ, ଓମ୍ ପ୍ରକାଶ ମିଶ୍ର, ଅକ୍ଷୟ କୁମାର ପଟ୍ଟନାୟକ, ଗଙ୍ଗାଧର ପଟ୍ଟନାୟକ, ବିଶ୍ୱନାଥ ବେହେରା ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ସମାଜସେବୀ ପ୍ରଦୀପ କୁମାର ବଳିଆରସିଂହ, ଡ. ସୁବାସ ଚନ୍ଦ୍ର ଚୌଧୁରୀ, ବ୍ୟବସାୟୀ ପ୍ରଶାନ୍ତ କୁମାର ସାହୁ, ଅବସରପ୍ରାପ୍ତ ଡେପୁଟି ରେଞ୍ଜର ଅଜୟ କୁମାର ହରିଚନ୍ଦନ, ପୂର୍ବତନ ସରପଞ୍ଚ ଦିଲ୍ଲୀପ କୁମାର ବଳିଆରସିଂହ, ସମିତିସଭ୍ୟ ଦିଲ୍ଲୀପ କୁମାର ବଡ଼ଜେନା, ରାମଦୟା ପରିଷଦ ସମ୍ପାଦକ ଗଙ୍ଗାଧର ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ଉଭୟ ଦଳର ଏମ୍ ସନ୍ତୋଷ ଓ ସମ୍ବିତ ପାଢ଼ୀଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ କମଳ ଲୋଚନ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଆସନ୍ତାକାଲି (ମଙ୍ଗଳବାର) ସ୍ପୋର୍ଟସ ହଷ୍ଟେଲ, କଟକ ଓ ନାମଖନ ଫୁଟବଲ ଏକାଡେମୀ, ବେହେଲା, କୋଲକାତା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

# ବ୍ଲକ୍‌ସ୍ତରୀୟ ସର୍ବେକ୍ଷଣ ପ୍ରସ୍ତୁତି କାର୍ଯ୍ୟକ୍ରମ


**ବେଗୁନିଆ,୧୩।୧(ସମିସ):** ବେଗୁନିଆ ବ୍ଲକ ଅନ୍ତର୍ଗତ ସରକାରୀ ଉ. ପ୍ରା. ବିଦ୍ୟାଳୟ, ଗଁପୁର କଣ୍ଟାମଳିମ ପରିସରରେ ରାଜ୍ୟ ସଫଳତା ସର୍ବେକ୍ଷଣ ଫଳାଫଳ ବିଶ୍ଳେଷଣ ଓ ଯୋଜନା ପ୍ରସ୍ତୁତି ଆଧାରିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ଓ ପ୍ରତିଷ୍ଠାନ, ଆନୁକୂଲ୍ୟରେ ଶିକ୍ଷକ ପ୍ରଶିକ୍ଷିକା ଶିଖା ଶିଅଳଙ୍କ ତତ୍ତ୍ୱାବଧାନରେ ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ମୁଖ୍ୟ ଅତିଥି, ବ୍ଲକ ସାଧନ କେନ୍ଦ୍ର ସଂଯୋଜକ କୈଳାସ ଚନ୍ଦ୍ର ସେଠୀ, ଆଞ୍ଚଳିକ ସାଧନ କେନ୍ଦ୍ର କର୍ମୀ ଦାଶରଥି ପ୍ରଧାନ, ପ୍ରଧାନ ଶିକ୍ଷୟିତ୍ରୀ ନଳିନୀ ପ୍ରଭା ଦେବୀ ଓ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ସେଠୀ ପ୍ରମୁଖ ଯୋଗଦେଇ ଗଣିତ ବିଷୟରେ ଶିକ୍ଷାର୍ଥୀମାନଙ୍କ



ମନରେ ପ୍ରଚେଷ୍ଟା ଜାରି ରଖିବା ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ। ବ୍ଲକର ୧୫ଟି କ୍ଲଷ୍ଟରର ସମସ୍ତ ସାଧନ କେନ୍ଦ୍ର କର୍ମୀ ଓ ୧୫ ଜଣ ସମ୍ବଳ ଶିକ୍ଷକ କର୍ମଶାଳାରେ ଅଂଶଗ୍ରହଣ କରି ରାଜ୍ୟ ଓ ଜିଲ୍ଲାର ସ୍ଲାସ ଫଳାଫଳକୁ ଦୃଷ୍ଟିରେ ରଖି ବ୍ଲକର ୨ୟ, ୪ର୍ଥ, ୭ମ ଶ୍ରେଣୀ ଭାଷା ଓ ଗଣିତର ନିର୍ଦ୍ଦିଷ୍ଟ ଶିକ୍ଷଣ ଫଳାଫଳ ଉପରେ ଶିକ୍ଷାର୍ଥୀମାନଙ୍କ ଅଭିବୃଦ୍ଧି କରାଇବାକୁ ଯୋଜନା ପ୍ରସ୍ତୁତ କରିଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର କର୍ମୀ ଗଣେଶ କୁମାର ସାହୁ ସଂଯୋଜନା କରିଥିବା ବେଳେ ହେମନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



# ଭାରତୀୟ ପରମ୍ପରାରେ ମକର ପର୍ବ



ଭାରତର ଅନ୍ୟତମ ମହାନ ଆଧ୍ୟାତ୍ମିକ ପର୍ବ ହେଉଛି ମକର ସଂକ୍ରାନ୍ତି । ସୂର୍ଯ୍ୟ ମକର ସଂକ୍ରାନ୍ତି ଦିନ ପୃଥିବୀର ଅତି ନିକଟତର ହୋଇଥାନ୍ତି । ଏହିଦିନ ସେ ତାଙ୍କ କିରଣର ପୂର୍ଣ୍ଣ ପ୍ରଭାବ ସମସ୍ତ ପ୍ରାଣୀଙ୍କ ଉପରେ ବିଚ୍ଛୁରିତ କରିଥାନ୍ତି । ଜ୍ୟୋତିଷ ଶାସ୍ତ୍ରାନୁସାରେ, ସୂର୍ଯ୍ୟ ମକର ସଂକ୍ରାନ୍ତି ଦିନ ମକର ରାଶିରେ ପ୍ରବେଶ କରିଥାନ୍ତି । ସୌର ଗଣନା ଅନୁସାରେ, ମକର ସଂକ୍ରାନ୍ତିକୁ ମକର ମାସର ପ୍ରଥମ ଦିନ ହିସାବରେ ଗ୍ରହଣ କରାଯାଏ । ସଂକ୍ରାନ୍ତି ହେଉଛି ସୂର୍ଯ୍ୟଙ୍କର ସଂକ୍ରମଣ ବା ଗୋଟିଏ ରାଶିରୁ ଅନ୍ୟ ରାଶିକୁ ଚଳନ କରିବାର ପ୍ରଥମ ଦିନ । ମକର ସଂକ୍ରାନ୍ତି ଦିନ ସୂର୍ଯ୍ୟ ଧନୁ ରାଶିରୁ ମକର ରାଶିକୁ ଗମନ କରନ୍ତି । ଏହି ଦିନଠାରୁ ସୂର୍ଯଙ୍କର ଉତ୍ତରାୟଣ ଗତି ଆରମ୍ଭ ହୋଇଥାଏ । ପ୍ରତ୍ୟେକ ସଂକ୍ରାନ୍ତିରେ ସୂର୍ଯ୍ୟ ଗୋଟିଏ ଲେଖାଏଁ ରାଶିକୁ ଗମନ କରି ସେଥିରେ ଏକ ମାସ ଅବସ୍ଥାନ କରଥାନ୍ତି । ତେଣୁ ପୂର୍ବବତ୍ ସେଭଳି ମକର ସଂକ୍ରାନ୍ତି ଦିନ ସୂର୍ଯ୍ୟ ଉତ୍ତରାୟଣ ହୋଇ ମକର ରାଶିକୁ ଆସନ୍ତି । ଏହି ଦିନ ସୂର୍ଯ୍ୟ ଉତ୍ତରଦିଗକୁ ଯାତ୍ରା କରି ଛଅ ମାସ ଅବସ୍ଥାନ କରୁଥିବାରୁ ବିବାହ, ବ୍ରତ, ଯଜ୍ଞାନୁଷ୍ଠାନ, ଗୃହ, ଦେବାଳୟ ପ୍ରତିଷ୍ଠା ଆଦି ସମସ୍ତ ଶୁଭକର୍ମ ଅନୁଷ୍ଠିତ ହୁଏ । ଏହି ପର୍ବକୁ ଦେଶର କୋଣ ଅନୁକୋଣରେ ବିଭିନ୍ନ ସମ୍ପ୍ରଦାୟର ଲୋକ ଭିନ୍ନ ଭିନ୍ନ ଭାବେ ପାଳନ କରିଥାନ୍ତି । ମକର ସଂକ୍ରାନ୍ତି ଦିନ ଓଡ଼ିଶାର ଲୋକେ 'ମକର ଚାଉଳ' (ଅରୁଆ ଚାଉଳ, ଗୁଡ଼, ଛେନା, କଦଳୀ, ନଡ଼ିଆ, ଘିଅ, କ୍ଷୀର ଆଦି) ପ୍ରସ୍ତୁତ କରି ଦେବଦେବୀଙ୍କ ନିକଟରେ ଭୋଗ କରିଥାନ୍ତି । ଏହି ଭୋଗକୁ ଆନନ୍ଦରେ ସାଙ୍ଗସାଥୀ ଏବଂ ପଡ଼ୋଶୀଙ୍କୁ ବଣ୍ଟାଯାଇଥାଏ । ମକର ସଂକ୍ରାନ୍ତିର ଶୁଭ ମୁହୂର୍ତ୍ତରେ ସ୍ନାନ ଓ ଦାନର ବିଶେଷ ମହତ୍ତ୍ୱ ରହିଛି । ମକର ସଂକ୍ରାନ୍ତିର ପୁଣ୍ୟକାଳରେ ପ୍ରତ୍ୟୁଷରୁ ନଦୀ, ପୋଖରୀ ଆଦିରେ ସ୍ନାନାଦି କାର୍ଯ୍ୟ ସମାପନ କରି ସୂର୍ଯ୍ୟଙ୍କୁ ଦର୍ଶନ କଲେ, ସକଳ ପାପରୁ ମୁକ୍ତି ମିଳେ ବୋଲି ବିଶ୍ୱାସ ରହିଛି । ତେଣୁ କେଉଁ ଆବହମାନ କାଳରୁ ସରୋବର, ନଦୀ ତଟ, ସମୁଦ୍ର ତୀର ପ୍ରଭୃତି ପବିତ୍ର ସ୍ଥାନମାନଙ୍କରେ ମକର ମେଳା, ସାଧୁସଙ୍ଗ ଓ ମହୋତ୍ସବର ପରମ୍ପରା ଚାଲିଆସିଛି । ଏହି ଦିନ ପଶ୍ଚିମବଙ୍ଗର ଗଙ୍ଗାସାଗରଠାରେ ଏକ ବିରାଟ ମେଳା ହୁଏ । ପୁଣ୍ୟଲାଭ ଆଶାରେ ଏହି ଦିନ ଶ୍ରଦ୍ଧାଳୁମାନେ ଗଙ୍ଗାସାଗରରେ ବୁଡ଼ ପକାଇଥାନ୍ତି । ବିଶ୍ୱାସ କରାଯାଏ, ଏହି କାଳ ମଧ୍ୟରେ ମୃତ୍ୟୁବରଣ କରୁଥିବା ମନୁଷ୍ୟ ବିଷ୍ଣୁଲୋକରେ ସ୍ଥାନ ପାଇଥାଏ । ଏହି ପବିତ୍ର ଦିନରେ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରେ ଅନ୍ୟତମ 'ଉତ୍ତରାୟଣ ଯାତ୍ରା' ବା ମକର ସଂକ୍ରାନ୍ତି ଉତ୍ସବ ମହାସମାରୋହରେ ପାଳିତ ହୋଇଥାଏ ।

ମକର ସଂକ୍ରାନ୍ତି ଦିନ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଥାଏ । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ମଙ୍ଗଳ ଆଳତି ଓ ଅବକାଶ ନୀତି ସରିବା ପରେ ଶ୍ରୀଜିଉମାନଙ୍କର ଫୁଟା ପହରଣ ଲାଗି କରାଯାଇଥାଏ । ସକାଳ ଧୂପ ପରେ ମଇଲମ କରାଯାଇ ପରେ ତ୍ରିମୁଣ୍ଡିରେ ମକରଚୂଳ ଲାଗି ହୋଇଥାଏ । ଏହାପରେ କର୍ପୂର ଲାଗି ହୋଇ ଶ୍ରୀବିଗ୍ରହମାନଙ୍କୁ ବେଶ କରାଯାଏ । ଏହାପରେ ନୂଆଲୁଗା ଲାଗି ହୋଇ ଶ୍ରୀଜୀଉମାନଙ୍କୁ ୬ ମୂର୍ତ୍ତି ଅଳଙ୍କାରରେ ମଣ୍ଡିତ କରାଯାଇଥାଏ । ଏହାକୁ ମକରବେଶ କୁହାଯାଏ । ଏହିଦିନ ଠାକୁରମାନଙ୍କ ନିକଟରେ ମକରଚାଉଳ ଭୋଗ କରାଯାଏ । ଏଥିସହିତ ୮୪ ପ୍ରକାରର ପିଠା ଭୋଗ ଲାଗିଥାଏ । ଏହାକୁ ମକର ଚଉରାଶୀ ଭୋଗ ବୋଲି କୁହାଯାଏ । ମକର ସଂକ୍ରାନ୍ତି ଉପଲକ୍ଷେ ଓଡ଼ିଶାର ବିଭିନ୍ନ ସ୍ଥାନରେ ମକର ମେଳା ଆୟୋଜିତ ହୋଇଥାଏ । ଏହିଦିନ ଅନେକ ସ୍ଥାନରେ ଗୁଡ଼ିଉଡ଼ା ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଏ । ଓଡ଼ିଆ ପ୍ରବାଦ ଅନୁଯାୟୀ, 'ମକରଠାରୁ ଦିନ ବକର ହୁଏ', ଅର୍ଥାତ୍ ଏହି ଦିନଠାରୁ ଦିନ କ୍ରମଶଃ ବଡ଼ ହୁଏ । ସୂର୍ଯ୍ୟଙ୍କର ତେଜ ମଧ୍ୟ ଏହି ଦିନଠାରୁ ପ୍ରଖର ହୁଏ । ଦେଶର ବିଭିନ୍ନ ରାଜ୍ୟରେ ମକର ସଂକ୍ରାନ୍ତି ଭିନ୍ନ ଭିନ୍ନ ନାମରେ ପାଳନ କରାଯାଇଥାଏ । ପ୍ରତ୍ୟେକ ରାଜ୍ୟରେ ଏହାର ନାମ ଏବଂ ପାଳନ ବିଧି ଭିନ୍ନ ପ୍ରକାର ହୋଇଥାଏ । କେରଳ ଏବଂ କର୍ଣ୍ଣାଟକରେ ଏହାକୁ କେବଳ ସଂକ୍ରାନ୍ତି କୁହାଯାଏ । ତାମିଲନାଡୁରେ ଓ ଆନ୍ଧ୍ର ପ୍ରଦେଶରେ ଏହା ପୋଙ୍ଗଲ ପର୍ବ ଭାବରେ ପାଳନ କରାଯାଇଥାଏ । ପଞ୍ଜାବ ଓ ହରିୟାଣାରେ ଏହି ଅବସରରେ ନୂଆ ଫସଲକୁ ସ୍ୱାଗତ କରିବା ସହ ଉତ୍ସବ ମନାଯାଏ । ଠିକ୍ ଏହାର ଗୋଟିଏ ଦିନ ପୂର୍ବରୁ ଏହି ସବୁ ଅଞ୍ଚଳରେ ଏହାକୁ ଲୋହଡ଼ି ପର୍ବ ଭାବେ ପାଳନ କରାଯାଏ । ଆସାମରେ ଏହି ପର୍ବ ବିହୁ ଭାବେ ପାଳିତ ହୁଏ । ଉତ୍ତର ଭାରତରେ ଗୁଡ଼ ଏବଂ ଘିଅ ସହିତ ଖେଚୁଡ଼ି କରାଯାଇଥାଏ । ବିହାର, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗରେ ଦହିଚୁଡ଼ା ଖାଇବା ଏବଂ ଅନ୍ୟକୁ ପ୍ରଦାନ କରାଯିବାର ବିଧି ରହିଛି । ମକର ସଂକ୍ରାନ୍ତି ଦିନ ଦାନକର୍ତ୍ତାଙ୍କ ପାଖକୁ ଦାନ ଅର୍ଥର ଶହେଗୁଣା ଫେରି ଆସୁଥିବାର ବିଶ୍ୱାସ ରହିଛି । ଏଥିପାଇଁ ଭଗବାନ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ ପରେ ଗରିବ ଲୋକଙ୍କୁ ଘୃତ, ରାଶି, କମ୍ବଳ ଏବଂ ଖେଚୁଡ଼ି ପ୍ରଭୃତି ଦାନ କରାଯାଇଥାଏ ।

## ଅଲ୍ଲୁ!
## ବଲିଉଡ଼ରେ ଡେବ୍ୟୁ କରିବେ



ତେଲୁଗୁ ସୁପରଷ୍ଟାର୍ ଅଲ୍ଲୁ ଅର୍ଜୁନ୍‌ଙ୍କ ଅଭିନୀତ 'ପୁଷ୍ପା-୨' ବକ୍ସ ଅଫିସ୍‌ରେ ବ୍ଲକ୍ ବଷ୍ଟର ସାବ୍ୟସ୍ତ ହୋଇଛି । ଅବଶ୍ୟ ଏହି ଫିଲ୍ମ ରିଲିଜ୍ ହେବା ପୂର୍ବରୁ ହିଁ ଅଲ୍ଲୁ ବିବାଦ ମଧ୍ୟରେ ଛନ୍ଦି ହୋଇ ପଡ଼ିଥିଲେ । ଏହା ତାଙ୍କ କ୍ୟାରିୟର୍ ପ୍ରଥମ ଫିଲ୍ମ, ଯେଉଁଥିପାଇଁ ତାଙ୍କୁ ଅନେକ ସମାଲୋଚନାର ଶିକାର ହେବାକୁ ପଡ଼ିଛି । ଥିଏଟର ଦଳାଚକଟା ମାମଲାରେ ତାଙ୍କୁ ଜାମିନ ମିଳିବା ପରେ ସେ ଏବେ ଆଶ୍ୱସ୍ତ ଅଛନ୍ତି । ନିକଟରେ ଅଲ୍ଲୁଙ୍କୁ ମୁମ୍ବାଇରେ ଦେଖିବାକୁ ମିଳିଥିଲା । ଏହି ସମୟରେ ଅଲ୍ଲୁ ବଲିଉଡ୍‌ର ଆଗଧାଡ଼ିର ନିର୍ଦ୍ଦେଶକ ସଞ୍ଜୟ ଲୀଲା ଭଁସାଲିଙ୍କୁ ଭେଟିଥିଲେ । ଯାହାର ଭିଡିଓ ଏବେ ସୋସିଆଲ ମିଡିଆରେ ଘୂରି ବୁଲୁଛି । ଭିଡିଓରେ ଅଲ୍ଲୁଙ୍କୁ ସଞ୍ଜୟଙ୍କ ଅଫିସ୍ ଆଗରେ ଦେଖାଯାଇଛି । ତେବେ ସଞ୍ଜୟ ତାଙ୍କୁ କୌଣସି ବଲିଉଡ୍ ଫିଲ୍ମରେ ବ୍ରେକ୍ ଦେଇ ପାରନ୍ତି ବୋଲି ତାଙ୍କ ପ୍ରଶଂସକମାନେ ଅନୁମାନ କରୁଛନ୍ତି । ତେବେ ସନ୍ଧ୍ୟା ଥିଏଟର ଘଟଣା ପରେ ଅଲ୍ଲୁ ଏକ ଲମ୍ବା ବ୍ରେକ୍ ନେଇଛନ୍ତି । ଏହି ସମୟରେ ସେ ବଲିଉଡ୍‌ରେ ଡେବ୍ୟୁ କରିବା ପାଇଁ ନିଜକୁ ପ୍ରସ୍ତୁତ କରିପାରନ୍ତି ବୋଲି କୁହାଯାଉଛି ।


# ଏମିତି ହେବ ଭବିଷ୍ୟତର ସହର



ଜାପାନରେ 'ଫ୍ୟୁଚର ସିଟି' ବା ଭବିଷ୍ୟ ସହରର ନିର୍ମାଣ ହେଉଛି । ଯାହାକି ଏବର ସହରଠାରୁ ଆହୁରି ଅତ୍ୟାଧୁନିକ ତଥା ଆଡଭାନ୍ସ ଟେକ୍ନୋଲୋଜି ଯୁକ୍ତ ହେବାକୁ ଯାଉଛି । ବିଶ୍ୱର ପ୍ରଥମ ଭବିଷ୍ୟତର ସହରକୁ ଜଣାଶୁଣା କାର୍ ନିର୍ମାଣକାରୀ କମ୍ପାନି ଟୟୋଟା ବିକଶିତ କରୁଛି । ମାଉଣ୍ଟ ଫୁଜି ସ୍ଥିତ ଏହି ସହରର ନାଁ 'ଉଭେନ୍ ସିଟି' । ହାଇଡ୍ରୋଜେନ୍ ଶକ୍ତି, ଏଆଇ ଏବଂ ଅନ୍ୟ ଅତ୍ୟାଧୁନିକ ଟେକ୍ନିକ୍ ଦ୍ୱାରା ପରିଚାଳିତ ଏହି ସହରରେ ୧୧ଟି ସ୍ମାର୍ଟହୋମ୍ ନିର୍ମାଣ କରାଯାଉଛି । ପରବର୍ତ୍ତୀ ଅବସ୍ଥାରେ ସ୍ମାର୍ଟ ହୋମ୍ ସଂଖ୍ୟା ବୃଦ୍ଧି ପାଇପାରେ । ଏହାକୁ ବିକଶିତ କରିବାର ଉଦ୍ଦେଶ୍ୟ ହେଉଛି, ଭବିଷ୍ୟତର ଟେକ୍ନିକ୍‌କୁ ଆପଣାଇବା । ଏହି ସହର ନିର୍ମାଣ ପାଇଁ ୧୦ ବିଲିୟନ ଡଲାର ଖର୍ଚ୍ଚ କରାଯାଇଛି । ବର୍ଷ ଶେଷ ସୁଦ୍ଧା ପ୍ରଥମେ ୧୦୦ ଜଣଙ୍କୁ ଏଠାରେ ରଖାଯିବ । ଅବଶ୍ୟ ଏହି ସହରରେ କେବଳ ଟୟୋଟାର କର୍ମଚାରୀ ରହିବେ ଏବଂ ସେମାନଙ୍କୁ ମାଗଣାରେ ରହିବାର ସୁବିଧା ପ୍ରଦାନ କରାଯିବ । ଅବଶ୍ୟ ଏନେଇ ସେମାନଙ୍କ ପାଇଁ ସର୍ତ୍ତ ବି ରହିବ । ସର୍ତ୍ତ ଅନୁସାରେ, କମ୍ପାନି ପାଇଁ ସେମାନେ ନୂଆ ଟେକ୍ନିକ୍ ବିକାଶ ଦିଗରେ କାମ କରିବେ । ଏହାପରେ ଦ୍ୱିତୀୟ ପର୍ଯ୍ୟାୟରେ ୨,୨୦୦ ଲୋକଙ୍କୁ ଏହି ସ୍ଥାନକୁ ଅଣାଯିବ । ଅନ୍ୟପଟେ ଏହି ସହରରେ ରାତିରେ ଘର ପର୍ଯ୍ୟନ୍ତ ସୁରକ୍ଷିତ ପହଞ୍ଚିବା ପାଇଁ ଡ୍ରୋନ୍ ଏବଂ ବୟସ୍କଙ୍କୁ ସହାୟତା କରିବା ପାଇଁ ଇଣ୍ଟରଆକ୍ଟିଭ୍ ପେଟ୍ ରୋବଟ୍, ନିତିଦିନ ଘରୋଇ କାର୍ଯ୍ୟରେ ସହାୟତା କରୁଥିବା ରୋବଟ୍, ଅଟୋ ଡ୍ରାଇଭିଂର ନୂଆ ଟେକ୍ନିକ୍, ସେଲ୍‌ଫ ଡ୍ରାଇଭିଂ ରୋବଟ୍ ଟ୍ୟାକ୍ସି ଏବଂ ଅଟୋନମସ ରେସିଂ କାର୍ ଭଳି ଟେକ୍ନିକ୍‌କୁ ବିକଶିତ କରାଯିବ । ସେହିପରି ଏହି ସହର କେବଳ ରହିବା, କାମ କରିବା ଏବଂ ମନୋରଞ୍ଜନର ସ୍ଥାନ ହେବ ନାହିଁ, ବରଂ ଏହା ଏକ ଜୀବନ୍ତ ଲ୍ୟାବ୍ ପରି ପ୍ରତୀୟମାନ ହେବ । ଏହି ସ୍ଥାନର ନିବାସୀ ସ୍ୱଇଚ୍ଛାରେ ନୂଆ ନୂଆ ଟେକ୍ନିକ୍‌ର ପରୀକ୍ଷା କରିପାରିବେ । ସେହିପରି ନୂଆ ଟେକ୍ନିକ୍ ବିକାଶ ଦିଗରେ ଏହା ଏମିତି ଏକ ମଞ୍ଚ ହେବ, ଯାହା ଆଗାମୀ ଦିନରେ ପ୍ରତ୍ୟେକ ଘରେ ବ୍ୟବହାର କରାଯାଇପାରେ । ୨୦୨୧ରେ ଉଭେନ୍ ସିଟିର ଯୋଜନା ସାମ୍ନାକୁ ଅଣାଯାଇ ଥିଲା । ତେବେ ଏହା କେବଳ ଟେକ୍ନିକ୍ ନବାଚାରର କେନ୍ଦ୍ର ହେବ ନାହିଁ, ବରଂ ଭବିଷ୍ୟତର ସ୍ମାର୍ଟ ସହର କିଭଳି ହେବ, ତା'ର ଏକ ଉଦାହରଣ ସୃଷ୍ଟି କରିବ । ଅନ୍ୟପଟେ କଞ୍ଜୁମର ଇଲେକ୍ଟ୍ରୋନିକ୍ସ ୨୦୨୫ ଶୋ'ରେ ଏହି ସହରକୁ ବିକଶିତ କରାଯିବା ଘୋଷଣା କରାଯାଇଛି ।

## ଆଜି ଆସିଥିଲେ

# ବ୍ୟାସକବି ଫକୀର ମୋହନ ସେନାପତି



ଓଡ଼ିଆ ଭାଷା ସାହିତ୍ୟର ଯୁଗ ପୁରୁଷ ବ୍ୟାସକବି ଫକୀର ମୋହନ ସେନାପତି ଏକାଧାରରେ ଥିଲେ ଜଣେ ମହାନ୍ କବି, ଗାଳ୍ପିକ, ଔପନ୍ୟାସିକ ଓ ପ୍ରାବନ୍ଧିକ । ଓଡ଼ିଆ ଭାଷାର ପ୍ରଚାର ପ୍ରସାର ସହ ଭାଷା ଆନ୍ଦୋଳନର ଜଣେ କର୍ଣ୍ଣଧାର ଭାବେ ତାଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ । ତାଙ୍କ ରଚନାରେ ତତ୍କାଳୀନ ସାମାଜିକ, ରାଜନୈତିକ, ଅର୍ଥନୈତିକ ଓ ସାଂସ୍କୃତିକ ଅବସ୍ଥା ସହଜରେ ବାରି ହୋଇପଡ଼େ । ତାଙ୍କଠାରୁ ଆରମ୍ଭ ହୋଇଥିଲା ନୂଆ ଗଦ୍ୟ ଶୈଳୀ ଏବଂ ଓଡ଼ିଆ ଉପନ୍ୟାସର ବିକାଶ ପର୍ବ । ୧୮୯୭ରୁ ୧୯୧୫ ମଧ୍ୟରେ ରଚିତ ତାଙ୍କର ଚାରୋଟି ଉପନ୍ୟାସ – 'ଛ' ମାଣ ଆଠ ଗୁଣ୍ଠ', 'ମାମୁଁ', 'ପ୍ରାୟଶ୍ଚିତ' ଓ 'ଲଛମା' ତତ୍କାଳୀନ ଅଷ୍ଟାଦଶ ଓ ଊନବିଂଶ ଶତାବ୍ଦୀର ଓଡ଼ିଶାର ସାମାଜିକ ଅବସ୍ଥାର ନିଚ୍ଛକ ଦର୍ପଣ । ଫକୀରମୋହନଙ୍କ ରଚିତ ବହୁ ଲୋକପ୍ରିୟ ଗଳ୍ପ ମଧ୍ୟରୁ 'ରେବତୀ', 'ଡାକମୁନ୍‌ସୀ', ପେଟେଣ୍ଟ ମେଡିସିନ', 'ରାଣ୍ଡିପୁଅ ଅନନ୍ତା', 'ସୁନାବୋହୂ' ଆଦି ଅନ୍ୟତମ । ଉପନ୍ୟାସ ଓ କ୍ଷୁଦ୍ରଗଳ୍ପରେ ପ୍ରବୀଣ ଫକୀର ମୋହନ କାବ୍ୟ ରଚନାରେ ମଧ୍ୟ ସମାନ ପରିମାଣର ପାଣ୍ଡିତ୍ୟ ଦେଖାଇଛନ୍ତି । ତାଙ୍କର ପ୍ରଥମ କବିତା ସଂଗ୍ରହ 'ଉତ୍କଳ ଭ୍ରମଣ' ୧୮୯୨ ମସିହାରେ ପ୍ରକାଶିତ ହୋଇଥିଲା । ପରେ ପରେ ସେ 'ପୁଷ୍ପମାଳା', 'ଉପହାର', 'ପୂଜାଫୁଲ', 'ପ୍ରାର୍ଥନା', 'ଧୂଳି' ଆଦି ଅନେକ କାବ୍ୟ ରଚନା କରିଛନ୍ତି । ୧୮୪୩ ମସିହା ଜାନୁଆରୀ ମାସ ୧୩ ତାରିଖ ମକର ସଂକ୍ରାନ୍ତି ଦିନ ସେ ଜନ୍ମ ଲାଭ କରିଥିବାବେଳେ ୧୯୧୮ ମସିହାରେ ଜୁନ୍ ୧୪ ତାରିଖ ରଜ ସଂକ୍ରାନ୍ତିରେ ତାଙ୍କର ପରଲୋକ ଘଟିଥିଲା । ଏହି କାରଣରୁ ତାଙ୍କୁ 'ସଂକ୍ରାନ୍ତି ପୁରୁଷ' ମଧ୍ୟ କୁହାଯାଏ । ତାଙ୍କ ପିତା ଲକ୍ଷ୍ମଣ ଚରଣ ସେନାପତି ଓ ମାତା ତୁଳସୀ ଦେବୀ ଥିଲେ । ମାତ୍ର ଦେଢ଼ବର୍ଷ ବୟସ ହୋଇଥିବାବେଳେ ତାଙ୍କ ପିତାଙ୍କର ମୃତ୍ୟୁ ହୋଇଥିଲା । ପିତାଙ୍କ ମୃତ୍ୟୁର ୧୪ ମାସ ପରେ ତାଙ୍କ ମା' ମଧ୍ୟ ଆରପାରିକୁ ଚାଲିଗଲେ । ବାଲ୍ୟକାଳରୁ ତାଙ୍କର ଲାଳନପାଳନ ଭାର ପଡ଼ିଥିଲା ଜେଜେମା'ଙ୍କ କାନ୍ଧରେ । ପରିବାର ପ୍ରତିପୋଷଣ ନିମନ୍ତେ ଫକୀରମୋହନ ଶିଶୁ ଶ୍ରମିକଭାବେ କାମ କଲେ ସୁଦ୍ଧା ସେ ପାଠପଢ଼ାକୁ ଜାରି ରଖିଥିଲେ । ଫକୀରମୋହନ ୧୪ ବର୍ଷ ବୟସରେ ଲୀଳାବତୀ ଦେବୀଙ୍କୁ ବିବାହ କରିଥିଲେ । ତାଙ୍କ ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁପରେ ସେ ୧୮୭୧ରେ କୃଷ୍ଣା କୁମାରୀଙ୍କୁ ଦ୍ୱିତୀୟ ବିବାହ କରିଥିଲେ । ତାଙ୍କର ଦ୍ୱିତୀୟ ପତ୍ନୀଙ୍କର ୧୮୯୪ରେ ହଇଜାରେ ମୃତ୍ୟୁ ହୋଇଥିଲା । ଏତେ ବାଧାବିଘ୍ନର ସମ୍ମୁଖୀନ ହୋଇଥିଲେ ସୁଦ୍ଧା ସମଗ୍ର ଓଡ଼ିଆ ଜାତି ପ୍ରତି ତାଙ୍କର ଅବଦାନ ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା । ମାୟାଧର ମାନସିଂହ ତାଙ୍କୁ ଓଡ଼ିଶାର ଥୋମାସ୍ ହାର୍ଡି କହୁଥିଲେ । ଓଡ଼ିଆ ସାହିତ୍ୟ ଜଗତରେ ଫକୀର ମୋହନ ହେଉଛନ୍ତି ପ୍ରଥମ ଲେଖକ, ଯିଏ ନିଜ ଆତ୍ମଜୀବନୀ ଲେଖିଥିଲେ । ଏହାର ନାମ ଥିଲା 'ଆତ୍ମ ଜୀବନ ଚରିତ' । ମଧ୍ୟବିତ୍ତ ସମାଜର ଜୀବନ ଆଲେଖ୍ୟ ବହନ କରି ଅଭିନବ ଚରିତ୍ର ଚିତ୍ରଣ କୌଶଳରେ ତାଙ୍କର କଥା ସାହିତ୍ୟ ହୋଇଛି ପ୍ରାଣସ୍ପର୍ଶୀ ଓ କାଳଜୟୀ । ଓଡ଼ିଆ ଭାଷାର ଉନ୍ନତି ନିମନ୍ତେ ସେ ବାଲେଶ୍ୱରଠାରେ ଏକ ଛାପାଖାନା ସ୍ଥାପନ କରି ବିଭିନ୍ନ ପତ୍ରିକା ଓ ସମ୍ବାଦପତ୍ର ପ୍ରକାଶ କରିଥିଲେ, ଯାହା ତାଙ୍କର ଅକ୍ଳାନ୍ତ ପରିଶ୍ରମ, ଗଭୀର ଆତ୍ମବିଶ୍ୱାସ, ଜାତିପ୍ରୀତି ଓ କର୍ତ୍ତବ୍ୟନିଷ୍ଠାର ସୁସ୍ପଷ୍ଟ ପରିଚୟ । ବାଲେଶ୍ୱର ସ୍କୁଲ୍, କଲେଜ ଓ ବିଶ୍ୱବିଦ୍ୟାଳୟକୁ ତାଙ୍କ ନାମରେ ନାମିତ କରାଯାଇଛି ।

# କେତେବେଳେ ପିଇବେ କଫି...

କଫିର ସ୍ୱାସ୍ଥ୍ୟ ଉପକାରିତାକୁ ନେଇ ପୂର୍ବରୁ ଏକାଧିକ ଅଧ୍ୟୟନ କରାଯାଇଛି । ଏବେ ଏକ ନୂତନ ଅଧ୍ୟୟନରୁ କଫି ପିଇବାର ସମୟ ଏବଂ ଏହାର ଉପକାରିତା ସମ୍ପର୍କରେ କୁହାଯାଇଛି । ନ୍ୟୁ ଅରଲିୟନ୍ସର ତୁଲାନେ ବିଶ୍ୱବିଦ୍ୟାଳୟର ଗବେଷକଙ୍କ ଦ୍ୱାରା ଉକ୍ତ ଗବେଷଣା କରାଯାଇଛି । ଅଧ୍ୟୟନରୁ ଜଣାପଡ଼ିଛି ଯେ, ସକାଳେ କଫି ପିଇବା ଦ୍ୱାରା ମୃତ୍ୟୁ ଆଶଙ୍କା ହ୍ରାସ ପାଏ । ସେହିପରି ଦିନରେ ଅନ୍ୟ ସମୟରେ କଫି ପିଇବାରେ ଏଭଳି ପ୍ରଭାବ ଦେଖିବାକୁ ମିଳି ନ ଥାଏ । ଏନେଇ ୪୨ ହଜାରରୁ ଅଧିକ ବୟସ୍କଙ୍କ ଡାଟାକୁ ବିଶ୍ଳେଷଣ କରାଯାଇଥିଲା । ସେହିପରି ମଧ୍ୟମ ମାତ୍ରାରେ କଫି ପିଇବାରେ ସ୍ୱାସ୍ଥ୍ୟ ଉପକାରିତା ସାମିଲ ଥିବା ଜଣାପଡ଼ିଛି । ଅନ୍ୟପଟେ ଏହି ଗବେଷଣାରୁ ପ୍ରଥମ ଥର ଏକଥା ସାମ୍ନାକୁ ଆସିଛି ଯେ, କଫି ପିଇବାର ସମୟ ମଧ୍ୟ ବେଶ୍ ଗୁରୁତ୍ୱ ବହନ କରିଥାଏ । ଏହା ଅନୁସାରେ, ସକାଳେ କଫି ପିଇବାରେ ସ୍ୱାସ୍ଥ୍ୟ ଲାଭ ଅଧିକ ବୋଲି ଅଧ୍ୟୟନରେ ଦର୍ଶାଯାଇଛି । ଗବେଷକଙ୍କ ଅନୁସାରେ, ଏହା ହୃଦୟ ପାଇଁ ଉତ୍ତମ ହୋଇପାରେ । ସେହିପରି ଦିନ ତମାମ କଫି ପିଇବାରେ ଏତେଟା ଶରୀରକୁ ଲାଭ ମିଳି ନ ଥାଏ । ସେହିପରି ଅଧ୍ୟୟନରେ ଏକଥା ବି କୁହାଯାଇଛି, କଫି ବ୍ୟବହାରର ପରିମାଣ ଏବଂ ପିଇବାର ସମୟ ବ୍ୟକ୍ତିର ଜୈବିକ ପରିବର୍ତ୍ତନ ଉପରେ ନିର୍ଭର କରେ । କିଛି ଲୋକ କଫିକୁ ଭଲ ଭାବରେ ହଜମ କରୁଥିବା ବେଳେ ଆଉ କେତେକଙ୍କଠାରେ ଏହାର ହୃଦ୍‌ଘାତ ଏବଂ ଉଚ୍ଚ ରକ୍ତଚାପ ଭଳି ସମସ୍ୟା ସୃଷ୍ଟି କରିଥାଏ । କେବଳ ସେତିକି ନୁହେଁ, କଫିକୁ କିଭଳି ପ୍ରସ୍ତୁତ କରିବା ଦରକାର, ଏବଂ ସେଥିରେ କେଉଁ ସବୁ ସାମଗ୍ରୀ ସାମିଲ କରାଯାଏ, ତା' ଉପରେ ବି ଗୁରୁତ୍ୱ ଦିଆଯାଇଥିଲା । କଫରେ ଚିନି, କ୍ରିମ୍ ଆଦି ମିଶାଇବା ଦ୍ୱାରା ଏହାର ସ୍ୱାସ୍ଥ୍ୟ ଉପକାରିତା ହ୍ରାସ ପାଇଥାଏ ବୋଲି ଏଥିରେ କୁହାଯାଇଛି ।



## ଆଜିର ଇତିହାସ

- ୧୭୬୧- ତୃତୀୟ ପାନିପଥ ଯୁଦ୍ଧ ଆରମ୍ଭ ହେଲା ।
- ୧୯୨୬-ପ୍ରସିଦ୍ଧ ଲେଖିକା ମହାଶ୍ୱେତା ଦେବୀଙ୍କ ଜନ୍ମ ।
- ୧୯୭୪-ବିଶ୍ୱ ଫୁଟବଲ୍ ଲିଗ୍ ସ୍ଥାପନା ।
- ୧୯୬୯-ମାଡ୍ରାସର ନାମ ବଦଳି ତାମିଲନାଡୁ ହେଲା ।
- ୧୯୭୪- ବିଶ୍ୱ ଫୁଟବଲ ଲିଗ୍‌ର ସ୍ଥାପନା ।
- ୧୯୮୨- ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ୨୦ ସୂତ୍ରୀ କାର୍ଯ୍ୟକ୍ରମର ଘୋଷଣା କଲେ ।

# ଏଆଇ ଜରିଆରେ ଚାକିରି ଆବେଦନ

ଏଆଇ ଏବେ ସବୁ କ୍ଷେତ୍ରରେ ଲୋକଙ୍କୁ ସାହାଯ୍ୟ କରୁଛି । ବାୟୋଡାଟା ତିଆରି ଠୁ ଆରମ୍ଭ କରି କଭର୍ ଲେଟର୍ ପ୍ରସ୍ତୁତ କରିବା ତଥା ଚାକିରି ଆବେଦନ ପର୍ଯ୍ୟନ୍ତ ଏହାର ଭୂମିକା ଦେଖିବାକୁ ମିଳୁଛି । ଏହି କ୍ରମରେ ଏବେ ଜଣେ ଯୁବକ ଏଆଇକୁ ଏମିତି ବ୍ୟବହାର କରିଛନ୍ତି, ଯାହାକୁ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଛନ୍ତି । ସମ୍ପୃକ୍ତ ବ୍ୟକ୍ତି ଜଣକ ଶୋଇଶୋଇ ହଜାରେ ଚାକିରି ପାଇଁ ଆବେଦନ କରିଥିବା ଜଣାପଡ଼ିଛି । ସେ ଏ କଥାକୁ ସାମାଜିକ ଗଣମାଧ୍ୟମରେ ସେୟାର୍ କରିବା ପରେ ସମସ୍ତଙ୍କ ନଜରକୁ ଆସିଛି । ସେ ଏକ ହୋମ୍‌ମେଡ୍ ଏଆଇ ବଟ୍ ତିଆରି କରିଥିଲେ । ଏହି ବଟ୍ ତାଙ୍କ ପାଇଁ ଚାକିରି ଖୋଜିବା କାମରେ ସାହାଯ୍ୟ କରିଥିଲା । ଉକ୍ତ ବଟ୍ ତାଙ୍କ ପରିଚୟକୁ ପ୍ରଥମେ ବିଶ୍ଳେଷଣ କଲା, ଚାକିରି ବିବରଣୀ ପଢ଼ିଲା । ଏହାସହ ପ୍ରତ୍ୟେକ ଚାକିରି ପାଇଁ ଭିନ୍ନ ଭିନ୍ନ ବାୟୋଡାଟା ଏବଂ କଭର୍ ଲେଟର ପ୍ରସ୍ତୁତ କଲା । ଏପରିକି ଚାକିରି ଆବେଦନ କରିବାକୁ ପଛାଇଲା ନାହିଁ । ଏହିପରି ଭାବେ ଉକ୍ତ ବଟ୍ ମାଧ୍ୟମରେ ତାଙ୍କୁ ୫୦ଟି ସାକ୍ଷାତକାର ପାଇଁ ଆମନ୍ତ୍ରିତ କରାଯାଇଥିଲା । ଅବଶ୍ୟ ଏହି ସମୟ ଭିତରେ ବ୍ୟକ୍ତି ଜଣକ କେବଳ ଶୋଇ




ରହି ଆରାମ କରୁଥିବା ବେଳେ ଉକ୍ତ ବଟ୍ ତାଙ୍କର ଏ ସମସ୍ତ କାମ କରିଥିଲା । ତେବେ ଏହି ପ୍ରକ୍ରିୟା ଦ୍ୱାରା ସ୍କ୍ରିନିଂ ସିଷ୍ଟମ୍ ପାର୍ କରିବା ଖୁବ୍ ଉପକାରୀ ସାବ୍ୟସ୍ତ ହୋଇଥାଏ ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ସେ କହିଛନ୍ତି, ଚାକିରି ଆବେଦନକୁ ଅଟୋମେଟ୍ କରି ମନୋନୟନ ପ୍ରକ୍ରିୟାକୁ ଅଧିକ ଉନ୍ନତମାନର କରିଛନ୍ତି । ଅବଶ୍ୟ ଏହା ଯୋଗୁଁ କାର୍ଯ୍ୟାଳୟରେ ମାନବୀୟ ତତ୍ତ୍ୱକୁ ହରାଇବାର ବି ଭୟ ରହିଛି । ସେହିପରି ଏହି ଘଟଣା କେବଳ ଏଆଇ ଶକ୍ତିକୁ ଉଜାଗର କରି ନାହିଁ, ବରଂ ଏକଥା ବି ଜଣାଇଛି ଯେ, ଅତ୍ୟଧିକ ଅଟୋମେସନ କିଭଳି ଚାକିରି ଦୁନିଆରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିପାରେ ।

## ଆଜିର ରାଶିଫଳ

**ମେଷ:** ଗୁରୁଜନଙ୍କ ଆଶୀର୍ବାଦ ପ୍ରାପ୍ତ ହେବ । ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ । କୌଣସି ବଡ଼ କାମ ଆରମ୍ଭ କରିବା ପାଇଁ ଉପଯୁକ୍ତ ସମୟ । ଅଫିସ୍ ସହକର୍ମୀଙ୍କ ସହଯୋଗ ରହିବ ।

**ବୃଷ:** ଆୟ ବୃଦ୍ଧି ହେବ । ସଫଳତା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ । ବ୍ୟବହାରରେ ସହକର୍ମୀ ଖୁସି ହେବେ । ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ । ମାଆଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ ।

**ମିଥୁନ:** ଦାୟିତ୍ୱର ସହ କର୍ତ୍ତବ୍ୟ ପାଳନ କରିବେ । ପରିବାର ସହ ସମୟ ବିତାଇବେ । ଜୀବନସାଥୀଙ୍କ ସହଯୋଗ ମିଳିବ । ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ । ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ଛୋଟମୋଟ କଥାରେ ରାଗିଯିବେ । ନିବେଶ ମାମଲାରେ ପରାମର୍ଶ ମିଳିବ । ଅନ୍ୟ ସହ ମିଶି କାମ କରିବାରେ ସଫଳତା ମିଳିବ । ଆଶା ଆଶାରେ ରହିଯିବ ।

**ସିଂହ:** ପରିବାରରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ । ପ୍ରେମିକ ପ୍ରେମିକଙ୍କ ମଧ୍ୟରେ ମତାନ୍ତର ଦୂର ହେବ । ଅଫିସ୍‌ରେ ନିଜ ପକ୍ଷ ରଖିବାର ସୁଯୋଗ ମିଳିବ । ବିଦ୍ୟାର୍ଥୀ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ ।

**କନ୍ୟା:** ଆର୍ଥିକ ମାମଲାରେ ସୁଧାର ଆସିବ । ଜରୁରି କାମ ପାଇଁ ଯାତ୍ରା କରିବେ । ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରଖିବେ । ଓକିଲାତି କ୍ଷେତ୍ରରେ ସଫଳତା ଲାଭ କରିବେ ।

**ତୁଳା:** ଯାନବାହନ ଚଳାଚଳ ସମୟରେ ସତର୍କତା ଅବଲମ୍ବନ କରିବା ଉଚିତ । ନୂତନ ବ୍ୟବସାୟ ପାଇଁ ଅନୁକୂଳ ସମୟ । ଗୁରୁଜନଙ୍କ ପରାମର୍ଶ ଅନୁସାରେ କାମ କରିବା ଭଲ । ମନ ପ୍ରସନ୍ନ ରହିବ ।

**ବିଛା:** ପରିବାର ସହ ସମୟ ଅତିବାହିତ କରିବେ । ଲେଖକ ଲେଖିକାଙ୍କୁ ଖୁସି ଖବର ମିଳିବ । ଜୀବନସାଥୀଙ୍କଠାରୁ ଉପହାର ପାଇବେ । ଅନ୍ୟମାନଙ୍କ କଟୁ କଥା କଷ୍ଟ ଦେଇପାରେ ।

**ଧନୁ:** ଦିନଟି ହସଖୁସିରେ ଅତିବାହିତ କରିବେ । ବ୍ୟବସାୟରେ ଲାଭ ହେବ । ପରିବାରରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ । ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ ।

**ମକର:** ବ୍ୟବସାୟୀ ଲାଭବାନ ହେବେ । କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ । ସମୟ ପୂର୍ବରୁ କାମ ପୂରା କରିବେ । ବ୍ୟାଙ୍କ୍ କ୍ଷେତ୍ରରେ କାମ କରୁଥିବା ଲୋକଙ୍କୁ ଶୁଭ ଖବର ମିଳିବ ।

**କୁମ୍ଭ:** ପରିବାର ସଦସ୍ୟଙ୍କ ସହଯୋଗରେ କାମ ପୂରା କରିବେ । ସରକାରୀ ଚାକିରିଆଙ୍କ ପାଇଁ ଦିନଟି ଭଲ । ଭାବିଚିନ୍ତି ନିଷ୍ପତ୍ତି ନେବେ । ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ ।

**ମୀନ:** ଆଧ୍ୟାତ୍ମିକ କାମ ପ୍ରତି ଆଗ୍ରହ ବଢ଼ିବ । ବିଦ୍ୟାର୍ଥୀ କ୍ୟାରିୟର ପାଇଁ ନୂଆ ଲକ୍ଷ୍ୟ ନିର୍ଦ୍ଧାରଣ କରିବେ । କାର୍ଯ୍ୟରେ ବଡ଼ ଭାଇଙ୍କ ସହଯୋଗ ମିଳିବ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସାହାଯ୍ୟ ମିଳିବ ।

■ ମହିଳା ହକି ଇଣ୍ଡିଆ ଲିଗ୍

## ସୁରମାର ସହଜ ବିଜୟ

**ରାଞ୍ଚି, ୧୩।୧ (ଏଜେନ୍ସି):** ଏଠାରେ ଚାଲିଥିବା ମହିଳା ହକି ଇଣ୍ଡିଆ ଲିଗ୍‌ର ପ୍ରଥମ ସଂସ୍କରଣରେ ସୋମବାର ଗୋଟିଏ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ପଞ୍ଜାବଭିତ୍ତିକ ଦଳ ସୁରମା ହକି କ୍ଲବ ୪-୧ ଗୋଲ୍‌ର ବଡ଼ ବ୍ୟବଧାନରେ ରାହର ବେଙ୍ଗଲ ଟାଇଗର୍ସକୁ ପରାସ୍ତ କରିଛି। ମ୍ୟାଚର ୭ମ ମିନିଟ୍‌ରେ ହନ୍ନ କୋଟର ଗୋଲ୍ ଦେଇ ଟାଇଗର୍ସକୁ ୧-୦ରେ ଆଗୁଆ କରାଇଥିଲେ। କିନ୍ତୁ ମ୍ୟାଚର ୩ୟ କ୍ୱାର୍ଟରରେ ୬ ମିନିଟ୍ ବ୍ୟବଧାନରେ ସୁରମା କ୍ଲବ ୩ଟି ଗୋଲ୍ ଦେଇ ୩-୧ରେ ଅଗ୍ରଣୀ ଲାଭ କରିଥିଲା। ଓଲିଭିଆ ସାନନ୍, ଚାର୍ଲୋଟ୍ଟେ ଏଙ୍ଗେଲେବର୍ଟ ଓ ଅଧିନାୟିକା ସାଲିମା ଟେଟେ ଗୋଟିଏ ଲେଖାଏ ସ୍କୋର କରିଥିଲେ। ଚତୁର୍ଥ କ୍ୱାର୍ଟରରେ ସୋନମଙ୍କ ଗୋଲ୍ ସୁରମାକୁ ୪-୧ରେ ଜିତାଇଥିଲା। ସୁରମା ପ୍ରଥମ ମ୍ୟାଚରେ ବିଜୟୀ ହୋଇ ୩ ପଏଣ୍ଟ ସହ ଖାତା ଖୋଲିଛି। ପୂର୍ବରୁ ଏହି ଲିଗ୍‌ର ଉଦ୍‌ଘାଟନୀ ଓଡ଼ିଶା ୱାରିୟର୍ସ ୪-୦ ଗୋଲରେ ବିଜୟୀ ହୋଇଥିଲା। ମଙ୍ଗଳବାର ଦିଲ୍ଲୀ ଏସ୍‌ଜି ପାଇପର୍ସ ଓ ବେଙ୍ଗଲ ଟାଇଗର୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ।

## ଶୀର୍ଷରେ ତାମିଲନାଡୁ ଡ୍ରାଗନ୍ସ

**ରାଉରକେଲା, ୧୩।୧ (ସମିସ):** ସ୍ଥାନୀୟ ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ୬ଷ୍ଠ ସଂସ୍କରଣରେ ସୋମବାର ଅନୁଷ୍ଠିତ ଏକ ମ୍ୟାଚରେ ତାମିଲନାଡୁ ଡ୍ରାଗନ୍ସ ୩-୨ ଗୋଲରେ ଦିଲ୍ଲୀ ଏସ୍‌ଜି ପାଇପର୍ସକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଜିପ୍ ଜନସେନ, ନାଥନ ଏଫ୍ରାମ୍ସ ଓ ବ୍ଲେକ ଗୋଭର୍ସ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ସେହିଭଳି ଦିଲ୍ଲୀ ପାଇପର୍ସ ପକ୍ଷରୁ ତୋମାସ ଡୋମେନେ ୨ଟି ଗୋଲ୍ ଦେଇଥିଲେ ମଧ୍ୟ ଦଳକୁ ଜିତାଇ ପାରି ନ ଥିଲେ। ଏଥିସହ ୫ମ ମ୍ୟାଚରୁ ୩ ବିଜୟ ଓ ୨ଟି ଡ୍ର ସହ ୧୨ ପଏଣ୍ଟ ପାଇ ତାଲିକାର ଶୀର୍ଷ ସ୍ଥାନକୁ ଆହୁରି ଦୃଢ଼ କରିଛି। ସେହିଭଳି ଦିଲ୍ଲୀ ୨ୟ ପରାଜୟ ଓ ୩ ଡ୍ର ସହ ୪ ପଏଣ୍ଟ ପାଇ ସର୍ବନିମ୍ନ ୮ମ ସ୍ଥାନରେ ରହିଛି। ମଙ୍ଗଳବାର ଟିମ୍ ଗୋନାସିକା ଓ ସୁରମା ହକି କ୍ଲବ ମଧ୍ୟରେ ମ୍ୟାଚ୍ ଖେଳାଯିବ।

## ଓଏଫ୍‌ସିର ୫ମ ପରାଜୟ

**କୋଚି, ୧୩।୧ (ଏଜେନ୍ସି):** ଚଳିତ ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍ଏଲ୍) ଏକାଦଶ ସଂସ୍କରଣରେ ଓଡ଼ିଶା ଫୁଟ୍‌ବଲ କ୍ଲବ (ଓଏଫ୍‌ସି) ୫ମ ପରାଜୟବରଣ କରିଛି। ସୋମବାର ସ୍ଥାନୀୟ ଜବାହରଲାଲ ନେହରୁ ଷ୍ଟାଡିୟମ ଅନୁଷ୍ଠିତ ଏକ ମ୍ୟାଚରେ ଘରୋଇ କେରଳା ବ୍ଲାଷ୍ଟର୍ସ ୩-୨ ଗୋଲରେ ଓଡ଼ିଶା ଏଫ୍‌ସିକୁ ମାତ୍ ଦେଇଛି। ଏକଦା ନିର୍ଦ୍ଧାରିତ ୯୦ ମିନିଟ୍ ସୁଦ୍ଧା ମ୍ୟାଚ୍ ୨-୨ ଗୋଲରେ ବରାବର୍ ଥିଲା। କିନ୍ତୁ ଇଞ୍ଜୁରୀ ଟାଇମରେ ନୋଆ ସାଦୌଇଙ୍କ ଗୋଲ୍ ବଳରେ ବ୍ଲାଷ୍ଟର୍ସ ୩-୨ ଗୋଲରେ ରୋମାଞ୍ଚକ ଭାବେ ବିଜୟ ପଏଣ୍ଟ ହାସଲ କରିଥିଲା। ଓଡ଼ିଶା ଏଫ୍‌ସି ପାଇଁ ଜେରୀ ମାୱିମିଙ୍ଗଥାଙ୍ଗ ଓ ଡୋରି ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ମ୍ୟାଚର ୮୩ତମ ମିନିଟ୍‌ରେ କାର୍ଲୋସ ଡେଲଗାଡୋଙ୍କୁ ରେଡ୍ କାର୍ଡ ମିଳିବା ଓଡ଼ିଶା ଏଫ୍‌ସି ପାଇଁ ମହଙ୍ଗା ପଡ଼ିଥିଲା। ଓଡ଼ିଶା ୧୬ତମ ମ୍ୟାଚରେ ୫ଟି ଲେଖାଏ ବିଜୟ ଓ ପରାଜୟ ସହ ୨୧ ପଏଣ୍ଟ ପାଇ ୭ମ ସ୍ଥାନରେ ରହିଛି। କେରଳା ବ୍ଲାଷ୍ଟର୍ସ ୧୬ତମ ମ୍ୟାଚରୁ ୬ଷ୍ଠ ବିଜୟ ସହ ୨୦ ପଏଣ୍ଟ ପାଇ ୮ମ ସ୍ଥାନକୁ ଉଠିଛି। ଓଏଫ୍‌ସି ପରବର୍ତ୍ତୀ ମ୍ୟାଚରେ ୨୨ରେ ବେଙ୍ଗାଲୁରୁ ଏଫ୍‌ସିକୁ ଭେଟିବ।

## ଟାଟା ଷ୍ଟିଲ୍, କିଟ୍ ବିଜୟୀ

**ଭୁବନେଶ୍ୱର, ୧୩।୧ (ସମିସ):** ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ଓମେନ୍ସ ଲିଗ୍‌ର ୫ମ ଦିବସ ଖେଳ ସୋମବାର ଅନୁଷ୍ଠିତ ହୋଇଯାଇଛି। ଦିବସର ପ୍ରଥମ ମ୍ୟାଚରେ ଟାଟା ଷ୍ଟିଲ ଫାଉଣ୍ଡେସନ (ଯୋଡ଼ା) ୧-୦ ଗୋଲରେ କଟକର ରାଇଜିଂ ଷ୍ଟୁଡେଣ୍ଟ୍ସକୁ ପରାସ୍ତ କରିଛି। ବିଜୟୀ ଟାଟା ଷ୍ଟିଲ୍ ପକ୍ଷରୁ ସୁରେଖା ଲୋହାର ୪୫ତମ ମିନିଟ୍‌ରେ ବିଜୟସୂଚକ ଗୋଲଟି ଦେଇଥିଲେ। ସେହିଭଳି ଦ୍ୱିତୀୟ ମ୍ୟାଚରେ ତାରିଣୀ ଫୁଟ୍‌ବଲ ଏକାଡେମୀ (କେନ୍ଦୁଝର) ଓ କିଟ୍-କିସ୍ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚର ପ୍ରଥମାର୍ଦ୍ଧର ୧୭ତମ ମିନିଟ୍‌ରେ ଆଞ୍ଜେଲା ମୁଣ୍ଡାରୀଙ୍କ ଗୋଲ ବଳରେ କିଟ୍-କିସ୍ ୧-୦ରେ ଅଗ୍ରଣୀ ଲାଭ କରିଥିଲା। ପରବର୍ତ୍ତୀ ମୁହୂର୍ତ୍ତରେ ଆଉ କୌଣସି ଗୋଲ୍ ନ ହେବାରୁ ଶେଷରେ କିଟ୍-କିସ୍ ବିଜୟ ପଏଣ୍ଟ ହାତେଇଥିଲା।

## ବାଭୁମାଙ୍କୁ ଦ.ଆଫ୍ରିକା ଦଳର ନେତୃତ୍ୱ

**କେପ୍ ଟାଉନ, ୧୩।୧ (ଏଜେନ୍ସି):** ଆଗାମୀ ଚାମ୍ପିଅନ୍ସ ଟ୍ରଫି ଲାଗି ତେମ୍ବା ବାଭୁମାଙ୍କ ନେତୃତ୍ୱରେ ସୋମବାର ୧୫ ଜଣିଆ ଦକ୍ଷିଣ ଆଫ୍ରିକା ଦଳ ଘୋଷଣା କରାଯାଇଛି। ଦ୍ରୁତ ବୋଲର ଆନରିଚ୍ ନୋର୍ଜେ ଓ ଲୁନ୍‌ଗି ଏନ୍‌ଗିଡିଙ୍କୁ ଏହି ଦଳରେ ସାମିଲ କରାଯାଇଛି। ଟି-୨୦ ବିଶ୍ୱକପ୍ ପରେ ନୋର୍ଜେ ଆଘାତ ପାଇ ଦଳରୁ ଦୂରେ ରହିଥିଲେ। **ଦକ୍ଷିଣ ଆଫ୍ରିକା ଦଳ:** ତେମ୍ବା ବାଭୁମା (ଅଧିନାୟକ), ଟୋନି ଡି ଜୋର୍ଜି, ମାର୍କୋ ଜନସେନ, ହେନରିଚ କ୍ଲାସେନ, କେଶବ ମହାରାଜ, ଆଇଡେନ ମାର୍କରାମ, ଡେଭିଲ ମିଲର, ୱିଆନ ମଲଡର, ଲୁନ୍‌ଗି ଏନ୍‌ଗିଡି, ଆନରିଚ୍ ନୋର୍ଜେ, କାଗିସୋ ରାବାଡା, ର୍‌ୟାନ ରିକ୍ଲେଟନ, ତାବ୍ରିଜ ଶାମସୀ, ଟ୍ରିଷ୍ଟାନ ଷ୍ଟବ୍ସ ଓ ରସି ଭାନ ଡର୍ ଡୁସେନ।

## ପ୍ରଥମ ଖୋ ଖୋ ବିଶ୍ୱକପ୍

# ବିଜୟରୁ ଭାରତର ଅଭିଯାନ ଆରମ୍ଭ





**ନୂଆଦିଲ୍ଲୀ, ୧୩।୧ (ଏଜେନ୍ସି):** ବହୁ ପ୍ରତୀକ୍ଷାର ଅନ୍ତ ଘଟିଛି। ଆକର୍ଷଣୀୟ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମାଧ୍ୟମରେ ଖୋ ଖୋ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଉଦଘାଟିତ ହୋଇଯାଇଛି। ଆୟୋଜକ ଭାରତ ମଧ୍ୟ ବିଜୟରୁ ବିଶ୍ୱକପ୍‌ରେ ଅଭିଯାନ ଆରମ୍ଭ କରିଛି। ସୋମବାର ରାତିରେ ପଡ଼ୋଶୀ ନେପାଳ ବିପକ୍ଷରେ ଭାରତ ଉଦ୍‌ଘାଟନୀ ମୁକାବିଲା ଖେଳିଥିଲା। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚକୁ ଭାରତ ଶେଷରେ ୪୨-୩୭ ପଏଣ୍ଟରେ ବିଜୟୀ ହୋଇଥିଲା। ମ୍ୟାଚରେ ଭାରତ ଟସ୍ ଜିତି ପ୍ରଥମେ ଆଟାକ୍ କରିଥିଲା। ମ୍ୟାଚର ୪ଟି ଯାକ ଟର୍ଣ୍ଣରେ ସ୍କୋରିଂରେ ଭାରତ ସର୍ବଦା ଆଗରେ ରହି ଶେଷରେ ରୋମାଞ୍ଚକ ଭାବେ ବିଜୟ ଲାଭ କରିଥିଲା। ଭାରତ ପାଇଁ ଅଧିନାୟକ ପ୍ରତୀକ ୱାଇକର୍, ଷ୍ଟାର୍ ଖେଳାଳି ରାମଜୀ କାଶ୍ୟପ, ସୁୟାସ ଗାର୍ଗେଟ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଭାରତ ଟଚ୍ ପଏଣ୍ଟରେ ୩୦, ସ୍କାଏ ଡାଇଭରେ ୧୦, ପୋଲ୍ ଡାଇଭରେ ୪ ଓ ୧୬ ଅନ୍ୟାନ ପଏଣ୍ଟ ହାସଲ କରିଥିଲା। ସେହିଭଳି ଟଚ୍‌ରୁ ୧୮ ପଏଣ୍ଟ ପାଇଥିଲା। ବିଜୟୀ ସହ ଭାରତ ଗ୍ରୁପ୍-ଏ'ରେ ୨ ପଏଣ୍ଟ ପାଇ ଖାତା ଖୋଲିଛି। ଭାରତ ଏହାର ପରବର୍ତ୍ତୀ ମ୍ୟାଚରେ ମଙ୍ଗଳବାର ବ୍ରାଜିଲକୁ ଭେଟିବ। ସେହିଭଳି ଭାରତୀୟ ମହିଳା ଦଳ ମଙ୍ଗଳାବର ଦକ୍ଷିଣ କୋରିଆ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ।

**ଓଡ଼ିଆ ଖେଳାଳି ପବନୀଙ୍କ ଚମକ:** ଭାରତୀୟ ଦଳରେ ସ୍ଥାନ ପାଇଥିବା ଓଡ଼ିଆ ଖେଳାଳି ପବନୀ ଶବର ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ସେ ଭାରତର ଡିଫେନ୍ସରେ ଅଧିକ ସମୟ ଟର୍ଫରେ ବିତାଇ ନେପାଳ ଆଟାକର୍‌ଙ୍କୁ ନିରାଶ କରିଥିଲେ।

### ରଙ୍ଗାରଙ୍ଗ ଉଦ୍‌ଘାଟନୀ

ଇନ୍ଦିରା ଗାନ୍ଧି ଷ୍ଟାଡିୟମ୍‌ରେ ଆକର୍ଷଣୀୟ ପ୍ୟାରେଡ ପରେ ଆରମ୍ଭ ହୋଇଥିଲା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମରେ ପରିବେଷିତ ହୋଇଥିଲା ଭାରତୀୟ ସଂସ୍କୃତିର ଉଚ୍ଚପରମ୍ପରା, ଆଲୋକମାଳାରେ ଝଲସିଥିଲା ଷ୍ଟାଡିୟମ୍ ଓ ନୃତ୍ୟଗୀତରେ ଝୁମିଥିଲେ ଷ୍ଟାଡିୟମ୍‌ରେ ଉପସ୍ଥିତ ଦର୍ଶକ। ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଓ କ୍ରୀଡ଼ାବିତ୍‌ଙ୍କ ଉପସ୍ଥିତି ଏହି ଉତ୍ସବକୁ ଅଧିକ ଗୁରୁତ୍ୱ ଦେଇଥିଲା। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ, ଦିଲ୍ଲୀ ଉପରାଜ୍ୟପାଳ ବିଜୟକୁମାର ସିହ୍ନା, ଜମ୍ମୁ-କଶ୍ମୀର ଉପ ରାଜ୍ୟପାଳ ମନୋଜ ସିହ୍ନା, ବିଶ୍ୱ ତଥା ଭାରତୀୟ ଖୋ ଖୋ ମହାସଂଘ ସଭାପତି ସୁଧାଂଶୁ ମିତ୍ତଲ, ଭାରତୀୟ ଅଲିମ୍ପିକ୍ ମହାସଂଘ ସଭାପତି ପିଟି ଉଷା, ବିସିସିଆଇ ଉପସଭାପତି ରାଜୀବ ଶୁକ୍ଲାଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଓ କ୍ରୀଡ଼ାବିତ୍ ଷ୍ଟାଡିୟମ୍‌ରେ ଉପସ୍ଥିତ ଥିଲେ। ଜାନୁଆରୀ ୧୯ ତାରିଖ ଯାଏଁ ହେବାକୁ ଥିବା ଏହି ପ୍ରତିଯୋଗିତାରେ ବିଶ୍ୱର ୨୩ଟି ଦେଶ ଭାଗ ନେଇଛନ୍ତି।

● ଅଷ୍ଟ୍ରେଲିଆନ ଓପନରେ ମନ ଜିତିଲେ ନିଶେଷ

# ଜୋକୋଭିଚ୍, ସ୍ୱିଆଟେକ୍‌ଙ୍କ ବିଜୟ ଅଭିଯାନ



**ମେଲବୋର୍ଣ୍ଣ, ୧୩।୧ (ଏଜେନ୍ସି):** ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ୍ ଟେନିସ୍ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆନ ଓପନର ଦ୍ୱିତୀୟ ଦିନରେ ଟାଇଟଲ ଆଶାୟୀ ସିଡେଡ ଖେଳାଳି ବିଜୟ ଅଭିଯାନ ଆରମ୍ଭ କରିଛନ୍ତି। କିଂବଦନ୍ତୀ ଖେଳାଳି ନୋଭାକ ଜୋକୋଭିଚ୍, ବିଶ୍ୱର ନଂ-୧ ଖେଳାଳି ଜାନିକ ସିନ୍ନର, ତାରକା ଖେଳାଳି କାର୍ଲୋସ ଆଲକାରାଜ ସହଜ ବିଜୟ ସହ ଟାଇଟ ଜିତିବାକୁ ପାଦେ ଅଗ୍ରସର ହୋଇଛନ୍ତି। ମହିଳା ଖେଳାଳିଙ୍କ ମଧ୍ୟରେ ଇଗା ସ୍ୱିଆଟେକ୍, ନାଓମି ଓସାକା, କୋକୋ ଗଫ୍ ଓ ଜେସିକା ପେଗୁଲା ମଧ୍ୟ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

ସିଡେଡ ଖେଳାଳିଙ୍କ ମଧ୍ୟରୁ ପୁରୁଷ ବିଭାଗରେ ଏକାଦଶ ସିଡ୍ ଷ୍ଟିଫାନସ ସିତସିପାସ, ୧୦ମ ସିଡ୍ ଗ୍ରିଗୋର ଦିମିତ୍ରୋଭ୍, ମହିଳା ବିଭାଗରେ ୧୬ଶ ସିଡ୍ ଜେଲେନା ଓସ୍ତାପେଙ୍କୋ, ୨୧ ନଂ ସିଡ୍ ଭିକ୍ଟୋରିଆ ଆଜରେଙ୍କା ପ୍ରମୁଖ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। କିନ୍ତୁ ବିଶ୍ୱର ଶ୍ରେଷ୍ଠ ଖେଳାଳି ଜୋକୋଭିଚ୍‌ଙ୍କ ବିପକ୍ଷରେ ଭାରତୀୟ ବଂଶୋଦ୍ଭବ ଖେଳାଳି ଆମେରିକାର ୧୯ ବର୍ଷୀୟ ନିଶେଷ ବାସବରେଡ୍ଡୀ ଚମତ୍କାର ଖେଳ ପ୍ରଦର୍ଶନ କରି ସମସ୍ତଙ୍କୁ ଆକର୍ଷିତ କରିବାରେ ସମର୍ଥ ହୋଇଛନ୍ତି। ଏହି ମୁକାବିଲାରେ ସେ ୬-୪ରେ ପ୍ରଥମ ସେଟ୍‌କୁ ଜିତି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲେ। ଏହା ପରେ କିନ୍ତୁ ଜୋକୋଭିଚ୍ ମ୍ୟାଚ୍‌ରେ ନିୟନ୍ତ୍ରଣ ନିଜ ହାତରେ ରଖିଥିଲେ। ଏହା ପରେ ଜୋକୋଭିଚ୍ ୬-୩, ୬-୪, ୬-୨ ସେଟ୍‌ରେ ଏହି ମ୍ୟାଚ୍‌କୁ ଜିତିନେଇଥିଲେ। ମାତ୍ର ମାସକ ତଳେ ପେସାଦାର ଖେଳାଳିରେ ରୂପାନ୍ତରିତ ହୋଇଥିବା ନିଶେଷଙ୍କ ଖେଳ ବେଶ ଉତ୍ସାହଜନକ ହୋଇଥିଲା। ଜୋକୋଭିଚ୍ ମଧ୍ୟ ତାଙ୍କ ଖେଳକୁ ପ୍ରଶଂସା କରିଥିଲେ।

## ଅଷ୍ଟ୍ରେଲିଆ ଦଳରେ କମିନ୍ସ, ହାଜେଲଉଡ୍ ସାମିଲ

**ସିଡ୍‌ନୀ, ୧୩।୧ (ଏଜେନ୍ସି):** ମିନି କ୍ରିକେଟ୍ ବିଶ୍ୱକପ୍ ଭାବେ ପରିଚିତ ଆଇସିସି ଚାମ୍ପିଅନ୍ସ ଟ୍ରଫି ଫେବ୍ରୁଆରୀ ୧୯ରୁ ଆରମ୍ଭ ହେବ। ଏହି ମେଗା ଟୁର୍ଣ୍ଣାମେଣ୍ଟ ଲାଗି ଦୁଇଥରର ବିଜେତା ଅଷ୍ଟ୍ରେଲିଆ ପକ୍ଷରୁ ସୋମବାର ୧୫ ଜଣିଆ ପ୍ରିଲିମିନାରୀ ଦଳ ଘୋଷଣା କରାଯାଇଛି। ଦୁଇ ବରିଷ୍ଠ ଦ୍ରୁତ ବୋଲର

**ଚାମ୍ପିଅନ୍ସ ଟ୍ରଫି**

ପ୍ୟାଟ୍ କମିନ୍ସ ଓ ଜୋଶ୍ ହାଜେଲଉଡ୍‌ଙ୍କୁ ଏହି ଦଳରେ ସ୍ଥାନ ମିଳିଛି। ଉଭୟଙ୍କୁ ଆଗାମୀ ଶ୍ରୀଲଙ୍କା ସିରିଜରୁ ବିଶ୍ରାମ ଦିଆଯାଇଥିଲା। ବର୍ଡର-ଗାଭାସ୍କର ଟ୍ରଫିରେ ୩-୧ ସିରିଜ ଜିତିବା ପରେ କମିନ୍ସ ସାମୟିକ ବିଶ୍ରାମ ନେଇଛନ୍ତି। ସେହିଭଳି ମାଂସପେଶୀଜନିତ ଯନ୍ତ୍ରଣାରୁ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ନ ଥିବା ହାଜେଲଉଡ୍ ଚାମ୍ପିଅନ୍ସ ଟ୍ରଫିବେଳକୁ ଠିକ୍ ହୋଇଯାଇଥିବେ ବୋଲି ଆଶା କରାଯାଉଛି। ଏହି ଦୁଇଜଣଙ୍କ ବାଦ୍ ନାଥନ ଏଲିସ୍ ଓ ମିଚେଲ ଷ୍ଟାର୍କ ମଧ୍ୟ ଦ୍ରୁତ ବୋଲିଂ ସମ୍ଭାଳିବେ। ସେହିଭଳି ଘୋଷିତ ଦଳରେ ଏକମାତ୍ର ସ୍ପେଶାଲିଷ୍ଟ ସ୍ପିନର ଭାବେ ଆଦାମ ଜାମ୍ପା ସ୍ଥାନ ପାଇଛନ୍ତି। ନିୟମ ଅନୁଯାୟୀ ଟୁର୍ଣ୍ଣାମେଣ୍ଟ ଆରମ୍ଭ ପୂର୍ବରୁ ପ୍ରିଲିମିନାରୀ ଦଳରେ ପରିବର୍ତ୍ତନ କରାଯାଇପାରିବ। ଚାମ୍ପିଅନ୍ସ ଟ୍ରଫିରେ ଅଷ୍ଟ୍ରେଲିଆ ଗ୍ରୁପ୍-ବି'ରେ ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା ଓ ଆଫଗାନିସ୍ତାନ ସହ ସ୍ଥାନ ପାଇଛି। ଫେବୃଆରୀ ୨୨ରେ ଇଂଲଣ୍ଡ ବିପକ୍ଷରେ ଖେଳି ଅଷ୍ଟ୍ରେଲିଆ ଅଭିଯାନ ଆରମ୍ଭ କରିବ।

**ଅଷ୍ଟ୍ରେଲିଆ ଦଳ:** ପ୍ୟାଟ୍ କମିନ୍ସ (ଅଧିନାୟକ), ଆଲେକ୍ସ କାରୀ, ନାଥନ ଏଲିସ୍, ଆରୋନ ହାର୍ଡି, ଜୋଶ୍ ହାଜେଲଉଡ୍, ଟ୍ରାଭିସ୍ ହେଡ୍, ଜୋଶ୍ ଇଂଲିଶ, ମାର୍ନସ ଲାବୁଶ୍ନେନ, ମିଚେଲ ମାର୍ଶ, ଗ୍ଲେନ ମ୍ୟାକ୍ସୱେଲ, ମାଥ୍ୟୁ ଶର୍ଟ୍, ଷ୍ଟିଭେନ ସ୍ମିଥ, ମିଚେଲ ଷ୍ଟାର୍କ, ମାର୍କସ ଷ୍ଟୋଇନିସ ଓ ଆଦାମ ଜାମ୍ପା।

■ ଖେଲୋ ଇଣ୍ଡିଆ ମହିଳା ଭାରୋତ୍ତୋଳନ

## ୫ମ ଦିନରେ ଓଡ଼ିଶାର ପଦକ ଶୂନ





**ବ୍ରହ୍ମପୁର, ୧୩।୧ (ସମିସ):** ସ୍ଥାନୀୟ ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ଓଡ଼ିଶା ଭାରୋତ୍ତୋଳନ ସଂଘ ପକ୍ଷରୁ ଚାଲିଥିବା ଅସ୍ମିତା ଖେଲୋ ଇଣ୍ଡିଆ ମହିଳା ଜାତୀୟ ଭାରୋତ୍ତୋଳନ ପ୍ରତିଯୋଗିତାର ପଞ୍ଚମ ଦିନରେ ଗୋଟିଏ କାଟାଗୋରୀରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏହା ମଧ୍ୟରୁ ଓଡ଼ିଶାର କୌଣସି ପ୍ରତିଯୋଗୀ ପଦକ ଜିତିବାରେ ସମର୍ଥ ହୋଇନାହାନ୍ତି। ୮୧ କିଲୋଗ୍ରାମ୍ କାଟାଗୋରୀର ବରିଷ୍ଠ ବିଭାଗରେ ତେଲଙ୍ଗାନାର ସହର୍ଷା ଭି, ଯୁବ ବିଭାଗରେ ମହାରାଷ୍ଟ୍ରର ଆନନ୍ଦି ବିନୋଦ ସାଙ୍ଗଲେ ଓ କନିଷ୍ଠ ବିଭାଗରେ କର୍ଣ୍ଣାଟକର ରଶ୍ମିତା ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ଓଡ଼ିଶା ଏ ପର୍ଯ୍ୟନ୍ତ ୬ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୩ କାଂସ୍ୟ ପଦକ ବିଜୟୀ ହୋଇଛି। ମଙ୍ଗଳବାର ଏହି ପ୍ରତିଯୋଗିତା ଉଦ୍‌ଯାପିତ ହେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଓଡ଼ିଶା ଅଧିକ ପଦକ ଜିତିବ ବୋଲି ଓଡ଼ିଶା ଭାରୋତ୍ତୋଳନ ସଂଘ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ ଆଶା ପ୍ରକାଶ କରିଛନ୍ତି।

## ପ୍ରିୟବ୍ରତ ସ୍ମାରକୀ ସ୍ନୁକର ଉଦ୍‌ଘାଟିତ





**ଭୁବନେଶ୍ୱର, ୧୩।୧ (ସମିସ):** ବିଲିଆର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏସନ ଅଫ୍ ଓଡ଼ିଶା (ବିଏସ୍ଏଓ) ଆନୁକୂଲ୍ୟରେ ତୃତୀୟ ପ୍ରିୟବ୍ରତ ପଟ୍ଟନାୟକ ସ୍ମାରକୀ ୧୦ ରେଡ୍ ସ୍ନୁକର ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ଭୁବନେଶ୍ୱର କ୍ଲବ୍ ପରିସରରେ ଆରମ୍ଭ ହୋଇଛି। ସୋମବାର ଏହି ପ୍ରତିଯୋଗିତାକୁ ଭୁବନେଶ୍ୱର କ୍ଲବ୍‌ର ସଭାପତି ଅସିତ ତ୍ରିପାଠୀ ଆନୁଷ୍ଠାନିକ ଉଦ୍‌ଘାଟନ କରିଛନ୍ତି। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସ୍ୱର୍ଗତ ପ୍ରିୟବ୍ରତଙ୍କ ପତ୍ନୀ ଡଃ. ଲିପ୍ସା ମିଶ୍ର, କୌଶିକ ମହାପାତ୍ର, ଆୟୋଜକ ବିଏସ୍ଏଓ ସମ୍ପାଦକ ସମୀର ଅଲ୍ଲୀ, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଗୋବିନ୍ଦ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉତ୍ସବରେ ଅତିଥିମାନେ ଜର୍ସି ଉନ୍ମୋଚନ କରିଥିଲେ।

ଏଥିରେ ଚାମ୍ପିଅନ ଖେଳାଳିଙ୍କୁ ଟ୍ରଫି ସହ ୨୦,୦୦୦, ରନର୍ସ ଅପ୍ ଖେଳାଳିଙ୍କୁ ଟ୍ରଫି ସହ ୧୦,୦୦୦ ଟଙ୍କା ପୁରସ୍କାର ଦିଆଯିବ। ସେମିଫାଇନାଲରେ ପରାଜିତ ଖେଳାଳିଙ୍କୁ ୫,୦୦୦ ଟଙ୍କା ଲେଖାଏଁ, କ୍ୱାର୍ଟରରେ ପରାଜିତଙ୍କୁ ୩,୦୦୦ ଟଙ୍କା ଲେଖାଏଁ ଓ ସର୍ବୋଚ୍ଚ ବ୍ରେକ୍ ପଏଣ୍ଟ ସ୍କୋର କରିଥିବା ଖେଳାଳିଙ୍କୁ ୩,୦୦୦ ଟଙ୍କା ପ୍ରଦାନ କରାଯିବ। ଜାନୁଆରୀ ୧୭ରେ ଉଦ୍‌ଯାପିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୩୯ ଜଣ ଖେଳାଳି ଭାଗନେଇଛନ୍ତି। ରାଜ୍ୟର ବରିଷ୍ଠ ଖେଳାଳି ସୁବ୍ରତ ଦାସ୍, ଆଶୁତୋଷ ପାଢ଼ୀ, ନିଶାନ୍ତ ବିଶ୍ୱାଳ, ସିଦ୍ଧାର୍ଥ ସେନ୍, ଜିତେନ ଷଡଙ୍ଗୀ ପ୍ରମୁଖ ଅଂଶଗ୍ରହଣ କରୁଛନ୍ତି।

# ଆନ୍ତଃସ୍କୁଲ କ୍ରିକେଟ ଫାଇନାଲରେ କିସ୍









**ଭୁବନେଶ୍ୱର, ୧୩।୧ (ସମିସ):** ଖଣ୍ଡଗିରି ସେଣ୍ଟ ଜାଭିୟର ହାଇସ୍କୁଲ୍‌କୁ ୫୫ ରନ୍‌ରେ ପରାସ୍ତ କରି କିସ୍ ଏଠାରେ ଚାଲିଥିବା ଭୁବନେଶ୍ୱର ଆନ୍ତଃସ୍କୁଲ କ୍ରିକେଟ ଫାଇନାଲରେ ପ୍ରବେଶ କରିଛି। ଆସନ୍ତାକାଲି ସାଇ ଇଣ୍ଟରନ୍ୟାସନାଲ ସ୍କୁଲ ଓ ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ୍ ସ୍କୁଲ୍ ମଧ୍ୟରେ ଖେଳାଯିବାକୁ ଥିବା ଦ୍ୱିତୀୟ ସେମିଫାଇନାଲର ବିଜେତା ସହ କିସ୍ ଫାଇନାଲ ମୁକାବିଲା କରିବ। ଆଜି ଶେଷ କ୍ୱାର୍ଟର ଫାଇନାଲରେ ସାଇ ୬ ୱିକେଟରେ ଷ୍ଟିୱାର୍ଟ ପବ୍ଲିକ୍ ସ୍କୁଲକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି।

ସୋମବାର ଅନୁଷ୍ଠିତ ମ୍ୟାଚ୍‌ରେ ଅନୁରାଗ ବାରିକଙ୍କ ୪୦ ଓ କୃତିବାସ ଭୂମିଆଙ୍କ ୨୦ ରନ୍ ସହାୟତରେ ପ୍ରଥମେ ବ୍ୟାଟିଂ କରି କିସ୍ ୭ ୱିକେଟରେ ୧୩୫ ରନ୍ କରିଥିଲା। ଜବାବରେ ଅର୍ଜୁନ ମୁର୍ମୁ ୬ ରନ୍‌ରେ ୪ଟି ଓ ଆଦିତ୍ୟ ଧାରୁଆ ୨୧ ରନ୍‌ରେ ୨ଟି ୱିକେଟ ନେବା ଫଳରେ ଜାଭିୟର ହାଇସ୍କୁଲ ୧୯ ଓଭରରେ ମାତ୍ର ୮୦ ରନ୍ କରି ଅଲଆଉଟ ହୋଇଯାଇଥିଲା। ବିଶ୍ୱରଞ୍ଜନ ଦାସ ଅତିଥିଭାବେ ଯୋଗ ଦେଇ ଅନୁରାଗଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ। ପୂର୍ବରୁ ଖେଳାଯାଇଥିବା ଶେଷ କ୍ୱାର୍ଟର ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ଷ୍ଟିୱାର୍ଟ ୫ ୱିକେଟରେ ୧୧୨ ରନ୍ କରିଥିଲା। ଜବାବରେ ସାଇ ଇଣ୍ଟରନ୍ୟାସନାଲ ୧୯.୪ ଓଭରରେ ୪ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଯାଇଥିଲା। ସାଇର ସ୍ୱସ୍ତିକ ନାଥଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ ଅତିଥି ବୀରେନ ଦାସ। ଆସନ୍ତାକାଲି ଦ୍ୱିତୀୟ ସେମିଫାଇନାଲ ପରେ ଆୟୋଜକ ଭେଟେରାନ କ୍ରିକେଟ ଆସୋସିଏସନ ଓ ଜ୍ୟୋତି ମୋଟର୍ସ ମଧ୍ୟରେ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ୍ ଖେଳାଯିବ।

■ ଜାତୀୟ ଦୃଷ୍ଟିହୀନ ମହିଳା ଟି-୨୦

## ପ୍ରଥମ ମ୍ୟାଚ୍‌ରେ ହାରିଲା ଓଡ଼ିଶା

**ଭୁବନେଶ୍ୱର, ୧୩।୧ (ସମିସ):** କେରଳର କୋଚିଠାରେ ଆଜିଠାରୁ ଆରମ୍ଭ ହୋଇଥିବା ୫ମ ଜାତୀୟ ଦୃଷ୍ଟିହୀନ ମହିଳା ଟି-୨୦ କ୍ରିକେଟ ପ୍ରତିଯୋଗିତାର ପ୍ରଥମ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ପରାଜିତ ହୋଇଛି। ଗ୍ରୁପ୍-ଏ'ର ପ୍ରଥମ ଲିଗ୍ ମ୍ୟାଚ୍‌ରେ ଶକ୍ତିଶାଳୀ ମଧ୍ୟପ୍ରଦେଶ ୭ ୱିକେଟରେ ଓଡ଼ିଶାକୁ ହରାଇଦେଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ୧୭ ଓଭରରେ ୧୧୨ ରନ୍ କରି ଅଲଆଉଟ ହୋଇଥିଲା। ବାସନ୍ତୀ ହାଁସ୍‌ଦା ଦଳ ପାଇଁ ସର୍ବାଧିକ ୩୫ ରନ୍ କରିଥିଲେ। ଜବାବରେ ମଧ୍ୟ ପ୍ରଦେଶ ୧୬ ଓଭରରେ ୩ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ଓଡ଼ିଶା ଆସନ୍ତାକାଲି ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ପଶ୍ଚିମବଙ୍ଗ ସହ ଖେଳିବେ।

## ଚାମ୍ପିଅନ୍ସ ଟ୍ରଫି ବ୍ୟାଡ୍‌ମିଣ୍ଟନ ଉଦ୍‌ଯାପିତ





**ଭୁବନେଶ୍ୱର, ୧୩।୧ (ସମିସ):** ସନ୍‌ରାଇଜ୍ କ୍ଲବ୍ ଆନୁକୂଲ୍ୟରେ ଷଷ୍ଠ ଚାମ୍ପିଅନ୍ସ ଟ୍ରଫି ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଦୁଇଟି ବିଭାଗରେ ଅନୁଷ୍ଠିତ ହୋଇଥିଲା। ଏହା ମଧ୍ୟରୁ ୧୭ ବର୍ଷରୁ କମ୍ ବିଭାଗରେ ଅତିକ ଅହମ୍ମଦ୍-ହର୍ଷିତ ମଜୁମଦାର ଚାମ୍ପିଅନ, ଦିବ୍ୟାଂଶୁ ଶତପଥୀ ଓ କୁମାର ଆଦିତ ରନର୍ସ ଅପ୍ ହୋଇଛନ୍ତି। ସେହିପରି ବରିଷ୍ଠ ବିଭାଗରେ ତାରିଣୀ ପ୍ରସାଦ ମାଝୀ-ଅବିନାଶ ସାମନ୍ତ ଚାମ୍ପିଅନ୍ ଓ ଗୌରବ କୁମାର ବେହେରା -ଆଦିତ୍ୟ ଦାସ ରନର୍ସ ଅପ୍ ହୋଇଥିଲେ। ପ୍ରତିଯୋଗିତା ଶେଷରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ମୁଖ୍ୟ ଅତିଥି ଓ ଜଗନ୍ନାଥ ସାମଲ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ପୂର୍ବରୁ ଏହି ପ୍ରତିଯୋଗିତାକୁ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ଓ ପୂର୍ବତନ ରାଜ୍ୟସଭା ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଉଭୟ ଉତ୍ସବରେ ସନ୍‌ରାଇଜ୍ କ୍ଲବର ସଭାପତି ରୁଦ୍ରକାନ୍ତ ମହାପାତ୍ର ଓ ସମ୍ପାଦକ ବିଜୟ କୁମାର ବେହେରା ଉପସ୍ଥିତ ଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS
AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS

ଖେଳ ଦୁନିଆ
ସକାଳ THE SAKALA
www.sakalaepaper.com


# ଖୋ ଖୋ ବିଶ୍ୱକପ୍ ଉଦ୍‌ଘାଟିତ







ପାରମ୍ପରିକ କ୍ରୀଡ଼ା ଭାବେ ପରିଚିତ ଖୋ ଖୋ'ର ସର୍ବପ୍ରଥମ ବିଶ୍ୱକପ୍ ସୋମବାର ନୂଆଦିଲ୍ଲୀସ୍ଥିତ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି । ରଙ୍ଗାରଙ୍ଗ ଲାଇଟ୍ ସୋ ସାଙ୍ଗକୁ ନୃତ୍ୟଗୀତରେ ବିଶ୍ୱକପ୍ ଆରମ୍ଭ ହୋଇଥିଲା । ଅଂଶଗ୍ରହଣକାରୀ ଦେଶର ଖେଳାଳି ନିଜ ନିଜ ଦେଶର ଜାତୀୟ ପତାକା ଧରି ଉଦ୍‌ଘାଟନୀ ପରେଡ୍‌ରେ ଷ୍ଟାଡିୟମ ଚାରିପାଖେ ବୁଲି ଦର୍ଶକଙ୍କ ଅଭିବାଦନ ଗ୍ରହଣ କରିଥିଲେ । ପ୍ରତୀକ ୱାଇକର୍‌ଙ୍କ ନେତୃତ୍ୱରେ ଖେଳୁଥିବା ଭାରତ ଉଦ୍‌ଘାଟନୀରେ ନେପାଳକୁ ପରାସ୍ତ କରି ଷ୍ଟାଡିୟମରେ ଉପସ୍ଥିତ ଘରୋଇ ଦର୍ଶକଙ୍କ ଖୁସିକୁ ଦ୍ୱିଗୁଣିତ କରିଦେଇଥିଲା ।















